ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୮/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, January 28/2025 | Page 16 | ₹ 7.00 | BALASORE
୫୧ଶ ଭାଗ ୬୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 65 | ମୂଲ୍ୟ₹୭/-



## ମନ୍ଧାନା କ୍ରିକେଟର ଅଫ୍ ଦି ଇୟର

ଆଇସିସି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି ଭାରତୀୟ ବ୍ୟାଟର ସ୍ମୃତି ମନ୍ଧାନା। ୧୬

୧୦

## ପଦ୍ମ ପୁରସ୍କାରକୁ ନେଇ ସୋନୁ ଅସନ୍ତୁଷ୍ଟ

ଅଲ୍‌କା ୟାଗ୍ନିକ, ଶ୍ରେୟା ଘୋଷାଲ, ସୁନିଧି ଚୌହାନଙ୍କ ପରି ଖ୍ୟାତନାମା ସଙ୍ଗୀତଜ୍ଞଙ୍କୁ ବର୍ତ୍ତମାନ ସୁଦ୍ଧା ପଦ୍ମ ପୁରସ୍କାର ମିଳିନାହିଁ କହି ବିଶିଷ୍ଟ ଗାୟକ ସୋନୁ ନିଗମ ଅସନ୍ତୋଷ ପ୍ରକାଶ କରିଛନ୍ତି।





ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ମହିଳା ହକି ଇଣ୍ଡିଆ ଲିଗ୍ ଚାମ୍ପିୟନ ଓଡ଼ିଶା ୱାରିୟର୍ସ ଦଳ। (ରିପୋର୍ଟ: ଖେଳପୃଷ୍ଠା)

SIKSHA 'O' ANUSANDHAN
SAAT-2025
Empowering students for a brighter future
CORE B.TECH PROGRAMMES
Civil Engineering
Electrical Engineering
Mechanical Engineering
APPROVAL & RECOGNITIONS
Approved by UGC and AICTE
Re-accredited by NAAC with A++ Grade
Granted with Category-1 Graded Autonomy by UGC
NBA Accredited Programmes
NIRF INDIA RANKINGS 2024
14th Best in University Category
26th Best in Engineering Category
INTERNATIONAL RANKINGS 2025
Ranked in QS World Rankings 2025
Ranked in Times World Rankings 2025
To apply for admission through SAAT, Please visit: www.soa.ac.in

# ଆଜିଠୁ 'ଉତ୍କର୍ଷ ଓଡ଼ିଶା' କନ୍‌କ୍ଲେଭ

■ ଯୋଗଦେବେ ୧୬ ଦେଶର ଶିଳ୍ପ ପ୍ରତିନିଧି
■ ୧୦୦ରୁ ଊର୍ଦ୍ଧ୍ୱ ଶିଳ୍ପପତିଙ୍କ ସହ ଏମ୍‌ଓୟୁ ସ୍ୱାକ୍ଷର ପାଇଁ ଯୋଜନା

**ଭୁବନେଶ୍ୱର,୨୭।୧(ଅନିଲ ଦାସ)**

ଉତ୍କର୍ଷ ଓଡ଼ିଶା, ମେକ୍ ଇନ ଓଡ଼ିଶା କନ୍‌କ୍ଲେଭ-୨୦୨୫ ମଙ୍ଗଳବାର ଭୁବନେଶ୍ୱର ଜନତା ମଇଦାନଠାରେ ଅନୁଷ୍ଠିତ ହେବ। ଏହା ୨ ଦୁଇଦିନ ଧରି ଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବାହ୍ନ ୧୧ଟାରେ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭକୁ ଉଦ୍‌ଘାଟନ କରିବେ। ଏହି କନ୍‌କ୍ଲେଭରେ ଦେଶ ବିଦେଶରୁ ବହୁ ଶିଳ୍ପପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଆମେରିକା, ଜର୍ମାନୀ, ଅଷ୍ଟ୍ରେଲିଆ, ସିଙ୍ଗାପୁର, ମାଲେସିଆ, ବେଲାରୁଷ୍, ୟୁକେ ଭଳି ୧୬ଟି ଦେଶର ପ୍ରତିନିଧି କନ୍‌କ୍ଲେଭରେ ସାମିଲ ହେବେ ବୋଲି ଜଣାପଡ଼ିଛି। ୨ ଦିନରେ ହେବାକୁ ଥିବା ଏହି କନ୍‌କ୍ଲେଭରେ ବିଭିନ୍ନ କ୍ଷେତ୍ର ପାଇଁ ୧୫ଟି ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ। ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଏହି କନ୍‌କ୍ଲେଭରେ ଏଲ୍.ଏନ୍. ମିତ୍ତଲ, କୁମାର ମଙ୍ଗଳମ୍ ବିର୍ଲା, ଅନିଲ ଅଗ୍ରୱାଲ, ସଜ୍ଜନ ଜିନ୍ଦଲ, ନବୀନ ଜିନ୍ଦଲ, କରଣ ଆଦାନୀ, ଟି.ଭି. ନରେନ୍ଦ୍ରନଙ୍କ ଭଳି ଦେଶର ବଡ଼ ବଡ଼ ଶିଳ୍ପପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭରେ ୧୦୦ରୁ ଊର୍ଦ୍ଧ୍ୱ ଶିଳ୍ପପତିଙ୍କ ସହ ଏମ୍‌ଓୟୁ ସ୍ୱାକ୍ଷର ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଶିଳ୍ପ, ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ, ପେଟ୍ରୋକେମିକାଲ୍ସ, ଏମ୍‌ଏସ୍‌ଏମ୍‌ଇ, ସେମିକଣ୍ଡକ୍ଟର ଭଳି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶ ପାଇଁ ନିବେଶକାରୀଙ୍କ ସହ ଆଲୋଚନା କରି ରାଜ୍ୟ ସରକାର ଆଗକୁ ବଢ଼ିବେ।


ଗଣମାଧ୍ୟମକୁ ସୂଚନା ଦେଇ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ ଏକ ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପ ହେବ। ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ। ଆଗାମୀ ଦିନରେ ଓଡ଼ିଶା ଶିଳ୍ପ ଅଗ୍ରଣୀ ରାଜ୍ୟରେ ପରିଣତ ☞ପୃଷ୍ଠା-୪

ଉତ୍କର୍ଷ ଓଡ଼ିଶା
ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍'୨୫
ଭୁବନେଶ୍ୱର | ୨୮ - ୨୯ ଜାନୁଆରୀ | ୨୦୨୫

UTKARSH ODISHA
MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025

## ଉଦ୍‌ଘାଟନ କରିବାକୁ ଆସୁଛନ୍ତି ମୋଦି

**ଭୁବନେଶ୍ୱର,୨୭।୧(ସୁନିତ୍ ମିଶ୍ର)**



ଭୁବନେଶ୍ୱର ଜନତା ମୈଦାନରେ ଆୟୋଜିତ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୫ରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଦିନିକିଆ ଗସ୍ତରେ ଆସୁଛନ୍ତି। ସକାଳ ୮.୩୫ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରୁ ବାୟୁସେନା ବିମାନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିଦେଶୀ ସହାୟତା**

## ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ହେଲେ ପ୍ରକାଶ ମିଶ୍ର

**ଭୁବନେଶ୍ୱର,୨୭।୧(ସୁନିତ୍ ମିଶ୍ର)**



ପୂର୍ବତନ ସିଆର୍‌ପିଏଫ୍ ଡିଜିପି ତଥା ଅବସରପ୍ରାପ୍ତ ଆଇପିଏସ୍ ପ୍ରକାଶ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପଦେଷ୍ଟା ଭାବେ ଗୁରୁଦାୟିତ୍ୱ ମିଳିଛି। ସାଧାରଣ ପ୍ରଶାସନ ଓ ☞ପୃଷ୍ଠା-୪

## ସାରା ଦେଶରେ ଲାଗୁ ହେବ ଭାରତୀୟ ମାନକ ସମୟ

### 'ୱାନ୍ ନେଶନ, ୱାନ୍ ଟାଇମ୍' ପାଇଁ ଆସିଲା ଚିଠା ନିୟମାବଳୀ

**ନୂଆଦିଲ୍ଲୀ,୨୭।୧**

ସାରା ଦେଶରେ ଗୋଟିଏ ଟିକସ ବ୍ୟବସ୍ଥା ପାଇଁ ଜିଏସ୍‌ଟି ଲାଗୁ କରାଯିବା ସହ ଏକସଙ୍ଗେ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ପାଇଁ ୱାନ୍ ନେଶନ, ୱାନ୍ ଇଲେକ୍ସନ ଲାଗି କେନ୍ଦ୍ର ସରକାର ଉଦ୍ୟମ ଚଳାଇଛନ୍ତି। ଖୁବ୍‌ଶୀଘ୍ର ସାରା ଦେଶର ସବୁ ସେକ୍ଟରରେ ଗୋଟିଏ ସମୟ ଲାଗୁ କରିବା ନିମନ୍ତେ ଖାଉଟି ବ୍ୟାପାର ବିଭାଗ 'ୱାନ୍ ନେଶନ, ୱାନ୍ ଟାଇମ୍' ଚିଠା ନିୟମାବଳୀ ବା ଡ୍ରାଫ୍ଟ ମେଟ୍ରୋଲୋଜି ☞ପୃଷ୍ଠା-୪

## ମଧୁସୂଦନ ପାଢ଼ୀ ରାଜ୍ୟ ନିର୍ବାଚନ କମିଶନର

**ଭୁବନେଶ୍ୱର,୨୭।୧(ଅନିଲ ଦାସ)**



୧୯୯୧ ବ୍ୟାଚ୍ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ମଧୁସୂଦନ ପାଢ଼ୀଙ୍କୁ ରାଜ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ମିଳିଛି। ଏ ନେଇ ସୋମବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ☞ପୃଷ୍ଠା-୪

# କମ୍ପାନୀକୁ ଦେଲେ, ବେରୋଜଗାରଙ୍କ ପାଇଁ ଚିନ୍ତା ନାହିଁ

ଜୀବାଶ୍ମ ଇନ୍ଧନ ପରିଚାଳିତ ମୋଟରଗାଡ଼ି ଚଳାଚଳ ଯୋଗୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ସେଥିପାଇଁ ବିଶ୍ୱବ୍ୟାପୀ ବିଦ୍ୟୁତ୍‌ଚାଳିତ ଗାଡ଼ି ବା ଇଲେକ୍ଟ୍ରିକ୍ ଭେହିକ୍ଲସ(ଇଭି) ସଂଖ୍ୟା ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଉଛି। ଓଡ଼ିଶା ସରକାର ମଧ ଚାହୁଁଛନ୍ତି ଏହାର ସଂଖ୍ୟା ବଢ଼ୁ। ସେଥିପାଇଁ ଗାଡ଼ି କିଣିବାରେ ଆର୍ଥିକ ପ୍ରୋତ୍ସାହନ ଦେଉଛନ୍ତି। ତେବେ ଇଭି ପାଇଁ ମୁଖ୍ୟ ଭିତ୍ତିଭୂମି ହେଉଛି ଚାର୍ଜିଂ କେନ୍ଦ୍ର। ଦେଖାଯାଇଛି ରାଜ୍ୟରେ ଚାର୍ଜିଂ ପଏଣ୍ଟ ସ୍ଥାପନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ହେଲେ କେବଳ ଜି.ଭା ଇଣ୍ଟରନ୍ୟାଶନାଲ ଏଥିପାଇଁ ଆବେଦନ କରି ଏକାକୀ ସୁଯୋଗ ହାତେଇଛି। ଦେଖିବାକୁ ଗଲେ କୌଣସି ଟେଣ୍ଡର ବ୍ୟବସ୍ଥାରେ ଏକମାତ୍ର ଆବେଦନକାରୀ ହୋଇଥିଲେ ତାହାକୁ ବାତିଲ କରାଯାଇ ପୁନଶ୍ଚ ଟେଣ୍ଡର ଡାକାଯିବା କଥା। ତାହା ହୋଇ ନ ଥିବାରୁ ଏହାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ବର୍ଷକ ମଧ୍ୟରେ ଆହୁରି ୪୦ ହଜାର ଅଧିକ ଯୁବତୀଯୁବକଙ୍କୁ ନିଯୁକ୍ତି ଦେବେ ବୋଲି କହୁଛନ୍ତି। ଏଭଳି ସ୍ଥଳେ ଆଶାୟୀଙ୍କୁ ଉଦ୍ୟୋଗୀ ହେବାର ସୁଯୋଗ ଦେଇ ଚାର୍ଜିଂ ସେଣ୍ଟର ସ୍ଥାପନ ଲାଗି ବ୍ୟବସ୍ଥା କରାଗଲେ ଅନେକେ ଉପକୃତ ହୋଇପାରନ୍ତେ ବୋଲି କୁହାଯାଇପାରେ।

**ଭୁବନେଶ୍ୱର,୨୭।୧(ସୁନିତ୍ ମିଶ୍ର)**

ଓଡ଼ିଶାରେ ଅଧିକ ଇ.ଭି. ବ୍ୟବହାର କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି। ହେଲେ ଏଥିପାଇଁ ଯେପରି ଭିତ୍ତିଭୂମି ପ୍ରସ୍ତୁତ କରାଯିବା କଥା ତାହା ଏ ପର୍ଯ୍ୟନ୍ତ କରାଯାଇପାରି ନାହିଁ; ଯେଉଁଥିଲାଗି ରାଜ୍ୟରେ ଯେଉଁ ମାତ୍ରାରେ ଇଲେକ୍ଟ୍ରିକ ଗାଡ଼ିର ବ୍ୟବହାର ବଢ଼ିବା କଥା ସେଥିରେ ବିଚ୍ୟୁତି ପରିଲକ୍ଷିତ ହେଉଛି। ଅନ୍ୟପଟେ ଇଭି ପାଇଁ ଅପରିହାର୍ଯ୍ୟ ଚାର୍ଜିଂ ଷ୍ଟେଶନ ମଧ ସବୁ ସ୍ଥାନରେ ସ୍ଥାପନ କରିବାରେ ସରକାର ଏପର୍ଯ୍ୟନ୍ତ ସଫଳ ହୋଇନାହାନ୍ତି। ଦୀର୍ଘଦିନ ବ୍ୟବଧାନରେ ଯଦିଓ ସରକାର ଇ.ଭି. ଲାଗି ଚାର୍ଜିଂ ଷ୍ଟେଶନ ବସାଇବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି, ସେଥିରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚାର୍ଜିଂ ଷ୍ଟେଶନ ବସାଇବା ଦିଗରେ ସରକାର ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି, ତାହା କେବଳ ଏକ ନିର୍ଦ୍ଦିଷ୍ଟ କମ୍ପାନୀକୁ ଲାଭ ଦେବା ଉଦ୍ଦେଶ୍ୟରେ ବୋଲି କୁହାଯାଉଛି। ରାଜ୍ୟରେ ବେକାରମାନେ ଚିନ୍ତାରେ ଥିବାରୁ ସେମାନଙ୍କୁ ଏଥିଲାଗି ସୁଯୋଗ ଦିଆଯିବାର ଆବଶ୍ୟକତା ରହିଛି ବୋଲି ☞ପୃଷ୍ଠା-୪



Government of Haryana

डबल इंजन हरियाणा सरकार
तिगुनी रफ्तार

100 DAYS
NON-STOP EFFORTS
TOP RESULTS



**Merit-Based Jobs**
Over 27,000 youth secured Government jobs on merit within days of the formation of the Government.

**MSP for all 24 Crops**
Farmers receive payment directly into their bank accounts within 48 hours of procurement.

**Domestic Gas Cylinders for just ₹500**
13+ lakh families benefited across the State till date.

**Free Dialysis**
Free dialysis service started in all district hospitals and medical colleges, benefiting over 20,000 patients.

**1.85 lakh Lakhpati Didis**
Over 1.85 lakh women from self-help groups became Lakhpati Didis, with a target of 5 lakh Lakhpati Didis. 5,000 women in the State will be made Drone Didis. Free drones worth up to ₹8 lakh with training.

**Free Treatment for 70+ Elderly**
Citizens aged 70 and above are provided free treatment worth up to ₹5 lakh under Ayushman Bharat and Chirayu Schemes.

**Reservation for Backward Class-B**
Backward Class-B has been granted reservation in Panchayati Raj and Urban Local Bodies.
Deprived Scheduled Castes have been given their due rights.

**New Metro Route from Rithala to Kundli**
Prime Minister laid foundation of the new metro route, which will make travel from Haryana to Delhi easier.

**New indoor Gyms**
250 new indoor gyms have been opened in Haryana's villages with plans to have a gym in every village.

**Job Security for Contractual Employees**
Job security provided to the state's contractual employees and various categories of teachers.

**Ownership Rights for Tenant Farmers**
Tenant farmers on Shamlat land on lease for over 20 years granted ownership rights.

**100 Square Yards Plots for the Poor**
Allocation of up to 100 square yards residential plots under the Mukhyamantri Gramin Awas Yojana initiated. Beneficiaries will receive financial assistance for house construction under the Pradhan Mantri Awas Yojana (Rural) scheme.

**TB-free Haryana**
100-day TB eradication campaign launched.



Information, Public Relations and Languages Department, Haryana | www.prharyana.gov.in | Follow us on @diprharyana

Scan the QR code to join the Whatsapp channel of Information and Public Relations Department, Haryana

No. 1089/13/1972/2025/32073/276/21 Dtd. Chandigarh, the 27/01/2025

# ସ୍ୱପ୍ନ ନୁହେଁ - ବାସ୍ତବତାର ନୂଆ ସକାଳ



ମୋହନ ଚରଣ ମାଝୀ

ଆଜି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଓ ବିଶ୍ୱର ଦୂରଦର୍ଶୀ ଜନନେତା ନରେନ୍ଦ୍ର ମୋଦିଜୀଙ୍କ ଦ୍ୱାରା ଉଦ୍‌ଘାଟନ ହେବାକୁ ଯାଉଛି ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ୨୦୨୫। ଏଥିପାଇଁ ଆମେ ଚୂଡ଼ାନ୍ତ ପ୍ରସ୍ତୁତି କରିସାରିଛୁ। ଆମ ଦେଶର ତଥା ବିଦେଶର ଅନେକ ବୃହତ୍ ଶିଳ୍ପସଂସ୍ଥାର ସର୍ବୋଚ୍ଚ ପ୍ରତିନିଧି ଓ ଶିଳ୍ପପତି ଏଥିରେ ଯୋଗଦେବେ। ପ୍ରାୟ ୧୨ଟି ଦେଶର ନିବେଶକ,୨୦ଟି ଦେଶର ପ୍ରତିନିଧିମାନେ ମଧ୍ୟ ଏଥିରେ ଭାଗନେବେ। ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ହେବ ଉତ୍କର୍ଷ ଓ ୨୭ ତାରିଖରେ ବିଭିନ୍ନ ଶିଳ୍ପସଂସ୍ଥାର ପ୍ରତିନିଧି ଆସି ପହଞ୍ଚିଲା ପରେ ଆମ ସହ ଅଣ ଆନୁଷ୍ଠାନିକ ଆଲୋଚନାକରି ଉତ୍କର୍ଷ ଓଡ଼ିଶା ସମ୍ମିଳନୀକୁ ପ୍ରଥମ ସଫଳତା ଦେବେ। ସେଦିନ ପ୍ରାରମ୍ଭିକ ଭାବେ ଭାରତୀୟ ଶିଳ୍ପସଂଘ(ସିଆଇଆଇ) ପକ୍ଷରୁ ୫ଟି ଅଧିବେଶନ ସମ୍ପନ୍ନହେବ, ଯେଉଁଥିରେ ନିମନ୍ତ୍ରିତ ଶିଳ୍ପପତି,ବିଭିନ୍ନ ବିଭାଗର ମନ୍ତ୍ରୀ ଓ ସଚିବମାନେ ଯୋଗଦେବେ। ସେଦିନ ଶିଳ୍ପ ସମୂହର ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଉଦ୍ୟୋଗପତି ଉପସ୍ଥିତ ରହିବେ।

ପ୍ରଧାନମନ୍ତ୍ରୀ ମୋଦିଜୀ ଉତ୍କର୍ଷ ଓଡ଼ିଶାକୁ ୨୮ ତାରିଖ ପୂର୍ବାହ୍ନ ୧୧ ଟାରେ ଉଦ୍‌ଘାଟନକରି ନିମନ୍ତ୍ରିତ ଶିଳ୍ପପତିଙ୍କୁ ସମ୍ବୋଧିତ କରିବେ। ଶିଳ୍ପ ପ୍ରତିଷ୍ଠା ପାଇଁ ଅପାର ସୁଯୋଗ ରହିଥିବା ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶାରେ ନୂତନ ଶିଳ୍ପସଂସ୍ଥା ପ୍ରତିଷ୍ଠାକଲେ, କେନ୍ଦ୍ର ଓ ରାଜ୍ୟ ସରକାର କିଭଳି ସହଯୋଗ ଯୋଗାଇଦେବେ, ତାହା କହିବେ। ତାଙ୍କର ପୂର୍ବୋଦୟ ବିକାଶ ପରିକଳ୍ପନା ବିଷୟରେ ମଧ୍ୟ ସୂଚନା ଦେବେ। ସେ ୨୦୦୩ ମସିହାରେ ଗୁଜରାଟରେ ମୁଖ୍ୟମନ୍ତ୍ରୀ ଥିଲାବେଳେ ଦେଶରେ ପ୍ରଥମଥର ପାଇଁ ଶିଳ୍ପ ସମାବେଶ ଆରମ୍ଭ କରିଥିଲେ, ଯାହାର ନାମ 'ଭାଇବ୍ରାଣ୍ଟ ଗୁଜରାଟ'। ସେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସୁଯୋଗ ଦେଇପାରୁଥିବା ତଥା ଉପଲବ୍ଧ କଞ୍ଚାମାଲକୁ ବ୍ୟବହାରକରି ରପ୍ତାନିଯୋଗ୍ୟ ଶିଳ୍ପଜାତ ପଦାର୍ଥ ଉତ୍ପାଦନ କରିପାରୁଥିବା ଶିଳ୍ପ ପ୍ରତିଷ୍ଠାରେ ସଫଳ ହୋଇଥିଲେ। ତାଙ୍କର ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ସଫଳ ପ୍ରଶାସନିକ ଅଭିଜ୍ଞତା ବିଶ୍ୱବିଦିତ। ଏଣୁ ଉତ୍କର୍ଷ ଓଡ଼ିଶା ସମ୍ମିଳନୀକୁ ଉଦ୍‌ଘାଟନ କରିବା ପାଇଁ ତାଙ୍କୁ ଅନୁରୋଧ କରିଥିଲି। ତାଙ୍କର ଗରିମାମୟ ଉପସ୍ଥିତି ଓ ଦିଗ୍‌ଦର୍ଶନ ଆମ ପାଇଁ ପ୍ରେରଣାଦାୟକ ସାବ୍ୟସ୍ତ ହେବା ସହ ନିବେଶକଙ୍କ ବିଶ୍ୱାସ ବଢ଼ାଇବ ବୋଲି ମୋର ବିଶ୍ୱାସ। ବିପୁଳ ସମ୍ଭାବନାକୁ ବ୍ୟବହାରକରି ଆମ ରାଜ୍ୟକୁ ବିକଶିତ ଓଡ଼ିଶାରେ ପରିଣତ କରିବାକୁ ସେ ଚାହାନ୍ତି। ମୁଁ ଏହି ଅବସରରେ ଓଡ଼ିଶା ମାଟିରେ ପଦାର୍ପଣ କରୁଥିବା ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଗଣ, ଶିଳ୍ପପତି, ନିବେଶକ, ଷ୍ଟାର୍ଟଅପ୍-ୟୁନିକର୍ନ ଉଦ୍ୟୋଗୀ, ଫର୍ଚ୍ୟୁନ ୫୦୦ କମ୍ପାନୀର ଶତାଧିକ ପ୍ରତିନିଧି, ଶିଳ୍ପ ସଂଘ ପ୍ରତିନିଧି ଏବଂ ଓଡ଼ିଶାରେ ଶିଳ୍ପ ସ୍ଥାପନ କରିବାକୁ ଆଗ୍ରହୀ ସମସ୍ତ ନିମନ୍ତ୍ରିତ ଅତିଥିଙ୍କୁ ହାର୍ଦ୍ଦିକ ସ୍ୱାଗତ କରୁଛି।

ଉଦ୍‌ଘାଟନ କାର୍ଯ୍ୟକ୍ରମ ପରେ,ଅପରାହ୍ଣରେ ଶିଳ୍ପପତିଙ୍କ ଉପସ୍ଥିତିରେ ୫ଟି କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠାର ସମ୍ଭାବନା ପ୍ରସଙ୍ଗରେ ପର୍ଯ୍ୟାଲୋଚନା କରାଯିବ। ୨୯ ତାରିଖ ପୂର୍ବାହ୍ନରେ ୫ଟି ଓ ଅପରାହ୍ଣରେ ୫ଟି ଅଧିବେଶନ ଅନୁଷ୍ଠିତ ହେବ। ଆମେ ଉତ୍କର୍ଷ ଓଡ଼ିଶା ମହାକୁମ୍ଭରେ ରାଜ୍ୟର ବଛା ବଛା ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରିବୁ। ୨୯ ତାରିଖ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟର ୩୦ଟି ଜିଲ୍ଲାରୁ ୨ଜଣ ଲେଖାଏ, ୬୦ ଜଣ ଯୁବ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରିବୁ, ଯାହା ସେମାନଙ୍କୁ ସମ୍ମାନ ଦେବା ସହ ଉଦ୍ୟୋଗ ସ୍ଥାପନକରି ଆତ୍ମନିଯୁକ୍ତିର ସ୍ୱପ୍ନ ଦେଖୁଥିବା ଭଉଣୀଭାଇମାନଙ୍କୁ ଉତ୍ସାହିତ କରିବ। ଏହି ମହାକୁମ୍ଭ ଉପଲକ୍ଷେ ଶିଳ୍ପ ପ୍ରଦର୍ଶନୀ ବା 'ଏକ୍ସପୋ'ଅନୁଷ୍ଠିତ ହେବ, ଯାହା ୩୦ ତାରିଖ ଦିନ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଏଥିରେ ପ୍ରାୟ ୧୫୦ଟି ସଂସ୍ଥା ନିଜର ଉତ୍ପାଦ, ପ୍ରଦତ୍ତ ସେବା ଓ ତାଙ୍କର ନବସୃଜନ ସମ୍ଭାର ପ୍ରଦର୍ଶନ କରିବେ। ଏହା ସହ 'ଷ୍ଟାର୍ଟଅପ୍ ଓଡ଼ିଶା', 'ସ୍କିଲ୍‌ଡ ଇନ୍ ଓଡ଼ିଶା' ଓ 'ସୁଭଦ୍ରା ଜରିଆରେ ମହିଳା ଉଦ୍ୟୋଗ' ଭଳି ତିନୋଟି ବିଷୟରେ ଆଲୋଚନା କରାଯିବ। ଏହି ସମାବେଶ ସମସ୍ତ ଦୃଷ୍ଟିକୋଣରୁ ଐତିହାସିକ ହେବା ସହ ରାଜ୍ୟ ପାଇଁ ଏକ ସୁଦୃଢ଼ ଅର୍ଥନୈତିକ ଓ ଶିଳ୍ପ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

ଓଡ଼ିଶାକୁ ଅର୍ଥନୀତି ଦୃଷ୍ଟିରୁ ଦେଶର ଅଗ୍ରଣୀ ରାଜ୍ୟ ମଧ୍ୟରେ ସ୍ଥାନିତ କରିବାକୁ ଆମର ଯେଉଁ ସଂକଳ୍ପ, ତାହା ନିଶ୍ଚୟ ପୂରଣ ହେବ ବୋଲି ଆମେ ଆଶାବାଦୀ। ଏହା ସମ୍ଭବ ହୋଇପାରିବ ପ୍ରତିଯୋଗିତାମୂଳକ ଶିଳ୍ପାୟନ ମାଧ୍ୟମରେ। ଏହା ଶ୍ରମିକ, କୃଷକ ଓ ସାଧାରଣ ଲୋକଙ୍କ ପାଇଁ ମଧ୍ୟ ବିପୁଳ ସୁଯୋଗ ସୃଷ୍ଟି କରିବା ସହ ଓଡ଼ିଶାକୁ କୃଷି, ଶିଳ୍ପ, ସେବା ଏବଂ ବ୍ୟବସାୟ କ୍ଷେତ୍ରରେ ସମୃଦ୍ଧି ଆଣିଦେବ। ଉତ୍କର୍ଷ ଓଡ଼ିଶା ସମାବେଶ କାଳରେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ୫ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବ ମିଳିବା ସମ୍ଭାବନା ରହିଛି। ଏଥିରେ ପ୍ରଚୁର ନିଯୁକ୍ତି ଓ ରୋଜଗାରର ସୁଯୋଗ ସୃଷ୍ଟିହେବ। ଶତାଧିକ ନିବେଶକ ଆମ ସହ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିବା କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଶିଳ୍ପ ବିକାଶରେ ଭାଗୀଦାର ରହିଥିବା ଦେଶଗୁଡ଼ିକ ମଧ୍ୟରେ ପ୍ରମୁଖ ସ୍ଥାନରେ ରହିଛନ୍ତି ସିଙ୍ଗାପୁର, ଅଷ୍ଟ୍ରେଲିଆ ଓ ମାଲେସିଆ। ଏଣୁ ସେହି ସମସ୍ତ ଦେଶରୁ ଅଧିକ ଶିଳ୍ପପତି ଓ ପୁଞ୍ଜିନିବେଶକ ଉତ୍କର୍ଷ ଓଡ଼ିଶା ମହାକୁମ୍ଭରେ ଯୋଗଦେବାକୁ ଓଡ଼ିଶା ଆସିବା ସ୍ୱାଭାବିକ; ଯାହା ଆମ ରାଜ୍ୟର ଶିଳ୍ପବିକାଶ ପାଇଁ ମହତ୍ତ୍ୱପୂର୍ଣ୍ଣ। କେତେକ ବିକଶିତ ଦେଶକୁ ଆମେ କଣ୍ଟ୍ରି ଅଫ୍ ଫୋକସ୍ ବା ଅଗ୍ରାଧିକାର ସହଯୋଗୀ ରାଷ୍ଟ୍ର ଭାବେ ଉତ୍କର୍ଷ ଓଡ଼ିଶାରେ ଗୁରୁତ୍ୱ ଦେବୁ। ସେମାନେ ଓଡ଼ିଶା ପାଇଁ କିଭଳି ଅବଦାନ ଦେଇପାରିବେ, ତାହାର ସୂଚନା ଦେବେ। ଏହା ଦ୍ୱାରା ଆନ୍ତର୍ଜାତିକ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ପ୍ରତିଷ୍ଠା ବୃଦ୍ଧି ପାଇବ। ଏହି ୨ ଦିନରେ ବିଭିନ୍ନ ଗୋଲ୍ ଟେବୁଲ ବୈଠକ ଅନୁଷ୍ଠିତ ହେବ। ଏଥିରେ ଆଲୋଚନା ଜରିଆରେ ଶିଳ୍ପୋଦ୍ୟୋଗୀ ଓ ବିଶେଷଜ୍ଞମାନଙ୍କ ମଧ୍ୟରେ ଆଧୁନିକତମ ଜ୍ଞାନ ଓ ବୈଷୟିକ କୌଶଳ ସମ୍ପର୍କରେ ଭାବ ଆଦାନ ପ୍ରଦାନ ହେବ। ଆପଣମାନଙ୍କ ମନେଥାଇପାରେ, ସିଙ୍ଗାପୁରର ବୈଷୟିକ ସହାୟତାରେ ଓ ନୂଆ ସହର ନିର୍ମାଣ ହେବାକୁ ସ୍ଥିର ହୋଇଛି। ଏଥିପାଇଁ ଓଡ଼ିଶା ଆସିଥିବା ସିଙ୍ଗାପୁର ରାଷ୍ଟ୍ରପତି ଶ୍ରୀଯୁକ୍ତ ଥର୍ମନ୍ ଶନ୍ମୁଗରତ୍ନମଙ୍କ ଉପସ୍ଥିତିରେ ଆମେ ଚଳିତ ମାସରେ ବୁଝାମଣାପତ୍ର ସ୍ୱାକ୍ଷର କରିଛୁ। ଏଥିସହ ଇଣ୍ଡଷ୍ଟ୍ରିଆଲ ପାର୍କ, ସେମିକଣ୍ଡକ୍ଟର, ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଶିପିଂ କରିଡର, ଦକ୍ଷତା ବିକାଶ ଓ ପେଟ୍ରୋକେମିକାଲ ସମେତ ୮ଟି ପ୍ରକଳ୍ପ ପାଇଁ ସିଙ୍ଗାପୁର ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇସାରିଛି।

ଓଡ଼ିଶାରେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛନ୍ତି। କେଉଁଝର ଜିଲାରେ ଦକ୍ଷିଣ କୋରିଆର ପ୍ରସିଦ୍ଧ ଇସ୍ପାତ ଉତ୍ପାଦନକାରୀ ପସ୍କୋ ଏବଂ ଭାରତର ଜିନ୍ଦଲ ଇସ୍ପାତ ମିଳିତ ଭାବେ ଏକ ବୃହତ୍ ଲୌହ-ଇସ୍ପାତ ଶିଳ୍ପ ପ୍ରତିଷ୍ଠା କରିବାକୁ ଆଗ୍ରହୀ। ଆମେ ଇତିମଧ୍ୟରେ ୪୫ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ପାଇ ସାରିଛୁ। କେଉଁଝର ପ୍ରକଳ୍ପରୁ ମୋଟର ଗାଡ଼ିର ବହିରାବରଣ ପାଇଁ ସର୍ବୋତ୍ତମ ଇସ୍ପାତ ଚଦର ଉତ୍ପାଦନ ହେବ, ଯାହା ଓଡ଼ିଶାରେ ମୋଟରଯାନ ନିର୍ମାଣରେ ସାହାଯ୍ୟ କରିବ। ଅକ୍ଷୟ ଶକ୍ତି, ସୂଚନା ପ୍ରଯୁକ୍ତି, ରସାୟନ, ବୟନ ଓ ଖାଦ୍ୟ ପ୍ରକ୍ରିୟାକରଣ ଭଳି ୫ଟି କ୍ଷେତ୍ରକୁ ଆମେ 'ଗୁରୁତ୍ୱ କ୍ଷେତ୍ର' ମାନ୍ୟତା ଦେଇଛୁ।

ଏହି ସମାବେଶରେ ଯୋଗଦେଇଥିବା ଜାତୀୟ ଓ ଅନ୍ତର୍ଜାତୀୟ ପୁଞ୍ଜିନିବେଶକାରୀଙ୍କ ସହ ମୁଁ ସିଧାସଳଖ କଥା ହୋଇ 'ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର'ରେ ପୁଞ୍ଜିବିନିଯୋଗ କରିବା ପାଇଁ ଆମନ୍ତ୍ରଣ କରିବି। ୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ଆମର ଲକ୍ଷ୍ୟ। ଆମେ ସେହି ସଂକଳ୍ପ ନେଇ ଆଗକୁ ବଢୁଛୁ ଏବଂ ଜନସାଧାରଣଙ୍କ ଜୀବନଧାରଣର ମାନ ବୃଦ୍ଧି ଦିଗରେ ଅଗ୍ରଗତି କରିଚାଲିଛୁ। ସ୍ୱାଧୀନତା ପୂର୍ବରୁ ଓ ପରେ ରାଜ୍ୟରେ ଯେଉଁସବୁ କୃଷି ଓ ଶ୍ରମଭିତ୍ତିକ କ୍ଷୁଦ୍ରଶିଳ୍ପ କାରଖାନା ଗଢ଼ିଉଠିଥିଲା ସେଗୁଡ଼ିକ ବିଗତ ବର୍ଷଗୁଡ଼ିକ ବନ୍ଦ ହୋଇଯାଇଥିବାରୁ ଆମେ ସେଗୁଡ଼ିକୁ ପୁନର୍ବାର କାର୍ଯ୍ୟକ୍ଷମ କରିବାକୁ ସଂକଳ୍ପ ନେଇଛୁ। ଆଗାମୀ ଦିନରେ ଆମେ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟିଦେବୁ।

ଆମ ରାଜ୍ୟରେ ରହିଛି ୪୮୦ କି.ମି. ସମୁଦ୍ର ଉପକୂଳ, ଯାହାର ରଣନୈତିକ ସ୍ଥିତି ଉପଯୋଗକରି ବାଣିଜ୍ୟ ବ୍ୟବସାୟ ପାଇଁ ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରବେଶ ଦ୍ୱାର କରିବୁ। ଆମର ସମୃଦ୍ଧ ଖଣିଜ ସମ୍ପଦ, ବନ୍ଦର ଉପଯୋଗୀ ସମୁଦ୍ରତଟ ଓଡ଼ିଶାକୁ ପୂର୍ବ ଭାରତରେ ଏକ ପ୍ରମୁଖ ନିବେଶସ୍ଥଳ ଭାବେ ମାନ୍ୟତା ଦେଉଛି। ଶିଳ୍ପ ବ୍ୟତୀତ, ଓଡ଼ିଶାରେ ଥିବା ପାହାଡ଼ ପର୍ବତ, ଘଞ୍ଚ ଜଙ୍ଗଲ,ଶାନ୍ତ ବେଳାଭୂମି ଏବଂ ମନୋରମ ବନ୍ୟପ୍ରାଣୀ ଅଭୟାରଣ୍ୟ ଅତ୍ୟନ୍ତ ମନୋରମ। ରାଜ୍ୟର କୋଣ ଅନୁକୋଣରେ ରହିଛି ସମୃଦ୍ଧ ଇତିହାସ ଏବଂ ସଂସ୍କୃତିର ଝଲକ। ଓଡ଼ିଶାର ଐତିହ୍ୟସ୍ଥଳୀ ବିଶ୍ୱ ବିଦିତ। ଆମର ସମୃଦ୍ଧ ହସ୍ତଶିଳ୍ପ କଳା ଓ ହସ୍ତତନ୍ତ ପ୍ରସ୍ତୁତ ସାମଗ୍ରୀ ଅତୁଳନୀୟ ଓ ଅନନ୍ୟ। ଏହାକୁ ନେଇ ଆମେ ପର୍ଯ୍ୟଟନ ବିକାଶ କରିବାକୁ ସଂକଳ୍ପ ବଦ୍ଧ। ଆମେ କୃଷକଙ୍କ ସାଥିରେ ଅଛୁ। ରାଜ୍ୟ ବିକାଶରେ ମହିଳାଙ୍କ ଭାଗୀଦାରି ବୃଦ୍ଧି ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଉଲ୍ଲେଖନୀୟ। ଓଡ଼ିଶାକୁ ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ଭାବରେ ପରିଚୟ ଦେବା ପାଇଁ ଆମେ ସଙ୍କଳ୍ପବଦ୍ଧ। ସୂଚନା ପ୍ରଯୁକ୍ତିବିଦ୍ୟାରେ ସଫଳତା ମାଧ୍ୟମରେ ଭାରତର ଅର୍ଥନୀତିକୁ ପ୍ରମୁଖ ଯୋଗଦାନ ଦେଉଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ସ୍ଥାନ ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ରଖିବାକୁ ଆମେ ସଂକଳ୍ପବଦ୍ଧ। ଆମର ଯୁବସମାଜକୁ କୁଶଳୀକରି ନିଯୁକ୍ତି ଓ ଉଦ୍ୟୋଗୀ ହେବାର ସୁଯୋଗ ସୃଷ୍ଟି କରିବୁ। ରାଜ୍ୟବାସୀଙ୍କ ସଦିଚ୍ଛା ଓ ସହଯୋଗ ସହ ମୁଁ ସମସ୍ତ ଅତିଥିଙ୍କୁ ସ୍ୱାଗତ ଜଣାଉଛି। ବନ୍ଦେ ଉତ୍କଳ ଜନନୀ।

**- ମୁଖ୍ୟମନ୍ତ୍ରୀ, ଓଡ଼ିଶା, ଭୁବନେଶ୍ୱର**




## ସିଂହୀ ରେୱାର ମୃତ୍ୟୁ

**ବାରଙ୍ଗ,୨୭।୧(ଲିଙ୍ଗରାଜ ରାଉତ)**

ଶାବକମାନଙ୍କୁ ଜନ୍ମ ଦେଇ ସେମାନଙ୍କୁ ଆଖି ପୂରାଇ ଭଲଭାବେ ଦେଖିବା ପୂର୍ବରୁ ମା' ସିଂହୀ ରେୱାର ସୋମବାର ସକାଳେ ମୃତ୍ୟୁ ଘଟିଛି। ନନ୍ଦନକାନନ ପ୍ରାଣୀଉଦ୍ୟାନର ଅନ୍ୟତମ ଆକର୍ଷକ ସିଂହୀ ରେୱାକୁ ୮ ବର୍ଷ ବୟସରେ ଇନ୍ଦୋରର କମଳା ନେହେରୁ ଚିଡ଼ିଆଖାନାରୁ ୨୦୨୦ ଡିସେମ୍ବର ୨୦ରେ ନନ୍ଦନକାନନକୁ ଅଣାଯାଇଥିଲା। ଅକ୍ଟୋବର ୨୦୨୪ରେ ଜିତ୍ ସହ ମିଳନରୁ ମା' ହେବାର ସୌଭାଗ୍ୟ ଅର୍ଜନ କରିଥିଲା। ଗର୍ଭଧାରଣ ପରେ ନନ୍ଦନକାନନ କର୍ତ୍ତୃପକ୍ଷ ସିଂହୀ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ। ୧୦୩ ଦିନର ଗର୍ଭଧାରଣ ପରେ ୨୫ ତାରିଖ ଶନିବାର ରେୱା



୩ଟି ଶାବକ ଜନ୍ମ ଦେଇଥିଲା। ସେଥିରୁ ପ୍ରଥମ ଶାବକଟି ମୃତ ଜନ୍ମ ହୋଇଥିଲା। ପରବର୍ତ୍ତୀ ସମୟରେ ପ୍ରାଣୀ ଚିକିତ୍ସକଙ୍କ ହସ୍ତକ୍ଷେପରେ ଆଉ ୨ଟି ଶାବକ ଜନ୍ମ ହୋଇଥିଲା। ହେଲେ ରେୱା ନବଜାତ ଶାବକଙ୍କୁ ଗ୍ରହଣ କରି ନ ଥିଲା। ଫଳରେ କର୍ତ୍ତୃପକ୍ଷ ମା'ଠାରୁ ୨ ଶାବକଙ୍କୁ ଅଲଗା କରି ଲାଳନପାଳନ କେନ୍ଦ୍ରକୁ ଆଣିଥିଲେ। କିନ୍ତୁ ସୋମବାର ସକାଳେ ସିଂହୀ ଏନ୍‌କ୍ଲୋଜରରେ ମରିପଡ଼ିଥିବା କର୍ତ୍ତୃପକ୍ଷ ଦେଖିବାକୁ ପାଇଥିଲେ। ରେୱା ନନ୍ଦନକାନନର ସିଂହ ସଂଖ୍ୟା ବୃଦ୍ଧିର ମଙ୍ଗ ଧରିଥିଲା। ସେ ନନ୍ଦନକାନନରେ ଏ ପର୍ଯ୍ୟନ୍ତ ୮ଟି ଛୁଆ ଜନ୍ମ ଦେଇଛି। ସେଥିମଧ୍ୟରୁ ଏବେ ମଧ୍ୟ ୬ଟି ଛୁଆ ଜୀବିତ ଅଛନ୍ତି। ରେୱାର ମୃତ୍ୟୁ ପରେ ନନ୍ଦନକାନନରେ ସିଂହ ସଂଖ୍ୟା ହ୍ରାସ ପାଇ ୨୩ରେ ପହଞ୍ଚିଛି। ସେଥିମଧ୍ୟରୁ ୧୦ ଅଣ୍ଡିରା, ୫ ମାଈକୁ ମିଶାଇ ୧୫ଟି ଏସିଆଟିକ୍ ଓ ୪ ଅଣ୍ଡିରା, ୪ ମାଈକୁ ମିଶାଇ ୮ଟି ହାଇବ୍ରିଡ୍ ସିଂହ ରହିଛନ୍ତି।






## ମନୋଜ ଆହୁଜାଙ୍କୁ ମୁଖ୍ୟ ଆବାସିକ କମିଶନର ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୨୭।୧(ଅନିଲ ଦାସ)**



୧୯୯୦ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ନୂଆଦିଲ୍ଲୀରେ ଓଡ଼ିଶାର ମୁଖ୍ୟ ଆବାସିକ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ଜାନୁଆରୀ ୨୪ରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

୨୦୨୪ ଅଗଷ୍ଟରେ ଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ବିଶାଲ ଗଗନଙ୍କୁ ନୂଆଦିଲ୍ଲୀରେ ଓଡ଼ିଶାର ମୁଖ୍ୟ ଆବାସିକ କମିଶନର (ପ୍ରିନ୍ସିପାଲ ରେସିଡେଣ୍ଟ କମିଶନର) ଭାବେ ନିଯୁକ୍ତି ଦିଆଯାଇଥିଲା। ଏବେ ମନୋଜ ଆହୁଜା ଏହି ଦାୟିତ୍ୱରେ ରହିବେ। ମନୋଜଙ୍କ ସେବା ଅବଧି ୨୦୨୫ ଜାନୁଆରୀ ପହିଲାରୁ ୧ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ସେ ୨୦୨୪ ଅଗଷ୍ଟ ୧୩ରୁ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଚେୟାରମ୍ୟାନ୍ ଭାବରେ କାର୍ଯ୍ୟ କରିଆସୁଛନ୍ତି।

## ରାଜ୍ୟର ଟାଉନଶିପ୍ ୧୭%ରୁ ୩୦%କୁ ସମ୍ପ୍ରସାରିତ କରାଯିବ: ମନ୍ତ୍ରୀ

**ଭୁବନେଶ୍ୱର, ୨୭।୧(ସୁନିତ୍ ମିଶ୍ର)**

- ଅନ୍ୟ ସହରରେ କାର୍ଯ୍ୟକାରୀ ହେବ ଟିପି ସ୍କିମ୍
- ରାସ୍ତା କଥା ଭାବି ଯେଉଁମାନେ ଘର କରୁ ନ ଥିଲେ ସେଥିଲାଗି ନୂଆ ଆଇନ ଆସିବ

ରାଜ୍ୟରେ ନୂଆ ସହର ନିର୍ମାଣ ହେବ। ପୁରୁଣା ସହରଗୁଡ଼ିକର ନବକଳେବର ହେବ। ଓଡ଼ିଶାରେ ୧୭% ଟାଉନ୍‌ଶିପ ରହିଛି, ତାହା ୩୦ ପ୍ରତିଶତ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ। ୨୦୩୬ରେ ବିକଶିତ ଓଡ଼ିଶା ପାଇଁ ଚିନ୍ତା କରାଯାଉଛି। ସହରର ବିକାଶରେ ଓଡ଼ିଶାର ବିକାଶ ହେବ, ତେଣୁ ଏନେଇ ଗୁରୁତ୍ୱ ଦିଆଯାଉଛି ବୋଲି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି।

ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନ ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକର କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ମହାପାତ୍ର ସୋମବାର ସମୀକ୍ଷା କରିଛନ୍ତି। ଯୋଜନାବଦ୍ଧ ଭାବେ ରାଜ୍ୟରେ ବିକଶିତ ସହର ବୃଦ୍ଧି କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ବିଡିଏ ଦ୍ୱାରା ଆରମ୍ଭ କରାଯାଇଥିବା ଟିପି ସ୍କିମ୍ ଅନ୍ୟ ସହରରେ କାର୍ଯ୍ୟକାରୀ ଲାଗି ଆଲୋଚନା ହୋଇଛି। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପିପିପି ମୋଡ୍‌ରେ ଉନ୍ନୟନ କର୍ତ୍ତୃପକ୍ଷଗୁଡ଼ିକର ଅଧୀନରେ ଥିବା ସରକାରୀ ଜମିଗୁଡ଼ିକର ସଦୁପଯୋଗ କରି ଆୟ ବୃଦ୍ଧି ନିମନ୍ତେ ପରାମର୍ଶ ଦିଆଯାଇଛି। ବୈଠକ ପରେ ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସବୁ ଡେଭଲପମେଣ୍ଟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। କିଛି ଏଜେଣ୍ଡା ଅନୁସାରେ ଟାଉନଶିପ ବଢ଼ିଲେ ସହରର ବିକାଶରେ ଓଡ଼ିଶାର ବିକାଶ ହେବ। ଯେଉଁଠି ଟାଉନ ପ୍ଲାନର ଅଭାବ ଅଛି ତାହା ପୂରଣ କରାଯିବ। ବିଭିନ୍ନ ଯୋଜନା କେନ୍ଦ୍ର ଓ ରାଜ୍ୟ ସରକାର କରୁଛନ୍ତି। ଯେଉଁ ଅଞ୍ଚଳରେ ପୁରୁଣା ସହର ରହିଛି ପୁରୁଣା ଘର ବା ଜାଗା ଅଛି, ହେଲେ ଲୋକ ରାସ୍ତା କଥା ଭାବି ଘର କରିପାରୁନାହାନ୍ତି, ସେଥିପାଇଁ ନୂଆ ଆଇନ ଆସିବାକୁ ଯାଉଛି। ଯାହାଦ୍ୱାରା ସହରୀକରଣ ସରଳୀକରଣ ହେବ ଓ ପୁରୁଣା ସିଟିଗୁଡ଼ିକରେ ମଧ୍ୟ ଲୋକମାନେ ଘର କରିପାରିବେ। ଟ୍ରାଇ ସିଟି ଡେଭଲପମେଣ୍ଟ ଅଧିକାରୀମାନଙ୍କ ସହ ଆଲୋଚନା ହୋଇଛି। ଏହାସହ ବ୍ରହ୍ମପୁରର ବିକାଶ ପାଇଁ ସ୍ୱେରେଜ ଓ ଡ୍ରେନେଜ ପାଇଁ ଆଲୋଚନା ହୋଇଛି। ନୂଆ ଟିପି ସ୍କିମ୍‌ରେ ବୃହତ୍ ସମ୍ବଲପୁର ଓ ବୃହତ୍ ରାଉରକେଲା ପାଇଁ ଆଲୋଚନା ହୋଇଛି। ବିଲ୍ଡର ହୁଅନ୍ତୁ କି ସାଧାରଣ ଲୋକ ସରଳ ପ୍ରକ୍ରିୟାରେ ଲୋକମାନେ ନିର୍ଦ୍ଧାରିତ ସମୟରେ ଘର କରିବା କେମିତି ସମ୍ଭବ ହେବ ସେନେଇ ଆଲୋଚନା ହୋଇଛି। ଯେଉଁ ଘରଗୁଡ଼ିକ ପାଇଁ ରେଜିଷ୍ଟ୍ରେଶନରେ ବାଧା ଥିଲା ତାହା ମଧ୍ୟ ସମାଧାନ କରାଯାଉଛି। ଏ ହେଉଛି ଲୋକଙ୍କ ସରକାର, ତେଣୁ ଲୋକଙ୍କ ପାଇଁ ଯାହା ଯାହା ଆବଶ୍ୟକ ସବୁ କରାଯିବ ବୋଲି ମନ୍ତ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

## ୩୧ରେ ସରିବ ଇ-କେୱାଇସି ଅପ୍‌ଡେଟ: ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର,୨୭।୧(ଅନିଲ ଦାସ)**

ଆସନ୍ତା ୪ ଦିନ ପରେ ରାଜ୍ୟରେ ରାଶନ କାର୍ଡ ଇ-କେୱାଇସି ଅପ୍‌ଡେଟ କାର୍ଯ୍ୟ ଶେଷ ହେବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଜାନୁଆରୀ ୩୧ ସୁଦ୍ଧା ଇ-କେୱାଇସି ଅପ୍‌ଡେଟ ଲାଗି ସରକାର ଦିନ ଧାର୍ଯ୍ୟ କରିଛନ୍ତି। ଯଦି ଏହି ସମୟ ସୁଦ୍ଧା ଶେଷ ନ ହୁଏ ତେବେ ପରବର୍ତ୍ତୀ ସମୟରେ ସରକାର ବିଚାର କରି ପଦକ୍ଷେପ ନେବେ ବୋଲି ମନ୍ତ୍ରୀ କହିଛନ୍ତି।

ରାଜ୍ୟର ଏ ପର୍ଯ୍ୟନ୍ତ ୪୦ ଲକ୍ଷ ୪୦ ହଜାର ୮୬୪ ରାଶନ କାର୍ଡ ହିତାଧିକାରୀ ଇ-କେୱାଇସି ଅପ୍‌ଡେଟ କରି ନାହାନ୍ତି। ମୋଟ ୩ କୋଟି ୩୫ ଲକ୍ଷ ୫୭୦ ହିତାଧିକାରୀଙ୍କ ମଧ୍ୟରୁ ୨କୋଟି ୯୪ ଲକ୍ଷ ୫୯ ହଜାର ୮୮୬ଜଣଙ୍କର ଇ-କେୱାଇସି ଶେଷ ହୋଇଛି।

## ବିଦ୍ୟୁତ୍ ଆଘାତରେ ଦମ୍ପତି ମୃତ

**ବନ୍ତଲା, ୨୭।୧(ସୁଶିତ ସାହୁ)**

**ଫାର୍ମ ହାଉସରେ ଶ୍ରମିକ ଭାବେ କାମ କରୁଥିଲେ**

ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ଗାଁ ରଗଡ଼ି ତଇଳାଠାରେ ଥିବା ଜଣେ ବ୍ୟକ୍ତିଙ୍କ ଫାର୍ମ ହାଉସ୍‌ରେ ବିଦ୍ୟୁତ୍ ଆଘାତରେ ରବିବାର ବିଳମ୍ବିତ ରାତିରେ ଶ୍ରମିକ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ପୁରୁଣାକୋଟ ଥାନା ଶରଧାପୁର ପଞ୍ଚାୟତ ଗଦେଇମୁଣ୍ଡା ଗ୍ରାମର ସୁର ପଧାନ ଓ ସୁକାନ୍ତି ପଧାନ। ବନ୍ୟଜନ୍ତୁଙ୍କ ଉପଦ୍ରବରୁ ଫସଲକୁ ସୁରକ୍ଷା ଦେବାକୁ ଦିଆଯାଇଥିବା ସୋଲାର ବାଡ଼ରେ ବିଦ୍ୟୁତ୍ ସଂଯୋଗ ହୋଇଯାଇଥିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଏ ନେଇ ମୃତ ସୁକାନ୍ତିଙ୍କ ମା' ଜାତକ ପଧାନ ଫାର୍ମ ହାଉସ ମାଲିକଙ୍କ ଅବହେଳାକୁ ଦାୟୀ କରି ବନ୍ତଲା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏଥିସହ ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ପୋକତୁଙ୍ଗା ଗାଁ ରଗଡ଼ି ତଇଳା ଅଞ୍ଚଳକୁ ରାତିରେ ହାତୀ ଓ ବାରହା ପଶିଆସି ଫସଲ ନଷ୍ଟ କରୁଛନ୍ତି। ଗତ ୧୨ ତାରିଖରେ ବନ୍ୟଜନ୍ତୁଙ୍କ ଯୋଗୁ ଲକ୍ଷାଧିକ ଟଙ୍କାର ଫସଲ ନଷ୍ଟ ହୋଇଥିବା ଉକ୍ତ ଫାର୍ମହାଉସ ମାଲିକ ବନ୍ତଲା ବନ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ବିଭାଗ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ଦେବା ନିମନ୍ତେ ପଦକ୍ଷେପ ନିଆଯାଉଥିବା ବେଳେ ବନ୍ୟପ୍ରାଣୀଙ୍କୁ ଘଉଡ଼ାଇବାକୁ ଅଞ୍ଚଳରେ କର୍ମଚାରୀ ନିୟୋଜିତ କରାଯାଇଥିଲା। ହେଲେ ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ଫସଲର ସୁରକ୍ଷା ପାଇଁ ଫାର୍ମହାଉସ ମାଲିକ ସୋଲାର ବାଡ଼ ବ୍ୟବସ୍ଥା କରିଥିଲେ। ଏଥିସହ ସେଠାରେ ସମ୍ପୃକ୍ତ ଶ୍ରମିକ ଦମ୍ପତିଙ୍କୁ ରଖି କାର୍ଯ୍ୟରେ ନିୟୋଜିତ କରିଥିଲେ। କିନ୍ତୁ କୌଣସି କାରଣରୁ ଉକ୍ତ ସୋଲାର ବାଡ଼ ସହ ବିଦ୍ୟୁତ୍ ତାର ସଂଯୋଗ ହୋଇଯାଇଥିଲା। ଏହା ଜାଣି ନ ପାରି ସୁର ଓ ସୁକାନ୍ତି ମଧ୍ୟରାତିରେ କିଏ ଫସଲ ନଷ୍ଟ କରୁଥିବା ଦେଖିବାକୁ ଯାଇଥିବା ବେଳେ ବିଦ୍ୟୁତ୍ ଆଘାତ ପାଇଥିଲେ। ଚିତ୍କାର ଶୁଣି ଫାର୍ମହାଉସରେ ରହୁଥିବା ଅନ୍ୟମାନେ ଉଭୟଙ୍କୁ ଉଦ୍ଧାର କରି ବନ୍ତଲା ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସମ୍ପୃକ୍ତ ଦମ୍ପତିଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋମବାର ସକାଳେ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଳିକ, ବନ୍ତଲା ଥାନା ଆଇଆଇସି ସଙ୍ଗୀତା ମହାପାତ୍ର, ବନ୍ତଲା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ମାଧବାନନ୍ଦ ସାହୁ ପହଞ୍ଚି ତଦନ୍ତ ଚଳାଇଛନ୍ତି। ବାରମ୍ବାର ଯୋଗାଯୋଗ ସତ୍ତ୍ୱେ ବନ୍ତଲା ଥାନା ଆଇଆଇସି ଫୋନ ରିସିଭ କରୁ ନ ଥିବାରୁ ମତାମତ ମିଳିପାରି ନାହିଁ।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଶ୍ୱେତପଦ୍ମା ସଙ୍ଗୀତାଳୟ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ୮୨ତମ ସଂସ୍କୃତି ଚର୍ଚ୍ଚା, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ସମୟ: ସନ୍ଧ୍ୟା ୬ଟା ୧୫।

## ବାଲେଶ୍ୱର
- ନିପୁଣ ଓଡ଼ିଶା ମେଳା, ସ୍ଥାନ: ଗଡ଼ପଦା ସରକାରୀ ପ୍ରାଥମିକ ବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭୋଗରାଇ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ପଦ୍ମାବତୀ ବାଳିକା ଓ ସରକାରୀ ଉ.ପ୍ରା. ବିଦ୍ୟାଳୟ ବଣାର ବାର୍ଷିକ ଉତ୍ସବ, ସ୍ଥାନ: ବଣା, ସିମୁଲିଆ, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ତାପୁଣ୍ଡିଆ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ବାରବାଟିଆ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବାରବାଟିଆ, ଭୋଗରାଇ, ସମୟ: ଅପରାହ୍ନ ୪ଟା।
- ସ୍ନୋ ଫେଷ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ
- ବ୍ଲକସ୍ତରୀୟ ଦକ୍ଷତା ବିକାଶ ତାଲିମ ପରାମର୍ଶ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଏକଦିବସୀୟ ମା' ଭଗବତୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦେଢ଼ୁଡ଼ି ଆନନ୍ଦପୁର ଖେଳପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- ଶୁକଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ଦେଢ଼ୁଡ଼ି ଆନନ୍ଦପୁର, ଧାମନଗର, ସମୟ: ମଧ୍ୟାହ୍ନ ୧୨ଟା।
- ଦିବାକର ମେମୋରିଆଲ ଆନ୍ତଃରାଜ୍ୟ ଫୁଟବଲ ଟୁର୍ନାମେଣ୍ଟର ୨ୟ ଦିବସ ମ୍ୟାଚ୍, ସ୍ଥାନ: ନାଳଗାଁ ମିନିଷ୍ଟାଡିୟମ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା।
- ଏକଦିବସୀୟ ସୁବ୍ରତ ମେମୋରିଆଲ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦଶଛିଦ୍ଦ୍ରକ, ଧାମନଗର, ସମୟ: ଅପରାହ୍ନ ୫ଟା।
- ଭିଡ଼ିଡ଼ି ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: କାଳୀପଡ଼ିଆ, ଭିଡ଼ିଡ଼ି, ସମୟ: ସନ୍ଧ୍ୟା ୬ଟା।
- ଅର୍ଜୁନ ପଲିଶ୍ରୀ ମେଳାର ୨ୟ ସନ୍ଧ୍ୟା, ସ୍ଥାନ: ଓଡ଼ଙ୍ଗ, ବନ୍ତ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- କୃଷକସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: କଚାପଡ଼ା ମା' ତାରିଣୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ୧୮ତମ ତ୍ରିଶକ୍ତି କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ତମ୍ପାଝର, ଠାକୁରମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ମଧ୍ୟାହ୍ନ ୧୨ଟା।
- ସ୍ମୃତିଚାରଣ ସଭା, ସ୍ଥାନ: ସିଂହଡ଼ିଆ, ବଡ଼ସାହି, ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର
- ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଶୁଭାରମ୍ଭ, ସ୍ଥାନ: ବ୍ରହ୍ମପୁର ରେଲୱେ ଷ୍ଟେସନ, ସମୟ: ପୂର୍ବାହ୍ନ ୧୧ଟା ୪୫।

## ଗଞ୍ଜାମ
- ମହାତ୍ମାଗାନ୍ଧୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଶେରଗଡ଼ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୃଷକସ୍ତର ମୃତ୍ତିକା ଗଣତି ପ୍ରଶିକ୍ଷଣ ଶିବିର, ସ୍ଥାନ: ଆସ୍କା ବ୍ଲକ ତାମିଲନାଡ଼ୁ ସ୍ଥିତ ବଡ଼ାଙ୍ଗଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଜଗନ୍ନାଥ ପଞ୍ଚରାତ୍ର ପାରାୟଣ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ବୁଢ଼ୁଡ଼ା ଅରବିନ୍ଦ ନଗର ଦ୍ୱିତୀୟ ଲାଇନ, ସମୟ: ସନ୍ଧ୍ୟା ୬ଟା।

## ଜଗତସିଂହପୁର
- ସତ୍ୟସାଇ ସେବା ଅନୁଷ୍ଠାନ ପକ୍ଷରୁ ବାଲିମେଳା ଓ ସମୂହ ପ୍ରାର୍ଥନା, ସ୍ଥାନ: ସାଇ ମନ୍ଦିର, ନୂଆବଜାର, ପାରାଦୀପ, ସମୟ: ସକାଳ ୬ଟା।
- ଜଗନ୍ନାଥ ଲଳିତ କଳା ସଂସଦର କଳାକାର ସମ୍ମିଳନୀ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଲକି ସ୍ପୋର୍ଟ କ୍ଲବ ପକ୍ଷରୁ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି, ସ୍ଥାନ: ଟାଉନ ହାଇସ୍କୁଲ ଖେଳପଡ଼ିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।

## ନୟାଗଡ଼
- ମା' ବୈଷ୍ଣୋ ଦେବୀଙ୍କ ପ୍ରାଣ ପ୍ରତିଷ୍ଠା ଓ ଶକ୍ତି ଯଜ୍ଞ ଅବସରରେ ଅଙ୍କୁରାରୋପଣ, ସ୍ଥାନ: ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତର ଜାମୁଝୋଲ, ସମୟ: ସକାଳ ୬ଟା।
- କବି ସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ୨୮୭ତମ ଜୟନ୍ତୀ ସମାରୋହରେ କବିତା ପାଠ ଓ ଆଲୋଚନା ଚକ୍ର, ସ୍ଥାନ: ଶରଣକୁଳ ଭିକାରୀପଡ଼ାସ୍ଥିତ କବି ସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ପଲଟନ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ବି. ଆର୍. ଆମ୍ବେଦକର ଜାତୀୟ ମହାବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ, ସ୍ଥାନ: ଡମ୍ବଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱଳ୍ପ କାଳୀନ ଏବଂ ଦୀର୍ଘ ମିଆଦି ପ୍ରଶିକ୍ଷଣ ସମ୍ବନ୍ଧୀୟ ସୂଚନା ଏବଂ ଚୟନ କାର୍ଯ୍ୟକ୍ରମ, ସ୍ଥାନ: କାଶୀପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କଲ୍ୟାଣସିଂପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଦିଶା ବୈଠକର ସମୀକ୍ଷା, ସ୍ଥାନ: ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ ଟା।
- ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।
- ମା' ମାଣିକେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ଗୋବର୍ଦ୍ଧନ ଖେଳପଡ଼ିଆ, ମୁନିଗୁଡ଼ା, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ବାଘୁଆ ବେଉଳ ପଞ୍ଚପଟ ଉତ୍ସବ ପଡ଼ିଆ, ଗୁଣପୁର, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଏନ୍‌ଜିଏମ୍‌ଆର୍‌ଇଜିଏସ୍ ଜନଶୁଣାଣି, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଚତୁର୍ଥ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ୍ ଜାମ୍ବୋରୀ ସମାବେଶ, ସ୍ଥାନ: ଝରିଗାଁ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।

## କୋରାପୁଟ
- ଶବରୀ ନାରାୟଣ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଦୁଦାଇ ପଞ୍ଚାୟତ ବିଲାପୁଟ ଗ୍ରାମ, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ଜିଲ୍ଲା ରାଜସ୍ୱ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଲୋଚନା ଚକ୍ର, ସ୍ଥାନ: ଶ୍ରୀ ବିକ୍ରମ ସରକାରୀ ବାଲୁ ଓ ଜାରୁକଳା ବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ଆଇଟି ପାର୍କ ଉଦ୍‌ଘାଟନ, ସ୍ଥାନ: ଉମୁରି, ଜୟପୁର, ସମୟ: ଅପରାହ୍ନ ୨ଟା ୩୦।

## ମାଲକାନଗିରି
- ଜିଲ୍ଲାସ୍ତରୀୟ ଏକ୍ସିଗ୍ରେଡ ଟିଚର୍ସ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ନିପୁଣ ଓଡ଼ିଶା ମେଳା, ସ୍ଥାନ: ଏମ୍‌ଭିକେ-୫୫ ଗାଁ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଜଙ୍ଗଲ ସୁରକ୍ଷା ଶୋଭାଯାତ୍ରା, ସ୍ଥାନ: ଖଇରପୁଟ ଆଶ୍ରମ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜିତ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ରାମ ଚରିତ ମାନସ କାର୍ଯ୍ୟକ୍ରମ, ସ୍ଥାନ: ଦେବେଇପାଲି ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅୟୋଜିତ ରାଜଯୋଗ କାର୍ଯ୍ୟକ୍ରମ, ସ୍ଥାନ: ଦାମକଳ ସ୍ଥିତ ଶିବ ଦର୍ଶନ ଆଶ୍ରମ, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର
- ନବାନ୍ନ ପାରାୟଣର ଚତୁର୍ଥ ଦିବସ, ସ୍ଥାନ: ମେଟାକାନି ଛକ, ଘିଚାପାଲି ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ୧୭ ତମ ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ମ୍ୟାଚ, ସ୍ଥାନ: ମେଣ୍ଟିଳିପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଦାଦରପାଲି କ୍ରିକେଟ କପ୍‌ର ତୃତୀୟ ଦିବସ, ସ୍ଥାନ: ଦାଦରପାଲି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ପରିବର୍ତ୍ତିତ ଜୀବନଶୈଳୀ ଆହ୍ୱାନ ପାଇଁ ଭୂକମ୍ପରୋଧୀ ପ୍ରଦର୍ଶନୀ, ସ୍ଥାନ: ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା
- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପାଠ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ମାଘ ଚତୁର୍ଦ୍ଦଶୀ ଉପଲକ୍ଷେ ଶିବ ସହସ୍ର ନାମ ପାଠ ଓ ପଞ୍ଚ ଉପଚାର ପୂଜା, ସ୍ଥାନ: ଶିବ ମନ୍ଦିର, ମରାକୁଠା, ସମୟ: ସକାଳ ୮ଟା।
- ଚତୁର୍ଦ୍ଦଶୀ ଅବସରରେ ସୁନ୍ଦରା କାଣ୍ଡ ପଠନ, ସ୍ଥାନ: ଭଙ୍ଗ ଖୋଲ ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ରାମଚରିତ ମାନସ ନବାହ ପାରାୟଣ ଓ ପୂଜା, ସ୍ଥାନ: ବାନ୍ଧବହାଲ ଦାନବାନ୍ଧବ କ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ଅଲେଖ ନିରଞ୍ଜନଙ୍କ ପୁଣ୍ୟ ପୁରାଣ ପଠନ, ସ୍ଥାନ: ପଶ୍ଚିମ ମହିମା ମଠ, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରଛାତ୍ରୀଙ୍କ ଦ୍ୱାରା ବୀର ସୁରେନ୍ଦ୍ର ସାଏ ନାଟକ ପ୍ରଦର୍ଶନ, ସ୍ଥାନ: ପୁଷ୍ପଧାପାଲି ଉଚ୍ଚ ବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ଦେବଗଡ଼
- ସଡ଼କ ସୁରକ୍ଷା ମାସର ପଦଯାତ୍ରା ପାଳନ, ସ୍ଥାନ: ଦେବଗଡ଼ର ସବକଲେକ୍ଟର କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୯।
- ଆବାସିକ ସ୍କୁଲ ଶିକ୍ଷକଙ୍କ ୫ ଦିନିଆ ତାଲିମ ଶିବିର, ସ୍ଥାନ: ରାଜା ବାସୁଦେବ ହାଇସ୍କୁଲ ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟ, ସ୍ଥାନ: ରାଜା ବାସୁଦେବ ହାଇସ୍କୁଲ, ଦେବଗଡ଼ ସହର, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଙ୍କ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଲାଲସୀଏପଡ଼ା ଖଡ଼ିଆଳ, ସମୟ: ସକାଳ ୯ଟା।

## ବୌଦ୍ଧ
- ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀରାମଚନ୍ଦ୍ରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ଯଜ୍ଞାରମ୍ଭ, ସ୍ଥାନ: ନାରାୟଣନଗର, ବୌଦ୍ଧ, ସମୟ: ସକାଳ ୯ଟା।
- ଅନୁରଗଡ଼ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ମନମୁଣ୍ଡା, କଣ୍ଟାମାଳ, ସମୟ: ଅପରାହ୍ନ ୪ ଟା।
- ତୃତୀୟ ହରଭଙ୍ଗା ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ହରଭଙ୍ଗା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ବିକାସକାରକ ଗ୍ରହ ଶୁକ୍ରଙ୍କ ନକ୍ଷତ୍ରରେ ରହିଥିବାରୁ ବିଜୟପ୍ରିୟ ହେବେ। ଈର୍ଷାପରାୟଣ ସମ୍ପର୍କୀୟଙ୍କ ଖରାପ କଥା ମନକୁ ବାଧିବ। ବ୍ୟବସାୟ, ନିର୍ମାଣ, ବିବାଦୀୟ ଘଟଣା ଓ ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ନ ହେଲେ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ବୃଷ**
ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ସହ ବ୍ୟବସାୟ ସୁଫଳ ପ୍ରଦାନ କରିବ। ସଭାସମିତିରେ ବନ୍ଧୁମିଳନ ଘଟିବ ଏବଂ ହାତକୁ ବି ପଇସା ମଧ୍ୟ ଭିଜିବ ବାଟରୁ ଆସିବ। କର୍ମକ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ, କିନ୍ତୁ ଘର କଥା ଯୋଗିଁ ଅନ୍ତି ସେମିତି ରହିବ। କୌଣସି ବିବାଦୀୟ ଘଟଣାରେ ମଧ୍ୟସ୍ଥତାକରି ଅପମାନିତ ହୋଇପାରନ୍ତି।

**ମିଥୁନ**
ବନ୍ଧୁଙ୍କ ସାହାଯ୍ୟ ସହଯୋଗରୁ ସନ୍ତାନହେତୁକ ଅର୍ଥର ଆବଶ୍ୟକତା ପୂରଣ କରିପାରିବେ। ଖୋଜୁଥିବା ବ୍ୟକ୍ତି ହଠାତ୍ ଆପଣଙ୍କ ପାଖକୁ ସ୍ୱତଃପ୍ରବୃତ୍ତ ଭାବରେ ଚାଲିଆସିବେ। ପାରିବାରିକ ସମସ୍ୟା ପୂର୍ବପରି ରହିପାରେ, କିନ୍ତୁ ବିଶେଷ କିଛି ଅସୁବିଧା ରହିବ ନାହିଁ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ**
ଆଜିର ପାରିବାରିକ ପ୍ରତିକୂଳତା ଆପଣଙ୍କ ଉପରେ କୌଣସି ପ୍ରଭାବ ପକାଇପାରିବ ନାହିଁ। କର୍ମକ୍ଷେତ୍ରରେ ଟେନ୍‌ସନ ବୃଦ୍ଧିପାଇବ ଏବଂ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଅର୍ଥନୈତିକ ଦୃଷ୍ଟିକୋଣରୁ କେତେକ ବ୍ୟତିକ୍ରମ ସକାଶେ ଚିନ୍ତିତ ରହିପାରନ୍ତି। ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟାକରି ଅପଦସ୍ଥ ହୋଇପାରନ୍ତି।

**ସିଂହ**
ସାମାନ୍ୟ ଅବହେଳାରୁ ବଡ଼ ସୁଯୋଗଟିଏ ହାତଛଡ଼ା ହେବା ଅନୁଭବ କରିପାରନ୍ତି। ସଭାସମିତିରେ ଆଲୋଚନା, ବୁଦ୍ଧିଜୀବୀ, ଶିକ୍ଷା, ଯାତ୍ରା, ବାଣିଜ୍ୟ, ବନ୍ଧୁ ସମ୍ପର୍କରେ ଉନ୍ନତି ଘଟିପାରେ। ଉତ୍ତମ ଯୁକ୍ତିମାଶୀଳତା ପାରିବାରିକ କ୍ଷେତ୍ର ପୂର୍ବପରି ଉତ୍ତମ ରହିବ। କଳା, ସାହିତ୍ୟ, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**
ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ଦୃଷ୍ଟି ପ୍ରଭାବରୁ ଭାଇ, ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ କଳହର କାରଣ ହେବ। ଆଜିର କର୍ମକ୍ଷେତ୍ରରେ ଯାହା ଆଶା କରୁଛନ୍ତି ତାହା ପାଇବା ସହଜସାଧ୍ୟ ନ ହୋଇପାରେ। ପ୍ରତ୍ୟେକ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ। କଳା, ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ତୁଳା**
ସକାଳୁ ଜଣେ ବନ୍ଧୁଙ୍କ ଆବିର୍ଭାବ ପାରିବାରିକ ଜୀବନକୁ ଚଳଚଞ୍ଚଳ କରିବ। ସବୁ ଅଭାବ, ଅସୁବିଧାକୁ ପଛରେ ପକାଇ କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ଅଗ୍ରାଧିକାର ଦେବେ। ବିବାଦୀୟ ଘଟଣାରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହୋଇପାରିବେ। ଦୈହିକ ଦୁର୍ବଳତାଜନିତ ସ୍ୱାସ୍ଥ୍ୟହାନି କେତେକାଂଶରେ ନିୟନ୍ତ୍ରାଧୀନ ରହିପାରେ।

**ବିଛା**
ବନ୍ଧୁମିଳନର ଯୋଗାଯୋଗରେ ମଧ୍ୟ ମନରେ ସରସତା ନ ଥିବାରୁ ମାନସିକ ସ୍ଥିରତା ରହିବ ନାହିଁ। ଯାତ୍ରା, ଯୋଗାଯୋଗ, ସଭ୍ୟଙ୍କ, ଆଲୋଚନା ଜାରି ରଖିଲେ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ କ୍ଷେତ୍ରରେ ତତ୍ପର ରହିବେ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ଧନୁ**
ଆଜି ଯାହା ଚିନ୍ତା କରୁଛନ୍ତି ତାହା କାମ ସମୟକୁ ଓଲଟା ହୋଇଯାଇପାରେ। ଦୃଢ଼ ମନୋବଳ ନେଇ କାମ କରିବାର ସୁଯୋଗ ପାଇବେ। ମାଲିକଙ୍କ ମାନରେ ସ୍ଥିତି ଅନୁକୂଳ ହୋଇପାରେ। ଫଳରେ ଆଶ୍ୱସ୍ତି ଲାଭ କରିପାରନ୍ତି। ପରିବାର, କର୍ମକ୍ଷେତ୍ର, ବନ୍ଧୁବର୍ଗ, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ର ପୂର୍ବପରି ରହିବ।

**ମକର**
ଅନ୍ୟର କାନକୁହା କଥାରେ ପରିଚାଳିତ ହେଲେ ପଶ୍ଚାତରେ ମନସ୍ତାପ କରିବେ। ମନ କଥା ମନରେ ରଖି ବିନୟଭାବ ପୋଷଣ କରିପାରିଲେ ସୁବିଧାରେ କାମ ହାସଲ କରିପାରିବେ। ବାଣିଜ୍ୟ, ପରିବହନ, ଆଲୋଚନା ଓ ରାଜନୀତି କ୍ଷେତ୍ର ଭଲ ରହିବ। ବନ୍ଧୁଙ୍କ ପରାମର୍ଶରେ ସମସ୍ୟା ସମାଧାନର ରାସ୍ତା ଖୋଜିପାଆରନ୍ତି।

**କୁମ୍ଭ**
ଆପଣଙ୍କ କାର୍ଯ୍ୟକୁ ବାଧ୍ୟଲୋକମାନେ ଯେତିକି ଆଦର କରିବେ ନିଜ ଲୋକ ତାହାର ଓଲଟା ବ୍ୟବହାର କରିପାରନ୍ତି। ଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ। ଆକସ୍ମିକ ଦରକାର ପଡ଼ୁଥିବା ସମୟରେ ଅର୍ଥାଭାବ ଦୁଶ୍ଚିନ୍ତାର କାରଣ ହୋଇପାରେ। ଧର୍ମାନୁଷ୍ଠାନର ନେତୃତ୍ୱ ଲାଭକରି ସାମାଜିକ ସ୍ତରରେ ପ୍ରଶଂସିତ ହେବେ।

**ମୀନ**
ନୂତନ କର୍ମୀରସ୍ତ ସାଙ୍ଗକୁ ସହକର୍ମୀଙ୍କ ସାହାଯ୍ୟକାରୀ ପରାମର୍ଶ ଓ ପ୍ରେରଣା କାମକୁ ଆସିବ। ପରିବାରରେ ମତାନ୍ତରରେ ଅଶାନ୍ତି ଝଳକ ଦେଖିବାକୁ ମିଳିପାରେ। କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଓଡ଼ା ବୃତ୍ତି ଓ କୃତିତ୍ୱ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ବନ୍ଧୁଙ୍କ ସହ ଆଲୋଚନା ପ୍ରତିପ୍ରଦ ରହିବ।

ଆଜି ଜାନୁଆରୀ ୨୮ ତାରିଖ, ଲାଲ ଲଜପତ୍ ରାୟଙ୍କ ଜୟନ୍ତୀ, ମାଘ କୃଷ୍ଣପକ୍ଷର ଚତୁର୍ଦ୍ଦଶୀ, ମଙ୍ଗଳବାର। ଦିବା ଘ. ୦୮।୫୭ ମି. ଗତେ ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ତତ୍ପରେ ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୩।୧୩ ଗତେ, ଘ.୦୮।୫୩ ମଧ୍ୟେ, ଘ.୦୧।୦୬ ଗତେ, ଘ.୦୧।୨୨ ମଧ୍ୟେ ଶୁଭ ଶୁଭକାଳ। ଦିବା ଘ.୦୨।୪୬ ଗତେ, ଘ.୦୪।୦୯ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ଆଜିଠୁ 'ଉତ୍କର୍ଷ ଓଡ଼ିଶା'...
ହେବ। ପୂର୍ବ ସରକାର ସମୟରେ ଗୁଡ଼ ଦଶନ୍ଧି ଧରି ସମ୍ଭାବ୍ୟକର ସମ୍ଭାବନା ଥାଇ ବି ଓଡ଼ିଶା ଶିଳ୍ପର ମଲ୍ଲହୁମି ପାଲିଥିଲା। ଶିଳ୍ପ କ୍ଷେତ୍ରରେ ଓଡ଼ିଶା ବହୁତ ଆଗକୁ ଯିବ। ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ସହ ଶିଳ୍ପର ଭଲୋ ହବ୍ କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା କିଭଳି ଶିଳ୍ପ କ୍ଷେତ୍ରରେ ଆଗକୁ ଯିବ ତାହା ସରକାରଙ୍କ ପରିକଳ୍ପନା। ମେକ୍ ଇନ୍ ଇଣ୍ଡିଆ ପ୍ରଧାନମନ୍ତ୍ରୀଙ୍କର ବ୍ରେନ୍ ଚାଇଲ୍ଡ ଥିଲା। ଦେଶ ବିଦେଶରୁ ବଡ଼ ବଡ଼ ବିନେଶକାମାନେ ଆସିଥିଲେ ଏବଂ ଭାରତର ଭିନ୍ନ ଭିନ୍ନ ସ୍ଥାନରେ ପୁଞ୍ଜି ନିବେଶ କରିଥିଲେ। ସେହିପରି ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ନିବେଶକମାନେ ନିବେଶ କରିବେ। କନ୍‌କ୍ଲେଭରେ ୪ଟି ପ୍ଲେନାରି ଅଧିବେଶନ ଏବଂ ୧୬ଟି କ୍ଷେତ୍ରୀୟ ଅଧିବେଶନ ରହିବ। ସେମି କଣ୍ଡକ୍ଟର, ଗ୍ରୀନ୍ ଏନର୍ଜି, ପେଟ୍ରୋ କେମିକାଲ ଓ ଜାହାଜ ନିର୍ମାଣ ଉପରେ ଫୋକସ ଦିଆଯାଉଥିବା ମନ୍ତ୍ରୀ କହିଛନ୍ତି। ଭାଜପା ସରକାରରେ ଗତ ୭ ମାସରେ ୨ଲକ୍ଷ ୭୫ ହଜାର କୋଟିର ନିବେଶ ପାଇଁ ୧୫୭ଟି ଶିଳ୍ପ ସଂସ୍ଥାକୁ ସିଙ୍ଗିଲ ୱିଣ୍ଡୋ ଅନୁମୋଦନ ମିଳିଛି। ଏଥିରେ ୨ ଲକ୍ଷ ୧୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ଉଦ୍‌ଘାଟନ କରିବାକୁ...
ଯୋଗେ ବାହାରି ପୂର୍ବାହ୍ନ ୧୦.୩୫ ମିନିଟ୍ ସମୟରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ପୂର୍ବାହ୍ନ ୧୦.୫୫ରେ ସେ ଜନତା ମୈଦାନରେ ପହଞ୍ଚିବେ। ପୂର୍ବାହ୍ନ ୧୧.୦୦ରୁ ମଧ୍ୟାହ୍ନ ୧୨.୩୦ ପର୍ଯ୍ୟନ୍ତ କନ୍‌କ୍ଲେଭରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବେ। ପ୍ରଧାନମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ଭାଜପା ପକ୍ଷରୁ ବିମାନବନ୍ଦରଠାରୁ ଜନତା ମୈଦାନ ପର୍ଯ୍ୟନ୍ତ ଲୋକଙ୍କୁ ଏକାଠି କରାଯିବ ବୋଲି ସୂଚନା ଦିଆଯାଇଛି। ଗତ ୭ ମାସରେ ମୋଦି ଓଡ଼ିଶାକୁ ସର୍ବାଧିକ ୫ଥର ଆସିଥିବାରୁ ଭାଜପା ପକ୍ଷରୁ ଏହି ଭବ୍ୟ ସମ୍ବର୍ଦ୍ଧନା ଦେବା ଲାଗି ଯୋଜନା କରାଯାଇଛି। ମଧ୍ୟାହ୍ନ ୧୨.୫୫ରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ବିମାନବନ୍ଦରରୁ ଉତ୍ତରାଖଣ୍ଡ ଅଭିମୁଖେ ଯାତ୍ରା କରିବା କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମସ୍ଥଳ ଓ ତାଙ୍କର ଯିବାଆସିବା ପଥରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱର ସହରରେ ସୁରକ୍ଷା କଡ଼ାକଡ଼ି ଚାଲିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରିପ୍ରେକ୍ଷୀରେ କାରକେଡ୍ କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା...
ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୋମବାର ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। କ୍ୟାବିନେଟ୍ ପାହ୍ୟା ମଧ୍ୟ ତାଙ୍କୁ ଦିଆଯାଇଛି। ଅତିରିକ୍ତ ସଚିବ ମନୋଜ କୁମାର ମହାନ୍ତିଙ୍କ ଦସ୍ତଖତରେ ଏହି ବିଜ୍ଞପ୍ତି ଜାରି କରାଯାଇଛି।

ପ୍ରକାଶ ମିଶ୍ର ଏହି ଦାୟିତ୍ୱ ପାଇବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଗୁରୁଦାୟିତ୍ୱ ମୁଖ୍ୟମନ୍ତ୍ରୀ ତାଙ୍କୁ ଦେଇଛନ୍ତି। ଏହାକୁ ସେ ସୁଚାରୁରୂପେ ତୁଲାଇବେ। ଜନହିତରେ ଯାହାସବୁ ହୋଇପାରିବ ତାହା ମିଳିମିଶି କରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ୧୯୭୭ ବ୍ୟାଚ୍ ଆଇପିଏସ୍ ଅଫିସର ପ୍ରକାଶ ମିଶ୍ର ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ସିଆର୍‌ପିଏଫ୍ ଡିଜି ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୧୯ ମସିହାରେ ଭାଜପାରେ ବିଧିବଦ୍ଧ ଭାବେ ଯୋଗ ଦେଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ସେ କଟକ ଲୋକ ସଭା ଆସନରୁ ଭାଜପା ଟିକେଟରେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ।

## ସାରା ଦେଶରେ ଲାଗୁ...
(ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ ଟାଇମ୍) ନିୟମାବଳୀ, ୨୦୨୫ ପ୍ରକାଶ କରିଛି। ସାରା ଦେଶରେ ଏକସଙ୍ଗେ ଏବଂ ଠିକ୍ ଭାବରେ ଭାରତୀୟ ମାନକ ସମୟ (ଆଇଏସ୍‌ଟି) ପ୍ରତିଷ୍ଠା ଲାଗି ଏହା ଏକ ପଦକ୍ଷେପ। ସମୟ ରେକର୍ଡ କରିବାରେ ସମାନତାକୁ ସୁନିଶ୍ଚିତ କରିବା, ଆର୍ଥିକ ସାମର୍ଥ୍ୟ ବୃଦ୍ଧି ତଥା ଜାତୀୟ ସୁରକ୍ଷା ବଢ଼ାଇବା ଏହାର ଲକ୍ଷ୍ୟ। ନ୍ୟାସନାଲ ଫିଜିକ୍ସ ଲାବରେଟୋରି (ଏନ୍‌ପିଏଲ) ଏବଂ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ମିଳିତ ଭାବେ ଏହି ପ୍ରକ୍ରିୟାକୁ ବିକଶିତ କରିଛନ୍ତି। ଆଇଏସ୍‌ଟିକୁ ମିଲିସେକେଣ୍ଡରୁ ମାଇକ୍ରୋସେକେଣ୍ଡରେ ବିଭାଜିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ନୂଆ ନିୟମାବଳୀ ଟେଲି ଯୋଗାଯୋଗ, ବ୍ୟାଙ୍କିଙ୍ଗ, ପାୱାର ଗ୍ରୀଡ୍, ବ୍ୟାଙ୍କିଙ୍ଗ, ଡିଜିଟାଲ ଗଭର୍ନାନ୍ସ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ସେକ୍ଟରରେ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି। ଏଣୁତି ଅଧିକାଂଶ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା (ଟିଏସ୍‌ପି) ଏବଂ ଇଣ୍ଟରନେଟ୍ ସେବା ପ୍ରଦାନକାରୀ (ଆଇଏସ୍‌ପି)ଗୁଡ଼ିକ ଆଇଏସ୍‌ଟି ବଦଳରେ ଜିପିଏସ୍ ଭଳି ବିଦେଶୀ ସମୟ ଉତ୍ସ ଉପରେ ନିର୍ଭର କରୁଛନ୍ତି, ଯାହା ସାଇବର ସୁରକ୍ଷା ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ବିଶ୍ୱସନୀୟତା ପ୍ରତି ବିପଦ ସୃଷ୍ଟି କରିଛି। ଓ୍ୱାନ୍ ନେସନ୍, ଓ୍ୱାନ୍ ଟାଇମ୍ ପାଇଁ ଏକ କମିଟି ଗଠନ କରାଯାଇଥିଲା, ଯେଉଁଥିରେ ଏନ୍‌ପିଏଲ, ଇସ୍ରୋ, ଆଇଆଇଟି କାନ୍‌ପୁର, ଏନ୍‌ଆଇସି, ଏସ୍‌ଇଆର୍‌ଟି-ଇନ୍, ସେବି ଏବଂ ରେଲୱେ, ଟେଲିକମ୍, ଆର୍ଥିକ ସେବା ଆଦି ବିଭାଗ ପ୍ରତିନିଧି ରହିଛନ୍ତି। ଜାନୁଆରୀ ୧୫ରେ ଚିଠା ନିୟମାବଳୀ ପ୍ରକାଶ ପାଇଥିବାବେଳେ ଏଥିପାଇଁ ଜନସାଧାରଣଙ୍କ ପରାମର୍ଶ ମଗାଯାଇଛି। ଖାଉଟି ବ୍ୟାପାର ବିଭାଗ ଓ୍ୱେବ୍‌ସାଇଟ୍ ଜରିଆରେ ମତାମତ ପଠାଇବାର ଶେଷ ତାରିଖ ଫେବୃଆରୀ ୧୪ ରହିଛି।

## ମଧୁସୂଦନ ପାତ୍ରୀ ରାଜ୍ୟ...
ପ୍ରକାଶ କରାଯାଇଛି। ୨୦୨୭ରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପୂର୍ବରୁ ତାଙ୍କୁ ସରକାର ରାଜ୍ୟର ନୂଆ ନିର୍ବାଚନ କମିଶନର ଭାବେ ନିଯୁକ୍ତ କରିଛନ୍ତି। ଭାରତ ସମ୍ବିଧାନର ଧାରା '୨୪୩-କ'ର ଉପଧାରା (୧) ଅନୁଯାୟୀ ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମ୍ପାତି ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି। ଦୀର୍ଘ ବର୍ଷର ଚାକିରିକାଳ ମଧ୍ୟରେ ସେ ବାଣିଜ୍ୟ ଓ ପରିବହନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଗ୍ରାମ୍ୟ ଉନ୍ନୟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଭଳି ବିଭିନ୍ନ ବିଭାଗର ପଦ ପଦବୀରେ ରହି ଓଡ଼ିଶା ସରକାରଙ୍କ ପାଇଁ କାମ କରିଛନ୍ତି।

ସୂଚନାଯୋଗ୍ୟ, ଏବେ ପୂର୍ବତନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ରାଜ୍ୟ ନିର୍ବାଚନ କମିଶନର ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୯ରେ ତତ୍କାଳୀନ ବିଜେଡି ସରକାର ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦେଇଥିଲେ। ତାଙ୍କର କାର୍ଯ୍ୟକାଳ ୨୦୨୫ ଅଗଷ୍ଟ ମାସରେ ଶେଷ ହୋଇଛି। ତେବେ ନୂତନ ନିର୍ବାଚନ କମିଶନର ନିଯୁକ୍ତି ହୋଇ ନ ଥିବାରୁ ସେ ଏବେ ମଧ୍ୟ ନିର୍ବାଚନ କମିଶନର ଦାୟିତ୍ୱ ତୁଲାଉଥିଲେ।

## କମ୍ପାନୀକୁ ଦେଲେ...
ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏଭଳି ପରିପ୍ରେକ୍ଷୀରେ ବେରୋଜଗାରଙ୍କ ପାଇଁ ଚିନ୍ତା କରିବା ବଦଳରେ କମ୍ପାନୀ ପ୍ରତି ସରକାରଙ୍କ ଅନୁଗ୍ରହ ରହିବା ସାଧାରଣରେ ଗ୍ରହଣୀୟ ହେଉନାହିଁ। ଉଦାହରଣ ଭାବେ ସେପ୍ଟେମ୍ବର ୨୦୨୪ରେ ଓଡ଼ିଶା ସରକାର ଚାର୍ଜିଂ ପଏଣ୍ଟ ପ୍ରଦାନ ବ୍ୟବସ୍ଥାକୁ ନେଇ ପରିଚାଳନା ପେଟ୍ରୋଲ ପମ୍ପ କମ୍ପାନୀ କୌଣସି ସ୍ଥାନରେ ପମ୍ପ ବସାଇବା ଲାଗି କେଉଁଠୁ କେଉଁଠି ମାନଦଣ୍ଡ ସହିତ ଟେଣ୍ଡର ଆହ୍ୱାନ କରିଥାଏ। ଏହାପରେ ଯେଉଁମାନେ ଟେଣ୍ଡରରେ ଆବେଦନ କରିଥାନ୍ତି ସେମାନଙ୍କୁ ନେଇ ଲଟେରି ବ୍ୟବସ୍ଥା ହୋଇଥାଏ। ଏହା ଏବେ ଅନଲାଇନ ମାଧ୍ୟମରେ ହେଉଛି। ଯିଏ ଲଟେରିରେ ଜିତନ୍ତି ସେପ୍ଟେମ୍ବର ପମ୍ପ କମ୍ପାନୀ ମାଲିକ ଜାଗାରେ ପମ୍ପ ସେହିମାନଙ୍କର ଯାଞ୍ଚ କରାଯାଇଥାଏ। ଫଳରେ ସାଧାରଣ ଲୋକମାନଙ୍କୁ ବ୍ୟବସାୟ କରିବା ଲାଗି ସୁଯୋଗ ମିଳିଥାଏ। ଏହି ବ୍ୟବସ୍ଥା ଚାର୍ଜିଂ ପଏଣ୍ଟ ସ୍ଥାପନ କ୍ଷେତ୍ରରେ କରାଯାଇପାରିଥାନ୍ତା। ଫଳରେ କମ୍ ଖର୍ଚ୍ଚରେ ଯୁବକମାନେ ବ୍ୟବସାୟ କରିପାରିଥାନ୍ତେ।

ରାଜ୍ୟସାରା ଚାର୍ଜିଂ ପଏଣ୍ଟ ସ୍ଥାପନ କରିବା ଲାଗି ସରକାର ପରେକ୍ଷେତ କମ୍ପାନୀ ସହ କଥା ଦୀର୍ଘଦିନରୁ କହିଆସୁଥିଲେ। ତେବେ ରାଜ୍ୟର ବିଭିନ୍ନ ସ୍ଥାନରେ ଚାର୍ଜିଂ ପଏଣ୍ଟ ସ୍ଥାପନ ଉଦ୍ଦେଶ୍ୟରେ ସରକାରଙ୍କ ପରିବହନ ବିଭାଗ ଏକ ଟେଣ୍ଡର ଆହ୍ୱାନ କରିଥିଲା। ଯେଉଁ କମ୍ପାନୀ ଏହି ଚାର୍ଜିଂ ପଏଣ୍ଟ ଗୁଡ଼ିକରେ ବସାଇବାକୁ ଇଚ୍ଛୁକ ହେବେ, ସେମାନେ ଏହି ଟେଣ୍ଡରରେ ଭାଗ ନେଇପାରିବେ। ହେଲେ ଦୁର୍ଭାଗ୍ୟର ବିଷୟ ଡି.ଭା ଇଣ୍ଟରନ୍ୟାସନାଲକୁ ଛାଡ଼ିଦେଲେ ଅନ୍ୟ କୌଣସି କମ୍ପାନୀ ଏହି ଟେଣ୍ଡର ପ୍ରକ୍ରିୟାରେ ସାମିଲ ହେଲେ ନାହିଁ। ତେବେ କେବଳ ଗୋଟିଏ କମ୍ପାନୀ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବା ସତ୍ତ୍ୱେ ସରକାର ଏହାକୁ ବାତିଲ କରିବା ପରିବର୍ତ୍ତେ ସେହି କମ୍ପାନୀକୁ ରାଜ୍ୟରେ ଚାର୍ଜିଂ ପଏଣ୍ଟ ସ୍ଥାପନ ଲାଗି ଗତ ନଭେମ୍ବର ୨୨ରେ କାର୍ଯ୍ୟାଦେଶ ପ୍ରଦାନ କରିଦେଲେ। ଏହି କମ୍ପାନୀ ପ୍ରଥମେ ଭୁବନେଶ୍ୱରରେ ଚାର୍ଜିଂ ପଏଣ୍ଟ ସ୍ଥାପନ କରିବାକୁ ଯାଉଛି। ପରିବହନ ବିଭାଗ ସହିତ ହୋଇଥିବା ଚୁକ୍ତି ମୁତାବକ ଉକ୍ତ କମ୍ପାନୀକୁ ଚାର୍ଜିଂ ପଏଣ୍ଟ ବସାଇବା ଲାଗି ରାଜ୍ୟ ସରକାର ମାଗଣାରେ ୧୦ ବର୍ଷ ପାଇଁ ଜମି ଯୋଗାଇଦେବେ। ଏହିଭଳି ସୁବିଧା ସରକାର ଶିକ୍ଷିତ ଯୁବଗୋଷ୍ଠୀଙ୍କୁ ଦେବା ଦିଗରେ ଚିନ୍ତା କରିପାରିଥାନ୍ତେ। ପ୍ରଥମ ପର୍ଯ୍ୟାୟରେ ବିଡିଏ (ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ) ଏବଂ ବିଏମ୍‌ସି (ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ) ମିଳିତ ଭାବେ ୮୭ଟି ଜମି ଚିହ୍ନଟ କରି ୧୦ ବର୍ଷିଆ ଲିଜ୍ ଏଗ୍ରିମେଣ୍ଟରେ ଡି.ଭା ଇଣ୍ଟରନ୍ୟାସନାଲ କମ୍ପାନୀକୁ ପ୍ରଦାନ କରିଥିଲେଣି। ଏହାପରେ ୨୮ଟି ସ୍ଥାନରେ ଡି.ଭା କମ୍ପାନୀ ଚାର୍ଜିଂ ପଏଣ୍ଟ ବସାଇବାକୁ କାର୍ଯ୍ୟ ଆରମ୍ଭ କରିସାରିଲାଣି। ଅନ୍ୟପଟେ ଏହି କମ୍ପାନୀକୁ ରାଜ୍ୟର ବିଭିନ୍ନ ପ୍ରମୁଖ ସହରରେ ଜମି ଯୋଗାଇଦେବା ଲାଗି ଜିଲ୍ଲାପାଳମାନଙ୍କ ମଧ୍ୟ ଚିଠି କରାଯାଇଥିବା ଜଣାପଡ଼ିଛି। ସେହିପରି ଜାତୀୟ ରାଜପଥ, ରାଜ୍ୟ ରାଜପଥ କଡ଼ରେ ମଧ୍ୟ ଏହି କମ୍ପାନୀକୁ ଜମି ଯୋଗାଇଦେବାକୁ ପରିବହନ ବିଭାଗ ପକ୍ଷରୁ ରାଜସ୍ୱ ବିଭାଗକୁ ଚିଠି କରାଯାଇଛି। ଭୁବନେଶ୍ୱର ଭିତରେ ଅନ୍ୟ କେଉଁଠି ଜମି ଆବଶ୍ୟକ ପଡ଼ିଲେ ସାଧାରଣ ପ୍ରଶାସନ(ଜିଏ) ବିଭାଗକୁ ମଧ୍ୟ ମଗାଯିବ ବୋଲି ଜଣାପଡ଼ିଛି। ତେବେ ସରକାର ଚାର୍ଜିଂ ପଏଣ୍ଟ ପାଇଁ ଯେତିକି ଜମି ଆବଶ୍ୟକ ତା'ଠାରୁ ଅଧିକ ଜମି ପ୍ରଦାନ କରୁଥିବା ଜଣାପଡ଼ିଛି। ଚାର୍ଜିଂ ପଏଣ୍ଟ ସହିତ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାର ବ୍ୟବସାୟ ମଧ୍ୟ ଉକ୍ତ କମ୍ପାନୀ କରିପାରେ ବୋଲି ଜଣେ ଅଧିକାରୀ ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ଡି.ଭା କମ୍ପାନୀ ଚାର୍ଜିଂ ପଏଣ୍ଟ ବ୍ୟବସାୟିକ ପରେ ଯେଉଁମାନେ ପ୍ଲେ ଚାର୍ଜିଂ ବ୍ୟବସ୍ଥା ନେବେ ସେମାନଙ୍କଠାରୁ ୟୁନିଟ୍ ପିଛା ୧୦ଟଙ୍କା ୩୦ ପଇସା ଲେଖାଏ ନେବ। ଯେଉଁମାନେ ସ୍ଲୋ ଚାର୍ଜିଂ ବ୍ୟବସ୍ଥା ଗ୍ରହଣ କରିବେ ସେମାନଙ୍କଠାରୁ ୟୁନିଟ୍ ପିଛା ୮ଟଙ୍କା ୪୯ ପଇସା ନେବ। ଏଥିରୁ ସରକାରଙ୍କୁ ମାତ୍ର ୧ ଟଙ୍କା ଲେଖାଏଁ ଉକ୍ତ କମ୍ପାନୀ ୟୁନିଟ୍ ପିଛା ପ୍ରଦାନ କରିବ ବୋଲି ଜଣାପଡ଼ିଛି।

ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ମୁତାବକ, ସରକାର ଚାହିଁଥିଲେ ଟେଣ୍ଡର ପ୍ରକ୍ରିୟାରେ ଗୋଟିଏ କମ୍ପାନୀ ସାମିଲ ହୋଇଥିବାରୁ ଏହାକୁ ବାତିଲ କରିପାରିଥାଆନ୍ତେ। ଅନ୍ୟପଟେ ଯେକୌଣସି ଶିକ୍ଷିତ ଏବଂ ବେକାର ଓଡ଼ିଆ ଯୁବଗୋଷ୍ଠୀଙ୍କୁ ଏହି ଟେଣ୍ଡରରେ ଭାଗ ପାଇଁ ଆବେଦନ କରିବାର ବ୍ୟବସ୍ଥା ସୃଷ୍ଟି କରାଯାଇପାରିଥାନ୍ତା। ସବୁ ଆବେଦନକାରୀ ଅନଲାଇନରେ ଫର୍ମ ପକାଇବା ସହିତ ନିଜ ଜମିର ଡାଟା ଦେବାର ସୁଯୋଗ ସୃଷ୍ଟି କରାଯାଇଥିଲେ ଅନେକଙ୍କ ହାତରେ ନିଯୁକ୍ତି ସୁବିଧା ହୋଇଥାନ୍ତା। ଏଥିପାଇଁ ଶିକ୍ଷାଗତ ଯୋଗ୍ୟତା, ଜମିର ମାଲିକାନା ଏବଂ ୩ ଫେଜ୍ ବିଦ୍ୟୁତ୍ ସଂଯୋଗ ସହିତ ଆବେଦନ ମଗାଯାଇଥିଲେ ତାହାକୁ ଯାଞ୍ଚ କରି ପରିବହନ ବିଭାଗ ୧୦ ବର୍ଷିଆ ଲାଇସେନ୍ସ ଦେଇପାରିଥାନ୍ତା। ସେଥିରେ କୌଣସି ମଧ୍ୟସ୍ଥି ରହନ୍ତା ନାହିଁ ଏବଂ ସରକାର ଜିଏସ୍‌ଟି ମାଧ୍ୟମରେ ଲାଭବାନ ହୋଇପାରିଥାନ୍ତେ।

ପରିବହନ କମିଶନର ଅମିତାଭ ଠାକୁର କହିଛନ୍ତି, ଚାର୍ଜିଂ ଷ୍ଟେସନ କେହି ବି ବସାଇପାରିବେ। ଯେହେତୁ ଲୋକମାନେ ଚାର୍ଜିଂ ଷ୍ଟେସନ ବସାଇବା ଲାଗି ଇଚ୍ଛୁକ ହେଉନଥିଲେ ସେଥିଲାଗି ଟେଣ୍ଡର ଜରିଆରେ ଏକ କମ୍ପାନୀକୁ ଚାର୍ଜିଂ ଷ୍ଟେସନ ବସାଇବା କାମ ଦିଆଗଲା। ଏବେ ବି ଚାହିଁଲେ ଜଣେ ସାଧାରଣ ଲୋକ ଚାର୍ଜିଂ ଷ୍ଟେସନ ବସାଇପାରିବେ। ପ୍ରଥମ ପର୍ଯ୍ୟାୟରେ ଡି.ଭା ଇଣ୍ଟରନ୍ୟାସନାଲକୁ ୮୭ଟି ସ୍ଥାନରେ ଚାର୍ଜିଂ ଷ୍ଟେସନ ବସାଇବା ଦାୟିତ୍ୱ ଦିଆଯାଇଛି। ଭୁବନେଶ୍ୱର, କଟକ ଏବଂ ବିଭିନ୍ନ ଜିଲ୍ଲା ମୁଖ୍ୟାଳୟରେ ୩ ମାସ ମଧ୍ୟରେ ଏହି କାର୍ଯ୍ୟ ସରିବ। ଆଗକୁ ରାଜ୍ୟର ସବୁଆଡେ ଏହି ଷ୍ଟେସନ ବସାଇବା କାର୍ଯ୍ୟ ହେବ ବୋଲି ସେ କହିଛନ୍ତି।


Govt. of Uttarakhand
देवभूमि रजत उत्सव
युवा कार्यक्रम एवं खेल मंत्रालय
MINISTRY OF YOUTH AFFAIRS AND SPORTS
सत्यमेव जयते
INDIA
38th NATIONAL GAMES
Uttarakhand 25
SILVER JUBILEE YEAR
SANKALP SE SHIKHAR TAK
38th NATIONAL GAMES, UTTARAKHAND
28 January-14 February, 2025
Pushkar Singh Dhami
Chief Minister, Uttarakhand
Narendra Modi
Prime Minister
INAUGURATION
by
Narendra Modi
Prime Minister
gracious presence
Lt Gen Gurmeet Singh
PVSM, UYSM, AVSM, VSM, (Retd.)
Governor, Uttarakhand
Pushkar Singh Dhami
Chief Minister, Uttarakhand
Dr. Mansukh Mandviya
Minister, Sports, Youth Affairs Labour and Employment Government of India
Reetu Khanduri Bhushan
Speaker
Uttarakhand Leg. Assembly
Raksha Nikhil Khadse
State Minister, Sports & Youth Affairs Government of India
Rekha Arya
Minister, Sports and Youth Welfare, Uttarakhand
Dr. P.T. Usha
President
Indian Olympic Association & MP
Chris Jenkins
President
CWG
28 January, 2025 | 1600 Hrs | Maharana Pratap Sports College, Dehradun
Devbhoomi se Khelbhumi
• National Games to be held at Dehradun, Rishikesh Tehri, Udham Singh Nagar, Haldwani, Haridwar, New Tehri, Nainital, Almora, Pithoragarh and Champawat
• Approximately 10,000 Players from across the Country will show their talent.
• Tournament in 35 Games
• Historic opportunity for Uttarakhand to host the games
• Promoting the sports culture to inspire the youth
• Historic milestone for Uttarakhand's Sports scenario
Attractions
• Mauli (Mascot): Inspiring the young athletes towards the highest goal Uttarakhand's State Bird Monal
• Tejaswini (Mashaal):A symbol of tradition, unity and sportsmanship
• Presentation of cultural programme by Playback singers Jubin Nautiyal, Pawandeep Rajan & Pandavas group
For more details please login:- www.38nguk.in
Live telecast on DD News.
Mauli (Mascot)
Issued in Public Interest by Department of Information & Public Relations Uttarakhand
www.uttarainformation.gov.in | DIPR_UK | UttarakhandDIPR | UttarakhandDIPR

# ବିଦେଶୀ ସହାୟତା

ଜାନୁଆରୀ ୨୦ରେ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ୍ ଶପଥ ନେବା ପରେ ବିଶ୍ୱ ରାଜନୈତିକ ଓ ରଣନୀତିକ ଦୃଶ୍ୟପଟରେ ବ୍ୟାପକ ପରିବର୍ତ୍ତନ ହେବ ବୋଲି ପର୍ଯ୍ୟବେକ୍ଷକମାନେ ଯାହା ଅନୁମାନ କରୁଥିଲେ ତାହା ସତ ହେବାରେ ଲାଗିଛି। ଟ୍ରମ୍ପଙ୍କ ଦ୍ୱିତୀୟ ପାଳିର ପ୍ରାରମ୍ଭରୁ ବେଆଇନ ଅନୁପ୍ରବେଶକୁ ବିରୋଧ, ଲିଙ୍ଗଗତ ବିଚାରରେ କେବଳ ପୁରୁଷ ଓ ମହିଳା ରହିବେ ଏବଂ ପାନାମା କେନାଲ ଦଖଲ ଭଳି ନିଷ୍ପତ୍ତି ତାଙ୍କ ପରିବର୍ତ୍ତନ ମାନସିକତାକୁ ପ୍ରକାଶ କରିଛି। ସବୁଠୁ ବଡ଼ କଥା ହେଲା ଆମେରିକାର ପ୍ରଶାସନିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି ଭଳି ନୂଆ ବିଭାଗ ସୃଷ୍ଟି କରାଯାଇଛି। ଜାନୁଆରୀ ୨୪ରେ କେବଳ ଇସ୍ରାଏଲ ଓ ଇଜିପ୍ଟକୁ ବାଦ୍ ଦେଲେ ୟୁକ୍ରେନ ସମେତ ଅନ୍ୟ ଦେଶଗୁଡ଼ିକୁ ବିଦେଶୀ ସହାୟତା ବନ୍ଦ କରିବାକୁ ଆମେରିକାର ପରରାଷ୍ଟ୍ର ସଚିବ ମାକ୍ରୋ ରୁବିଓ ଏକ ଆଭ୍ୟନ୍ତରୀଣ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି ନିର୍ଦ୍ଦେଶନାମାରେ 'ଆମେରିକା ପ୍ରଥମ' ଆଭିମୁଖ୍ୟକୁ ଗୁରୁତ୍ୱ ଦିଆଯାଇଛି। ଏହା ବ୍ୟତୀତ ଆମେରିକା ଦେଇଥିବା ବିତ୍ତୀୟ ସହାୟତାର ସମୀକ୍ଷା କରାଯିବା ସହ ଏଣିକି ଦେଶଗୁଡ଼ିକୁ ନୂଆ ପାଣ୍ଠି ଦିଆଯିବ ନାହିଁ କିମ୍ବା ନବୀକରଣ କରାଯିବ ନାହିଁ ବୋଲି ଏଥିରେ ଦର୍ଶାଯାଇଛି। କେବଳ ଇସ୍ରାଏଲ ଓ ଇଜିପ୍ଟକୁ ଜରୁରୀ ଖାଦ୍ୟ ଓ ସାମରିକ ସହାୟତା ଯୋଗାଇ ଦିଆଯିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ଆମେରିକାର ୨୦ଟି ସରକାରୀ ସଂସ୍ଥା ବିଦେଶୀ ସହାୟତାକୁ ପରିଚାଳନା କରିଥାନ୍ତି। ଏଥିରେ ୟୁନାଇଟେଡ ଷ୍ଟେଟ୍ସ ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭଲପ୍‌ମେଣ୍ଟ(ୟୁଏସ୍‌ଏଆଇଡି)ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସୂଚନାଯୋଗ୍ୟ ଯେ, ଟ୍ରମ୍ପଙ୍କ ଶପଥ ଗ୍ରହଣ ପୂର୍ବରୁ ଇସ୍ରାଏଲ ଓ ହମାସ ଯୁଦ୍ଧବିରତି ଘୋଷଣା ହେବା ସମସ୍ତଙ୍କୁ ଚକିତ କରିଥିଲା। ଏବେ ଉଭୟ ପକ୍ଷର ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ତଥା ହମାସ କବଳରେ ଥିବା ଇସ୍ରାଏଲୀ ପଣବନ୍ଦୀଙ୍କୁ ପର୍ଯ୍ୟାୟକ୍ରମେ ମୁକ୍ତ କରିବା ପ୍ରକ୍ରିୟା ଜାରି ରହିଛି। ଯୁଦ୍ଧ ବିରତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ ଇସ୍ରାଏଲକୁ ସାମରିକ ସହଯୋଗ ଜାରି ରଖିବା ନିଷ୍ପତ୍ତିରୁ ଏହା ସ୍ପଷ୍ଟ ଯେ, ପୂର୍ବତନ ରାଷ୍ଟ୍ରପତି ବାଇଡେନ ପ୍ରଶାସନର ଇସ୍ରାଏଲ ଆଭିମୁଖ୍ୟକୁ ଟ୍ରମ୍ପ୍ ବଜାୟ ରଖିଛନ୍ତି। ଉଲ୍ଲେଖନୀୟ ଯେ, ଟ୍ରମ୍ପ୍ ତାଙ୍କ ପ୍ରଥମ ପାଳିରେ ବୃଦ୍ଧି କରିଥିବା ଆମଦାନୀ ଶୁଳ୍କକୁ ବାଇଡେନ ଅପରିବର୍ତ୍ତିତ ରଖିଥିଲେ, ଯାହାର ଲକ୍ଷ୍ୟ ଥିଲା ଚାଇନାକୁ ଅବଦମିତ କରି ରଖିବା। ଏଥିରେ ଭାରତ, ବ୍ରାଜିଲ ଭଳି ବିକାଶଶୀଳ ଦେଶଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲେ। କିନ୍ତୁ ଚାଇନାକୁ ଆମେରିକା ରୋକିବାରେ ବିଫଳ ହୋଇଥିବା କୁହାଯାଉଛି। ଏଥର ଚାଇନା ଉପରେ ଆମଦାନୀ ଶୁଳ୍କ ୧୦ ପ୍ରତିଶତ ବୃଦ୍ଧି କରିବାକୁ ଟ୍ରମ୍ପ୍ ବିଚାର କରିଛନ୍ତି ଓ ତାହା କେତେ ସଫଳ ହେବ ଆଗକୁ ଜଣାପଡ଼ିବ।

> 'ଆମେରିକା ପ୍ରଥମ' ବୋଲି ବିଚାର କରୁଥିବା ଟ୍ରମ୍ପ୍ ତାଙ୍କ ନିଜ ଦେଶ ପାଇଁ କେତେ ଲାଭ ସୃଷ୍ଟି କରିପାରିବେ ତାହା ଭବିଷ୍ୟତ କହିବ। କିନ୍ତୁ ଏବକାର ପଦକ୍ଷେପ ତତ୍କ୍ଷଣାତ ଅନେକ ଗରିବ ଦେଶ ଉପରେ ନକାରାତ୍ମକ ପ୍ରଭାବ ପକାଇବା ଭଳି ମନେହେଉଛି।

୨୦୨୩ରେ ଆମେରିକାର ବିଦେଶୀ ସହାୟତା ପରିମାଣ ହେଉଛି ୬୮ ବିଲିୟନ ଡଲାର। ଏଥିରେ ୟୁକ୍ରେନ ସବୁଠୁ ଅଧିକ ପାଖାପାଖି ୧୭.୨ ବିଲିୟନ ଆମେରିକୀୟ ଡଲାର ପାଇଥିବାବେଳେ ଏହା ପଛକୁ ଇସ୍ରାଏଲ ପାଇଥିଲା ୩.୩ ବିଲିୟନ ଡଲାର। ତୃତୀୟରେ ଜୋର୍ଡାନ ୧.୭ ବିଲିୟନ ଡଲାର ଓ ଚତୁର୍ଥରେ ଇଜିପ୍ଟ ୧.୫ ବିଲିୟନ ଡଲାର ପାଇଥିଲେ । ତେବେ ଆମେରିକା ଗତ ଏକ ଦଶନ୍ଧିରେ ଅର୍ଥାତ୍ ୨୦୧୨ରୁ ୨୦୨୨ ମଧ୍ୟରେ ମୋଟ ବିଦେଶୀ ସହାୟତା ଆକାରରେ ୬୪୦ ବିଲିୟନ ଡଲାର ଅନ୍ୟଦେଶଗୁଡ଼ିକୁ ଦେଇଛି। ଦେଖିବାକୁ ଗଲେ ଦେଉଥିବା ବିଦେଶୀ ସହାୟତା ଏହାର ବଜେଟର ୦.୭ ପ୍ରତିଶତ। ଭାରତ ୧୯୪୭ରୁ ୨୦୧୨ ମଧ୍ୟରେ ଆମେରିକାଠାରୁ ବିଦେଶୀ ସହାୟତା ଆକାରରେ ମୋଟ ୬୫.୧ ବିଲିୟନ ଡଲାର ଗ୍ରହଣ କରିଥିବା ୟୁଏସ୍‌ଏଆଇଡିର ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି। ଆମେରିକା ଦେଉଥିବା ବିଦେଶୀ ସହାୟତା ବିଭିନ୍ନ ଦେଶରେ ମୁଖ୍ୟତଃ ଜାତୀୟ ସୁରକ୍ଷା, ଆର୍ଥିକ ଅଭିବୃଦ୍ଧି, ବୈଶ୍ୱିକ ସ୍ୱାସ୍ଥ୍ୟ, ପରିବେଶ ଓ ମାନବୀୟ ସୁରକ୍ଷା ପାଇଁ ଉପଯୋଗ ହୋଇଥାଏ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଟ୍ରମ୍ପ୍ ଜାନୁଆରୀ ୨୧ରେ ଜଳବାୟୁ ପରିବର୍ତ୍ତନ ମୁକାବିଲା କ୍ଷେତ୍ରରେ ୨୦୧୫ରେ ଗୃହୀତ ପ୍ୟାରିସ ଚୁକ୍ତିରୁ ଓହରିଯିବା ସମ୍ପର୍କରେ ସୂଚିତ କରିବା ପରେ ସଙ୍କଟ ବଢ଼ିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଏହି ଚୁକ୍ତିରେ ଗ୍ରୀନ୍ ହାଉସ୍ ଗ୍ୟାସ୍ ବା ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରି ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲସିୟସ୍‌ରେ ସୀମିତ ରଖିବା ପାଇଁ ୨୦୦ ଦେଶ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ତେବେ ଟ୍ରମ୍ପଙ୍କର ଏବକାର ନିଷ୍ପତ୍ତି ମଧ୍ୟ ଭବିଷ୍ୟତରେ ଆମେରିକାର ଆର୍ଥିକ ଓ ପରିବେଶଗତ କ୍ଷତି ଘଟାଇବ। ବିଶ୍ୱରେ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡ଼ିକୁ ସବୁଠୁ ଅଧିକ ଅର୍ଥ ଆମେରିକା ଯୋଗାଉଥିବାରୁ ଗରିବ ଦେଶଗୁଡ଼ିକ ଏଥିରେ ପ୍ରଭାବିତ ହେବାର ଆଶଙ୍କା ଦେଖାଯାଇଛି। ୨୦୨୩ରେ ଏହି ସ୍ୱାସ୍ଥ୍ୟ କ୍ଷେତ୍ରକୁ ସହାୟତା ପରିମାଣ ଥିଲା ୧୨.୯ ବିଲିୟନ ଡଲାର। ଏଣୁ 'ଆମେରିକା ପ୍ରଥମ' ବୋଲି ବିଚାର କରୁଥିବା ଟ୍ରମ୍ପ୍ ତାଙ୍କ ନିଜ ଦେଶ ପାଇଁ କେତେ ଲାଭ ସୃଷ୍ଟି କରିପାରିବେ ତାହା ଭବିଷ୍ୟତ କହିବ। କିନ୍ତୁ ଏବକାର ପଦକ୍ଷେପ ତତ୍କ୍ଷଣାତ ଅନେକ ଗରିବ ଦେଶ ଉପରେ ନକାରାତ୍ମକ ପ୍ରଭାବ ପକାଇବା ଭଳି ମନେହେଉଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 9 | 1 | | 5 |
| | 7 | | 8 | | 1 | | 4 | |
| | | | 6 | | | | 8 | 7 |
| | | | 2 | | | | 1 | |
| | 2 | 7 | | | | | | 6 |
| | 4 | 8 | | | | 9 | 5 | |
| | | | | 4 | | | 6 | 8 |
| 5 | | | | | | | | |
| | | 4 | | 1 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 6 | 8 | 5 | 9 | 2 | 4 | 1 |
| 5 | 2 | 4 | 3 | 1 | 6 | 8 | 9 | 7 |
| 9 | 8 | 1 | 4 | 7 | 2 | 5 | 6 | 3 |
| 4 | 5 | 2 | 1 | 9 | 3 | 7 | 8 | 6 |
| 1 | 9 | 8 | 5 | 6 | 7 | 3 | 2 | 4 |
| 7 | 6 | 3 | 2 | 4 | 8 | 9 | 1 | 5 |
| 8 | 1 | 9 | 7 | 3 | 4 | 6 | 5 | 2 |
| 2 | 4 | 7 | 6 | 8 | 5 | 1 | 3 | 9 |
| 6 | 3 | 5 | 9 | 2 | 1 | 4 | 7 | 8 |

ଗତ ସଂସ୍କରଣର ଉତ୍ତର

# ଆମ ଲୋକଭାଷା, ଆମ ସାହିତ୍ୟ



ସୁଜାତା ମହାପାତ୍ର

'ଧୋ'ରେ ବାଇଆ ଧୋ', ଯେଉଁ କିଆରିରେ ଗହଳ ମାଣ୍ଡିଆ ସେହି କିଆରିରେ ଶୋ''। ଆଜିର ଲୁହା, କଂକ୍ରିଟର ସହରରେ ଗହଳ ମାଣ୍ଡିଆ କିଆରି ନାହିଁ ସତ ହେଲେ ବହୁତଳ ପ୍ରାସାଦର କେଉଁ ଏକ ଫ୍ଲାଟ ଘରୁ ଏ ଶବ୍ଦ ଉଡ଼ି ଆସି କାନରେ ବାଜିଲେ ଆଜି ବି ମନେ ପଡ଼ିଯାଏ ମାଆ ଓ ତା'ର ଝାଳ ସଲବଲ କଅଁଳ କାନି। ଏହା ହିଁ ଏହି ଶବ୍ଦମାନଙ୍କର ଯାଦୁକରି। ଏ ଅନୁଭବରୁ ଅଛୁଆଁ ନୁହନ୍ତି କେହି ବି। ଶିଶୁଟିଏ ଜନ୍ମହେବା ପରେ ପରେ ସାହିତ୍ୟ ବୋଲି ଶୁଣିଥିବା ପ୍ରଥମ ଶବ୍ଦ ହେଉଛି ତା'ମାଆର ଅନ୍ତନିଗିଡା କିଛି ଗୀତ। ସେହି ଗୀତ ଓ ସ୍ୱର ଆଜୀବନ ତା'ଦେହରେ ପ୍ରାଣହୋଇ ପ୍ରବାହିତ ହେଉଥାଏ। ସଂସ୍କୃତ ବା ଅନ୍ୟ କୌଣସି ଦେଶୀ, ବିଦେଶୀ ଶବ୍ଦଙ୍କ ଆଟୋପରହିତ ମାତ୍ର କିଛି ସାଧାରଣ ମୌଖିକ ଶବ୍ଦ କିଭଳି ନିଜକୁ ବଞ୍ଚାଇ ରଖି ପିଢ଼ିରୁ ପିଢ଼ିକୁ ପ୍ରବାହିତ ହେଉଥାଏ,ଭାବିଲେ ଆଶ୍ଚର୍ଯ୍ୟ ଲାଗେ ! ଯଦି ଏହା ଏକମାତ୍ର ସତ୍ୟ ଯେ ନିଜ ଭାଷା, ନିଜ ଶବ୍ଦ ଓ ନିଜ ସ୍ୱର ହିଁ ସାହିତ୍ୟରେ ଅଧିକ ପ୍ରଭାବିତ ତଥା ପ୍ରାଣବନ୍ତ, ତେବେ ଏହି ଭାଷାରେ ରଚନା କରିବାକୁ ଆମେ ଏତେ କୁଣ୍ଠିତ କାହିଁକି ?

କାହିଁକି ଗଳ୍ପ, କବିତା, ପ୍ରବନ୍ଧ ବା ଶିଶୁଲେଖା ଲେଖିବା ବେଳେ ଆମକୁ ବାରମ୍ବାର ଅଭିଧାନ କି ଭାଷାକୋଷ ଦେଖିବାକୁ ହୁଏ ? କାହିଁକି ଆମ ସହ ଜନ୍ମରୁ ଯୋଡ଼ି ହୋଇ ରହିଥିବା ଭାଷା ଆମ ସାହିତ୍ୟରେ ଦେଖିବାକୁ ବିରଳ ଓ ଅଭିଧାନର ଅଂଶ ନୁହନ୍ତି। ପୋଥିଗତ ସଂସ୍କୃତ ଭାଷାର ଆକ୍ରମଣରେ ମରି ହଜି ଯାଉଥିବା ସ୍ଥାନୀୟ, ଆଞ୍ଚଳିକ ଓ ଜନଜାତୀୟ ଲୋକଭାଷା ପଡୋଶୀ ବଙ୍ଗଳା, ତେଲୁଗୁ, ହିନ୍ଦୀ ଭଳି ରାଜ୍ୟ ଭାଷା ତଥା ଇଂରାଜୀ ଓ ଉର୍ଦ୍ଦୁ ଭଳି ବିଦେଶୀ ଭାଷାରୁ ମଧ୍ୟ ନିଜକୁ ସୁରକ୍ଷିତ ରଖିପାରି ନାହିଁ। ଜନଜାତିଙ୍କ ଭାଷା ଆଜି ଦୁର୍ଦ୍ଦିନରେ ସଂଘର୍ଷରତ।

୨୦୧୧ ମସିହାର ଏକ ପରିସଂଖ୍ୟାନକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ଓଡ଼ିଶାର ମୋଟ ଜନସଂଖ୍ୟାର ପ୍ରାୟ ଶତକଡା ୨୨.୮୪ ଭାଗ ହେଉଛନ୍ତି ଆଦିବାସୀ ଜନଜାତି ବର୍ଗର। ଓଡ଼ିଶାରେ ବସବାସ କରୁଥିବା ପ୍ରାୟ ୬୪ଟି ସ୍ୱତନ୍ତ୍ର ଆଦିବାସୀ ସମ୍ପ୍ରଦାୟ ସମ୍ବିଧାନ ଦ୍ୱାରା ଅଧିସୂଚିତ, ଯେଉଁମାନଙ୍କ ମଧ୍ୟରୁ ୧୩ଟି ଜନଜାତି ବିଲୁପ୍ତର ଦ୍ୱାରଦେଶରେ। ସେମାନେ ହେଲେ: ବଣ୍ଡା, ଦିଦାଇ, ବିର୍ହୋର, ଡଙ୍ଗରିଆକନ୍ଧ, ଜୁଆଙ୍ଗ, ଖରିଆ, କୁଟିଆକନ୍ଧ, ଲାଞ୍ଜିଆସଉରା, ଲୋଧା, ମାଙ୍କଡିଆ, ପାଉଡ଼ିଭୂଇଁଆ, ସଉରା, ଚୁକୁଟିଆଭୁଞ୍ଜିଆ। ଆଦିବାସୀ ଓ ଜନଜାତୀୟ ଜନସଂଖ୍ୟାକୁ ଗଣନା କଲେ ଓଡ଼ିଶା ଦେଶର ତୃତୀୟ ସର୍ବବୃହତ୍ ରାଜ୍ୟ,



ଯେଉଁଠାରେ ଦେଶର ସର୍ବମୋଟ ଆଦିବାସୀ ଜନସଂଖ୍ୟାର ପ୍ରାୟ ୯.୨୦ ଶତକଡ଼ା ଓ ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୦.୭୯ ଶତକଡା ଆମ ରାଜ୍ୟ ଓଡ଼ିଶାରେ ବସବାସ କରନ୍ତି। ତେବେ ଏହି ବହୁଳ ଜନସଂଖ୍ୟାର ସାଂସ୍କୃତିକ, ପାରମ୍ପରିକ ଏବଂ ଭାଷାଗତ ପ୍ରଭାବ ରାଜ୍ୟର ଗୋଷ୍ଠୀଗତ ଜନ ଜୀବନରେ ସୁଦୃଶ୍ୟ ଅନୁଭବ ହେବା କଥା କିନ୍ତୁ ପ୍ରକୃତ ପକ୍ଷେ ତା'ର ଠିକ୍ ବିପରୀତ ହିଁ ଦେଖିବାକୁ ମିଳେ।

ଜନଜାତିଙ୍କୁ ଅସଭ୍ୟ, ଅସଂସ୍କୃତ, ଅଶିକ୍ଷିତ କହି ତିରସ୍କାର କରି ଚାଲିଥିବା ଆମ ତଥାକଥିତ ସଭ୍ୟ ସମାଜ କେବେ ଦେଖିବାକୁ, ବୁଝିବାକୁ, ଜାଣିବାକୁ ହିଁ ଚେଷ୍ଟା କରି ନାହାନ୍ତି ସେମାନଙ୍କ ଜୀବନ ପଛରେ ରହିଥିବା ବୈଜ୍ଞାନିକ ମତବାଦକୁ। କେବେ ଖୋଜିବାକୁ ଚେଷ୍ଟା କରାଯାଇନାହିଁ ସାଂସ୍କୃତିକ ତତ୍ତ୍ୱ ଓ ପାରମ୍ପରିକ ବିଚାରବୋଧକୁ। ଭାଷା କେବଳ କିଛି ଶବ୍ଦଙ୍କ ସମଷ୍ଟି ମାତ୍ର ନୁହେଁ ବରଂ ତାହା ଏକ ସମାଜର ବାହକ। ଏହା ମାଧ୍ୟମରେ ଆମେ ସେହି ସମାଜକୁ ଖୁବ୍ ନିକଟରୁ ବୁଝିପାରିବାକୁ ସମର୍ଥ ହେଉ। ଯୁଗରୁ ଯୁଗକୁ ତା'ର ଚିନ୍ତାଧାରା ଓ ସାଂସ୍କୃତିକ ମତବାଦର ପ୍ରବାହ ସହ ସେହି ସମାଜର ଅସ୍ତିତ୍ୱ ମଧ୍ୟ ଅକ୍ଷୁଣ୍ଣ ରୁହେ ଭାଷା ସାହିତ୍ୟ ମାଧ୍ୟମରେ। ଭାଷା ମରିଗଲେ ଜାତିଟେ ମରିଯାଏ। ସାଂସ୍କୃତିକ ଓ ସାମାଜିକ ବିବିଧତା ଆମ ଦେଶର ସ୍ୱତନ୍ତ୍ର ପରିଚୟ, ଯାହା ଆମେ ଗର୍ବର ସହ ସ୍ୱୀକାର କରୁଥିଲେ ମଧ୍ୟ କେଉଁ ଏକ ଅନ୍ଧାରୀ ମୂଳକରେ ମୁହୂର୍ମୁହୁ ଅଣନିଃଶ୍ୱାସୀ ହୋଇ ନିଶ୍ଚିହ୍ନର ଦ୍ୱାରଦେଶରେ ଛିଡା ହୋଇଥିବା ଜନଜାତୀୟ ଭାଷା ଏହି ଗର୍ବ କରିବାର କାରଣକୁ ଅଟ୍ଟହାସ୍ୟ କରେ। ସରକାରୀ ଓ ବେସରକାରୀ ସ୍ତରରେ ମାତୃଭାଷାରେ ଶିକ୍ଷାଦାନର ସମସ୍ତ ନିୟମ ଓ ନିଷ୍ଠାକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଜଣାଇ ଦିଏ, କେତେ ଆନ୍ତରିକ ଆମର ଏ ଉଦ୍ୟମ !

ସରକାରୀ ବିଦ୍ୟାଳୟରେ କେତେ ପରିମାଣରେ ସେହି ସ୍ଥାନୀୟ ଜନଜାତୀୟ ଭାଷା ଜାଣିଥିବା ଶିକ୍ଷକ ନିଯୁକ୍ତ ହୁଅନ୍ତି ଓ କେତେ ଆନ୍ତରିକତାର ସହ ସେମାନେ ନିଜ ଦାୟିତ୍ୱ ନିର୍ବାହ କରନ୍ତି, ଏ ସବୁ କିଛି ନିର୍ଭର କରେ ନିଜ ଅନ୍ତରରୁ ସେମାନେ କେତେ ମାତ୍ରାରେ ସେହି ଜନଜାତି ଓ ସେମାନଙ୍କ ଭାଷା ସଂସ୍କୃତିକୁ ସମ୍ମାନ ଦିଅନ୍ତି ! ସରକାର ନିୟମ ତିଆରି କରିପାରନ୍ତି, ହେଲେ ମଣିଷର ମନ ନୁହେଁ। ନିଜ ମାତୃଭାଷାକୁ ଆମେ ଯେତେ ପରିମାଣରେ ସ୍ନେହ, ଶ୍ରଦ୍ଧା, ସମ୍ମାନ ଦେଉ ଅନ୍ୟର ମାତୃଭାଷାକୁ ମଧ୍ୟ ସେଇଭଳି ସମ୍ମାନ ଦେବା ଆମ ପ୍ରାଥମିକ କର୍ତ୍ତବ୍ୟ। ଯେଉଁ ଭାଷାରେ ଆମେ ଅନ୍ତରର ସହ ପ୍ରେମ କରିପାରୁ, ବିରକ୍ତିର ଚରମ ସୀମାରେ ଗାଳି ଦେଇପାରୁ, ହୃଦୟ ନିଗାଡି ମନର କଥା ପରିପ୍ରକାଶ କରିପାରୁ ତାହା ହିଁ ଆମ ମାତୃଭାଷା। ଭିନ୍ନ ଭିନ୍ନ ରଙ୍ଗ, ବାସ୍ନା ଓ ଆକାର, ଆକୃତିର ଫୁଲମାନଙ୍କର ଏକ ସୁନ୍ଦର ପୁଷ୍ପଗୁଚ୍ଛ ଭଳି ପ୍ରତିଟି ଆଞ୍ଚଳିକ ଲୋକଭାଷା। ତା'ର ନିଜସ୍ୱ ଏକ ଇତିହାସ ରହିଛି, ନିଜସ୍ୱ ବ୍ୟାକରଣ ମଧ୍ୟ। ସେସବୁକୁ ନ ବୁଝିଲେ ସେହି ଜାତି କି ଜନଜାତିଙ୍କୁ ବୁଝିବା କିପରି ?

ଦାରୁବ୍ରହ୍ମ ଓ ନାଦବ୍ରହ୍ମଙ୍କୁ ଈଶ୍ୱର ବୋଲି ପୂଜା କରୁଥିବା ସମୟରୁ ବହୁ ପ୍ରାଚୀନ ଆଦି ସଭ୍ୟତାରେ ଶବ୍ଦକୁ ବ୍ରହ୍ମ ବୋଲି ପୂଜା କରାଯାଉଅଛି। ରାୟଗଡ଼ା ଜିଲା ସନ୍ନିକଟ ଗୁଣୁପୁରଠାରୁ ପ୍ରାୟ ୧୫ ମାଇଲ ଦୂର ମରିଚିଗୁଡ଼ା ଗ୍ରାମ ସନ୍ନିକଟ ଏକ ପାହାଡ଼ରେ ଏବେ ସୁଦ୍ଧା ସଉରା ସମ୍ପ୍ରଦାୟର ଅକ୍ଷରବ୍ରହ୍ମଙ୍କ ମନ୍ଦିର ବିରାଜିତ। ସଉରା ଜାତିର ୨୪ ପ୍ରଧାନ ଦେବତାଙ୍କର ପ୍ରତୀକ ୨୪ ଅକ୍ଷର ଓ ୧୨ ସଂଖ୍ୟା ସମନ୍ୱିତ ଏହି ଶବ୍ଦବ୍ରହ୍ମ ହେଉଛି 'ସଉରା ଧ୍ୱନୀ ପେଟିକା' ବା 'ସୋରାଙ୍ଗ୍ ସୋମ୍ପେଙ୍ଗ୍'।

ଭାଷାର ସମୃଦ୍ଧି ସାହିତ୍ୟକୁ ଓ ସାହିତ୍ୟର ସମୃଦ୍ଧି ସମାଜକୁ ସୂଚିତ କରିଥାଏ। ଏକ ନିର୍ଦ୍ଦିଷ୍ଟ ସମୟର ସାହିତ୍ୟକୁ ଆମେ ସେହି ସମୟର ସାମାଜିକ ପ୍ରତିଫଳନ ରୂପେ ମଧ୍ୟ ଗ୍ରହଣ କରୁ। ଉଦାହରଣ, 'ରେବତୀ' ଗଳ୍ପ, 'ପରଜା' ଉପନ୍ୟାସ, 'ବାଜିରାଉତ' କବିତା ଓ ଏଇ ଭଳି ଆହୁରି ଅନେକ। ଯେଉଁ ସମାଜରେ ଭାଷା ନିଜ ଅସ୍ତିତ୍ୱ ହରାଇ ମୃତବତ୍ ପଡ଼ି ରହିଥାଏ, ସେଠାରେ ସାହିତ୍ୟକୁ ଏକ ଦୃଢ଼ ସାମାଜିକ ପ୍ରତିଫଳନ ବୋଲି ଆକଳନ କରାଯିବା ବୃଥା ଆସ୍ଫାଳନ ମାତ୍ର। ୬୪ଟି ଜନଜାତି ବସବାସ କରୁଥିବା ଆମ ରାଜ୍ୟ ଓଡ଼ିଶାରେ ମାତ୍ର ୪ଟି ଜନଜାତି ସମ୍ପ୍ରଦାୟର ନିଜସ୍ୱ ଲିପି ଥିଲେ ମଧ୍ୟ ପ୍ରତିଟି ଜନଜାତିର ମୌଖିକ ସାହିତ୍ୟ ସମ୍ଭ୍ରାନ୍ତ ତଥା ରୁଚିପୂର୍ଣ୍ଣ। ମୁଖ୍ୟ ସ୍ରୋତ ସାହିତ୍ୟରେ ଏ ଶବ୍ଦମାନଙ୍କର ପ୍ରବେଶ ଦ୍ୱାରା ଆମ ଭାଷାକୋଷ ଯେ ସମୃଦ୍ଧ ହେବ ଏଥିରେ ସନ୍ଦେହ ନାହିଁ। ବର୍ତ୍ତମାନ ସମୟ ଆସିଛି ଆଞ୍ଚଳିକତାକୁ ସ୍ୱତନ୍ତ୍ର ପରିଚୟ ଦେଇ ଜାତୀୟତା ସହ ସମ୍ମିଳିତ କରିବାର। ଭିନ୍ନ ଭିନ୍ନ ଭାଷା, ସାହିତ୍ୟ ଓ ସଂସ୍କୃତିର ସମନ୍ୱୟରେ ଗଢା ଆମ ବୃହତ୍ତର ଜାତୀୟ ଜୀବନ ହିଁ ପ୍ରକୃତ ଅର୍ଥେ ଏକ ସାର୍ଥକ ଓ ସମ୍ପନ୍ନ ସମାଜ। କେବଳ ସରକାରୀ ଆଇନ ନୁହେଁ ଏହାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ନିଜ ନିଜ ମାତୃଭାଷାକୁ ଭଲ ପାଉଥିବା ପ୍ରତିଟି ମଣିଷର।

**ବମିଖାଲ କେନାଲ ରୋଡ, ଭୁବନେଶ୍ୱର**
**ମୋ: ୯୪୩୭୩୬୦୯୬୪**

# ଦଣ୍ଡମୁକ୍ତ ଅଞ୍ଚଳରେ ଶିକ୍ଷା



ଚିତ୍ତରଞ୍ଜନ ବେହେରା

ଓଡ଼ିଶାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା କହିଲେ ସରକାରୀ ଓ ଘରୋଇ ବିଦ୍ୟାଳୟ। ଏହି ଶିକ୍ଷା ବ୍ୟବସ୍ଥାରେ ସରକାରଙ୍କ ଦ୍ୱାରା ପରିଚାଳିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି। ଏହି ବିଦ୍ୟାଳୟ ଓ ଅଙ୍ଗନୱାଡ଼ିରେ ପିଲାର ମୂଳଦୁଆ ପଡ଼ିଥାଏ, ଯାହା ପିଲାଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିବା ପାଇଁ ସାହାଯ୍ୟ କରିଥାଏ। କିନ୍ତୁ ଦୁଃଖର ବିଷୟ, ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ିଗୁଡ଼ିକରେ ଓଡ଼ିଆ ମାଧ୍ୟମ ଶିକ୍ଷା ବ୍ୟବସ୍ଥା ରହିବା ସହ ଏସବୁ ଦଣ୍ଡମୁକ୍ତ ଅଞ୍ଚଳ। ଏହି କାରଣରୁ ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ଇଂଲିଶ୍ ଭାଷାରେ ପ୍ରାୟ ଦୁର୍ବଳ ଥିବା ଦେଖାଯାଏ। ଯେତେବେଳେ ଜଣେ ଓଡ଼ିଆ ମାଧ୍ୟମରେ ପଢ଼ିଥିବା ଛାତ୍ରୀଛାତ୍ର ଉଚ୍ଚ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟରେ ଶିକ୍ଷା ଆରମ୍ଭ କରେ, ଇଂଲିଶ୍ ଭାଷା ବୁଝିବା କଷ୍ଟ ହୋଇଥାଏ। ବିଭିନ୍ନ ଚାକିରି ପାଇଁ ହେଉଥିବା ପରୀକ୍ଷା ମଧ୍ୟ ଇଂଲିଶ୍ ଭାଷାରେ ଦେବାକୁ ପଡ଼ିଥାଏ, ଯାହା ଜଣେ ଓଡ଼ିଆ ମାଧ୍ୟମରେ ପଢୁଥିବା ପିଲାକୁ ସହଜ କିମ୍ବା ସରଳ ହୋଇ ନ ଥାଏ। ପ୍ରାଥମିକ ଶିକ୍ଷାରେ ପିଲା ଯଦି ଇଂଲିଶ୍ ଭାଷାରେ ଦକ୍ଷ ହୋଇଥା'ନ୍ତା, ତାହେଲେ ଏ ସବୁ ତାକୁ ସହଜ କିମ୍ବା ସରଳ ହୋଇପାରିଥାନ୍ତା। ଏବେ ଦେଖିବାକୁ ଗଲେ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବରେ ଘୋଷଣା କରିବା ଓ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀ ଉଠେଇବା ନିୟମ ଆସିବା ପରେ ଶିକ୍ଷାର ମାନଦଣ୍ଡ ଆହୁରି ଭୁଶୁଡ଼ି ପଡ଼ିଛି। ମହାବିଦ୍ୟାଳୟରେ ପିଲା ପଢୁଥିଲେ ମଧ୍ୟ ଭଲ ଭାବରେ ଓଡ଼ିଆ ଭାଷାରେ ପଦେ ଲେଖି କିମ୍ବା କହି ପାରୁନାହିଁ, ଇଂଲିଶ୍ କହିବା ଓ ଲେଖିବା ତ ଦୂରର କଥା। ଏମିତି ଯଦି ଡିଗ୍ରୀ ପାଇ ପାଇ ପ୍ରତିବର୍ଷ ପିଲା ବାହାରିବେ ଓ ଚାକିରି ପାଇଁ ଯୋଗ୍ୟ ହୋଇ ପାରିବେ ନାହିଁ, ପରିସ୍ଥିତି କ'ଣ ହବ ଏ ପ୍ରଶ୍ନର ଉତ୍ତର ନାହିଁ। ପ୍ରଥମରୁ ଯୁକ୍ତତିନି ପର୍ଯ୍ୟନ୍ତ ପିଲା ଏମିତି ଅତି ସାଧାରଣ ଭାବରେ ପାଠପଢ଼ି ଯୁକ୍ତତିନି ପାସ କରିଦେଲା, କିନ୍ତୁ ଚାକିରି ପାଇଁ ଯୋଗ୍ୟ ହୋଇପାରିଲା ନାହିଁ କି ଘରୋଇ କାମ ପାଇଁ ବି ଯୋଗ୍ୟ ହୋଇପାରିଲା ନାହିଁ, ତେବେ ଜଣେ ପିଲାର ଭବିଷ୍ୟତ କ'ଣ ? ଶେଷରେ ଦାଦନ ହିଁ ଭରସା।

ସେହିଭଳି ଘରୋଇ ବିଦ୍ୟାଳୟଗୁଡ଼ିକ କିଛି ଉଚ୍ଚମନା ଓ କିଛି ବ୍ୟକ୍ତି ବ୍ୟବସାୟ ଉଦ୍ଦେଶ୍ୟରେ ସ୍ଥାପନ କରିଛନ୍ତି, ଯେଉଁ ବିଦ୍ୟାଳୟରେ ପିଲାଙ୍କୁ ଭଲ ଭାବରେ ଇଂଲିଶ୍ ଭାଷାରେ ଶିକ୍ଷା ଦିଆଯାଉଛି ସତ, କିନ୍ତୁ ଅଧିକ ପଇସା ନେଇ। ଯାହା ଜଣେ ମଧ୍ୟବିତ୍ତ ଓ ଗରିବ, କୁଲି ମୂଲିଆ ପିଲାଛୁଆଙ୍କ ପାଇଁ ସ୍ୱପ୍ନ। ପ୍ରାୟ ଦେଖିବାକୁ ମିଳୁଛି ଘରୋଇ ବିଦ୍ୟାଳୟରେ ପ୍ରାଥମିକ ଅବସ୍ଥାରେ ପାଠ ପଢୁଥିବା ପିଲାମାନେ ଭଲ ଭଲ ସ୍ଥାନରେ ଭଲ ଚାକିରି ସହିତ ପ୍ରତିଷ୍ଠିତ ହେଉଛନ୍ତି, ଯାହା ସରକାରୀ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିବା ପିଲାଙ୍କ କ୍ଷେତ୍ରରେ ବହୁ କମ୍ ଦେଖିବାକୁ ମିଳେ। ବର୍ତ୍ତମାନ ଶିକ୍ଷା ଏକ ଏମିତି ଅବସ୍ଥାରେ ପହଞ୍ଚିଛି ଭାବିଲେ ଦୁଃଖ ଲାଗୁଛି। ସମସ୍ତ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଅଧିକାର ଥିବା ସତ୍ତ୍ୱେ ଜଣେ ଗରିବ ଘରର ପିଲା ଉପଯୁକ୍ତ ଶିକ୍ଷା ପାଇ ପାରୁନାହିଁ। କିଛି ଗରିବ ପିଲା ଯଦି ସଫଳ ହଉଛନ୍ତି ତାଙ୍କୁ ନେଇ ପ୍ରକଳ୍ପ କରି ସରକାରଙ୍କ ଦ୍ୱାରା ପ୍ରଚାର




ପ୍ରସାର କରାଯାଉଛି କି ଶିକ୍ଷା ବ୍ୟବସ୍ଥା ଖୁବ୍ ଭଲ ଚାଲିଛି, ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ବର୍ତ୍ତମାନ ଶିକ୍ଷାରେ ମଧ୍ୟ ଆର୍ଥିକ ଭାବରେ ଭେଦଭାବ ହେଉଥିବା ପରିଲକ୍ଷିତ ହେଉଛି। ଯାହାର ଯେତେ ଅଧିକ ପଇସା ସେ ସେତେ ଭଲ ଭାବରେ ଶିକ୍ଷା ପାଇ ପାରୁଛି। ଏଇଟା କ'ଣ ସମାନ ଶିକ୍ଷା ଅଧିକାର ଆଇନ ? ଏ ଗୋଟେ ଆଜି ଦିନରେ ବଡ଼ ପ୍ରଶ୍ନ।

ସରକାରଙ୍କ ଦ୍ୱାରା ପରିଚାଳିତ ଅଙ୍ଗନୱାଡ଼ି ଶିକ୍ଷା ବା ପ୍ରାଥମିକ ଶିକ୍ଷାରେ ଜଣେ କୋମଳମତି ଶିଶୁର ପ୍ରାରମ୍ଭିକ ପର୍ଯ୍ୟାୟରେ ମଧ୍ୟ ଓଡ଼ିଆ ମାଧ୍ୟମରେ ଗାଁରେ ଥିବା ଗରିବ, ମୂଲିଆ, ଖଟିଖିଆ ଓ ଆର୍ଥିକ ଭାବରେ ଦୁର୍ବଳ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଆ ଭାଷାରେ ଶିକ୍ଷା ଦିଆଯାଉଛି। ଫଳରେ ଭବିଷ୍ୟତରେ ଇଂଲିଶ୍ ପଢ଼ିବା ସେମାନଙ୍କ ପାଇଁ କଷ୍ଟ ହୋଇ ପଡୁଛି। ଆର୍ଥିକ ଭାବରେ ସବଳ ଥିବା ଅଭିଭାବକମାନଙ୍କ ପିଲାଛୁଆ ପ୍ଲେ ସ୍କୁଲ ଭଳିଆ ଭଲ ସ୍କୁଲରେ ପ୍ରାରମ୍ଭରୁ ହିଁ ଇଂଲିଶ୍ ଭାଷାରେ ଶିକ୍ଷା ଗ୍ରହଣ କଲେ। ଫଳରେ ଉଚ୍ଚ ବିଦ୍ୟାଳୟ କିମ୍ବା ମହାବିଦ୍ୟାଳୟରେ ଇଂଲିଶ୍ ପଢ଼ିଲା ବେଳେ ସହଜ ଓ ସରଳ ହୋଇ ପାରିଲା ଏବଂ ପରୀକ୍ଷାରେ ଭଲ ନମ୍ବର ରଖି କୃତକାର୍ଯ୍ୟ ହଉଛନ୍ତି।

ମଧ୍ୟାହ୍ନଭୋଜନ ପାଇଁ ସରକାର ଯେପରି ଭାବରେ ସଚେତନ ଅଛନ୍ତି, ଯଦି ସେହିପରି ଭାବରେ ଇଂଲିଶ୍ ମାଧ୍ୟମରେ ଶିକ୍ଷା ଦେବା ସାର୍ବଜନୀନ କରନ୍ତି, ବହୁ ଗରିବ ଛାତ୍ରୀଛାତ୍ର ଉପକୃତ ହେବା ସହିତ ଇଂଲିଶ୍ ଭାଷାରେ ହେଉଥିବା ବିଭିନ୍ନ ଚାକିରି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବହୁ ଭଲ ସ୍ଥାନରେ ନିଯୁକ୍ତି ପାଇ ଉଜ୍ଜ୍ୱଳମୟ ଭବିଷ୍ୟତ ଗଢ଼ିପାରିବା ସହିତ ସମାଜରେ ପ୍ରତିଷ୍ଠିତ ହୋଇ ପାରନ୍ତି। ଯେଉଁ ଅନୁଷ୍ଠାନରେ ଛାତ୍ରୀଛାତ୍ର ଗୁରୁଙ୍କର ବେତ ମାଡ଼ଖାଇ ଶିକ୍ଷା ଗ୍ରହଣ କରୁଥିଲେ ଓ ତା' ସହିତ ଗୁରୁଜନମାନଙ୍କୁ ସମ୍ମାନ ଦେବା ଓ ଯୌଥ ପରିବାର ଚଳଣି ବିଷୟରେ ଶିକ୍ଷା ଗ୍ରହଣ କରୁଥିଲେ। ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ଦଣ୍ଡମୁକ୍ତ ଅଞ୍ଚଳ ହେବାରୁ ଶିକ୍ଷକମାନେ ମଧ୍ୟ ପ୍ରାୟ ସମୟରେ ଛାତ୍ରମାନଙ୍କୁ ଭୟ କରୁଛନ୍ତି, କାଳେ କିଛି ମୋ ଭାଷା କିମ୍ବା ବ୍ୟବହାର ଛାତ୍ରୀଛାତ୍ରମାନଙ୍କୁ ଖରାପ ଲାଗିଲେ ମୋ ଜୀବନ ଜୀବିକା (ଚାକିରି) ଉପରେ ଆଞ୍ଚ ଆସିବ। ଏହି ଭୟରେ ଶିକ୍ଷକ ଭୟଭୀତ। ଏଣୁ ଶିକ୍ଷାର ମାନ କମିବାକୁ ଲାଗିଲାଣି। ବର୍ତ୍ତମାନ ଉଚିତ ଶିକ୍ଷାରୁ ବଞ୍ଚିତ ହୋଇ ଛାତ୍ରୀଛାତ୍ରମାନେ ପ୍ରାପ୍ତବୟସ୍କ ହେଲା ପରେ ଯେତେବେଳେ କୌଣସି ଚାକିରି କରି ରୋଜଗାର କରୁଛନ୍ତି, ସେମାନେ ଚାହୁଁନାହାନ୍ତି ଆମେ ଆମ ଅଜା ଆଈ, ମା'ବାପାଙ୍କ ସହିତ ରହିବୁ। ସେମାନେ ଚାହୁଁଛନ୍ତି କେବଳ ମୋ ସ୍ତ୍ରୀ ଓ ମୋ ଛୁଆ ହିଁ ମୋ ପରିବାର (କେବଳ ଆମେ ଦୁଇ, ଆମର ଦୁଇ)। ଏମାନଙ୍କ ସହିତ ହିଁ ମୁଁ ରହିବି। ଯାହା ଦ୍ୱାରା ପୁଅ ବୋହୂଙ୍କ ହାତରନ୍ଧା ଖାଇ ନାତି ନାତୁଣୀଙ୍କୁ ପାକୁଆ ପାଟିରେ ଗପ ଶୁଣେଇବି ବୋଲି ଆଶା ଓ ସ୍ୱପ୍ନ ଦେଖୁଥିବା ଅଜାଆଈ ପୂର୍ଣ୍ଣ ବୟସରେ ବହୁ କଷ୍ଟରେ ବଞ୍ଚୁଛନ୍ତି।

ସାଧାରଣରେ ପ୍ରଶ୍ନ ଉଠୁଛି ସରକାର ଯଦି ଓଡ଼ିଆ ଭାଷା ସହିତ ଇଂଲିଶ୍ ଭାଷାରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଙ୍ଗନୱାଡ଼ି ଓ ପ୍ରାଥମିକ ସ୍ତରରୁ ଓଡ଼ିଆ ସହିତ ଇଂଲିଶ୍ ଭାଷାରେ ଭଲ ଶିକ୍ଷା ପ୍ରଦାନ କରିବାର ନିଷ୍ପତ୍ତି ନିଅନ୍ତି, ତା'ହେଲେ ଶିକ୍ଷାରେ ସମାନତା ଆସିପାରନ୍ତା। ନିଯୁକ୍ତିରେ ସମସ୍ତ ଗରିବ, ମଜୁରିଆ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପିଲାମାନେ ମଧ୍ୟ ଭଲ ସ୍ଥାନରେ ନିଯୁକ୍ତି ପାଇପାରନ୍ତି ଓ ରାଜ୍ୟରେ ବେକାରି ସମସ୍ୟାର ସମାଧାନ ପାଇଁ ଗୋଟେ ରାସ୍ତା ଖୋଲିଯାଆନ୍ତା।

**ବୌଦ୍ଧ, ମୋ: ୯୪୩୮୭୧୦୩୮୭**

## ଏଇ ଭାରତରେ

ଅଣୁବିଜ୍ଞାନୀ ଡ. କଳ୍ପନା ଶଙ୍କର ଏବେ ଶିଶୁଶ୍ରମିକ ଉଚ୍ଛେଦ ପାଇଁ କାମ କରୁଛନ୍ତି। ଏହା ସହ ଅନେକ ହଜାର ମହିଳାଙ୍କୁ ମଧ୍ୟ ସଶକ୍ତ କରିପାରିଛନ୍ତି। ତାମିଲନାଡୁର କାଞ୍ଚିପୁରମରେ 'ହ୍ୟାଣ୍ଡ ଇନ୍ ହ୍ୟାଣ୍ଡ' ଏନ୍‌ଜିଓ ପ୍ରତିଷ୍ଠା କରି ତା' ମାଧ୍ୟମରେ ସେ ଏହି କାର୍ଯ୍ୟ କରୁଛନ୍ତି । କଳ୍ପନା କାଞ୍ଚିପୁରମର ବୁଣାକାର ପରିବାରରେ କାମ କରୁଥିବା ଶିଶୁଶ୍ରମିକଙ୍କୁ ପ୍ରଥମେ ଉଦ୍ଧାର କରି ସେମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିଥିଲେ। ପରେ ଏହି ଅଭିଯାନକୁ ସେ ସମଗ୍ର ତାମିଲନାଡୁରେ ଚଳାଇଛନ୍ତି। ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି ସୁଇଡେନର ବ୍ୟବସାୟୀ ଡ.ପର୍ସି ବାର୍ନେଭିକ। ପିଲାଙ୍କ ଶିକ୍ଷା ପାଇଁ ତାମିଲନାଡୁର ବିଭିନ୍ନ ଅଞ୍ଚଳରେ ୮ଟି ଆବାସିକ ବିଦ୍ୟାଳୟ ଖୋଲାଯାଇଛି। ଏହିସବୁ ସ୍କୁଲରୁ ଏଯାବତ ୪୦,୦୦୦ ପିଲା ଉପକୃତ ହୋଇସାରିଲେଣି। କେବଳ ଏତିକି ନୁହେଁ ଡ. କଳ୍ପନା ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ପରିବାରକୈନ୍ଦ୍ରିକ ଉଦ୍ୟୋଗକୁ ପ୍ରୋତ୍ସାହିତ କରି ଏବେ ସୁଦ୍ଧା ୧.୫ ମିଲିୟନ ମହିଳାଙ୍କୁ ରୋଜଗାର ଯୋଗାଇ ସାରିଲେଣି। ବିଶେଷକରି ସେ ଟେଲର ଦୋକାନ, ମୋବାଇଲ ମରାମତି ଦୋକାନ, ଫୁଡ୍ ବିଜ୍‌ନେସ ଆଦିରେ ପରିବାରକୁ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଜାନୁଆରୀ ୧୯୭୬

- ଜନସେବା ତଥା ସାହିତ୍ୟ, ସଙ୍ଗୀତ ଓ ବିଜ୍ଞାନର ଅଗ୍ରଗତି କ୍ଷେତ୍ରରେ ଉଚ୍ଚକୋଟିର ଅବଦାନ ଲାଗି ସ୍ୱର୍ଗତ କେ. କାମରାଜଙ୍କୁ 'ଭାରତରତ୍ନ' ଉପାଧି।
- ଭାରତ ଓ ଫ୍ରାନ୍ସ ମଧ୍ୟରେ ଅର୍ଥନୈତିକ ଓ ବୈଷୟିକ ସହଯୋଗ ବୃଦ୍ଧି ତଥା ଟେଲି ଯୋଗାଯୋଗ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଏବଂ ଭାରତ-ଫ୍ରାନ୍ସ ଯୁଗ୍ମ ଅର୍ଥନୈତିକ ଓ ବୈଷୟିକ ସହଯୋଗ କମିଶନକୁ ମନ୍ତ୍ରୀସ୍ତରକୁ ଉତ୍ତୀର୍ଣ୍ଣ କରିବା ସଂକ୍ରାନ୍ତରେ ଦୁଇଟି ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ମୁଁ ଯେ ବୁଝିଛି ଆକାଶ ବ୍ୟଥା
ଆଜି ଶୁଣିଛି ଦୂର ବାରତା
ତୁମେ ଦିଗ୍‌ବଳୟର କଜଳ ରଞ୍ଜି
ନ ଆସ ସୁନୀଲ ନସନା
ଆଜି ବଢ଼ିଛି ପରା ମୋ ବାସନା।
-(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ଘଟଣା ନିରାକରଣ ଯୋଜନା

ମହାଶୟ,

ସରକାର ସଡ଼କ ଦୁର୍ଘଟଣା କମ୍ କରିବା ପାଇଁ ବହୁବିଧ ବ୍ୟବସ୍ଥା କରୁଛନ୍ତି। ବର୍ତ୍ତମାନ ମାଦକଦ୍ରବ୍ୟ ସେବନ ରାସ୍ତା ଦୁର୍ଘଟଣାର ଏକ ପ୍ରମୁଖ କାରଣ ଭାବେ ଉଭା ହୋଇଛି। ନିଜକୁ ରକ୍ଷାକରିବା ପାଇଁ ପ୍ରଥମେ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ଦରକାର। ମଦ୍ୟପ ଡ୍ରାଇଭରଙ୍କ ପ୍ରତି କଡ଼ା ପଦକ୍ଷେପ ନେବା ପାଇଁ ପ୍ରତି ୬୦ କି.ମି.ରେ ଗୋଟିଏ ଚେକ୍‌ଗେଟ୍ କରି ଯାଞ୍ଚ କରାଯାଉ। କେଉଁଠିକି ଯିବେ ଗେଟ୍‌ରେ ଚେକିଂ କରି ପାସ୍ କଲେ ଦୁର୍ଘଟଣା ରାଜ୍ୟରୁ ପୂରା କମିଯାଆନ୍ତା। ଚୋରା କାରବାର ମଧ୍ୟ ପ୍ରଥମରୁ ଧରାପଡ଼ନ୍ତା। ରାଷ୍ଟ୍ରପତିଙ୍କ ଗସ୍ତରେ ଯେପରି ପ୍ରତି ରୁଟ୍‌ରେ ଜଗାରଖା ହେଉଛି, ସେପରି ପ୍ରତି ରୁଟ୍‌ରେ କରାଗଲେ ଠିକ୍ ହେବ ।

**-କାଳିଚରଣ ରଥ, ବ୍ରହ୍ମପୁର, ଗଞ୍ଜାମ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କଟକ ବିଡ଼ାନାସୀ ମିନି ଷ୍ଟାଡିୟମ୍‌ରେ ରବିବାର ଅନୁଷ୍ଠିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ଧାନ ବିକିଲେଣି ୯ ଲକ୍ଷରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ଚାଷୀ

■ ଏମ୍‌ଏସ୍‌ପି ବାବଦକୁ ପ୍ରାୟ ୯୦୬୯ କୋଟି
■ ଇନ୍‌ପୁଟ ସହାୟତା ଭାବେ ୩୧୫୪ କୋଟି ପ୍ରଦାନ

ଭୁବନେଶ୍ୱର,୨୭।୧(ଅନିଲ ଦାସ)

ଚଳିତ ଖରିଫ ଋତୁରେ ଧାନ କିଣା ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ୩୦ ଜିଲାରେ ପ୍ରାୟ ୯ ଲକ୍ଷରୁ ଊର୍ଦ୍ଧ୍ୱ ପଞ୍ଜୀକୃତ ଚାଷୀ ସେମାନଙ୍କ ଧାନ ମଣ୍ଡିରେ ବିକି ସାରିଲେଣି। ଚଳିତ ଖରିଫ ଋତୁରେ ପଞ୍ଜୀକୃତ ୫୦ ପ୍ରତିଶତରୁ ଅଧିକ ଚାଷୀ ସେମାନଙ୍କ ଧାନ ବିକ୍ରି କରି ସାରିଛନ୍ତି।

ଧାନ କ୍ରୟ ପାଇଁ ଏ ପର୍ଯ୍ୟନ୍ତ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବାବଦରେ ୯୦୬୯ କୋଟି ଟଙ୍କା ଏବଂ ଇନପୁଟ ସହାୟତା ବାବଦରେ ୩୧୫୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଧାନକିଣା ଲକ୍ଷ୍ୟ ହାସଲ ନେଇ ସରକାର ନେଇଥିବା ପଦକ୍ଷେପ ସୁରୁଖୁରୁରେ ଚାଲୁ ରହିଛି। ପଞ୍ଜୀକୃତ ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ କରିବା ନେଇ କରାଯାଇଥିବା ବ୍ୟବସ୍ଥା ପ୍ରତି ଆସ୍ଥା ପ୍ରକଟ କରି ଉତ୍ସାହିତ ହେଉଥିବା ଲକ୍ଷ୍ୟ କରାଯାଉଛି। ସେହିଭଳି ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନପୁଟ ସହାୟତା ମିଶାଇ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ମଧ୍ୟ ଚାଷୀମାନଙ୍କ ମନରେ ଖୁସି ଭରି ଦେଇଛି। ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ଅନ୍ୟ କେତେକ ଜିଲାରେ ଧାର୍ଯ୍ୟ ଲକ୍ଷ୍ୟର ୯୦ ପ୍ରତିଶତ ହାସଲ କରାଯାଇଥିବା ବେଳେ ଅଳ୍ପ କିଛିଦିନ ମଧ୍ୟରେ ଏହି ଜିଲାଗୁଡ଼ିକରେ ଧାନକିଣା ପ୍ରକ୍ରିୟା ଶେଷ ହେବ। ସେହିପରି ପଶ୍ଚିମ ଓଡ଼ିଶା ବ୍ୟତୀତ ରାଜ୍ୟର ଅନ୍ୟ ଜିଲାଗୁଡ଼ିକରେ ଧାନକିଣା ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯାଇଛି।

# ଭିତରକନିକାରେ ଡଲ୍‌ଫିନ ଗଣନା ଆରମ୍ଭ

ରାଜନଗର, ୨୭।୧
(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥାରେ ସାମୁଦ୍ରିକ ଅଭୟାରଣ୍ୟରେ ସୋମବାରଠାରୁ ଡଲ୍‌ଫିନ ଗଣନା ଆରମ୍ଭ ହୋଇଛି। ଏହି ଗଣନା ପ୍ରକ୍ରିୟା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଧାମରା ମୁହାଣଠାରୁ ଦେବୀ ମୁହାଣ ଯାଏ ସମୁଦ୍ର ମଧ୍ୟରେ, ଭିତରକନିକା ମଧ୍ୟରେ ଥିବା କ୍ରିକ୍ ଓ ନଦୀରେ ୯ଟି ଗଣନାକାରୀ ଟିମ୍ ଡଲ୍‌ଫିନ ଗଣନା କରୁଛନ୍ତି। ଗଣନା ପ୍ରକ୍ରିୟା ସରି ନ ଥିଲେ ମଧ୍ୟ ଭିତରକନିକା ପାଇଁ ଖୁସି ଖବର ଆସିଛି।

ମିଳିଥିବା ସୂଚନା ମୁତାବକ, ଚିଞ୍ଚିରି ମୁହାଣଠାରୁ ଅଗରନାସୀ ମଧ୍ୟରେ ଗଣନାକାରୀ ଟିମ୍ ସଂଖ୍ୟାଧିକ ଇରାୱାର୍ଡି ଡଲ୍‌ଫିନକୁ ଦେଖିବାକୁ ପାଇଥିବାବେଳେ ବାବୁବାଲିରୁ ଏକକୂଳା ମଧ୍ୟରେ ଗଣନାକାରୀ ଟିମ୍ ଗୋଟିଏ ଗ୍ରୁପ୍‌ରେ ଶତାଧିକ ଡଲ୍‌ଫିନଙ୍କୁ ଦେଖିଥିବା ସୂଚନା ରହିଛି। ଇରାୱାର୍ଡି ଡଲ୍‌ଫିନ ସହ ହମ୍ପବ୍ୟାକ୍, ବଟଲନୋଜ ପ୍ରଜାତିର ଡଲ୍‌ଫିନ ଦେଖିବାକୁ ପାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ପୂର୍ବରୁ କେବଳ ଚିଲିକାରେ ଡଲ୍‌ଫିନ୍ ଗଣନା କରାଯାଉଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନିଷ୍ପତ୍ତିକ୍ରମେ ୨୦୧୫ଠାରୁ ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା କରାଯାଉଛି। ଭିତରକନିକା ଅଞ୍ଚଳରେ ଡଲ୍‌ଫିନ୍ ଗଣନା ପାଇଁ ଚଳିତବର୍ଷ ୯ଟି ଟିମ୍ ଗଠନ କରାଯାଇଛି। ଆଉଟର ହୁଇଲରରୁ ଚିଞ୍ଚିରି ମାଉଥ୍, ବରୁଣେଇରୁ ପାରାଦୀପ, ହଂସିଣା ବ୍ରିଜ୍ ମାଇପୁରା ମାଉଥ୍, ରାଜନଗର ହଂସୁଆ ନଦୀରୁ ଖୋଳା, ଖୋଳାରୁ ଧାମରା ମାଉଥ୍ ଭାୟା ନଳିତାପାଟିଆ, କାଳିଭଞ୍ଜଡିଆ, ଜମ୍ବୁ ଖରନାସିରୁ ହୁକିଟୋଲା, ପାରାଦୀପରୁ ଜଟାଧାର ମୁହାଣ ଓ ଦେବୀ ମୁହାଣରୁ ଜଟାଧାର ମୁହାଣ ଯାଏ ୯ଟି ଗ୍ରୁପ୍ ଗଣନା କରୁଛନ୍ତ। ସମୁଦ୍ର ମଧ୍ୟରେ ୫ଟି ଟିମ୍ ଓ ନଦୀ, କ୍ରିକ୍ ୪ଟି ଟିମ୍ ଡଲ୍‌ଫିନ୍ ଗଣନା କରୁଛନ୍ତି। ଭିତରକନିକାରେ ୫ ପ୍ରକାର ଡଲ୍‌ଫିନ୍ ଦେଖାଯାଇଥାନ୍ତି। ଗହୀରମଥା ଓ ଭିତରକନିକାରେ ୨୦୨୧ରେ ୩୪୨ଟି, ୨୦୨୨ ରେ ୫୪୦ଟି, ୨୦୨୩ ରେ ୫୫୦ଟି ଓ ୨୦୨୪ରେ ପ୍ରତିକୂଳ ପାଗ ସତ୍ତ୍ୱେ ୫୦୨ଟି ଡଲ୍‌ଫିନଙ୍କୁ ଗଣନା ବେଳେ ଦେଖିବାକୁ ମିଳିଥିଲା। ଚଳିତବର୍ଷ ପାଗ ଅନୁକୂଳ ଥିବାରୁ ଡଲ୍‌ଫିନ ସଂଖ୍ୟା ବଢ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଉଛି। ଏହି ଗଣନା କାର୍ଯ୍ୟରେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ, ଡ. ଶିବପ୍ରସାଦ ପରିଡ଼ା, ଏସିଏଫ୍ ମାନସ ଦାସ, ଗଗନ ବିହାରୀ ମଲ୍ଲିକ, ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ଶାନ୍ତନୁ ଦଲାଇ, ଫରେଷ୍ଟର ବିଭୂତି ଭୂଷଣ ତରାଇ, ବିଜୟ କୁମାର ପାତ୍ର, ଫରେଷ୍ଟ ଗାର୍ଡ ସୁନୀଲ ରାଉତରାୟ, ତ୍ରିଦେପ ପ୍ରଧାନଙ୍କ ସମତେ ବନ କର୍ମଚାରୀମାନେ ସାମିଲ ହୋଇଛନ୍ତି।

# ଭାରତୀୟତା ଆମ ଅସ୍ତିତ୍ୱର ମୂଳ ପିଣ୍ଡ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୧
(ସୌମ୍ୟରଞ୍ଜନ ରାଉତ)

ଭାରତ ଏବଂ ଭାରତୀୟତା ହେଉଛି ଆମ ଅସ୍ତିତ୍ୱର ମୂଳ ପିଣ୍ଡ। ଆମ ଦେଶ ଓ ଏହାର ସଂସ୍କୃତି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି। ୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ରବିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ 'ଭାରତୀୟମ୍'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ, ଏହି ଭବ୍ୟ କାର୍ଯ୍ୟକ୍ରମ ହେଉଛି ଭାରତମାତାଙ୍କ ପଦାରବିନ୍ଦରେ ଆମର ବିନମ୍ର ଉପହାର। ଆମ ଓଡ଼ିଆ ଭାଷା ଓ ସଂଗୀତ ସମୃଦ୍ଧ ଏବଂ ପରିପୁଷ୍ଟ। ନୂତନ ପିଢ଼ିର କଳାକାରମାନଙ୍କୁ ପରାମର୍ଶ ଦେଇ ସେ କହିଲେ, ଆପଣମାନେ ଏଭଳି ସଙ୍ଗୀତ ପ୍ରସ୍ତୁତ କରନ୍ତୁ ଯାହା ନିଜ ପରିବାର ବର୍ଗଙ୍କ ସହ ସମସ୍ତେ ଉପଭୋଗ କରିପାରିବେ ଓ ଏହା କାଳଜୟୀ ହୋଇରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଚଳିତ ବର୍ଷର ପଦ୍ମ ପୁରସ୍କାର ପାଇବାକୁ ଯାଉଥିବା ଓଡିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ବିଶିଷ୍ଟ ଚିକିତ୍ସକ ଡ. ଅଶୋକ ମହାପାତ୍ର ଓ ଶିଳ୍ପୀ ଅଦ୍ୱୈତ ଗଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

କଣ୍ଠଶିଳ୍ପୀ ଶେଖର ଘୋଷ, ଲକ୍ଷ୍ମୀକାନ୍ତ ପାଲିତ, ମନ୍ମଥ ମିଶ୍ର, ମିତାଲି ଚିନାରା, ଆଦ୍ୟାଶା ଦାସ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ଡ. ପ୍ରିୟଙ୍କା ମାର୍ଣ୍ଡି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଶାରଦା ଶତପଥୀ, ସଂସ୍କୃତି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ୬୫ ଜଣଙ୍କୁ ରାଷ୍ଟ୍ରପତି, ରାଜ୍ୟପାଳ ପଦକ ପ୍ରଦାନ




ପଦକ ପାଇଥିବା ଅଧିକାରୀ ଓ କର୍ମଚାରୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଅନ୍ୟମାନେ।

ଭୁବନେଶ୍ୱର, ୨୭।୧
(ସୁଚିସ୍ମିତା ସାହୁ)

୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ଲୋକସେବା ଭବନଠାରେ ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ମୁଖ୍ୟଅତିଥି ଭାବେ ଯୋଗଦେଇ ସାହସିକତା, ଉଲ୍ଲେଖନୀୟ ତଥା ବିଶିଷ୍ଟ ସେବା ନିମନ୍ତେ ରାଜ୍ୟ ଆରକ୍ଷୀ ବାହିନୀ, ରାଜ୍ୟ ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀ ଏବଂ ଓଡ଼ିଶା କାରାକାର ସଂସ୍ଥା ଓ ସଂସ୍କାର ସେବାର ୬୫ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ରାଷ୍ଟ୍ରପତି ଓ ରାଜ୍ୟପାଳ ପଦକ ପ୍ରଦାନ କରିଛନ୍ତି। ବିଶିଷ୍ଟ ସେବା ପାଇଁ ଭୁବନେଶ୍ୱର-କଟକ ପୋଲିସ କମିଶନର ସୁରେଶ ଦେବ ଦତ୍ତ ସିଂ ଏବଂ ଏସ୍‌ଟିଏଫ୍ ଡିଏସ୍‌ପି ସଚ୍ଚିଦାନନ୍ଦ ରଥଙ୍କୁ ୨୦୨୪ ଲାଗି ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଛି। ଉଲ୍ଲେଖନୀୟ ସେବା ଡେପୁଟି କମାଣ୍ଡାଣ୍ଟ କୌଶିକ କୁମାର ନାୟକ, ଡିଏସ୍‌ପି ସନତ କୁମାର ନାଥଶର୍ମା, ଡିଏସ୍‌ପି କବିତା ସାହୁ ଏବଂ ଡିଏସପି ହରିବନ୍ଧୁ ଭତ୍ରାଙ୍କ ସମେତ ୧୪ଜଣଙ୍କୁ ରାଷ୍ଟ୍ରପତି ପଦକ ମିଳିଛି। ସେହିପରି୨୦୨୪ ନିମିତ୍ତ ୧୮ ଜଣଙ୍କୁ ରାଜ୍ୟପାଳ ପଦକ ପ୍ରଦାନ କରାଯାଇଛି। ସେହିପରି ୨୦୨୧ ନିମନ୍ତେ ୨୩ଜଣଙ୍କୁ ରାଜ୍ୟପାଳ ପଦକ ଦିଆଯାଇଥିବା ବେଳେ ରାଜ୍ୟ ଅଗ୍ନିଶମ, ଗୃହରକ୍ଷୀ ଆଦି ବିଭିନ୍ନ ବିଭାଗରେ ୮ଜଣଙ୍କୁ ରାଷ୍ଟ୍ରପତି ଓ ରାଜ୍ୟପାଳ ପଦକ ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ଡିଜି ୱାଇ. ବି. ଖୁରାନିଆ, ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ, ଜେଲ ଡିଜି ଅରୁଣ କୁମାର ରାୟ ଉପସ୍ଥିତ ଥିଲେ।



ଧରିତ୍ରୀ 51 Years
ଭୁବନେଶ୍ୱର, ମଙ୍ଗଳବାର, ୨୮ ଜାନୁଆରୀ, ୨୦୨୫

## କାର ଜଳିଗଲା

**କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ପୁଟୁଲିଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ଏକ ମହିନ୍ଦ୍ରା କାର୍ ରବିବାର ବିଳମ୍ବିତ ରାତିରେ ଜଳି ଯାଇଛି। ସସର୍ଟ ସର୍କିଟରୁ ଜଳିଯାଇଥିବା ସନ୍ଦେହ କରାଯାଉଥିବା ବେଳେ ପ୍ରକୃତ କାରଣ ଜଣାପଡ଼ିନାହିଁ।



କେନ୍ଦୁଝର

# ‘ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଆମର ସଂକଳ୍ପ ହେଉ’

## ୭୬ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

**କେନ୍ଦୁଝର,୨୭।୧(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**


ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

କେନ୍ଦୁଝର ଜିଲା ସଦର ମହକୁମାରେ ମହାସମାରୋହରେ ୭୬ତମ ସାଧାରଣତନ୍ତ୍ର ଦିବସ ରବିବାର ସକାଳେ ପାଳିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝର ଷ୍ଟାଡିୟମଠାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମିଳିତ ଆନୁଷ୍ଠାନିକ ପରେଡାର ଅଭିବାଦନ ଗ୍ରହଣ କରିଥିଲେ।

ଉଦ୍‌ବୋଧନ ଛଳରେ ମନ୍ତ୍ରୀ କହିଥିଲେ, ବିକଶିତ ଭାରତ ଓ ବିକଶିତ ଓଡିଶା ଆମର ସ୍ୱପ୍ନ ଓ ସଂକଳ୍ପ ହେଉ। ସଂଗ୍ରାମୀ ଓ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ଓ ଦେଶ ଗଠନରେ ବ୍ରତୀ ହେବାକୁ କହିଥିଲେ। ପରେଡ୍‌ରେ ୫୩ଟି ଦଳ ଅଂଶଗ୍ରହଣ କରିଥିଲେ। ୭ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ଜିଲା ଆମେଚର୍ ଟାଏକୋଣ୍ଡୋ ଆସୋସିଏଶନ ତରଫରୁ ଖେଳ ପ୍ରଦର୍ଶନ କରାଯାଇଥିଲା। ମଧ୍ୟାହ୍ନରେ କେନ୍ଦୁଝର ଷ୍ଟାଡ଼ିୟମରେ ଜିଲାପାଳ ଏକାଦଶ ଓ କେନ୍ଦୁଝର ନାଗରିକ ମଧ୍ୟରେ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ ହୋଇଥିଲା। ଅପରାହ୍ନରେ କେନ୍ଦୁଝର ଅଡିଟୋରିୟମରେ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଅଗ୍ରଣୀ କୃଷକ ଭାବେ ମିନା ମହାନ୍ତ, ଜ୍ୟୋତିର୍ମୟୀ ଖଟୁଆ, ମୀନାକ୍ଷୀ ନାୟକ, ଶ୍ରେଷ୍ଠ କ୍ରୀଡ଼ାବିତ୍ ସୁଶ୍ରୀ ଭାନୁମତି ବେହେରା, ଶ୍ରେଷ୍ଠ ଫୁଟବଲର ସୁଶ୍ରୀ ରୁବିନା ନାଏକ, ଆଦର୍ଶ ଆଶାକର୍ମୀ ବସୁମତି ମଢ଼େଇ, ମାଣ୍ଡିଆ ଚାଷୀ ରଞ୍ଜିତା ମହାନ୍ତ, ଶ୍ରେଷ୍ଠ ବ୍ଲକ୍ ଘଟଗାଁ, ଶ୍ରେଷ୍ଠ ତହସିଲ କେନ୍ଦୁଝର ସଦର, ଶ୍ରେଷ୍ଠ ଥାନା ଟାଉନ ଥାନା, ଆଗ୍ନିକ ପ୍ରକାଶ ବଳ, ଟାଏକୋଣ୍ଡୋ-୨୦୨୪ରେ ସ୍ୱର୍ଣ୍ଣପଦକ ବିଜେତା ରିଦ୍ଧିମା ନାୟକ, ବରିଷ୍ଠ ବାଳିକା ବର୍ଗରେ ସ୍ଥିତି ପ୍ରଜ୍ଞା ଗିରି, ବରିଷ୍ଠ ବାଳକ ବର୍ଗରେ ଜିତେନ୍ଦ୍ର ଓରାମ, ଉପକନିଷ୍ଠ ବାଳକ ବର୍ଗରେ ସମର୍ପିତ ସ୍ୱାଇଁ ଏବଂ ବିଶିଷ୍ଟ ସଂଗ୍ରାହକ ରାଜକିଶୋର ମହାନ୍ତ, ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝରଗଡ଼ ପୌର ଅଧ୍ୟକ୍ଷା ନିକୁ ସାହୁ, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀକୁମାର ନାଗଭୂଷଣ, କେନ୍ଦୁଝର ଉପ-ଜିଲାପାଳ ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡ଼ା, ଫିରୋଜ ଖାଁ, କେନ୍ଦୁଝର ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ ନାୟକ, କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡଙ୍କ ସମେତ ବରିଷ୍ଠ ନାଗରିକ, ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**ଯୋଡ଼ା,୨୭।୧(ମାନସ ମହାନ୍ତି):** କେନ୍ଦୁଝର ଜିଲା ଯୋଡ଼ା ଟାଟା ଷ୍ଟିଲ ପକ୍ଷରୁ ଜେସିଓ ଅଫିସଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଟାଟା ଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଡାକ୍ତରଖାନାରେ ଫଳ ବଣ୍ଟନ କରାଯାଇଥିଲା। ସେହିପରି କୁନ୍ଦୁରୁନାଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଯୋଡ଼ା ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଦିବ୍ୟରଞ୍ଜନ ସାହୁ ପତାକା ଉତ୍ତୋଳନ କରିଥିଲେ। ସେହିପରି ପ୍ରଥମ ଏଜୁକେସନ ଫାଉଣ୍ଡେସନ, ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ତରଫରୁ ବନ୍ଧୁଆବେଡ଼ା, କମଳପୁର ଓ କୋଲ୍ହାରୋଡକଳାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଛୋଟ ପିଲା ଓ ମା’ମାନଙ୍କୁ ନେଇ ଚିତ୍ରାଙ୍କନ, ଝୋଟି ପ୍ରତିଯୋଗିତା ହୋଇଥିଲା। ଏଜୁକେସନ ଫାଉଣ୍ଡେଶନର ରାଜ୍ୟ ସଂଯୋଜିକା ମନାସିନୀ ବେହେରା, ଜିଲା ସଂଯୋଜକ ଜଗବନ୍ଧୁ ମାନସିଂ, ଦିଲ୍ଲୀପ ଶା, ପରମାନନ୍ଦ ବାରିକ, ରାଜେଶ କାଠୁଆ, ଦୀପ୍ତିରଞ୍ଜନ ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ। ସେରେଣ୍ଡାଠାରେ ଭୂ ତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାରେ ବରିଷ୍ଠ ଭୂତତ୍ତ୍ୱବିତ୍ ହିମାଂଶୁ ରଞ୍ଜନ ପାତ୍ର ପତାକା ଉତ୍ତୋଳନ କରିଥିଲେ। ଶତ୍ରୁଘ୍ନ ମାଝି, ଅହମଦ ଫରହାନ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍କୁଲ୍ ଛାତ୍ରୀଛାତ୍ରଙ୍କ ପରେଡ୍ ପ୍ରଦର୍ଶନ




**ଢେଙ୍କିକୋଟ,୨୭।୧(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ୍‌ଠାରେ ଥିବା ଅଭିନବ ପରିବାର ତରଫରୁ ରବିବାର ସକାଳ ୮ ଟା ୩୦ରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଢେଙ୍କିକୋଟଠାରେ ଥିବା ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ପ୍ରଭାତ ଫେରି କରିବା ପରେ ସାମୂହିକ ଭାବେ ହାଇସ୍କୁଲ ପଡ଼ିଆରେ ଏକତ୍ରିତ ହୋଇ ପରେଡ୍ ପ୍ରଦର୍ଶନ କରିଥିଲେ। ମୁଖ୍ୟ ଅତିଥିଭାବେ ସାହାରପଡ଼ା ବ୍ଲକ୍‌ର ଅବସରପ୍ରାପ୍ତ ଶିକ୍ଷାଧିକାରୀ ଉତ୍ତମ ନାୟକ, ମୁଖ୍ୟ ବକ୍ତାଭାବେ ସରକାରୀ ବାଳିକା ବିଦ୍ୟାଳୟ ଢେଙ୍କିକୋଟ୍‌ର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ, ସମ୍ମାନୀୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଖଇର ନାଏକ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଫକିର ଚରଣ ସାହୁ ସଭାପତିତ୍ୱ କରିଥିବା ବେଳେ ଅଭିନବ ପରିବାରର ସଦସ୍ୟ ଚନ୍ଦନ କୁମାର ମହାନ୍ତ ପରିଚାଳନା କରିଥିଲେ। ଇଂ. ଆଶିଷ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରତିଯୋଗିତାରେ କୃତୀ ବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରିବାରର ସଭାପତି ଇଂ. ସୁଭାଶିଷ ମଣ୍ଡଳ, ସମ୍ପାଦକ ଇଂ. ଜ୍ଞାନରଞ୍ଜନ ମାଝୀ, ମାନସ ରଞ୍ଜନ ମହାନ୍ତ, ତ୍ରିଲୋଚନ ନାୟକ, ଜ୍ଞାନରଞ୍ଜନ ସାହୁଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ସହଯୋଗ କରିଥିଲେ।

## କେନ୍ଦୁଝର ପୋଲିସ କର୍ମଚାରୀଙ୍କୁ ରାଜ୍ୟପାଳ ପଦକ



**କେନ୍ଦୁଝର/ଛେନାପଦ,୨୭।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ ନିରାକାର ପରିଡ଼ା)**

କେନ୍ଦୁଝର ପୋଲିସର ହାଟଡ଼ିହୀ କୋର୍ଟରେ କାର୍ଯ୍ୟରତ ଚିତ୍ତରଞ୍ଜନ ସାହୁ ପୋଲିସ ବିଭାଗରେ କଠିନ ପରିଶ୍ରମ, ବୃତ୍ତିଗତ ଦକ୍ଷତା ଉତ୍ସର୍ଗିକୃତ କାର୍ଯ୍ୟ ପାଇଁ ଗଣତନ୍ତ୍ର ଦିବସରେ ତାଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମ୍‌ପତି ପୁରସ୍କୃତ କରିଛନ୍ତି। ସେ ୧୯୭୭ ରେ ପୋଲିସ ବିଭାଗରେ ନିଯୁକ୍ତ ହୋଇଥିଲେ। ୨୭ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଜିଲାରେ ଅବସ୍ଥାପିତ ହୋଇ ବିଭିନ୍ନ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରାଇବା, ସୂଚନା ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରିବା, ତଦନ୍ତ ପ୍ରକ୍ରିୟାରେ ସାହାଯ୍ୟ କରିବା ଇତ୍ୟାଦି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରିଛନ୍ତି। ନିଜର ବୃତ୍ତିଗତ ଦକ୍ଷତା ଓ ଉତ୍ତମ କାର୍ଯ୍ୟ ସମ୍ପାଦନା ପାଇଁ ପୂର୍ବରୁ ଅନେକ ଥର ପୁରସ୍କାର, ପ୍ରଶଂସା ପତ୍ର ଓ ଭଲ ସେବା ପାଇଁ ଅନେକ ଥର ସମ୍ମାନିତ ହୋଇଛନ୍ତି। ଉତ୍ତମ କାର୍ଯ୍ୟ ଦକ୍ଷତା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ତାଙ୍କ କର୍ତ୍ତବ୍ୟନିଷ୍ଠା ଓ ସାଧୁତା ସୀକୃତି ସ୍ୱରୂପ ରାଜ୍ୟପାଳ ପଦକ ସହ ମାନପତ୍ରରେ ସମ୍ମାନିତ କରାଯାଇଛି।

## ଶ୍ରୀ ମେଟାଲିକ୍ସରେ ସାଧାରଣତନ୍ତ୍ର ଦିବସ



**କେନ୍ଦୁଝର,୨୭।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଅଁରାସ୍ଥିତ ଶ୍ରୀ ମେଟାଲିକ୍ସ କାରଖାନା ପରିସରରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଶ୍ରୀ ମେଟାଲିକ୍ସ ଲିଃର ବରିଷ୍ଠ ସଭାପତି ସରୋଜ ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ବୀର ସ୍ୱାଧୀନତା ସଂଗ୍ରାମୀ ଓ ବୀର ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଖଣିଜ ସମ୍ପଦକୁ ବ୍ୟବହାର କରି ଶିଳ୍ପ ପ୍ରତିଷ୍ଠା କରି ଏକ ସମୃଦ୍ଧ ଓଡ଼ିଶା ଗଢ଼ିବାରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। କାରଖାନାର ବୈଷୟିକ ମୁଖ୍ୟ ତଥା ଉପ ସଭାପତି ବିଏନ ପ୍ରସାଦ, ମାନବ ସମ୍ବଳ ବିଭାଗ ମୁଖ୍ୟ ଶିଶିର ରାଉତ ପ୍ରମୁଖ ଅତିଥିଭାବେ ଯୋଗଦେଇ ରାଜ୍ୟ ଶିଳ୍ପ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି କହିଥିଲେ। ସ୍ଥାନୀୟ ଅଁରା ଗ୍ରାମର ବିଦ୍ୟାଧର ବାରିକ, ଚତୁର୍ଭୁଜ ବାରିକ, ଜିନୁ ବାରିକ, ପ୍ରଭାକର ବାରିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବରିଷ୍ଠ କର୍ମକର୍ତ୍ତା ଜ୍ଞାନରଞ୍ଜନ ସ୍ୱାଇଁ, ବିନୋଦ ମହାନ୍ତି, ଆଲମୁରୁ ରମେଶ, ଅମରେଶ ଲେଙ୍କା, ନିହାର ରଞ୍ଜନ ପରିଡ଼ା, ଶରତ ପ୍ରଧାନ, ଦେବବ୍ରତ ମେହେର, ମୁକୁଲ ଦତ୍ତ, ସୁରଥ ମହାନ୍ତ, ଚିନ୍ମୟ ରାଉତ, ଦୁର୍ଗାପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସୁରକ୍ଷା ପରିଚାଳକ ଶେଷଦେବ ବେହେରା, ଆସରଫ ଅଲ୍ଲୀ ହଜାରୀ, ସହ ପରିଚାଳକ ସୁମନ୍ତ ରାଉତ ପ୍ରମୁଖ ପରେଡ୍ ପରିଚାଳନା କରିଥିଲେ।

## ଶବର ସମାଜର ସମାବେଶ



**କେନ୍ଦୁଝର,୨୭।୧(ଦୀପକ ମିଶ୍ର)**

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ବନାଯୋଡିଠାରେ ୭୬ ତମ ସାଧାରଣତନ୍ତ୍ର ଦିବସ ଅବସରରେ ଶବର ସମାଜ ପକ୍ଷରୁ ଏକ ସମାବେଶ ରବିବାର ମଧ୍ୟାହ୍ନ ୧୨ଟା ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ଇନ୍ଦ୍ରମଣି ଦେହୁରୀ ବନାଯୋଡି ଶବର ସମାଜ ଗୋଷ୍ଠୀ କେନ୍ଦ୍ରରେ ଜାତୀୟ ପତାକା ଉତ୍ତୋଳନ କରି ସମାଜରୁ ନିଶାଦ୍ରବ୍ୟ ବର୍ଜନ ଓ ଯୌତୁକ ପ୍ରଥା ବନ୍ଦ ଉପରେ ଉପସ୍ଥିତ ଉକ୍ତ ସମାଜର ସଭ୍ୟମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରେ ଯୁବକଙ୍କ ମଧ୍ୟରେ ଏକ ବନ୍ଧୁତାପୂର୍ଣ୍ଣ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସମାବେଶରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ। ଦେବଦତ୍ତ ଦେହୁରୀ, କୁମ୍ଭକର୍ଣ୍ଣ ଦେହୁରୀ ଓ ଦୁର୍ଯ୍ୟୋଧନ ନାଏକ ପ୍ରମୁଖ ପରିଚାଳନା କରିଥିଲେ।

## ‘ପ୍ରଶାସନ-ନାଗରିକ ମଧ୍ୟରେ ପାର୍ଥକ୍ୟକୁ ଦୂର କରାଯାଉ’

**ଚମ୍ପୁଆ,୨୭।୧(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ସଦରମହକୁମାର ନେହେରୁ ଷ୍ଟାଡ଼ିୟମଠାରେ ୭୬ତମ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ରବିବାର ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ରାମଧୂମ ପରେ ସକାଳ ୭ଟା ୩୦ରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରିବା ପରେ ସକାଳ ୮ଟା ୧୫ରେ ସଦରମହକୁମାରେ ମହାତ୍ମାଗାନ୍ଧୀ ଛକଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ୯ ଟାରେ ସ୍ଥାନୀୟ ନେହେରୁ ଷ୍ଟାଡ଼ିୟମଠାରେ ମୁଖ୍ୟ ଅତିଥି ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମିଳିତ ପରେଡ୍ ପରିଦର୍ଶନ କରିବା ପରେ ଦେଶ ତଥା ଜାତି ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରି ପ୍ରଶାସନ ଓ ନାଗରିକଙ୍କ ମଧ୍ୟରେ ବଢୁଥିବା ଦୂରତାକୁ କମ କରିବା ଏବଂ ଅଭିଯୋଗ ଶୁଣିବା ସହ ଜନସାଧାରଣଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି ଓ ସାମାଜିକ ନ୍ୟାୟରେ ସ୍ୱଚ୍ଛତା ଅଣିବା ସହିତ ତାହାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜନସାଧରଣ ଶାସନର ପ୍ରଜା ନୁହନ୍ତି, ସେମାନେ ଶାସନର ପ୍ରକୃତ ଅଂସିଦାର ବୋଲି ମତ ରଖିଥିଲେ। ଏହି ଅବସରରେ ଉପଖଣ୍ଡ ଚିକିତ୍ସାଳୟ ଓ ଉପକାରାଗାରରେ ଅନ୍ତେବାସୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମିଷ୍ଟାନ ଓ ଫଳ ବଣ୍ଟନ କରାଯାଇଥିଲା। ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ, ଆଇଆଇସି ଦେବକୀ ନାୟକ, ବିଡିଓ ରାଜା ରଞ୍ଜିତପ୍ରତାପ ବଳ, ତହସିଲଦାର ସଜତ ମାର୍କେ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ। ଅପରାହ୍ନରେ ନାଗରିକ ଏକାଦଶ ଓ ଉପ ଜିଲାପାଳ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଅଯୋଧ୍ୟାକୁ ଗଡ଼ିଲା ସ୍ୱତନ୍ତ୍ର ବସ୍

**କେନ୍ଦୁଝର,୨୭।୧(ଦୀପକ ମିଶ୍ର)**

ଉତ୍ତରପ୍ରଦେଶ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳା ପରିପ୍ରେକ୍ଷୀରେ କେନ୍ଦୁଝରରୁ ଅଯୋଧ୍ୟାକୁ ସୋମବାର ପୂର୍ବାହ୍ନ ୯ଟାରୁ ସ୍ୱତନ୍ତ୍ର ବସ୍‌ସେବା ଆରମ୍ଭ ହୋଇଛି। ରାଜ୍ୟ ସରକାର ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ବସ୍ ସେବାରେ ପ୍ରଥମ ଦିନ ୫୦ ଜଣ ଯାତ୍ରୀଙ୍କ ସହ ୨ ଜଣ ଚାଳକ ଓ ପରିବହନ ବିଭାଗର ୨ ଜଣ କର୍ମଚାରୀ ଗାଇଡ୍ ଭାବେ ଯାଇଥିବା କେନ୍ଦୁଝର ଡିଟିଏମ୍ ଗୌରବ ଜେନା କହିଛନ୍ତି। ବସ୍ କେନ୍ଦୁଝରରୁ ସକାଳ ୯ଟାରୁ ଯାତ୍ରା ଆରମ୍ଭ କରି ବାରାଣସୀ, ପ୍ରୟାଗରାଜ ଦେଇ ଅଯୋଧ୍ୟାରେ ୨୪ ଘଣ୍ଟାରେ ପହଞ୍ଚିବା ପରେ ପୁଣି ସକାଳ ୯ଟାରୁ ଅଯୋଧ୍ୟାରୁ ବାହାରି ଆସନ୍ତା ୩୧ ତାରିଖ ସକାଳ ୯ ଘଟିକାରେ କେନ୍ଦୁଝରରେ ପହଞ୍ଚିବ। ପୁରୁଷ ଯାତ୍ରୀ ପ୍ରତି ୫୬୬୮ଟଙ୍କା ଏବଂ ମହିଳା ଯାତ୍ରୀଙ୍କ ପ୍ରତି ୩୬୮୮ଟଙ୍କା ଭଡ଼ା ମୂଲ୍ୟ ଦେବାକୁ ପଡୁଥିବାବେଳେ ପରିବହନ ବିଭାଗ ପକ୍ଷରୁ ସମସ୍ତ ଯାତ୍ରୀଙ୍କ ପାଇଁ ଜଳପାନ ସହ ମଧ୍ୟାହ୍ନଭୋଜନ ଓ ରାତ୍ରିଭୋଜନ ଯୋଗାଇ ଦିଆଯିବ ବୋଲି ଡିଟିଏମ ଜେନା କହିଛନ୍ତି। ସ୍ୱତନ୍ତ୍ର ବସ ଆସନ୍ତା ଫେବୃୟାରୀ ୨, ୧୦, ୧୭ ଓ ୨୪ ତାରିଖରେ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବ। ଅନ୍‌ଲାଇନ ମାଧ୍ୟମରେ ଯାତ୍ରୀ ସେମାନଙ୍କ ଟିକେଟ୍ ବୁକିଂ କରିବାକୁ କୁହାଯାଇଛି। ଏହି ଉପଲକ୍ଷେ ସରକାରୀ ବସ୍‌ଷ୍ଟାଣ୍ଡ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଆଲୋକ ପ୍ରଧାନ ଏବଂ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଯୋଗଦେଇ ପତାକା ଦେଖାଇ ବସ୍ ସେବା ଶୁଭାରମ୍ଭ କରିବା ସହ ଯାତ୍ରୀଙ୍କ ମଙ୍ଗଳମୟ ଯାତ୍ରା କାମନା କରିଛନ୍ତି।

## ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧାଙ୍କୁ ଭତ୍ତା ପ୍ରଦାନ

**ବଉଳା, ୨୭।୧ (ଦୁର୍ଗା ପ୍ରସାଦ ଆୟଚ )**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସାଧାରଣତନ୍ତ୍ର ଦିବସରେ ରବିବାର ସକାଳ ୭ ଟା ଭତ୍ତା ପ୍ରଦାନ କରାଯାଇଛି। ବିଧାୟକ ଅଭିମନ୍ୟୁ ସେଠୀ, ବିଡିଓ ରଞ୍ଜନ ପରିଡ଼ା, ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତସିଂହାର, ବିଏସ୍‌ଏସ୍‌ଓ ସ୍ୱାତୀଶ୍ରୀ ସିଂ, ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଜିଲା ପରିଷଦ କୌଶଲ୍ୟା ସେଠୀ ପ୍ରମୁଖ ଉପସ୍ଥିତ ରହି ଭତ୍ତାର ଶୁଭାରମ୍ଭ କରିଥିଲେ।

## ସିଦ୍ଧାର୍ଥ ଶଙ୍କର ଶ୍ରେଷ୍ଠ ସ୍ୱେଚ୍ଛାସେବୀ

**ବାରିପଦା,୨୭।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ରାଗଧା ସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ସିଦ୍ଧାର୍ଥ ଶଙ୍କର ନାୟକ ଜାତୀୟ ସେବା ଯୋଜନାରେ ଶ୍ରେଷ୍ଠ ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ଭାବେ ବିବେଚିତ ହୋଇଛନ୍ତି । ଗତ ୨୧ ତାରିଖରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ରାଜ୍ୟସ୍ତରୀୟ ସେବା ଯୋଜନା ପୁରସ୍କାର ବିତରଣ ଉତ୍ସବ ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରର୍ସର ପ୍ରକୋଷ୍ଠରେ ଆୟୋଜିତ ଉତ୍ସବରେ ତାଙ୍କୁ ପୁରସ୍କୃତ କରାଯାଇଛି । ଏହି ଉତ୍ସବରେ ଉଚ୍ଚଶିକ୍ଷା ବିଭାଗର ଭାରପ୍ରାପ୍ତ ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥୀ ଭାବେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳିଦାଶ ଏବଂ ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଯୋଗଦେଇଥିଲେ। ସିଦ୍ଧାର୍ଥ ଶଙ୍କର ପୂର୍ବରୁ ମଧ୍ୟ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ପୁରସ୍କାର ପ୍ରାପ୍ତ ହୋଇଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଅସୀମା ସାହୁ , ଜାତୀୟ ସେବା ବିଭାଗର ଅଧ୍ୟାପକ ଅଜୟ କୁମାର ମହାନ୍ତ ଓ ଅଧ୍ୟାପିକା କବିତା ମଞ୍ଜରୀ ମହାନ୍ତ ଏବଂ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ‘ସାହିତ୍ୟ ସମସ୍ତଙ୍କୁ ଏକାଠି କରିବାର ବାର୍ତ୍ତା ଦିଏ’

### ପ୍ରତିଶ୍ରୁତିର ଜିଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ

**ବାରିପଦା,୨୭।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)**- ଦୀର୍ଘ ୪୩ବର୍ଷ ଧରି ମୟୂରଭଞ୍ଜ ଜିଲା ବାରିପଦାରୁ ପ୍ରକାଶ ପାଉଥିବା ସାହିତ୍ୟ ସଂସ୍କୃତି ମୂଳକ ପତ୍ରିକା ପ୍ରତିଶ୍ରୁତି ତରଫରୁ ଜିଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ ଓ ସାରସ୍ୱତ ସମାରୋହ ରବିବାର ଅପରାହ୍ନ ୪ଟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଡା. ପାର୍ଥସାରଥୀ ଜେନାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବାରିପଦା ଉପ ଜିଲାପାଳ ଡ.ଦୟାସିନ୍ଧୁ ପରିଡ଼ା, ସମ୍ମାନିତ ଅତିଥି ଭାବେ ସତ୍ୟବ୍ରତ ମିଶ୍ର ଓ ଶରତ କୁମାର ନାୟକ ଯୋଗଦେଇଥିଲେ। ପ୍ରାରମ୍ଭରେ ସୁଗାୟିକା ଭାରତୀ ଦେବତା ଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ପ୍ରତିଶ୍ରୁତିର ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ କବିତାର ଧର୍ମ ବାସ୍ତବିକ ଆନନ୍ଦ ଦାନ ବୋଲି କହିଥିଲେ। କବି ଜୀବନର ଅନୁଭୂତିକୁ ପ୍ରକାଶ କରିବାପାଇଁ ଯାଇ ଅପରୂପକୁ ରୂପ ଦିଏ ଓ ଅନ୍ୟକ୍ତକୁ ବ୍ୟକ୍ତ କରେ ବୋଲି କହିଥିଲେ। ସାହିତ୍ୟ ବାସ୍ତବିକ ସମସ୍ତଙ୍କୁ ଏକାଠି କରିବାର ବାର୍ତ୍ତା ପ୍ରଦାନ କରିଥାଏ ବୋଲି ଉପ ଜିଲାପାଳ ଉଲ୍ଲେଖ କରିଥିଲେ। ପରେ କବୟିତ୍ରୀ ସୁଧାମୟୀ ଦାସ ଓ ପୁଷ୍ପଲତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତାପାଠ ଉତ୍ସବରେ ଓଡ଼ିଆ ହିନ୍ଦୀ, ମୁଣ୍ଡାରି, ସାନ୍ତାଳୀ, ହୋ ଓ ଇଂରାଜୀ ପ୍ରଭୃତି ବିଭିନ୍ନ ଭାଷାରେ କବିମାନେ ସେମାନଙ୍କର ସରଚିତ କବିତା ଆବୃତ୍ତି କରିଥିଲେ। ଉକ୍ତ କବିତା ପାଠ ଉତ୍ସବରେ ଖବରଦାତାଙ୍କ ସମେତ କବିମାନେ ୮୦ରୁ ଉର୍ଦ୍ଧ୍ୱ କବିତା ପାଠ କରିଥିବାବେଳେ ପ୍ରତିଶ୍ରୁତି ତରଫରୁ ସମସ୍ତ କବି ଓ କବୟିତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ଅଜିତ କୁମାର ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିବା ବେଳେ ଗୋପାଳ ଚନ୍ଦ୍ର ସାଓ ଧନ୍ୟବାଦ ଦେଇଥିଲେ।


ସଭାରେ ଉପସ୍ଥିତ ଅତିଥିମାନେ।

## ନକ୍‌ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ

# ତେଜସ୍ ଏଫସି ଚାମ୍ପିୟନ

**ଯୋଡ଼ା,୨୭।୧(ମାନସ ମହାନ୍ତି)**



ବିଜେତା ଦଳ ଅତିଥିଙ୍କ ନିକଟରୁ ଅର୍ଥରାଶି ଓ ଟ୍ରଫି ଗ୍ରହଣ କରୁଛନ୍ତି।

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅଧୀନ ୫ ନମ୍ବର ୱାର୍ଡ ଆଜାଦ୍‌ବସ୍ତି ଖେଳପଡ଼ିଆଠାରେ ଆଜାଦ୍ ବସ୍ତୀ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ୨ ଦିନ ଧରି ଅନୁଷ୍ଠିତ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ସନ୍ଧ୍ୟା ୫ଟାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୨୦ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଡବଲ ଏ ରାଜ ଓ ତେଜ୍‌ସ ଏଫସି ବଡବିଲ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ୍ ଡ୍ର ରହିବାରୁ ପେନାଲଟି ସଟ୍‌ରେ ଡବଲ ଏ ରାଜକୁ ପରାସ୍ତ କରି ତେଜସ ଏଫସି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୁବ ଉଦ୍ୟୋଗୀ ଅନୁରାଗ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ଯୋଡ଼ା ପୌର ଅଧ୍ୟକ୍ଷ ଡ଼ ଜଗଦୀଶ ପ୍ରସାଦ ସାହୁ, ଯୋଡ଼ା ଟ୍ରକ୍ ମାଲିକ ସଂଘ ସମ୍ପାଦକ ସୁଶାନ୍ତ କୁମାର ବାରିକ, ଖବରଦାତା ପ୍ରକାଶ ମହାନ୍ତି, ଦୀପକ କୁମାର ଶତପଥୀ, ନିରଞ୍ଜନ ବହିଦାର, ଶ୍ରୀମତୀ ଜେନା, ହୃଷୀକେଶ ଜେନା, ୫ ନମ୍ବର ୱାର୍ଡ କାଉନ୍‌ସିଲର ସୁମିତ୍ରା କାରୁଆ, ବାବୁଆ ବାନା ଯୋଗଦେଇଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ ଦଳକୁ ନଗଦ ୧ ଲକ୍ଷ ଟଙ୍କା ସହିତ ଟ୍ରଫି ଏବଂ ରନର୍ସଅପ ଦଳ ଡବଲ ଏ ରାଜକୁ ନଗଦ ୭୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏମ୍‌ଡି ହାଲିମ, ଗଜାନନ ପାତ୍ର, ବିଜୟ ବିରୁଆ, ପ୍ରକାଶ ସମୟା, ପ୍ରେମ ପ୍ରକାଶ ବିରୁଆ ରେଫରୀ ଭାବେ ଖେଳ ପରିଚାଳନା କରିଥିବା ବେଳେ ମ୍ୟାଚ କମିଶନର ଭାବେ ଏମ୍‌ଡି ସାହିଦ ପରିଚାଳନା କରିଥିଲେ। ଭାଷ୍ୟକାର ରୂପେ କ୍ଷୀରୋଦ ଗିରି ଓ ଘନ ମହାନ୍ତ ଧାରା ବିବରଣୀ ପ୍ରକାଶ କରିଥିଲେ। ଆଜାଦବସ୍ତି ୟୁଥ୍ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଟ୍ରକ୍ ଧକ୍କାରେ ଜଣେ ମୃତ

**ପାଟଣା,୨୭।୧(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ଥାନା ଖୁଣ୍ଟାପଡା ନିକଟରେ ରବିବାର ବିଳମ୍ବିତ ରାତିରେ ଟ୍ରକ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଖୁଣ୍ଟାପଡ଼ା ଗ୍ରାମର ଧନେଶ୍ୱର ମୁଣ୍ଡା (୪୫)। ଧନେଶ୍ୱର ଗୋଜିଟାଙ୍ଗିରି ଟୁସୁ ମେଳାରୁ ଯାତ୍ରା ଦେଖି ଚାଲି ଚାଲି ଘରକୁ ଫେରୁଥିଲେ। ସେ ସମୟରେ ଟ୍ରକ୍ ତାଙ୍କୁ ପଛ ପଟରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ମୃତଦେହକୁ ପାଟଣା ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପାଟଣା ଥାନାରେ ଏକ ମାମଲା(ନଂ.୧୪/୨୫) ରୁଜୁ ହୋଇଛି। ଟ୍ରକ୍‌କୁ ଜବତ କରି ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ କହିଛନ୍ତି।

## ଦୋକାନ ଭିତରେ ଯୁବକଙ୍କ ଆତ୍ମହତ୍ୟା

ସୋର(ଜନ୍ମେଜୟ ମିଶ୍ର): ସୋର ଥାନା ଗୋପାଳପୁର ଗ୍ରାମର ରାକେଶ ଖଟୁଆ (୩୪) ଦୋକାନ ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ରାକେଶଙ୍କର ଉତ୍ତରେଶ୍ୱରଠାରେ ଏକ ଭେରାଇଟି ଷ୍ଟୋର ଅଛି। ସୋମବାର ସେ ଦ୍ୱିପ୍ରହରରେ ଘରକୁ ଖାଇବାକୁ ଯାଇ ନ ଥିଲେ। ସେ ରଶି ଲଗାଇଥିବା ଦେଖି ପରିବାର ଲୋକେ ଡାକ୍ତରଖାନାକୁ ନେଇଯାଇଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିଛି। ଅପମୃତ୍ୟୁ ମାମଲା(ନଂ. ୯/୨୫) ରୁଜୁ ହୋଇଛି।

**ବାଲେଶ୍ୱର**

## ବ୍ରାଉନସୁଗାର ବିକ୍ରି ପାଇଁ ଆସୁଥିବା ୨ ଯୁବକ ଗିରଫ

ଭୋଗରାଇ, ୨୭।୧( ପ୍ରଦୀପ ଦାସ): ବାଲେଶ୍ୱର ଜିଲା ସୀମାନ୍ତ ଜଳେଶ୍ୱର ଓ ଭୋଗରାଇ ବ୍ଲକ ନିଶା ବ୍ୟବସାୟୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସୋମବାର ସକାଳେ ଭୋଗରାଇ ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ. ରାଜ୍ୟପଥ ବାଟଗ୍ରାମ ପୋଲଠାରେ ଚଢାଉ କରି ଜଳେଶ୍ୱରରୁ ଭୋଗରାଇ ଅଭିମୁଖେ ବାଇକରେ ଆସୁଥିବା ୨ ବ୍ରାଇନସୁଗାର ବେପାରୀଙ୍କୁ କାବୁ କରିଛନ୍ତି। ୨ ଯୁବକଙ୍କୁ ଥାନାକୁ ଅଣାଯାଇ ତାଙ୍କଠାରୁ ୨୪.୭ ୫ ଗ୍ରାମ୍ ବ୍ରାଉନସୁଗାର ସହ ଏକ ବୁଲେଟ ଜବତ କରାଯାଇ ଏକ ମାମଲା(ନଂ. ୩୩/୨୫) ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେହୁର୍ଦ୍ଧା ଗ୍ରାମର ରାଜକିଶୋର ସାହୁ (୨୮) ଓ ମହେଶପୁର ଗ୍ରାମର ପବିତ୍ର ନାୟକ (୧୯)। ଜଳେଶ୍ୱର ଏସ୍‌ଡିପିଓ ଦିଲୀପ କୁମାର ସାହୁ ବ୍ରାଉନସୁଗାର କାରବାରର ମୁଖ୍ୟମାନଙ୍କୁ ଧରିବା ନିମନ୍ତେ ତଦନ୍ତ ଚଳାଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ୍ ପଠାଯାଇଛି।

# ବିକାଶମୂଳକ ପ୍ରକଳ୍ପ ଦ୍ୱାରା ପ୍ରଗତି ତ୍ୱରାନ୍ୱିତ


କୁନି ନୃତ୍ୟଶିଳ୍ପୀଙ୍କ ଗହଣରେ ମନ୍ତ୍ରୀ ଓ ଅତିଥିଗଣ।

### ଜିଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ

ବାଲେଶ୍ୱର, ୨୭।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ପୋଲିସ ପରେଡ ପଡ଼ିଆଠାରେ ଜିଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଜାତୀୟପତାକା ଉତ୍ତୋଳନ କରି ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ଜିଲାରେ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଦ୍ୱାରା ଜିଲା ତଥା ରାଜ୍ୟର ପ୍ରଗତି ତ୍ୱରାନ୍ୱିତ ହୋଇପାରିଛି ବୋଲି ମନ୍ତ୍ରୀ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ। ୨୦୪୭ ବିକଶିତ ଭାରତ ଅଧୀନରେ ବିକଶିତ ଓଡ଼ିଶା ୨୦୩୬ ପାଇଁ ସରକାର ବିଭିନ୍ନ ଅଭିନବ ଯୋଜନା ପ୍ରଣୟନ କରିଛନ୍ତି ବୋଲି କହିଥିଲେ।

ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ବାଲେଶ୍ୱର ବିଧାୟକ ମାନସ ଦତ୍ତ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ, ଏସ୍‌ପି ରାଜ ପ୍ରସାଦ, ଡିଏଫ୍‌ଓ ଖୁସୱନ୍ତ ସିଂ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଉପଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଦୁଇଟି ପୋଲିସ କଣ୍ଟିଜେଣ୍ଟ, ଗୋଟିଏ ପୋଲିସ ବ୍ୟାଣ୍ଡ, ଏନ୍‌ସିସି ଓ ସିଭିଲିଆନ ଦଳ ମିଶାଇ ମୋଟ ୫୦ ପ୍ଲାଟୁନ ଅଂଶଗ୍ରହଣ କରିଥିଲେ। ରିଜର୍ଭ ଇନ୍ସପେକ୍ଟର ସବେଇ ଶଙ୍କର ଟୁଡୁ ଓ ସେକେଣ୍ଡ-ଇନ-କମାଣ୍ଡ ଉପେନ୍ଦ୍ର ନାଥ ତିରିଆଙ୍କ ତତ୍ତ୍ୱାବଧାନରେ ପରେଡ୍ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଅପର୍ଣ୍ଣା ପଣ୍ଡା, ଦେବବ୍ରତ ପାଣିଗ୍ରାହୀ ଓ ରାଜକିଶୋର ଦାସଙ୍କ ସମେତ ଅନ୍ତର୍ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଜଣେ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଜିଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ମନ୍ତ୍ରୀ ୨ ଦିବ୍ୟାଙ୍ଗ ଦମ୍ପତ୍ତିଙ୍କୁ ବିବାହ ପ୍ରୋତ୍ସାହନ ସହାୟତା ରାଶି ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ମଞ୍ଚ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଗାନ୍ଧୀ ସ୍ମୃତିଭବନ ପରିସରରେ ଜିଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତଙ୍କ ତତ୍ତ୍ୱାବଧାନରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ ଓ ଝୋଟି ପ୍ରତିଯୋଗିତାର ବିଜୟିନୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସାଢେ ୩ ହଜାର ଛାତ୍ରୀଛାତ୍ରଙ୍କ ପରେଡ ପ୍ରଦର୍ଶନ



ଭୋଗରାଇ, ୨୭।୧(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଥାନାଛକ ହେଲିପ୍ୟାଡ ପଡିଆରେ ରବିବାର ସକାଳେ ବେସରକାରୀ ଭାବେ ଭୋଗରାଇ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି କମିଟି ପକ୍ଷରୁ ୭୬ତମ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଏଥିନିମନ୍ତେ ଭୋଗରାଇର ପ୍ରାଥମିକ ସ୍ତରରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ସାଢେ ୩ହଜାର ଛାତ୍ରୀଛାତ୍ର ହେଲିପ୍ୟାଡ ପଡ଼ିଆରେ ଚିତ୍ତାକର୍ଷକ ପରେଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଦେଶର ଅଖଣ୍ଡତା, ସାର୍ବଭୌମତ୍ୱ, ଧର୍ମନିରପେକ୍ଷତା ଓ ସମାଜବାଦ ସମ୍ପର୍କରେ ମତପ୍ରକାଶ କରିଥିଲେ। ସମାରୋହରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଶିକ୍ଷାବିତ୍ ପଙ୍କଜାକ୍ଷ ପଣ୍ଡା, ପୂର୍ବତନ ବ୍ଲକ ଚେୟାରମ୍ୟାନ ଗଣପତି ଗିରି, ଆଇନଜୀବୀ ଭୁବନାନନ୍ଦ ଦାସ, ରାଷ୍ଟ୍ରୀୟ ଗୌରବ ସମ୍ମାନପ୍ରାପ୍ତ ପୂର୍ବତନ ସରପଞ୍ଚ ରମାକାନ୍ତ କରଣ, ଜିଲାପରିଷଦ ସଦସ୍ୟା କବିତା ମହାନ୍ତି, ଭୋଗରାଇ ଥାନା ଭାରପ୍ରାପ୍ତ ଅଧିକାରୀ ସୁଦୀପ୍ତ କୁମାର ସାହୁ, ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଜନରାଜ୍ୟ ଦିବସରେ ପରେଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ କପ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରେଡ ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ସ୍ୱପ୍ନେନ୍ଦୁ ଶେଖର ଆଚାର୍ଯ୍ୟ ସହ କ୍ରୀଡା ଶିକ୍ଷୟିତ୍ରୀଶିକ୍ଷକମାନେ ପରିଚାଳନା କରିଥିଲେ।

## ଜଗନ୍ନାଥଙ୍କ ସୁନାବେଶ, ବିଷ୍ଣୁଙ୍କ ୩୦ ରୂପ ଦର୍ଶନ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୭।୧

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବଣିଆଡ଼ିହା ପଞ୍ଚାୟତ ରାଇପୁର ହରିହାଟ ପଡ଼ିଆରେ ସୋମବାରଠାରୁ ଫେବୃଆରୀ ୪ତାରିଖ ଯାଏ ଜଗନ୍ନାଥଙ୍କ ସୁନାବେଶ ସହିତ ବିଷ୍ଣୁଙ୍କ ୩୦ ରୂପଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏନେଇ ରବିବାର ଶ୍ରୀ ହରିନାମ ଟ୍ରଷ୍ଟ ରାଇପୁର ସଭାପତି ଖଗେନ୍ଦ୍ର କୁମାର ନାୟକ ହରିହାଟ ପଡ଼ିଆରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସୁରକ୍ଷା ଦୃଷ୍ଟିରୁ ଆମ୍ବୁଲାନ୍ସ, ଦମକଳବାହିନୀ ସହିତ ପୋଲିସ ଏବଂ ବେସରକାରୀ ସିକ୍ୟୁରିଟି ଏଜେନ୍ସିର ନିଯୁକ୍ତ କରଯାଇଥିବା କମିଟିର କାର୍ଯ୍ୟକାରୀ ସଭାପତି ସୁବ୍ରତ କୁମାର ଜେନା କହିଛନ୍ତି। ଏହି ଅନୁଷ୍ଠାନ ଦୀର୍ଘ ୧୨ବର୍ଷ ଧରି ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ସହିତ ୨୪ପ୍ରହର ନାମ ସଂକୀର୍ତ୍ତନ କରିଆସୁଛି। ଚଳିତବର୍ଷ ମଧ୍ୟ ଏହା ୨୭ରୁ ଆରମ୍ଭ ହୋଇ ୩୦ ତାରିଖରେ ଶେଷ ହେବ ବୋଲି କମିଟିର ମୁଖ୍ୟ ପରାମର୍ଶଦାତା କାହ୍ନୁଚରଣ ଦାସ କରିଛନ୍ତି। ଟ୍ରଷ୍ଟ ସଭାପତି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ହେମନ୍ତ କୁମାର ମଲ୍ଲିକ, ଉପସଭାପତି ଅନାଦି ଚରଣ ଦାସ, ଯୁଗ୍ମସମ୍ପାଦକ ରାଜୀବ ଲୋଚନ ଦାସ, ସହସମ୍ପାଦକ ମାନସ ପାତ୍ର, କୋଷାଧ୍ୟକ୍ଷ ଗୌରାଙ୍ଗ ପାତ୍ର, ଯୋଗ କୋଷାଧ୍ୟକ୍ଷ ଗୋବିନ୍ଦ ସାହୁ, ବରିଷ୍ଠ ସଦସ୍ୟ ଶଙ୍କର ଜେନା, ପିତାମ୍ବର ଜେନା, ଅକ୍ଷୟ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠତ ହେବ ବୋଲି କହିଛନ୍ତି।

## ଉତ୍ସବ ଉତ୍ତର ଓଡ଼ିଶା ଲାଗି ପ୍ରତିଯୋଗିତା



ପ୍ରତିଯୋଗିତା ସଭାରେ ଉପସ୍ଥିତ ପରିଷଦର କାର୍ଯ୍ୟକର୍ତ୍ତା।

ବାଲେଶ୍ୱର, ୨୭।୧(ବାଞ୍ଛାନିଧି ଦେ)

ଉତ୍ସବ ଉତ୍ତର ଓଡ଼ିଶା ପରିଷଦ ଆନୁକୂଲ୍ୟରେ ଆସନ୍ତା ୩୧ରୁ ଫେବୃଆରୀ ୪ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଉତ୍ତର ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଭଦ୍ରକ ଜିଲାକୁ ନେଇ ପ୍ରଥମଥର ପାଇଁ ଏକ ବ୍ୟାପକ ମହୋତ୍ସବ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଷ୍ଟେଶନ କ୍ଲବ ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ ଶୁକ୍ରବାର ପ୍ରତିଯୋଗିତା ଶୁଭାରମ୍ଭ ହୋଇଛି। ଉଦ୍‌ଘାଟକ ଭାବେ ପରିଷଦ ଉପଦେଷ୍ଟା ତଥା କାଉନସିଲର ମିତା ପଟ୍ଟନାୟକ, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଉପଦେଷ୍ଟା ରଞ୍ଜନ ବାଗ, ରିତିକ୍ ଜୀ, ସାଧାରଣ ସମ୍ପାଦକ ସତ୍ୟରଞ୍ଜନ ଦାସ ପ୍ରମୁଖ ଏହାକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବର୍ଗରେ ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ମଡ଼େଲିଂ, ବିତର୍କ ଆଦି ପ୍ରତିଯୋଗିତାରେ ୧୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମନୋଜ ରାଉତ, ଗୌତମ ସାହୁ, ଧୀରେନ ନାୟକ, ଆଲୋକ ମାଝି, ଜୀବନ ମହାପାତ୍ର ଓ ନବପ୍ରସାଦ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ

ଖଇରା, ୨୭।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ଜମ୍ବେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଗଜେନ୍ଦ୍ର ପ୍ରସାଦ ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କାର୍ଯ୍ୟକ୍ରମ ସଂଯୋଜକ ରୁଦ୍ରକୁମାର କର, ସହ ସଂଯୋଜକ ବସନ୍ତ କୁମାର ବାରିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରଶିକ୍ଷିକା ଭାବେ ଅର୍ଚ୍ଚନା ଜେନା ଓ ପ୍ରଣମିତା ଶୁକ୍ଳ ଅଂଶଗ୍ରହଣ କରିଥିବା ୨୦୫ ଛାତ୍ରୀଙ୍କୁ ବିଭିନ୍ନ କୌଶଳ ଶିଖାଇଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ବଳ, ରାମଚନ୍ଦ୍ର ପାଢୀ, ମନୀନ୍ଦ୍ର କୁମାର ଦକ୍ଷିତ ଓ ଅଧ୍ୟାପିକା କବିତା ତିଆଡି ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେବା ସହ ପିଲାମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ।



ଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

## ସରକାରୀ ଉପ ମୁଖ୍ୟ ସଚେତକଙ୍କ ୩ ପଞ୍ଚାୟତ ଗସ୍ତ


ଉପମୁଖ୍ୟ ସଚେତକ ନଦୀବନ୍ଧ ପରିଦର୍ଶନ କରୁଛନ୍ତି।

### ନଦୀବନ୍ଧ କଲେ ପରିଦର୍ଶନ

ବାଲେଶ୍ୱର, ୨୭।୧(ବାଞ୍ଛାନିଧି ଦେ)

ସରକାରୀ ଦଳ ଉପ ମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ରବିବାର ନିଜ ନିର୍ବାଚନମଣ୍ଡଳୀ ଅଧୀନ ଦୁର୍ଗାଦେବୀ, ଗୁଡୁଦା, ପତ୍ରିପାଳ ପଞ୍ଚାୟତ ଗସ୍ତ କରିଥିଲେ। ବିଭିନ୍ନ ନଦୀବନ୍ଧ, ଡ୍ୟାମ ଏବଂ ଡ୍ରେନେଜ୍ ଆଦି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଥମେ ଦୁର୍ଗାଦେବୀ ପଞ୍ଚାୟତ ଉଦୟପୁର ଗଙ୍ଗାହାର ନଦୀବନ୍ଧ ବୁଲି ଦେଖିଥିଲେ। ଏହି ବନ୍ଧ ଭାଙ୍ଗି ଶହ ଶହ ଏକର ଚାଷଜମି ନଷ୍ଟ ହୋଇଥିଲା। ଉକ୍ତ ନଦୀ ଉପରେ ଏକ ଚେକ୍‌ଡ୍ୟାମ ନିର୍ମାଣ, ଗୁଡୁଦା ଏବଂ ଦୁର୍ଗାଦେବୀ ପଞ୍ଚାୟତକୁ ସଂଯୋଗ କରୁଥିବା ପିତଳୁଡି ରୋଡ୍‌ସ୍ଥିତ ନଦୀ ଉପରେ ଏକ ନୂତନ ପୋଲ ନିର୍ମାଣ, ଗୁଡୁଦା ଗ୍ରାମମୁଣ୍ଡରେ ଥିବା ଦାସସାହି ପାଖରେ ନଦୀବନ୍ଧ ନିର୍ମାଣ ଆଦି ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ଗସ୍ତ ସମୟରେ ନାରୀନେତ୍ରୀ ଶୋଭନା ମହାନ୍ତି, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ କୃଷ୍ଣଚନ୍ଦ୍ର ସାହା, କାର୍ଯ୍ୟକର୍ତ୍ତା ବସନ୍ତ ପ୍ରଧାନ, ବୀରେନ୍ଦ୍ର ଦଳେଇ, ସର୍ବେଶ୍ୱର ପରିଡ଼ା, ରଘୁନାଥ ଦଳେଇ, କାଳିଚରଣ ମାଝୀ, ଯଦୁନାଥ ଗିରି ଓ ସୁରେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ଈଶ୍ୱର ବାଲେଶ୍ୱର, ପ୍ରଦୀପ ଉତ୍ତର ବାଲେଶ୍ୱର ଜିଲାସଭାପତି

### ସରିଲା ଭାଜପାର ଜିଲା ସଙ୍ଗଠନ ପର୍ବ

ବାଲେଶ୍ୱର, ୨୭।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଭାଜପାର ସଙ୍ଗଠନ ପର୍ବ ଶନିବାର ସ୍ଥାନୀୟ ସିଦ୍ଧି କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପର୍ବର ଅନ୍ତିମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ରାଜ୍ୟ ନିର୍ବାଚନ ସହ ଅଧିକାରୀ ସୁକେଶୀ ଓରାମ, ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ଜିଲା ନିର୍ବାଚନ ଅଧିକାରୀ ନିହାର ରଞ୍ଜନ ମୋଦି, ନିର୍ବାଚନ ସହ-ଅଧିକାରୀ ଶୁଭଙ୍କର ମହାପାତ୍ର ଓ ଆଶିଷ ଘୋଷ, ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା ଓ ଜୀବନ ପ୍ରଦୀପ ଦାସ ଯୋଗଦେଇ ସଙ୍ଗଠନ ପର୍ବର ଆଭିମୁଖ୍ୟ, ନିର୍ବାଚନୀ ଫଳାଫଳ ଓ ସମସ୍ତ ବିବରଣୀ ସମ୍ପର୍କରେ ଆଲୋକପାତ କରିଥିଲେ।

ଜିଲା ନିର୍ବାଚନ ଅଧିକାରୀ ମୋଦି ବାଲେଶ୍ୱର ଜିଲାକୁ ବାଲେଶ୍ୱର ଓ ଉତ୍ତରବାଲେଶ୍ୱର ସାଂଗଠନିକ ଜିଲା ଭାବେ ବିଭକ୍ତ କରିଥିଲେ। ସିମୁଳିଆ, ସୋର, ନୀଳଗିରି, ରେମୁଣା ଓ ସଦର ନିର୍ବାଚନମଣ୍ଡଳୀକୁ ନେଇ ବାଲେଶ୍ୱର ସାଙ୍ଗଠନିକ ଜିଲା ଏବଂ ବସ୍ତା, ଜଳେଶ୍ୱର ଓ ଭୋଗରାଇ ନିର୍ବାଚନମଣ୍ଡଳକୁ ନେଇ ଉତ୍ତରବାଲେଶ୍ୱର ସାଙ୍ଗଠନିକ ଜିଲା ଗଠିତ ହୋଇଥିବା କହିଥିଲେ। ଏହି ଅବସରରେ ଜିଲା ସଭାପତି ଓ ରାଜ୍ୟ ପରିଷଦ ସଦସ୍ୟଙ୍କ ନାମ ଘୋଷଣା ହୋଇଥିଲା। ବାଲେଶ୍ୱର ସାଙ୍ଗଠନିକ ଜିଲା ସଭାପତି ଭାବେ ଈଶ୍ୱର ଚନ୍ଦ୍ର ବେହେରା, ରାଜ୍ୟ ପରିଷଦ ସଦସ୍ୟ ଭାବେ ସଦରରୁ ଚିତ୍ତରଞ୍ଜନ ପଣ୍ଡା, ରେମୁଣାରୁ ଗିରିଧାରୀ ଦାସ, ନୀଳଗିରିରୁ କରୁଣାକର ପଣ୍ଡା, ସୋରରୁ ରବୀନ୍ଦ୍ର ଜେନା, ସିମୁଳିଆରୁ ରାକେଶ ମହାକୁଡ଼, ମହିଳା ସଦସ୍ୟା ଉଷାରାଣୀ ରାଉତ, ସୁଷମାରାଣୀ ବିଶ୍ୱାଳ ଓ ଭାରତୀ ମଲ୍ଲିକଙ୍କ ନାମ ଘୋଷଣା ହୋଇଥିଲା। ସେହିପରି ଉତ୍ତରବାଲେଶ୍ୱର ସାଙ୍ଗଠନିକ ଜିଲା ସଭାପତି ଭାବେ ପ୍ରଦୀପ କୁମାର ପଣ୍ଡାଙ୍କ ନାମ ଘୋଷଣା ହୋଇଥିଲା।

## ଦୁର୍ଘଟଣାରେ ୨ ଯୁବକ ଗୁରୁତର

ଝାରପୋଖରୀଆ, ୨୭।୧ (ସୁଧିର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ଝାରପୋଖରୀଆ ଥାନା ଅଧୀନ ବମ୍ବେଛକ ନିକଟସ୍ଥ ସତ୍‌ସଙ୍ଗ ବିହାରଠାରେ ସୋମବାର ଅପରାହ୍ନ ୩ଟାରେ ଏକ ଦୁର୍ଘଟଣାରେ ୨ ଯୁବକ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବାରିପଦାସ୍ଥିତ ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଯୁବକ ଦ୍ୱୟ ହେଲେ ଝାଡ଼ଖଣ୍ଡର ବହାଡ଼ାଗୋଡ଼ା ଥାନା ଅନ୍ତର୍ଗତ ବାଲିଯୋଡ଼ି ଗ୍ରାମର ଆଶୋକ କୁମାର ଘୋଷ ଓ ଶୁଭଙ୍କର ସାନ୍ତରା। ସୂଚନା ଅନୁଯାୟୀ, ଅଶୋକ ଓ ଶୁଭଙ୍କର ଏକ ସ୍କୁଟିରେ ବାରିପଦାରୁ ଝାରପୋଖରୀଆ ଦେଇ ଜାତୀୟ ରାଜପଥରେ ଘରକୁ ଫେରୁଥିବା ବେଳେ ଏକ ମିନିଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲା।

## ଶକ୍ତି ସଂରକ୍ଷଣ ଦକ୍ଷତା ବିକାଶ ତାଲିମ ଶିବିର



ଶିବିରରେ ଉପସ୍ଥିତ ଅତିଥିମାନେ।

ବାରିପଦା, ୨୭।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ପୌରାଞ୍ଚଳ ଅନ୍ତର୍ଗତ ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟେର ବାରିପଦା ଉପଖଣ୍ଡସ୍ତରୀୟ ବିଦ୍ୟାଳୟ ସମୂହର ଶକ୍ତି କ୍ଲବ (ଏନର୍ଜି କ୍ଲବ)ର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ଦିନିକିଆ ଦକ୍ଷତା ବିକାଶ ତାଲିମ ଶିବିର ସୋମବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି । ଜିଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ମନୋଜ ପରିଡା, ନୟନ ଗିରି, ପ୍ରାର୍ଥନା ମିଶ୍ର, ଅତସୀ କୁଣ୍ଡୁ, ଏଲଇଡି ଇଲେକ୍ଟ୍ରିକ ବଲ୍ବର ମେକାନିକ ଜଗନ୍ନାଥ କଳିଆ, ଟିପିଏନଓଡିଲର ଏକଜିକ୍ୟୁଟିଭ ଇଞ୍ଜିନିୟର ହିମାଂଶୁ ଶେଖର ପଣ୍ଡା ଯୋଗଦେଇ ଶକ୍ତି ସଂରକ୍ଷଣ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ବାଙ୍ଗିରିପୋଷି, କୁଳିଅଣା, ଶାମାଖୁଣ୍ଟା, ସାରସକଣା, ବାରିପଦା, ଶୁଳିଆପଦା ଆଦି ବ୍ଲକର ୧୪୩ ଜଣ ଓ ବଡ଼ସାହି, ବେତନଟୀ, ମୋରଡା, ରାସଗୋବିନ୍ଦପୁର ଆଦି ବ୍ଲକରୁ ୧୩୭ ଜଣ ଶିକ୍ଷକ ଅଂଶ ଗ୍ରହଣ କରି ଭବିଷ୍ୟତ ପାଇଁ ବର୍ତ୍ତମାନଠାରୁ କିପରି ଶକ୍ତି ସଂରକ୍ଷଣ କରିପାରିବେ ଏହା ଉପରେ ତାଲିମ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ ବିଦ୍ୟାଳୟର ଶିକ୍ଷକ ବିଶ୍ୱେଶ୍ୱର ଦ୍ୱିବେଦୀ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ପିକଅପ ଭ୍ୟାନ

### ୧୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଗୁରୁତର

କାଳିପଦା, ୨୭।୧(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ରାଇପୁରରେ ଅନୁଷ୍ଠିତ ହରିହାଟ ମହୋତ୍ସବ ପାଇଁ ସୋମବାର ସକାଳେ କେତେକ ଶ୍ରଦ୍ଧାଳୁ ପିକଅପ ଭ୍ୟାନ୍‌ରେ ବାଲିଆପାଟି ଜଗନ୍ନାଥ ମନ୍ଦିରକୁ ଆଜ୍ଞାମାଳ ଆଣିବାକୁ ଯାଉଥିବା ବେଳେ ବାହାବଳପୁର ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୧୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ବସ୍ତା ଏବଂ ବାଲେଶ୍ୱର ହସ୍‌ପିଟାଲରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣାରେ କିଛି ମହିଳା ଏବଂ ଛୋଟ ପିଲା ଗୁରୁତର ହୋଇଛନ୍ତି। ସିଂଲା ଥାନା ପୋଲିସ ପହଞ୍ଚି ତଦନ୍ତ କରୁଛି।

## ଟିପିଏନ୍‌ଓଡିଏଲ୍‌ର ବିଜନେସ୍ ଆସୋସିଏଟ୍‌ସ ମିଟ୍


ବିଜନେସ ମିଟ୍‌ରେ ଉପସ୍ଥିତ ଟିପିଏନଓଡିଏଲ ଅଧିକାରୀଙ୍କ ସହ ଆସୋସିଏଟ୍‌ସ।

ବାଲେଶ୍ୱର, ୨୭।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ ବିଜିନେସ୍ ଆସୋସିଏଟ୍‌ସ ମିଟ୍ ଅନୁଷ୍ଠିତ ହୋଇଯାଇଛି।

ସମସ୍ତେ ନିରାପତ୍ତା ଶପଥ ଗ୍ରହଣ କରିବା ସହ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଟିପିଏନଓଡିଏଲର ସିଇଓ ଦ୍ୱିଜଦାସ ବସାକ ଯୋଗଦେଇ ଆମର ଲକ୍ଷ୍ୟ ଆଗାମୀ ପ୍ରକଳ୍ପ ଏବଂ ଗୋଷ୍ଠୀ ବିକାଶକୁ ପ୍ରୋତ୍ସାହିତ କରୁଥିବା ପଦକ୍ଷେପ ଉପରେ କେନ୍ଦ୍ରୀଭୂତ ରହିଛି। ପାରସ୍ପରିକ ସଫଳତାକୁ ପ୍ରୋତ୍ସାହିତ କରିବାରେ ଆମ ସହିତ ସହଯୋଗ କରିବାକୁ ଆମେ ଆମର ବ୍ୟବସାୟିକ ସହଯୋଗୀମାନଙ୍କୁ ପ୍ରୋତ୍ସାହିତ କରୁଛୁ। କଣ୍ଟ୍ରାକ୍ଟ ଏବଂ ମାଟେରିଆଲ ମ୍ୟାନେଜମେଣ୍ଟ ମୁଖ୍ୟ ହରିଶ ଶର୍ମା ଟିପିଏନଓଡିଏଲର ଦୃଢ଼ ଭେଣ୍ଡର ସହଯୋଗିତା, ଏମ୍‌ଏସ୍‌ଏମ୍‌ଇ ଅଭିବୃଦ୍ଧି ପାଇଁ ଏହାର ସମର୍ଥନ ଏବଂ ଉଭୟ ଶିଳ୍ପ ଓ ସମୁଦାୟରେ ଏହାର ବିସ୍ତାରିତ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି ଯୋଗଦେଇ ସବୁଜ ଅଭିବୃଦ୍ଧି, ଗୋଷ୍ଠୀ ବିକାଶ ଏବଂ ପରିବେଶ ସଂରକ୍ଷଣ ପାଇଁ ଟିପିଏନଓଡିଏଲର ସମର୍ପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ମୁଖ୍ୟଯନ୍ତ୍ରୀ (ନିରାପତ୍ତା) ସୁରେଶ ଚନ୍ଦ୍ର ସାହୁ ଯୋଗଦେଇ ସମସ୍ତ କାର୍ଯ୍ୟରେ ଉଚ୍ଚ ନିରାପତ୍ତାମାନ ବଜାୟ ରଖିବା ଦିଗରେ ଆଲୋକପାତ କରିଥିଲେ। ସିଏଫ୍‌ଓ ଶିଲାଦିତ୍ୟ ସେନଗୁପ୍ତା, ପ୍ରକଳ୍ପ ମୁଖ୍ୟଯନ୍ତ୍ରୀ ରାଜୀବ ନାୟକ, ଆଇଇ ଆଣ୍ଡ ଇଏସଏର ମୁଖ୍ୟ ରମେନ୍ଦ୍ର ବଣିକଙ୍କ ସମେତ ୧୩୫ ବିଜନେସ ଆସୋସିଏଟ୍ ଏବଂ ଟିପିଏନଓଡିଏଲର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଟିପିଏନଓଡିଏଲର ବରିଷ୍ଠ ନେତୃତ୍ୱଙ୍କ ସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାପରେ କମ୍ପାନୀର ସଫଳତା ଏବଂ ନିରାପତ୍ତା ପ୍ରୟାସରେ ଅବଦାନ ପାଇଁ ଭେଣ୍ଡରମାନଙ୍କୁ ସମ୍ମାନିତ କରାଯାଇଥିଲା। ନିରାପତ୍ତାକୁ ପ୍ରାଥମିକତା ଦେଇ ଏକ ସୁରକ୍ଷା ସ୍କିଟ୍ ଆୟୋଜନ କରାଯାଇଥିଲା।

## ସଂକ୍ଷେପରେ

### ଟ୍ରମ୍ପ୍‌ଙ୍କ ସହ କଥା ହେଲେ ମୋଦି

ନୂଆଦିଲ୍ଲୀ,୨୭।୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ଟ୍ରମ୍ପ୍ ଦ୍ୱିତୀୟ ଥର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ମୋଦି ତାଙ୍କ ସହ ପ୍ରଥମ ଥର କଥା ହୋଇଛନ୍ତି। ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍‌ଙ୍କ ଐତିହାସିକ ବିଜୟ ପାଇଁ ପ୍ରଧାନମନ୍ତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଭୟ ନେତା ବିଶ୍ୱସ୍ତ ଭାଗୀଦାରି ପାଇଁ ପ୍ରତିଶ୍ରୁତିବଦ୍ଧ। ଆମ ଲୋକମାନଙ୍କ କଲ୍ୟାଣ ତଥା ବିଶ୍ୱ ଶାନ୍ତି, ସମୃଦ୍ଧି ଓ ସୁରକ୍ଷା ପାଇଁ ଆମେ ଏକାଠି କାର୍ଯ୍ୟ କରିବୁ ବୋଲି ପ୍ରଧାନମନ୍ତ୍ରୀ ଏକ୍ସ'ରେ ଲେଖିଛନ୍ତି।

### ସୈଫ୍‌ଙ୍କୁ ଆକ୍ରମଣ ଘଟଣା: ପଶ୍ଚିମବଙ୍ଗରୁ ମହିଳା ଗିରଫ

ଚେନ୍ନାଇ, ୨୭।୧ (ପି.ଟି.)

ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କୁ ହୋଇଥିବା ଆକ୍ରମଣ ଘଟଣାର ତଦନ୍ତ ଜାରି ରହିଛି। ପୂର୍ବରୁ ପୋଲିସ ଏହି ମାମଲାରେ ବାଂଲାଦେଶୀ ନାଗରିକ ଶରିଫୁଲ ଇସଲାମ ଶେହଜାଦଙ୍କୁ ଗିରଫ କରିଥିଲା। ସୋମବାର ମୁମ୍ବାଇ ପୋଲିସ ଶରିଫୁଲଙ୍କ ସହ ସମ୍ବନ୍ଧିତ ଥିବା ଜଣେ ମହିଳାଙ୍କୁ ପଶ୍ଚିମବଙ୍ଗର ନଦିଆ ଜିଲାର ଛପ୍ରାରୁ ଗିରଫ କରିଛି। ଶରିଫୁଲ ଯେଉଁ ସିମ୍ କାର୍ଡର ବ୍ୟବହାର କରୁଥିଲେ ତାହା ଉକ୍ତ ମହିଳାଙ୍କ ନାମରେ ପଞ୍ଜୀକୃତ ଥିବା ପୋଲିସ କହିଛି। ରବିବାର ମୁମ୍ବାଇ ପୋଲିସର ୨ ସଦସ୍ୟବିଶିଷ୍ଟ ଏକ ଟିମ୍ ଶରିଫୁଲଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରିବାକୁ ମୁମ୍ବାଇ ଗସ୍ତ କରି ମାମଲାର ତଦନ୍ତ ଚଳାଇଛି। ଉକ୍ତ ମହିଳାଙ୍କୁ ରିମାଣ୍ଡରେ ନେବା ପାଇଁ ମୁମ୍ବାଇ ପୋଲିସ କୋର୍ଟଙ୍କ ନିକଟରେ ଆବେଦନ କରିବ।

### ଲାଓସ୍ ସାଇବର ଦୁର୍ନୀତି କେନ୍ଦ୍ରରୁ ୬୭ ଭାରତୀୟ ଉଦ୍ଧାର

ଭିଏନ୍‌ତିଆନେ,୨୭।୧

ପ୍ରଲୋଭନରେ ପଡ଼ି ଲାଓସ୍‌ର ବୋକେଓ ପ୍ରଦେଶ ଅନ୍ତର୍ଗତ ଗୋଲ୍ଡେନ୍ ଟ୍ରାଙ୍ଗଲ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ସାଇବର ଅପରାଧ କେନ୍ଦ୍ରକୁ ଚାଲାଣ ହୋଇଥିବା ୬୭ ଭାରତୀୟ ଯୁବକଙ୍କୁ ଉଦ୍ଧାର କରାଯାଇଛି। ଭିଏଣ୍ଟିଆନାସ୍ଥିତ ଭାରତୀୟ ଦୂତାବାସ ସେମାନଙ୍କୁ ଉଦ୍ଧାର କରିଥିବାବେଳେ ଖୁବ୍‌ଶୀଘ୍ର ସ୍ୱଦେଶ ଅଣାଯିବ। ଅପରାଧ ସିଣ୍ଡିକେଟ୍‌ଗୁଡ଼ିକର ଧମକ ଏବଂ ନିର୍ଯାତନା ମଧ୍ୟରେ ସେମାନେ ସେଠାରେ କାମ କରିବାକୁ ବାଧ୍ୟ ହୋଇଥିଲେ। ଦୂତାବାସ ପକ୍ଷରୁ ତୁରନ୍ତ ଆବଶ୍ୟକ ସହାୟତା କରାଯାଇଥିଲା। ଗୋଟିଏ ଟିମ୍ ଉକ୍ତ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍‌କୁ ଯାଇ ଭାରତୀୟ ଯୁବକମାନଙ୍କୁ ଦୂତାବାସକୁ ଆଣିବା ପାଇଁ ଲାଓସ୍ କର୍ତ୍ତୃପକ୍ଷଙ୍କ ସହ ଏକାଠି କାର୍ଯ୍ୟ କରିଥିଲେ। ଦୂତାବାସରେ ସେମାନଙ୍କ ପାଇଁ ଖାଦ୍ୟ ଓ ଆଶ୍ରୟ ବ୍ୟବସ୍ଥା ହୋଇଛି। ବର୍ତ୍ତମାନ ସୁଦ୍ଧା ଲାଓସରୁ ୯୨୪ ଜଣ ଭାରତୀୟଙ୍କୁ ମୁକ୍ତ କରାଗଲାଣି।



ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଅନୁଷ୍ଠିତ ପରେଡ୍‌ରେ ଭାରତୀୟ ଯବାନମାନେ ସେମାନଙ୍କ ସାମର୍ଥ୍ୟ ପ୍ରଦର୍ଶନ କରୁଛନ୍ତି।

# ସାମରିକ ଶକ୍ତି, ସାଂସ୍କୃତିକ ଐତିହ୍ୟ ଦେଖାଇଲା ଭାରତ

## ସାଧାରଣତନ୍ତ୍ର ଦିବସ ପରେଡ୍

ନୂଆଦିଲ୍ଲୀ,୨୭।୧

୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ରବିବାର ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଅନୁଷ୍ଠିତ ପରେଡ୍‌ରେ ଭାରତ ଏହାର ସାମରିକ ସାମର୍ଥ୍ୟ ଏବଂ ସାଂସ୍କୃତିକ ଐତିହ୍ୟ ପ୍ରଦର୍ଶନ କରିଛି। ୩ ବାହିନୀର ସୈନ୍ୟଙ୍କ ସମେତ ଅର୍ଦ୍ଧସାମରିକ ବାହିନୀର ଯବାନମାନେ ସେମାନଙ୍କ ବ୍ୟାଣ୍ଡ ସହ ପରେଡ୍‌ରେ ସାମିଲ ହୋଇ ନେତା ଓ ଅତିଥିମାନଙ୍କ ସମ୍ମୁଖରେ ମାର୍ଚ୍ଚ କରିଥିଲେ। ବିଭିନ୍ନ ଦେଶ ଓ ବିଭାଗର ପ୍ରଜ୍ଞାପନ ମେଢ଼ଗୁଡ଼ିକ ମହାକୁମ୍ଭ ସମେତ ଦେଶର ସାଂସ୍କୃତିକ ବିବିଧତାର ଝଲକ ଦେଖାଇଥିଲେ। ସାଧାରଣତନ୍ତ୍ର ଦିବସ ଉତ୍ସବରେ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋୱୋ ସୁବିଆନ୍ତୋ ମୁଖ୍ୟ ଅତିଥି ହୋଇଥିଲେ। ଇଣ୍ଡୋନେସିଆ ଜାତୀୟ ସୈନ୍ୟବାହିନୀର ୩୪୨ ସଦସ୍ୟ ବିଶିଷ୍ଟ ଏକ କଣ୍ଟିଞ୍ଜେଣ୍ଟ ପରେଡ୍‌ରେ ଭାଗ ନେଇଥିଲା। ଏକ ବିଦେଶୀ ପରେଡ୍‌ରେ ପ୍ରଥମ ଥର ପାଇଁ ଇଣ୍ଡୋନେସିଆ ସୈନ୍ୟ ସାମିଲ ହୋଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପରେଡ୍‌ରେ ନାରୀଶକ୍ତିକୁ ସ୍ୱତନ୍ତ୍ର ପ୍ରାଧାନ୍ୟ ଦିଆଯାଇଥିଲା। ସିଆର୍‌ପିଏଫ୍‌ର କେବଳ ମହିଳାମାନଙ୍କ କଣ୍ଟିଞ୍ଜେଣ୍ଟ ପରେଡ୍‌ର ମୁଖ୍ୟ ବୈଶିଷ୍ଟ୍ୟ ଥିଲା। ୧୪୮ ଜଣିଆ ଏହି କଣ୍ଟିଞ୍ଜେଣ୍ଟରେ ନକ୍ସଲ ନିରୋଧୀ ଯବାନଙ୍କ ସମେତ ଉଗ୍ରବାଦ ନିରୋଧୀ, ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିବା ଯବାନମାନେ ଜାତୀୟ ସୁରକ୍ଷାରେ ମହିଳାଙ୍କ ଭୂମିକାକୁ ପ୍ରଦର୍ଶିତ କରିଥିଲେ।

ପ୍ରଧାନମନ୍ତ୍ରୀ ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେଡ୍‌ରେ ୧୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସମେତ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭିନ୍ନ ସଂଗଠନର ୩୧ଟି ପ୍ରଜ୍ଞାପନ ମେଢ଼ ସ୍ଥାନ ପାଇଥିଲା। 'ସ୍ୱର୍ଣ୍ଣିମ ଭାରତ: ବିରାସତ୍ ଔର ବିକାଶ' ଶୀର୍ଷକକୁ ପ୍ରଜ୍ଞାପନ ମେଢ଼ରେ ଗୁରୁତ୍ୱ ଦିଆଯାଇଥିଲା। ଔଦ୍ୟୋଗିକତା ଓ ଆତ୍ମନିର୍ଭରଶୀଳତା ଜରିଆରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣକୁ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ 'ଲାଖପତି ଦିଦି ଉପକ୍ରମ' ପ୍ରଜ୍ଞାପନ ମେଢ଼ରେ ପ୍ରଦର୍ଶିତ କରିଥିଲା। ଉତ୍ତରପ୍ରଦେଶ ପ୍ରଜ୍ଞାପନ ମେଢ଼ରେ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭର ପ୍ରଚାର କରାଯାଇଥିବାବେଳେ ମଧ୍ୟପ୍ରଦେଶ ପକ୍ଷରୁ ରାଜ୍ୟରେ ଚିତାବାଘର ପୁନଃପ୍ରବେଶ ଉପରେ ଫୋକସ୍ କରାଯାଇଥିଲା।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋୱୋ ସୁବିଆନ୍ତୋ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ୱାକ୍‌ଫ ବିଲ୍‌ରେ ୧୪ ସଂଶୋଧନକୁ ଜେପିସିର ମଞ୍ଜୁରୀ

### ନିୟମ ପାଳନ ହୋଇ ନ ଥିବା କହିଲେ ବିରୋଧୀ

ନୂଆଦିଲ୍ଲୀ,୨୭।୧(ପି.ଟି.)

ପ୍ରସ୍ତାବିତ ୱାକ୍‌ଫ ସଂଶୋଧନ ବିଲ୍‌ର ସଂଶୋଧନକୁ ଯୁଗ୍ମ ସଂସଦୀୟ କମିଟି (ଜେପିସି) ସୋମବାର ମଞ୍ଜୁରୀ ପ୍ରଦାନ କରିଛି। ଗତବର୍ଷ ଅଗଷ୍ଟରେ ଏହି ବିଲ୍ ପାର୍ଲାମେଣ୍ଟରେ ଆଗତ ହୋଇଥିଲା। କମିଟି ଦ୍ୱାରା ପ୍ରସ୍ତାବିତ ଅନ୍ୟତମ ଉଲ୍ଲେଖନୀୟ ସଂଶୋଧନ ହେଲା ଯଦି ସମ୍ପତ୍ତି ଧର୍ମୀୟ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥାଏ, ତେବେ ବର୍ତ୍ତମାନର ୱାକ୍‌ଫ ସମ୍ପତ୍ତିକୁ 'ବ୍ୟବହାରକାରୀଙ୍କ ଦ୍ୱାରା ୱାକ୍‌ଫ୍' ଆଧାରରେ ପ୍ରଶ୍ନ କରାଯାଇପାରିବ ନାହିଁ। ବର୍ତ୍ତମାନର ଆଇନରେ ରହିଥିବା 'ୱାକ୍‌ଫ ବାଏ ୟୁଜର'କୁ ନୂଆ ସଂସ୍କରଣରେ ଉଠାଇ ଦିଆଯିବ। ଏନ୍‌ଡିଏ ସଦସ୍ୟମାନେ ଆଣିଥିବା ୧୪ଟି ସଂଶୋଧନ ପ୍ରସ୍ତାବ ଗୃହୀତ ହୋଇଥିବା ଜେପିସି କମିଟି ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍ କହିଛନ୍ତି। ବିରୋଧୀ ସଦସ୍ୟମାନେ ୪୪ଟି କ୍ଲଜ୍‌ରେ ଶତାଧିକ ସଂଶୋଧନ ପ୍ରସ୍ତାବ ଆଣିଥିଲେ ହେଁ ସେଗୁଡ଼ିକ ଭୋଟରେ କାଟ୍ ଖାଇଥିଲା। ବିରୋଧୀ ଏମ୍‌ପିମାନେ ବର୍ତ୍ତମାନର ଆଇନରେ ରହିଥିବା ବ୍ୟବସ୍ଥାଗୁଡ଼ିକୁ କାଏମ ରଖିବାକୁ ଚାହୁଁଥିଲେ।

ପାଲ୍‌ଙ୍କ ଅଧ୍ୟକ୍ଷତାରେ ସୋମବାର ବସିଥିବା ଜେପିସି ବୈଠକରେ ବିରୋଧୀ ପ୍ରବଳ ହଟ୍ଟଗୋଳ କରିଥିଲେ। କମିଟି ଅଧ୍ୟକ୍ଷ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ନଷ୍ଟ କରିଥିବା ସେମାନେ ଅଭିଯୋଗ କରିଥିଲେ। କମିଟିର କାର୍ଯ୍ୟଧାରା ପରିହାସରେ ପରିଣତ ହୋଇଥିବା ଡିଏମ୍‌କେ ଏମ୍.ପି. ଏ ରାଜା ଅଭିଯୋଗ କରିବା ସହ ନୂଆ ଆଇନ ବିରୋଧରେ ସୁପ୍ରିମକୋର୍ଟ ଯିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ବିରୋଧୀଙ୍କ ଅଭିଯୋଗକୁ ପାଲ୍ ଖଣ୍ଡନ କରିବା ସହ ଗଣତାନ୍ତ୍ରିକ ଉପାୟରେ କମିଟି ସମସ୍ତ ସଂଶୋଧନକୁ ବିଚାରକୁ ନେଇଥିବା କହିଛନ୍ତି। ସଂଖ୍ୟାଗରିଷ୍ଠଙ୍କ ମତ କାଏମ ରହିଛି। ଜାନୁଆରୀ ୩୧ରୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେଉଥିବାବେଳେ ପ୍ରଥମାର୍ଦ୍ଧରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଏହାକୁ ଗୃହୀତ କରାଇପାରେ।

## ଉତ୍ତରାଖଣ୍ଡରେ ୟୁସିସି ଲାଗୁ ହେଲା

ଡେରାଡୁନ୍,୨୭।୧(ପି.ଟି.)



ପୁଷ୍କର ସିଂ ଧାମି

ଦେଶର ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡ ସୋମବାର ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିଛି। ଫଳରେ ୨୦୨୨ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପା ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏହାର ବିଜ୍ଞପ୍ତି ଏବଂ କାର୍ଯ୍ୟକାରିତା ନିୟମାବଳୀ ଉନ୍ମୋଚନ କରିବା ପରେ ୟୁସିସି କାର୍ଯ୍ୟକାରୀ ହୋଇଛି। ବିବାହ, ଛାଡ଼ପତ୍ର ଏବଂ ଲିଭ୍-ଇନ୍ ରିଲେଶନ ପାଇଁ ଅନ୍‌ଲାଇନ ପଞ୍ଜୀକରଣକୁ ବାଧ୍ୟତାମୂଳକ କରିବା ନିମନ୍ତେ ଏକ ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରେକ୍ଷାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସବୁ ଧର୍ମର ପ୍ରତ୍ୟେକ ନାଗରିକଙ୍କ ପାଇଁ ୟୁସିସି ସମାନ ଆଇନର ବ୍ୟବସ୍ଥା କରିଛି। ଧାମି ଏହାର ସମ୍ପୂର୍ଣ୍ଣ ଶ୍ରେୟ ରାଜ୍ୟବାସୀଙ୍କୁ ଦେଇଛନ୍ତି। ଧର୍ମମତ ନିର୍ବିଶେଷରେ ମହିଳାମାନଙ୍କ ପ୍ରତି ରହିଆସିଥିବା ସମସ୍ତ ପକ୍ଷପାତ ବ୍ୟବସ୍ଥାକୁ ଏହି ଆଇନ ବନ୍ଦ କରିବ। ପ୍ରଥମ ରାଜ୍ୟ ଭାବେ ଏହି ଆଇନକୁ ଲାଗୁ କରିଥିବାରୁ ଏହା ଉତ୍ତରାଖଣ୍ଡ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ଧାମି କହିଛନ୍ତି।

## ଚେନ୍ନାଇ ଉପକୂଳରେ ହଜାରେରୁ ଅଧିକ ଅଲିଭ୍ ରିଡ୍‌ଲେ ମୃତ

ଚେନ୍ନାଇ, ୨୭।୧



ତାମିଲନାଡୁର ଚେନ୍ନାଇ ଉପକୂଳରେ ଗତ ମାସେ ମଧ୍ୟରେ ୧ ହଜାରରୁ ଅଧିକ ଅଲିଭ୍ ରିଡ୍‌ଲେ ପ୍ରଜାତିର କଇଁଛଙ୍କର ମୃତଦେହ ମିଳିଛି, ଯାହାକୁ ନେଇ କଇଁଛ ସରକ୍ଷଣ କର୍ମୀ ଓ ପ୍ରାଣୀ ଅଧିକାର କର୍ମୀଙ୍କ ମଧ୍ୟରେ ବ୍ୟାପକ ଚିନ୍ତା ପ୍ରକାଶ ପାଇଛି। ଘଟଣାକୁ ନେଇ ବିଭିନ୍ନ କଇଁଛ ସଂରକ୍ଷଣ କର୍ମୀ କହିଛନ୍ତି, ସମୁଦ୍ରର ଢେଉରେ ଧୋଇ ହୋଇ ଆସୁଥିବା କଇଁଛଙ୍କର ମୃତଦେହଗୁଡ଼ିକ ମୋଟ ମୃତ୍ୟୁର ମାତ୍ର ୧୦% ହୋଇପାରେ। ସହରର ଉପକୂଳରେ ଗତ ମାସେ ମଧ୍ୟରେ ୫ରୁ ୧୦ ହଜାର ଅଲିଭ୍ ରିଡ୍‌ଲେ କଇଁଛଙ୍କର ମୃତ୍ୟୁ ହୋଇଥିବା ସେମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ପ୍ରାଣୀ ଅଧିକାର କର୍ମୀ ଆଣ୍ଟୋନି ରୁବିନ କହିଛନ୍ତି, ମୃତ କଇଁଛମାନଙ୍କର ବାହାରକୁ ଆସି ଯାଇଥିବା ବେକ ଓ ଆଖିରୁ ସ୍ପଷ୍ଟ ସଙ୍କେତ ମିଳୁଛି, ବୁଡ଼ିଯାଇଥିବା କାରଣରୁ ସେମାନଙ୍କର ମୃତ୍ୟୁ ଘଟିଛି। ସାଧାରଣତଃ ଅଲିଭ ରିଡ୍‌ଲେ କଇଁଛମାନେ ୪୫ ମିନିଟ ପର୍ଯ୍ୟନ୍ତ ସେମାନଙ୍କର ନିଃଶ୍ୱାସ ରୋକି ପାରିଥାନ୍ତି ବୋଲି ରୁବିନ କହିଛନ୍ତି। ପ୍ରକାଶ ଯେ, ପ୍ରତିବର୍ଷ ଶୀତ ଋତୁରେ ତାମିଲନାଡୁ ଉପକୂଳରେ ବସା ପ୍ରସ୍ତୁତ କରିବାକୁ ୭ ହଜାର କି.ମି. ପର୍ଯ୍ୟନ୍ତ ଦୂରରୁ ଅଲିଭ୍ ରିଡ୍‌ଲେ କଇଁଛମାନେ ଆସି ଚେନ୍ନାଇ ଉପକୂଳରେ ପହଞ୍ଚିଥାନ୍ତି।ସାମୁଦ୍ରିକ ଇକୋ ସିଷ୍ଟମରେ ସନ୍ତୁଳନ ବଜାୟ ରଖିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

## ସ୍ୱାଧୀନତାର ୭୮ ବର୍ଷ ପରେ ଗାଁରେ ପହଞ୍ଚିଲା ବିଜୁଳି

ରାୟପୁର, ୨୭।୧

ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ପରେ ଛତିଶଗଡ଼ର ବିଜାପୁର ଜିଲା ଚିକାପଲ୍ଲି ଗ୍ରାମରେ ପ୍ରଥମଥର ପାଇଁ ବିଜୁଳି ପହଞ୍ଚିଛି। ବିଜାପୁର ଜିଲା ମୁଖ୍ୟାଳୟଠାରୁ ୫୦ କି.ମି. ଦୂରରେ ଅବସ୍ଥିତ ଚିକାପଲ୍ଲିରେ ଲୋକମାନେ ବର୍ତ୍ତମାନ ସୁଦ୍ଧା ବିନା ବିଜୁଳିରେ ରହିଆସୁଥିଲେ। ରାଜ୍ୟର ଦୁର୍ଗମ ଅଞ୍ଚଳରେ ଥିବା ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡ଼ିକୁ ମୌଳିକ ସୁବିଧା ଯୋଗାଇଦେବା ପାଇଁ ଛତିଶଗଡ଼ ସରକାରଙ୍କ ନୂତନ 'ନିୟଦ ନେଲାନ୍ନାର ଯୋଜନା' ଅନ୍ତର୍ଗତ ଚିକାପଲ୍ଲି ଗ୍ରାମରେ ରବିବାର ସାଧାରଣତନ୍ତ୍ର ଦିବସ ଅବସରରେ ବିଜୁଳି ସଂଯୋଗ ହୋଇଛି। ବର୍ତ୍ତମାନ ସୁଦ୍ଧା ଚିକାପଲ୍ଲିକୁ ମିଶାଇ ବିଜାପୁର ଜିଲାର ୬ଟି ଗ୍ରାମରେ 'ନିୟଦ ନେଲାନ୍ନାର ଯୋଜନା'ରେ ବିଜୁଳି ସଂଯୋଗ କରାଯାଇଥିବା ଜିଲାପାଳ ସମ୍ବିତ ମିଶ୍ରା ସୂଚନା ଦେଇଛନ୍ତି। ଆସନ୍ତା ମାସଗୁଡ଼ିକରେ ମଧ୍ୟ ଏହି ଯୋଜନାରେ ଆହୁରି ଅନେକ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଗ୍ରାମଗୁଡ଼ିକରେ ବିଜୁଳି ସଂଯୋଗ କରାଯିବ ବୋଲି ସେ କହିଛନ୍ତି।

ବିଜାପୁର ପରି ଛତିଶଗଡ଼ର ମାଓ ଅଧ୍ୟୁଷିତ ଅଞ୍ଚଳର ବିକାଶ ପାଇଁ ଚିକାପଲ୍ଲିରେ ବିଜୁଳି ସଂଯୋଗ ହେବା ଘଟଣାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚନା କରାଯାଉଛି। ବିଜୁଳି ମିଳିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦର ବାତାବରଣ ଖେଳିଯାଇଥିବା ସହ ସେମାନଙ୍କ ମୁହଁରେ ନୂତନ ଆଶାର ଝଲକ ଦେଖିବାକୁ ମିଳିଛି। ଏହା ଗ୍ରାମ ପାଇଁ ଏକ ନୂତନ ଅଧ୍ୟାୟ ସଦୃଶ ହୋଇଥିବା ଗ୍ରାମବାସୀ କହିଛନ୍ତି। ଏହି ମାଓ ପ୍ରଭାବିତ ଗ୍ରାମର ବାସିନ୍ଦାଙ୍କ ପାଇଁ ରାସ୍ତା, ଜଳ, ସ୍ୱାସ୍ଥ୍ୟସେବା ଆଦି ଅନେକ ମୌଳିକ ସୁବିଧା ବର୍ତ୍ତମାନ ପର୍ଯ୍ୟନ୍ତ ଅପହଞ୍ଚ ରହିଛି। ତେବେ ଗ୍ରାମକୁ ବିଜୁଳି ସଂଯୋଗ ହେବା ପରେ ଖୁବ୍‌ଶୀଘ୍ର ଅନ୍ୟାନ୍ୟ ମୌଳିକ ସୁବିଧାଗୁଡ଼ିକ ମଧ୍ୟ ମିଳିବ ବୋଲି ଚିକାପଲ୍ଲି ଗ୍ରାମର ଗ୍ରାମବାସୀ ଆଶାପ୍ରକଟ କରିଛନ୍ତି। ବିଜୁଳି ଆସିବା ପରେ ଗ୍ରାମର ପ୍ରତ୍ୟେକ ଘର କେବଳ ଆଲୋକିତ ହୋଇନାହିଁ ବରଂ ଗ୍ରାମରେ ଅନ୍ୟାନ୍ୟ ବିକାଶ କାର୍ଯ୍ୟରେ ମଧ୍ୟ ଅଗ୍ରଗତି ଦେଖିବାକୁ ମିଳିବ। ଏହାଦ୍ୱାରା ସେମାନଙ୍କ ଜୀବନରେ ଅନେକ ସକାରାତ୍ମକ ପରିବର୍ତ୍ତନ ଆସିବ ବୋଲି ଗ୍ରାମବାସୀ କହିଛନ୍ତି। ଏବେ ସେମାନେ ରାତିରେ ମଧ୍ୟ ସୁରକ୍ଷିତ ଅନୁଭବ କରିବେ ଏବଂ ପାଠପଢ଼ାରେ ପିଲାମାନଙ୍କୁ କୌଣସି ବାଧାବିଘ୍ନ ଆସିବ ନାହିଁ। ଗ୍ରାମର ପିଲାମାନେ ଉନ୍ନତ ଶିକ୍ଷା ପାଇବାକୁ ସକ୍ଷମ ହେବା ସହ ସେମାନେ ରାତିରେ ମଧ୍ୟ ପଢ଼ିପାରିବେ। ରାତିରେ ବିଭିନ୍ନ କାମ କରିବାକୁ ଏବେଠାରୁ ସହଜ ହେବ ବୋଲି ଗ୍ରାମବାସୀ କହିଛନ୍ତି।



## ଫୁରସତ୍

### 'କୁଛ୍ କୁଛ୍ ହୋତା ହୈ' ଗାଇଲେ ଇଣ୍ଡୋନେସୀୟ ପ୍ରତିନିଧି ଦଳ



ନୂଆଦିଲ୍ଲୀ

ଭାରତର ୭୬ତମ ଗଣତନ୍ତ୍ର ଦିବସର ବିଶେଷ ଉତ୍ସବରେ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ ସୁବିଆନ୍ତୋ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶନିବାର ରାତିରେ ରାଷ୍ଟ୍ରପତି ଭବନରେ ଆୟୋଜିତ ରାତ୍ରି ଭୋଜନ ଉତ୍ସବରେ ରାଷ୍ଟ୍ରପତି ପ୍ରବୋଓ ସୁବିଆନ୍ତୋଙ୍କ ସହ ଆସିଥିବା ଇଣ୍ଡୋନେସିଆର ପ୍ରତିନିଧି ଦଳ ୧୯୯୮ରେ ରିଲିଜ୍ ହୋଇଥିବା ବଲିଉଡ୍ ସୁପରଷ୍ଟାର ଶାହାରୁଖ ଖାନଙ୍କ ପ୍ରସିଦ୍ଧ 'କୁଛ୍ କୁଛ୍ ହୋତା ହୈ' ଫିଲ୍ମର ଟାଇଟଲ ସଙ୍ଗ ଗାଇ ସମସ୍ତଙ୍କର ହୃଦୟ ଜିତିଥିଲେ। ଏହି ଇଣ୍ଡୋନେସୀୟ ପ୍ରତିନିଧି ଦଳରେ ଇଣ୍ଡୋନେସିଆର କେତେଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ରହିଥିଲେ। ବିଶିଷ୍ଟ ସଙ୍ଗୀତଜ୍ଞ ଉଦିତ ନାରାୟଣ ଏବଂ ଅଲ୍‌କା ୟାଗ୍ନିକ ଏହି ପ୍ରସିଦ୍ଧ ଗୀତକୁ ଗାଇଥିବା ବେଳେ ଏଥିରେ ଶାହରୁଖଙ୍କ ସହ ଅଭିନେତ୍ରୀ କାଜୋଲ ଓ ରାନୀ ମୁଖାର୍ଜୀ ଅଭିନୟ କରିଥିଲେ।

### ପଦ୍ମ ପୁରସ୍କାରକୁ ନେଇ ସୋନୁ ଅସନ୍ତୁଷ୍ଟ



**ମୁମ୍ବାଇ:** ସାଧାରଣତନ୍ତ୍ର ଦିବସର ପୂର୍ବ ସନ୍ଧ୍ୟାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ୧୩୯ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଚଳିତ ବର୍ଷର ପଦ୍ମ ପୁରସ୍କାର ବିଜେତା ଭାବେ ଘୋଷଣା କରାଯାଇଥିଲା। ତେବେ ଏହି ତାଲିକାକୁ ନେଇ ବିଶିଷ୍ଟ ଗାୟକ ତଥା ସଙ୍ଗୀତ ନିର୍ଦ୍ଦେଶକ ସୋନୁ ନିଗମ ସୋମବାର ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ମେସେଜ୍ ଜାରି କରି ଅସନ୍ତୋଷ ପ୍ରକାଶ କରିଛନ୍ତି। କିଶୋର କୁମାର, ଅଲକା ୟାଗ୍ନିକ, ଶ୍ରେୟା ଘୋଷାଲ, ସୁନିଧି ଚୌହାନଙ୍କ ପରି ଅନେକ ଖ୍ୟାତନାମା ଭାରତୀୟ ସଙ୍ଗୀତଜ୍ଞଙ୍କୁ ଏବେ ମଧ୍ୟ ପଦ୍ମ ପୁରସ୍କାର ମିଳିନାହିଁ ବୋଲି ସେ କହିଛନ୍ତି। ସେହିପରି ପ୍ରଖ୍ୟାତ ସଙ୍ଗୀତଜ୍ଞ ମହମ୍ମଦ ରଫିଙ୍କୁ ଭାରତ ସରକାର କେବଳ ପଦ୍ମଶ୍ରୀ ସମ୍ମାନ ଦେଇ ବସିଯାଇଛନ୍ତି। ସୋନୁ ଆହୁରି କହିଛନ୍ତି, ଅଲ୍‌କାଙ୍କର ସଙ୍ଗୀତ ଜଗତରେ ଲମ୍ବା କ୍ୟାରିୟର ରହିଛି। ଏହାସତ୍ତ୍ୱେ ମଧ୍ୟ ତାଙ୍କୁ ବର୍ତ୍ତମାନ ସୁଦ୍ଧା ଭାରତ ସରକାରଙ୍କ ପକ୍ଷରୁ କୌଣସି ସମ୍ମାନ ମିଳିନାହିଁ। ସେହିପରି ଦୀର୍ଘବର୍ଷ ଧରି ଶ୍ରେୟା ମଧ୍ୟ ସଙ୍ଗୀତ କ୍ଷେତ୍ରରେ ନିଜ ଯୋଗ୍ୟତାକୁ ପ୍ରଦର୍ଶିତ କରିଛନ୍ତି। ସେ ମଧ୍ୟ ପଦ୍ମ ପୁରସ୍କାର ପାଇବାକୁ ଯୋଗ୍ୟ। ସେହିପରି ସୁନିଧି ନିଜ ସୁମଧୁର ସ୍ୱରରେ ଅନେକ ଗୀତ ଗାଇ ବିଭିନ୍ନ ପିଢ଼ିର ଲୋକଙ୍କ ମନ ଜିଣିପାରିଛନ୍ତି। ତାଙ୍କୁ ମଧ୍ୟ ଏଯାଏ କିଛି ବି ସମ୍ମାନ ମିଳିନାହିଁ। ତେଣୁ ଭାରତ ସରକାର ସଙ୍ଗୀତଜ୍ଞମାନଙ୍କୁ ସେମାନଙ୍କର କଳା ଓ ସାମର୍ଥ୍ୟକୁ ଦୃଷ୍ଟିରେ ରଖି ସମ୍ମାନିତ କରିବାର ଆବଶ୍ୟକତା ରହିଛି, ଯାହାଫଳରେ ସଙ୍ଗୀତ କ୍ଷେତ୍ରରେ କାର୍ଯ୍ୟ କରିବାକୁ ନୂତନ ଯୁବପିଢ଼ି ମଧ୍ୟ ପ୍ରେରଣା ପାଇପାରିବେ। ୨୦୨୨ରେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ସୋନୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ।

### ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ

#### ଡେଟା ଗୋପନୀୟତା ଦିବସ

**ଡେଟା** ଗୋପନୀୟତା ଦିବସ ହେଉଛି ଏକ ଅନ୍ତର୍ଜାତୀୟ ଦିବସ। ଏହା ପ୍ରତିବର୍ଷ ୨୮ ଜାନୁଆରୀରେ ପାଳିତ ହୋଇଥାଏ। ଏହି ଦିବସର ଉଦ୍ଦେଶ୍ୟ ହେଉଛି ସଚେତନତା ସୃଷ୍ଟି କରିବା ଏବଂ ଗୋପନୀୟତା ତଥା ତଥ୍ୟ ସୁରକ୍ଷା ସର୍ବୋତ୍ତମ ଅଭ୍ୟାସକୁ ପ୍ରୋତ୍ସାହିତ କରିବା। ଏହା ଆମେରିକା, କାନାଡା, କାତାର, ନାଇଜେରିଆ, ଇସ୍ରାଏଲ ସମେତ ୪୭ଟି ୟୁରୋପୀୟ ଦେଶରେ ପାଳନ କରାଯାଇଥାଏ।

ଏହି ଦିବସ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିଥାଏ, ଯାହା ଟେକ୍ନୋଲୋଜି ଉପକରଣଗୁଡ଼ିକର ବିକାଶକୁ ଉତ୍ସାହିତ କରି ବ୍ୟକ୍ତିଗତ ଚିହ୍ନଟଯୋଗ୍ୟ ସୂଚନା ଉପରେ ବ୍ୟକ୍ତିଗତ ନିୟନ୍ତ୍ରଣକୁ ପ୍ରୋତ୍ସାହିତ କରିଥାଏ। ଗୋପନୀୟତା ନିୟମ ଏବଂ ନିୟମାବଳୀକୁ ପାଳନ କରିବାକୁ ଏହି ଦିବସ ଉତ୍ସାହିତ କରିଥାଏ। ଏହି ଅନ୍ତର୍ଜାତୀୟ ଦିବସ ସରକାର, ଶିଳ୍ପ, ଏକାଡେମୀ, ଅଣ-ଲାଭକାରୀ ସଂସ୍ଥା, ଗୋପନୀୟତା ବୃତ୍ତିଗତ ତଥା ଶିକ୍ଷାବିତ୍‌ଙ୍କ ମଧ୍ୟରେ ସହଯୋଗ ପାଇଁ ସୁଯୋଗ ପ୍ରଦାନ କରିଥାଏ।



ବ୍ୟକ୍ତିଗତ ତଥ୍ୟର ସ୍ୱୟଂଚାଳିତ ପ୍ରକ୍ରିୟାକରଣ ସମ୍ବନ୍ଧରେ ବ୍ୟକ୍ତିବିଶେଷଙ୍କ ସୁରକ୍ଷା ସମ୍ମିଳନୀ ୨୮ ଜାନୁଆରୀ ୧୯୮୧ରେ ୟୁରୋପର ପରିଷଦ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା। ୟୁରୋପୀୟ ପରିଷଦ ଦ୍ୱାରା ପ୍ରଥମେ ୨୦୦୭ରେ ଡେଟା ସୁରକ୍ଷା ଦିବ ଦିବସ ଭାବରେ ଏହା ପାଳିତ ହୋଇଥିଲା। ଦୁଇ ବର୍ଷ ପରେ, ୨୬ ଜାନୁୟାରୀ ୨୦୦୯ରେ, ଆମେରିକା ହାଉସ ଅଫ କମନ୍ସ ଏହି ଦିବସ ଜାନୁଆରୀ ୨୮ରେ ପାଳନ କରାଯିବା ଲାଗି ଘୋଷଣା କରିଥିଲେ ।

# 'ଅଧିକାର ସାବ୍ୟସ୍ତ କରିବାକୁ ସୁଯୋଗ ଦେଉଛି ଗଣତନ୍ତ୍ର'


ଜିଲାପାଳ ଓ ଏସ୍‌ପି ଅଭିବାଦନ ଗ୍ରହଣ କରୁଛନ୍ତି।

## ମୟୂରଭଞ୍ଜ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

ବାରିପଦା,୨୭।୧ (ନାଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦା ଭଞ୍ଜପୁରସ୍ଥିତ ପରେଡ ପଡ଼ିଆରେ ଜିଲାସ୍ତରୀୟ ୭୬ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ହେମକାନ୍ତ ସୟ ଜାତୀୟ ପତାକା ଉତ୍ତୋଳନ, ସମ୍ମିଳିତ ପରେଡରେ ଅଭିବାଦନ, ଉଦ୍‌ବୋଧନ, ପୁରସ୍କାର ବିତରଣ ଓ ବିବିଧ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଗଣତନ୍ତ୍ରର ଇତିହାସ, ଗଣତନ୍ତ୍ର ବ୍ୟବସ୍ଥା ଲାଗୁ ପାଇଁ ଭଞ୍ଜ ପ୍ରଶାସନର ମହତ୍ୱ, ଆଜିର ସମୟରେ ଗଣତନ୍ତ୍ର କିଭଳି ଲୋକମାନଙ୍କୁ ସେବା ମାଧ୍ୟମରେ ଅଧିକାର ସାବ୍ୟସ୍ତ କରିବାକୁ ସୁଯୋଗ ଦେଉଛି ସେ ବିଷୟରେ ଅବଗତ କରିଥିଲେ। ଏଥିସହିତ ଜିଲା ପ୍ରଶାସନ ଦ୍ୱାରା ବିଭିନ୍ନ ଜନହିତକର ଏବଂ ଯୁଗପଯୋଗୀ କାର୍ଯ୍ୟ ସମ୍ପର୍କରେ କହିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଓ ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ରହି ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପୋଲିସ ବ୍ୟାଣ୍ଡ ଦ୍ୱାରା ପରିବେଷିତ ରାଷ୍ଟ୍ରୀୟ ସଙ୍ଗୀତ ଏବଂ ପରେ ରିଜର୍ଭ ପୋଲିସ ନିରୀକ୍ଷକ ତଥା କମାଣ୍ଡର ଆଲୋକ କୁମାର କାନୁନ୍‌ଗୋଙ୍କ ଦ୍ୱାରା ପରିଚାଳିତ ପରେଡରେ ଓଏସ୍‌ଏପି, ପୋଲିସ, ହୋମଗାର୍ଡ, ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନା, ସ୍କାଉଟ ଏବଂ ଗାଇଡ୍ ଓ ସିଭିଲିଆନ ସମେତ ୩୪ ଗୋଟି ଟ୍ରୁପ ରାଷ୍ଟ୍ରୀୟ ଏକତାର ପରିଚୟ ତ୍ରିରଙ୍ଗା ପତାକାକୁ ସମ୍ମାନ ଜଣାଇଥିଲେ। ଜିଲା ପୋଲିସ ଏବଂ ଓଏସ୍‌ଏପି ୫ମ ବାଟାଲିଅନ ଦଳ ପକ୍ଷରୁ ଏକ ସୁନ୍ଦର ମକ୍‌ଡ୍ରିଲ ଦେଖିବାକୁ ମିଳିଥିଲା। ବିଭିନ୍ନ ସରକାରୀ ଯୋଜନାର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯାଇଥିବା ବେଳେ ଜିଲା ସ୍ୱାସ୍ଥ୍ୟ ସମିତିକୁ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଥିଲା। ଗଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। କ୍ରୀଡ଼ା ବିଭାଗରେ ସଫଳତା ହାସଲ କରିଥିବା ଅନ୍ତର୍ଜାତୀୟ ରଗ୍‌ବି ଖେଳାଳି ସୁମିତା ହାଁସଦା ଓ ଫୁଟବଲରେ ରାଜ୍ୟସ୍ତରର କ୍ରୀଡ଼ାବିତ ମାନପତ୍ର ମାଣ୍ଡିଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମିଳିତ ପରେଡରେ ଅଂଶଗ୍ରହଣ କରିଥିବା ଦଳମାନଙ୍କୁ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ମିଷ୍ଟାନ୍ନ ଦିଆ ଯାଇଥିଲା। ଏହି ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଜିଲାପାଳ ଏକାଦଶ ବନାମ ଜିଲା ଆରକ୍ଷୀ ଅଧୀକ୍ଷକ ଏକାଦଶ ମଧ୍ୟରେ ବାରିପଦା ଷ୍ଟାଡିୟମଠାରେ ଆୟୋଜନ କରାଯାଇଥିଲା। ଏଥିରେ ଜିଲା ଆରକ୍ଷୀ ଅଧୀକ୍ଷକ ଏକାଦଶ ବିଜୟୀ ହୋଇଥିଲା। ସନ୍ଧ୍ୟାରେ ଜିଲାସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗାଦି ଛାଡୁ ନାହାନ୍ତି ଅଧିକାରୀ

ବାରିପଦା,୨୭।୧ (ନାଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀମାନେ ସରକାରଙ୍କ ବଦଳି ଆଦେଶକୁ ଅବମାନନା କରିଚାଲିଛନ୍ତି। ଗାଦି ଛାଡ଼ିବା ପରିବର୍ତ୍ତେ ପୁନଶ୍ଚ ଅଧିଥାନ ଦିଗରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ପ୍ରୟାସ ଚଳାଇବା ଜାରି ରଖିଛନ୍ତି। ଫଳରେ ଜିଲାରେ ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜୁଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଯାହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଉଛି। ରାଜ୍ୟରେ ସରକାର ପରିବର୍ତ୍ତନ ହେବାର ୮ମାସ ପୂରିବାକୁ ବସିଛି। ମୟୂରଭଞ୍ଜ ଜିଲାରେ ସମସ୍ତ ବିଧାୟକ ଓ ଏମ୍‌ପି ଆସନ ଭାଜପା ଅକ୍ତିଆର କରିଛି। ଜିଲାର ବିକାଶ, ବେକାରୀ ସମସ୍ୟାର ସମାଧାନ ଓ ଖଣି ଲୁଟରେ ଅତିଷ୍ଠ ହୋଇ ଜିଲାବାସୀ ବିଜେଡିକୁ ପ୍ରତ୍ୟାଖ୍ୟାନ କରି ଭାଜପାକୁ ବହୁମତ ପ୍ରଦାନ କରିଥିଲେ। ପରିବର୍ତ୍ତନ ପରେ ନୂଆ ସରକାରରେ ଅଧିକାରୀମାନଙ୍କ କାର୍ଯ୍ୟକଳାପକୁ ନେଇ ମାନସମନ୍ଥନ କରାଯାଇ ବଦଳି ଆଦେଶ ଜାରି କରାଯାଇଥିଲା। ମାତ୍ର ଏହି ଆଦେଶକୁ ବେଖାତିର କରି ଅଧିକାରୀମାନେ ନିଜ ସ୍ଥାନକୁ ସୁରକ୍ଷିତ ରଖିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏନେଇ ଜିଲାବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ଜନପ୍ରତିନିଧିମାନେ ଆଖିବୁଜି ଦେଇ ଚାଲିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଓଡ଼ିଶା ପୋଲିସ ମୁଖ୍ୟାଳୟ ପତ୍ର ସଂଖ୍ୟା ୧୧୫୯/୨୭।୧୨।୨୦୨୪ରେ ୨୦୮ ପୋଲିସ ଅଧିକାରୀଙ୍କ ବଦଳି ନୋଟିସ ପ୍ରକାଶ ପାଇଥିଲା। ଜିଲାରୁ ୮ ଇନିସପେକ୍ଟରଙ୍କ ଅନ୍ୟ ଜିଲାକୁ ବଦଳି ହୋଇଥିବା ବେଳେ ଅନ୍ୟ ଜିଲାରୁ ୬ ଜଣଙ୍କୁ ମୟୂରଭଞ୍ଜ ଜିଲାକୁ ପଠାଯାଇଛି। ମାତ୍ର ବଦଳି ଆଦେଶ ଜାରି ହେବାର ଏକମାସ ବିତିଯାଇଥିଲେ ମଧ୍ୟ ଅଧିକାରୀମାନେ ନିଜ ସ୍ଥାନ ଛାଡ଼ିବାକୁ ଅମଙ୍ଗ ହେଉଛନ୍ତି। ସେହିପରି ଜିଲାର ବିଭିନ୍ନ ବିଭାଗରେ ଥିବା ଅଧିକାରୀମାନଙ୍କ ବଦଳି ଆଦେଶ ପ୍ରକାଶ ପାଇଥିଲେ ମଧ୍ୟ ସେଥି ମଧ୍ୟରୁ କେତେକଣ ପୁନର୍ବାର ଅଧିଥାନ ହେବାକୁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଏ ନେଇ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କୁହନ୍ତି, ଜିଲାରେ ଦୁର୍ନୀତିକୁ ପ୍ରୋତ୍ସାହନ ଦେବାପାଇଁ ହୀନ ପ୍ରୟାସ କରାଯାଉଛି। ଅଧିକାରୀମାନେ ବଦଳି ହେଲେ ବିକାଶ ମୂଳକ କାର୍ଯ୍ୟର ଅଗ୍ରଗତି ସରଳ ହୋଇପାରିବ। ମାତ୍ର ଜନପ୍ରତିନିଧି ଓ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କ ହୀନ ମାନସିକତା ଯୋଗୁ ବଦଳି ଆଦେଶ ବାତିଲ ପାଇଁ ଅଧିକାରୀମାନେ ଯୋଜନା ଚାଲୁ ରଖିଛନ୍ତି। ଏହା ଦ୍ୱାରା ଜିଲାରେ ଜନ ଆନ୍ଦୋଳନ ଦେଖିବା ଆରମ୍ଭ ହୋଇଛି। ସେହିପରି ନିମାଇଁ ପ୍ରଧାନ କୁହନ୍ତି, ବଦଳି ଓ ନିଯୁକ୍ତି କ୍ଷେତ୍ରରେ ବିଧାୟକ କିମ୍ବା ଏମ୍‌ପିମାନେ ସଂପୃକ୍ତ ନ ହୋଇ ନିଜ ଅଞ୍ଚଳପ୍ରତି ଧ୍ୟାନ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱର ଗସ୍ତରେ ଆସି ବୈଠକରେ ପ୍ରକାଶ କରିଥିଲେ। ଜନପ୍ରତିନିଧିଙ୍କ ସୁରକ୍ଷା ବଳୟରେ ରହି ଜିଲାରେ ଲୁଟପାଟ କରିବାକୁ କେତେକଣ ଅଧିକାରୀ ଷଡ଼ଯନ୍ତ୍ର ଚଳାଉଛନ୍ତି। ତେଣୁ ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏ ସମ୍ପର୍କରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲିଙ୍କୁ ପଚାରିବାରୁ ଜିଲାକୁ ବଦଳି ହୋଇଆସିଥିବା ଇନ୍‌ସପେକ୍ଟରମାନେ ମୁଖ୍ୟାଳୟରେ ଯୋଗଦେଇ ନ ଥିବାରୁ ଜିଲାରୁ ବଦଳି ହୋଇଥିବା ଅଧିକାରୀମାନଙ୍କୁ ରିଲିଭ୍ କରାଯାଇ ପାରୁନାହିଁ। ଆଗାମୀ ରିଲିଭ୍ କରିଦେଲେ ଥାନାଗୁଡ଼ିକ ଫାଙ୍କା ପଡ଼ିବା ସହିତ ଆଇନ ଶୃଙ୍ଖଳାରେ ବାଧା ଉପୁଜିବ ବୋଲି ସେ କହିଛନ୍ତି।

# ୯୬ ଅଭିଯୋଗର ଶୁଣାଣି କଲେ ଜିଲାପାଳ


ଜିଲାପାଳ ଓ ଏସ୍‌ପି ଅଭିଯୋଗ ଶୁଣାଣି କରୁଛନ୍ତି।

ଉଦଳା,୨୭।୧ (ସନ୍ତୋଷ କୁମାର ବାଛିନୀ)– କପ୍ତିପଦା ଉପଖଣ୍ଡ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନ ୧୦ଟାରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ୯୬ଟି ଜନ ଅଭିଯୋଗର ଶୁଣାଣି କରିଛନ୍ତି। ଉପଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦୋଳମଣି ଭୋଇ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡ.ଲକ୍ଷ୍ମୀକାନ୍ତ ପତି ଯୋଗ ଦେଇଥିଲେ। ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଅଭିଯୋଗଗୁଡ଼ିକ ମଧ୍ୟରେ ୮୪ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ବେଳେ ୧୨ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ସେଥିମଧ୍ୟରୁ ୨ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ପୋଡ଼ାଡ଼ିହାର ସୁଭଦ୍ରା ମୁର୍ମୁଙ୍କୁ ୧୦ ହଜାର ଟଙ୍କା ଏବଂ ଧାନଘେରାର ହେମଲତା ପାତ୍ରଙ୍କୁ ୫ ହଜାର ଟଙ୍କାର ଚେକ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯାଇଥିଲା।

# ବିଶ୍ୱଶାନ୍ତିର ବାର୍ତ୍ତା ନେଇ ଦିବ୍ୟାଙ୍ଗଙ୍କ ଦିଲ୍ଲୀ ଯାତ୍ରା

## ଝାରପୋଖରିଆରେ ଦିଆଗଲା ସମ୍ବର୍ଦ୍ଧନା

ଝାରପୋଖରିଆ,୨୭।୧ (ସୁଧୀର କୁମାର ମହାନ୍ତ): କଟକ ବକ୍ସିବଜାର ଅଞ୍ଚଳର ଦିବ୍ୟାଙ୍ଗ ଯୁବକ ଶେଖ୍ ରେହେମାନ ବିଶ୍ୱଶାନ୍ତି ପାଇଁ ନିଜର ଟ୍ରାଇ ସାଇକେଲ ମାଧ୍ୟମରେ ବିଶ୍ୱଶାନ୍ତି ପାଇଁ ଦିଲ୍ଲୀ ଯାତ୍ରା କରୁଛନ୍ତି। ସେ ଗତ ଡିସେମ୍ବର ୩ ତାରିଖ ବିଶ୍ୱ ଭିନ୍ନକ୍ଷମ ଦିବସଠାରୁ ନିଜ ବାସସ୍ଥାନରୁ ଯାତ୍ରା ଆରମ୍ଭ କରିଛନ୍ତି। ଆସନ୍ତା ଫେବୃୟାରୀ ଶେଷ ସୁଦ୍ଧା ଦିଲ୍ଲୀରେ ପହଞ୍ଚିବେ ବୋଲି ଲକ୍ଷ୍ୟ ରଖିଥିବା କହିଛନ୍ତି। ରବିବାର ବୂର୍ବାହ୍ନ ୧୧ଟା ସମୟରେ ଝାରପୋଖରିଆ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ତାଙ୍କୁ ଥାନା ପରିସରରେ ସମ୍ବର୍ଦ୍ଧନା ଜଣାଇବା ସହିତ ତାଙ୍କ ଯାତ୍ରାର ଶୁଭ କାମନା କରିଥିଲେ। ୩ ମାସର ଯାତ୍ରା ସମୟରେ 'ବିଶ୍ୱରେ ଶାନ୍ତି ସ୍ଥାପନା, ଦିବ୍ୟାଙ୍ଗମାନେ ଆତ୍ମ ବିଶ୍ୱାସର ସହିତ ସକ୍ଷମ ହେବା' ବାର୍ତ୍ତାକୁ ଦିଲ୍ଲୀ ଦରବାରରେ ପହଞ୍ଚାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କ ନିକଟରେ ଉପସ୍ଥାପନା କରିବେ ବୋଲି ଜଣାଇଛନ୍ତି।


ଝାରପୋଖରିଆରେ ପହଞ୍ଚିଥିବା ଦିବ୍ୟାଙ୍ଗ ଶେଖ୍ ରେହେମାନ।


कार्यपालक अभियंता का कार्यालय,
पथ निर्माण विभाग,
पथ प्रमंडल, सरायकेला–खरसावाँ

"शुद्धि-पत्र"

पथ निर्माण विभाग, पथ प्रमंडल, सरायकेला–खरसावाँ द्वारा ई–टेंडर रेफरेन्स नं०–प०नि०वि०/सरायकेला/20, दिनांक 25.01.2025 तथा पी०आर० संख्या –PR 345110 द्वारा प्रकाशित ई–प्रोक्योरमेंट सूचना (द्वितीय कॉल) के क्रम संख्या–2 में राशि (Annual Potential Collection) रु० 13.5115120 (ग्यारह करोड़ एकावन लाख पन्द्रह हजार एक सौ बीस) के स्थान पर क्रम संख्या–2 में राशि (Annual Potential Collection) रु० 13.5115120 (तेरह करोड़ एकावन लाख पन्द्रह हजार एक सौ बीस) पढ़ा जाय ।

शेष अन्य सभी सूचनाऐं यथावत् रहेंगी ।

कार्यपालक अभियंता,
पथ निर्माण विभाग, पथ प्रमंडल,
सरायकेला–खरसावाँ ।

PR.NO.345135 Road Construction Dept Road Division Ranchi(24-25):D



**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

**QUOTATION CALL NOTICE**

Quotation in sealed envelope invited for "**Comprehensive Student Insurance for Students at NLUO Cuttack**". Last date & time of receipt is **05.02.2025, 11.00 AM**. For details please visit website: **www.nluo.ac.in**".

Sd/- Registrar



**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

**QUOTATION CALL NOTICE**

Quotation in sealed envelope invited for "**Refilling of Fire Extinguishers at NLUO Cuttack**". Last date & time of receipt is **03.02.2025, 11.00 AM**. For details please visit website- **www.nluo.ac.in**".

Sd/- Registrar


# ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ସନ୍ଦେହ

ମୋରଡ଼ା,୨୭।୧ (ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ନଳଗଜା ପଞ୍ଚାୟତ ମହୁଲିଆ ଗ୍ରାମର ମହେଶ୍ୱର ପାତ୍ରଙ୍କ ପୁଅ ଭରତ ଚନ୍ଦ୍ର ପାତ୍ରଙ୍କ ମୃତଦେହ ମହୁଲିଆ ଜଙ୍ଗଲରୁ ଉଦ୍ଧାର ହୋଇଛି। ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଓ ଗ୍ରାମବାସୀ ସନ୍ଦେହ କରିଛନ୍ତି। ସୂଚନା ଅନୁଯାୟୀ, ସୋମବାର ସକାଳ ପ୍ରାୟ ୬ଟା ସମୟରେ ଗଜସାଥୀ ରଘୁନାଥ ହେମ୍ବ୍ରମ ମହୁଲିଆ ଜଙ୍ଗଲରେ ହାତୀ ଘଉଡ଼ାଉଥିବା ସମୟରେ ଭରତଙ୍କୁ ମୃତ ଅବସ୍ଥାରେ ଜଙ୍ଗଲରେ ପଡ଼ିରହିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ଖବର ପାଇ ଫରେଷ୍ଟର ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ପ୍ରକାଶ ଥାଉକି, ଗତ କିଛି ଦିନ ପୂର୍ବରୁ ଭରତ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ।


GOVT. OF ODISHA
**OFFICE OF THE SUPERINTENDING ENGINEER MINOR IRRIGATION DIVISION, GAJAPATI**
At/P.O.: Paralakhemundi, Dist.: Gajapati, Phone No.: 06815-222365
e-mail: eemi_gajapati@yahoo.co.in, eemigajapatiparalakhemundi@gmail.com

**e-Procurement Notice No. 281 Date: 22.01.2025**
**BID IDENTIFICATION No. MIDGJP-11/2024-25**

No. A-950: The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Double Cover System in ONLINE MODE** for the construction of following works as detailed in the Detailed Tender Call Notice (D.T.C.N.) from the eligible class of contractors.

1. Name of the Work : Construction of Check Dam under MATY Scheme - 2024-25, Imp. to Check Dam 2024-25 & Critical Scheme 2024-25.
2. No. of Works : 11 Nos. (Eleven)
3. Estimated Cost : Varies approximately from Rs.5.08 Lakhs to 46.00 Lakhs
4. Period of Completion : 6 (Six) & 02 (Two) Calendar months
5. Date and time of availability of bid documents in the portal : From 10.30 hours of 29.01.2025 to 17.00 hours of 07.02.2025
6. Last date/time for receipt of bids in the portal : 17.00 hours of 07.02.2025
7. Date of Opening of Bid : 11.00 hours on 10.02.2025
8. Name and address of the Officer Inviting Bid : Superintending Engineer, Minor Irrigation Division, Gajapati, At/P.O.: Paralakhemundi, Dist.: Gajapati, PIN - 761200

Further details can be seen from the e-procurement portal **https://tendersodisha.gov.in**.

Sd./- Er. Kiran Kumar Subudhy
Supeintending Engineer
OIPR-32013/11/0020/2425 MI Division, Gajapati, Paralakhemundi



GOVT. OF ODISHA
**OFFICE OF THE SUPERINTENDING ENGINEER MINOR IRRIGATION DIVISION, GAJAPATI**
At/P.O.: Paralakhemundi, Dist.: Gajapati, Phone No.: 06815-222365
e-mail: eemi_gajapati@yahoo.co.in, eemigajapatiparalakhemundi@gmail.com

**e-Procurement Notice No. 295 Date: 22.01.2025**
**BID IDENTIFICATION No. MIDGJP-12/2024-25**

No. A-949: The **Superintending Engineer, Minor Irrigation Division, Paralakhemundi** on behalf of Governor of Odisha invites **Percentage Rate** bid in **Double Cover System in ONLINE MODE** for the construction of following works as detailed in the Detailed Tender Call Notice (D.T.C.N.) from the eligible class of contractors.

1. Name of the Work : Construction of Check Dams under MATY Scheme - 2024-25
2. No. of Works : 03 Nos. (Three)
3. Estimated Cost : Rs.53.24 to 84.98 Lakhs
4. Period of Completion : 6 (Six) Calendar months (Including Rainy Season)
5. Date and time of availability of bid documents in the portal : From 10.00 hours of 29.01.2025 to 17.00 hours of 07.02.2025
6. Last date/time for receipt of bids in the portal : 17.00 hours of 07.02.2025
7. Date of Opening of Bid : 11.00 hours on 10.02.2025
8. Name and address of the Officer Inviting Bid : Superintending Engineer, Minor Irrigation Division, Gajapati, At/P.O.: Paralakhemundi, Dist.: Gajapati, PIN - 761200

Further details can be seen from the e-procurement portal **https://tendersodisha.gov.in**.

Sd./- Er. Kiran Kumar Subudhy
Supeintending Engineer
OIPR-32013/11/0019/2425 MI Division, Gajapati, Paralakhemundi



GOVERNMENT OF ODISHA No. A-958
**OFFICE OF THE ADDITIONAL CHIEF ENGINEER**
Upper Kolab Project, At/P.O.: Bariniput, Dist.: Koraput
Odisha - 764006, email id: aceukp2022@gmail.com

**e-Procurement Notice No. ACE-UKP-02/2024-25**
**Bid Identification No. ACE-UKP-02/2024-25(I) to ACE-UKP-02/2024-25(VI)**

1. Name of the Works : Civil Works
2. No. of Works : 6 Nos.
3. Approximate Estimated Cost : Ranging from Rs.244.69 Lakhs to Rs.252.74 Lakhs
4. Period of Completion : Six Calendar Months each
5. Type of Contract : Percentage Rate
6. Date & Time of Biddding/ Availability of Bid documents in the portal : From 10.00 A.M. of 28.01.2025 upto 05.30 P.M. of 13.02.2025
7. Last date & time for receipt of bids in portal : 13.02.2025 upto 5.30 P.M.
8. Time and date of opening of Technical Bid : 11.00 A.M. of 14.02.2025
9. Place of Opening of Bid : O/o. The Additional Chief Engineer, Upper Kolab Project, Bariniput

Further details can be seen from the **https://tendersodisha.gov.in**. Addendum/Corrigendum/Cancellation required, if any will be published in Govt. website only.

Sd./- Additional Chief Engineer
OIPR-32491/11/0001/2425 Upper Kolab Project, Bariniput


# ଝୁରିଲାଲ ମହାନ୍ତ ହେଲେ ଭାଜପା ପଶ୍ଚିମ ମୟୂରଭଞ୍ଜ ସଂଗଠନ ସଭାପତି

ରାଇରଙ୍ଗପୁର,୨୭।୧ (ମାନସ ମହାନ୍ତି): ଭାଜପା ପଶ୍ଚିମ ମୟୂରଭଞ୍ଜ ଶାଖା ସଂଗଠନର ନୂତନ ସଭାପତି ଭାବେ ଝୁରିଲାଲ ମହାନ୍ତ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ବ୍ଲକ ଉପାଧ୍ୟକ୍ଷ, ଜିଲା ପରିଷଦ ସଦସ୍ୟ, ସମିତି ସଭ୍ୟ ଏବଂ ସରପଞ୍ଚ ସମେତ ପଶ୍ଚିମ ମୟୂରଭଞ୍ଜ ଶାଖା ସଂଗଠନର ବିଭିନ୍ନ ପଦ ପଦବୀରେ କାର୍ଯ୍ୟ ତୁଲାଇ ଆସିଛନ୍ତି। ଏଥିସହ ୬ ଜଣ ରାଜ୍ୟ ସଦସ୍ୟ ଭାବେ କୃପାସିନ୍ଧୁ ମହାନ୍ତ, ଜୟଦ୍ରଥ ଗିରି, ଅଶୋକ କୁମାର ମହାନ୍ତ, ନବକିଶୋର ପଣ୍ଡା,ଅମଦ ମହାନ୍ତ ଏବଂ ମିଥିଳା ଗୁଡୁଙ୍କୁ ନିଯୁକ୍ତ କରାଯାଇଛି। ଏମ୍‌ପି ନବ ଚରଣ ମାଝୀ, ଜଙ୍ଗଲ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଜିଲାର ସମସ୍ତ ବିଧାୟକଙ୍କ ସମେତ ଯୁବନେତା ନବୀନ କୁମାର ରାମ, ସଞ୍ଜୀବ କୁମାର ମହାନ୍ତି ଏବଂ ବିକାଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୁବ ଏବଂ ମହିଳା ନେତ୍ରୀ ନବ ନିଯୁକ୍ତ ସଂଗଠନ ସଭାପତି ଝୁରିଲାଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍‌ଓ-ସିକେପି-ଆର୍‌ଆର୍-କେଏମ୍‌ଟିସି-୨୪-୨୭-୪, ତାରିଖ: ୨୫।୦୧।୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ବୈଦ୍ୟୁତିକ), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍–I – ବୈଷୟିକ ବିଡ୍ ଏବଂ ପ୍ୟାକେଟ୍–II – ଆର୍ଥିକ ବିଡ୍)ରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫରଗୁଡ଼ିକ ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** କେଏମ୍‌ଟିସିଠାରେ ୧୦୯୫ ଦିନ ପାଇଁ ରନିଂ ରୁମ୍‌ର ଦେଖାରଖା। **ଟେଣ୍ଡର ମୂଲ୍ୟ:** ₹୧,୨୦,୭୧,୭୩୨.୬୯। **ଇ.ଏମ୍.ଡି.:** ₹୨,୧୦,୪୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/-। **ଇ-ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଓପି)/ଚକ୍ରଧରପୁରଙ୍କ କାର୍ଯ୍ୟାଳୟ, ଦ.ପୂ. ରେଳପଥ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୭।୦୨।୨୦୨୫ରିଖ ୧୫.୦୦ ଘଟିକା। **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୭।୦୨।୨୦୨୫ରିଖ ୧୫.୩୦ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-1063)



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ସମ୍ବଲପୁର (୧୮୩୯୮)
ସା: ମହାନଦୀ ଭବନ, କଚେରୀ ରୋଡ୍, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ନିକଟ, ପ୍ରଥମ ମହଲା, ପ୍ରଶାସନିକ କାର୍ଯ୍ୟାଳୟ, ଜିଲ୍ଲା: ସମ୍ବଲପୁର, ଓଡ଼ିଶା-୭୬୮୦୦୧, ଇ-ମେଲ: sbi.18398@sbi.co.in

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡ଼ିଗୁଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡ଼ିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୮.୦୨.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ**
ଗାଡ଼ି ଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ୦୭.୦୨.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଗାଡି ଗୁଡ଼ିକର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡ଼ିର ବିକ୍ରୟ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ କାଳି ଚରଣ ପାତ୍ରୀ, ଏଲ୍୨-୨୪୫, କଳିଙ୍ଗ ବିହାର, ଛେଣ୍ଡ, ରାଉରକେଲା, ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୬୯୦୧୫ / ଆକାଉଣ୍ଟ ନଂ.: ୩୯୧୮୦୦୬୧୦୨୬ | MAHINDRA BLAZO 42 HAULAGE TIPPER, BS VI, 18 BOX BODY 10R20-16 PR TYRES TRUCK, Regd. No.: OD-14X-0948, Chassis No.: MA1THARHFL6M72568, Engine No.: PBLZM13472, MFG. 03/2020 | ୨୭.୦୧.୨୦୨୫ ସୁଦ୍ଧା ଟ.୫୧,୪୭,୫୩୫/- + ସେବାବଦ ସୁଧ + ପରବର୍ତ୍ତି ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ | ଟ.୧୦,୯୧,୦୦୦/- / ଟ.୧,୦୯,୧୦୦/- / ଟ.୧୦,୦୦୦/- |
| ୨. | ଋଣଗ୍ରହୀତା: ଶ୍ରୀମତୀ ନୋମିତା କିଶାନ, ଜଲଦା ଏ ବ୍ଲକ୍, ପୋ: ଜଲଦା ସି ବ୍ଲକ୍, ରାଉରକେଲା, ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୬୯୦୪୩ / ଆକାଉଣ୍ଟ ନଂ.: ୩୯୭୬୫୫୩୪୭୩୯, ୪୦୬୭୧୧୯୮୭୧୪ | BHARAT BENZ 4228R 10X2 6575 WB BSVI TRUCK, Regd. No.: OD-14W-2260, Chassis No.: MEC897FCGLP094954, Engine No.: 926956D0096584, MFG. 03/2020 | ୨୭.୦୧.୨୦୨୫ ସୁଦ୍ଧା ଟ.୨୮,୮୬,୯୮୨/- + ସେବାବଦ ସୁଧ + ପରବର୍ତ୍ତି ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ | ଟ.୯,୧୮,୦୦୦/- / ଟ.୯୧,୮୦୦/- / ଟ.୧୦,୦୦୦/- |
| ୩. | ଋଣଗ୍ରହୀତା: ଶ୍ରୀ ସୁରେଶ ଚନ୍ଦ୍ର ମହାନ୍ତି, କ୍ୱାର୍ଟର ନଂ.: ବି/୧୫, ସେକ୍ଟର-୨୨, ଫର୍ଟିଲାଇଜର, ନବକୃଷ୍ଣ ନଗର, ପୋ: ସୋନାପର୍ବତ, ଜିଲ୍ଲା: ସୁନ୍ଦରଗଡ଼, ଓଡ଼ିଶା, ପିନ୍-୭୬୯୦୧୬ / ଆକାଉଣ୍ଟ ନଂ.: ୩୮୦୫୩୬୮୧୧୪୫, ୩୯୩୯୫୧୦୨୦୪୯ | TATA SIGNA 4018.S CR BS-IV HALF DECK FBV TRLR, Regd. No.: OD-14Q-4355, Chassis No.: OT142022072265, Engine No.: ISBE5.91804081J63732358, MFG. 03/2018 | ୨୭.୦୧.୨୦୨୫ ସୁଦ୍ଧା ଟ.୩୦,୮୧,୨୮୨/- + ସେବାବଦ ସୁଧ + ପରବର୍ତ୍ତି ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ | ଟ.୭,୪୬,୦୦୦/- / ଟ.୭୪,୬୦୦/- / ଟ.୧୦,୦୦୦/- |

ବିଡ଼ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ଼ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ **PSB Alliance Pvt. Ltd.**ର ୱେବସାଇଟ୍ **(https://www.baanknet.com)** ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମ୍‌ଡି ସ୍ଥିତି ପାଇଁ **support.BAANKNET@psballiance.com** କୁ ଇମେଲ କରନ୍ତୁ। ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: **https://www.baanknet.com** ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ **PSB Alliance Pvt. Ltd.**, ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ। **https://www.baanknet.com** ୱେବସାଇଟ୍‌ରେ ଗାଡ଼ି ଖୋଜିବାବେଳେ ସମ୍ପତ୍ତି ଆଇଡ଼ି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି। ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡ଼ିର କ୍ରେତା ବହନ କରିବେ।

ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍:
https://sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://www.baanknet.com

ଗାଡିଗୁଡ଼ିକର ପାର୍କିଂ ୟାର୍ଡ ବିବରଣୀ: ଏମ୍ ବି ଷ୍ଟକ୍ ୟାର୍ଡ, ଜଲଦା, ରାଉରକେଲା

ଗାଡ଼ି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ସିସିଓ: ଶ୍ରୀ ସୁବ୍ରତ ସାହୁ, ମୋ: ୯୫୯୪୦୬୩୪୯୦ ଏବଂ ଶ୍ରୀମତୀ ପ୍ରମିଳା ଇକ୍କା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୭୯୭୮୩୫୧୯୯୮

ତାରିଖ: ୨୭.୦୧.୨୦୨୫, ସ୍ଥାନ: ସମ୍ବଲପୁର | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, SARB, ସମ୍ବଲପୁର



GOVT. OF ODISHA No. A-969
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
DRAINAGE DIVISION, JAGATSINGHPUR - 754103
**e-Procurement Notice No. SEDD-JSPUR-02/2024-25**
email id: eeddjspur@gmail.com

| | | |
|---|---|---|
| 1. | Name of Works | 1. Improvement to 3 Numbers Sub-Drain of Gobari D/C under DIP. 2. Construction of Water Harvesting Structure (WHS) over Sidhala Rankel D/C near Village Dhoti 3. Improvement to link drains of Gobari D/C 4. Improvement to 6 Numbers link Drain and Sub-Drain of Hansua Drainage System under DIP |
| 2. | Total Number of Works | 04 (Four) Nos. of Package |
| 3. | Bid Identification No. | 1. SEDD-JSPUR/JSP-10/2024-25 2. SEDD-JSPUR/BLK-11/2024-25 3. SEDD-JSPUR/BLK-12/2024-25 4. SEDD-JSPUR/JSP-13/2024-25 |
| 4. | Estimated Cost | 1. Rs.81.93 Lakhs 2. Rs.65.82 Lakhs 3. Rs.62.80 Lakhs 4. Rs.36.09 Lakhs |
| 5. | Period of Completion | 10 (Ten) Calendar Months |
| 6. | Availability of Tender Online | From 28.01.2025 at 16.30 hours to 11.02.2025 upto 17.30 hours |
| 7. | Date of Opening of Technical Bid | 12.02.2025 at 11.30 hours in the O/o. the Superintending Engineer, Drainage Division, Jagatsinghpur |
| 8. | Class of Contractor | "B" & "C" Class |
| 9. | EMD required | As per DTCN |
| 10. | Cost of Tender Paper | Sl. 1, 2, 3 - Rs.10,000/- & Sl. 4 - Rs.6,000/- |
| 11. | Procurement Officer | Superintending Engineer, Drainage Division, Jagatsinghpur - 754103 |

*Tender will be accepted if registered in the CDMS Portal.
Further details can be seen from the Govt. website **www.tendersorissa.gov.in**. Addendum/Corrigendum/Cancellation if any required will be published only in Govt. website **www.tendersorissa.gov.in.**

Sd./- Superintending Engineer
OIPR-32378/11/0002/2425 Drainage Division, Jagatsinghpur



Your classified advertisement published in Dharitri will be listed free in Dharitri online edition :
**www.dharitri.com**

# 'ଗ୍ୟାରେଣ୍ଟି' ଆପ୍ ସୃଷ୍ଟି, ପ୍ରତିଶ୍ରୁତିଠୁ ଦୂରରେ ଭାଜପା: କେଜ୍‌ରିୱାଲ

## ଆପ୍ ମାନିଫେଷ୍ଟୋରେ ୧୫ ପ୍ରତିଶ୍ରୁତି

ନୂଆଦିଲ୍ଲୀ, ୨୭।୧(ପି.ଟି.)

ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦ୍‌ମୀ ପାର୍ଟି(ଆପ୍) ସୋମବାର ନୂଆଦିଲ୍ଲୀଠାରେ ଘୋଷଣାପତ୍ର (ମାନିଫେଷ୍ଟୋ) ପ୍ରକାଶ କରିଛି। 'କେଜ୍‌ରିୱାଲ କି ଗ୍ୟାରେଣ୍ଟି' ନାମରେ ଜାରି ମାନିଫେଷ୍ଟୋରେ ୧୫ ଗ୍ୟାରେଣ୍ଟି ରହିଥିବା ବିଷୟ ଆପ୍ ଜାତୀୟ ଆବାହକ କେଜ୍‌ରିୱାଲ ସୋମବାର ଘୋଷଣା କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଦେଶରେ ପ୍ରଥମେ ଆପ୍ ଲୋକଙ୍କ ମଙ୍ଗଳକୁ ଆଖିଆଗରେ ରଖି 'ଗ୍ୟାରେଣ୍ଟି' ଶବ୍ଦ ସୃଷ୍ଟି କରି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲା। ପରବର୍ତ୍ତୀ ସମୟରେ ଭାଜପା ତାହାକୁ ଆମଠାରୁ ଚୋରି କରି ନେଇଥିଲା। ତଫାତ୍ ଏହା ଯେ ଆପ୍ ଦେଇଥିବା ଗ୍ୟାରେଣ୍ଟି ପୂରଣ କରୁଥିବା ବେଳେ ଭାଜପା କିଛି କରୁ ନାହିଁ ବୋଲି କେଜ୍‌ରିୱାଲ କହିଛନ୍ତି।

ଆପ୍‌ର ପ୍ରତିଶ୍ରୁତିରେ ବ୍ୟାପକ ନିଯୁକ୍ତି ସୃଷ୍ଟି ପ୍ରଥମରେ ରହିଛି ବୋଲି କେଜ୍‌ରିୱାଲ କହିଛନ୍ତି। ଦ୍ୱିତୀୟ ଗ୍ୟାରେଣ୍ଟିରେ ମହିଳାଙ୍କୁ ମାସିକ ୨,୧୦୦ ଟଙ୍କା ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ବରିଷ୍ଠ ନାଗରିଙ୍କ ପାଇଁ ବିନାମୂଲ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଇବା ସକାଶେ 'ସଞ୍ଜୀବନୀ ଯୋଜନା' କରାଯାଇଛି। ୪ର୍ଥ ଗ୍ୟାରେଣ୍ଟିରେ ସ୍ଥାନ ପାଇଛି ପାଣି ବିଲ୍ ପାଇଁ ବର୍ଦ୍ଧିତ ବକେୟାକୁ ଛାଡ଼ କରିବା। ସେହିପରି ଜାତୀୟ ରାଜଧାନୀରେ ପ୍ରତ୍ୟେକଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନେଇ ଆପ୍ ପ୍ରତିଶ୍ରୁତି ଦେଇଛି। ସେହିପରି ଅନ୍ୟ ଗ୍ୟାରେଣ୍ଟି ମଧ୍ୟରେ ରହିଛି-ପ୍ରଦୂଷିତ ଯମୁନା ନଦୀକୁ ସଫା କରିବା, ଦିଲ୍ଲୀ ରାସ୍ତାକୁ ବିଶ୍ୱସ୍ତରୀୟ କରାଯିବା, ବାବା ସାହେବ ଆମ୍ବେଡ୍‌କର ସ୍କଲାରଶିପ୍ ଯୋଜନାରେ ବିଦେଶରେ ପଢ଼ିବା ଲାଗି ଏସ୍‌ସି ଓ ଏସ୍‌ଟି ବିଦ୍ୟାର୍ଥୀଙ୍କୁ ମେଧାବୃତ୍ତି ଦିଆଯିବା, ଛାତ୍ରଙ୍କୁ ମାଗଣା ବସ୍ ଯାତ୍ରା ଓ ମେଟ୍ରୋରେ ଯାତାୟାତ କରିବା ନିମନ୍ତେ ସେମାନଙ୍କୁ ୫୦ ପ୍ରତିଶତ ରିହାତି ଦିଆଯିବା ବିଷୟ କେଜ୍‌ରିୱାଲ ଘୋଷଣା କରିଛନ୍ତି। ପ୍ରତିମାସ ମନ୍ଦିର ପୂଜକ ଓ ଗୁରୁଦ୍ୱାରା ଗ୍ରନ୍ଥିଙ୍କୁ ୧୮,୦୦୦ ଟଙ୍କାର ଆର୍ଥିକ ସହାୟତା, ଭଡ଼ାରେ ରହୁଥିବା ବ୍ୟକ୍ତିଙ୍କୁ ମାଗଣାରେ ବିଦ୍ୟୁତ୍ ଓ ପାଣି ଯୋଗାଇ ଦେବା, ଦିଲ୍ଲୀର ପରିମଳ ବ୍ୟବସ୍ଥାରେ ଉନ୍ନତି, ବ୍ୟବସ୍ଥାରୁ ବାଦ୍ ପଡ଼ିଥିବା ଲୋକଙ୍କୁ ରାଶନ କାର୍ଡ ଦେବା ସହ ଅଟୋ ଓ କ୍ୟାବ୍ ଡ୍ରାଇଭରଙ୍କ ଝିଅ ବାହାଘର ପାଇଁ ୧ ଲକ୍ଷ ଟଙ୍କା ଓ ସେମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ବୀମା ଦେବା ବିଷୟରେ କେଜ୍‌ରିୱାଲ ଘୋଷଣା କରିଛନ୍ତି। ସେ ପୁଣି କହିଛନ୍ତି, ଦିଲ୍ଲୀରେ ଆପ୍ ପୁଣି କ୍ଷମତାକୁ ଆସିଲେ ପ୍ରତ୍ୟେକ ବାସିନ୍ଦାଙ୍କ ପାଇଁ ପାର୍ଟି ପ୍ରତିମାସ ଯେଭଳି ୨୫ ହଜାର ଟଙ୍କାର ସୁବିଧା ଯୋଗାଇ ଆସୁଛି, ତାହା ଜାରି ରହିବ।

ଆସନ୍ତା ୫ ତାରିଖରେ ହେବାକୁ ଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ଆପ୍‌ର ଶାସନ ମଡେଲ ପାଇଁ ଗଣମତ ଭାବେ ବିଚାର କରାଯାଉଥିବା ଆଲୋଚନା ହେଉଛି। କାରଣ ଦିଲ୍ଲୀ ସରକାରଙ୍କ ଅନେକ ମାଗଣା ଜନମଙ୍ଗଳ ଯୋଜନା ଗୁରୁତ୍ୱ ଲାଭ କରିଛି।



ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ସୋମବାର ଆପ୍ ମାନିଫେଷ୍ଟୋ ଉନ୍ମୋଚନ ଅବସରରେ ଦଳର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ, ମୁଖ୍ୟମନ୍ତ୍ରୀ ଆତିଶୀ ଓ ଅନ୍ୟ ବରିଷ୍ଠ ନେତାମାନେ।

# ପତାକା ଉତ୍ତୋଳନବେଳେ ୨ ପୂର୍ବତନ ସମିତି ସଭ୍ୟ ହାତାହାତି

## ଥାନାରେ ମାମଲା

ନିଶ୍ଚିନ୍ତକୋଇଲି,୨୭।୧ (ଅଶୋକ କୁମାର ମହାପାତ୍ର)

ସମଗ୍ର ଭାରତରେ ୭୬ତମ ସାଧାରଣତନ୍ତ୍ର ଦିବସ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଥିଲା ବେଳେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଅସୁରେଶ୍ୱରଠାରେ ପତାକା ଉତ୍ତୋଳନକୁ ନେଇ ୨ ଜଣ ପୂର୍ବତନ ସମିତିସଭ୍ୟ ହାତାହାତି ହୋଇଛନ୍ତି। ଏପରିକି ଜାତୀୟ ପତାକାକୁ ଅବମାନନା କରିବାକୁ ପଛାଇନାହାନ୍ତି। ଅଭିଯୋଗ ପାଇବା ପରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ମାମଲା ରୁଜୁ କରି ଛାନ୍‌ଭିନ ଆରମ୍ଭ କରିଛି।

ରବିବାର ସକାଳେ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଅସୁରେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ମୁଖରେ



ଅନୁଷ୍ଠାନର ସମ୍ପାଦକ ତଥା ପୂର୍ବତନ ସମିତି ସଭ୍ୟ ଅନନ୍ତରାମ ସିଂ ଜାତୀୟ ପତାକାକୁ ଉତ୍ତୋଳନ ନିମନ୍ତେ ପ୍ରସ୍ତୁତ କରୁଥିଲା ବେଳେ ଅନୁଷ୍ଠାନର ପ୍ରାକ୍ତନ ସମ୍ପାଦକ ତଥା ପୂର୍ବତନ ସମିତି ସଭ୍ୟ ବିଜୟ କୁମାର ବଳ ଏହାକୁ ବାରଣ କରିଥିଲେ। ତେବେ ଏହି ଘଟଣାକୁ ନେଇ ଦୀର୍ଘ ସମୟ ପର୍ଯ୍ୟନ୍ତ ୨ ପୂର୍ବତନ ସମିତି ସଭ୍ୟଙ୍କ ମଧ୍ୟରେ ବଚସା ଓ ଧସ୍ତାଧସ୍ତି ହେବା ସହ ହାତାହାତି ମଧ ହୋଇଥିଲା। ଉଭୟେ ନିଜ ହିତାହିତ ଜ୍ଞାନ ଭୁଲି ଜାତୀୟ ପତାକା ଲାଗିଥିବା ଦଣ୍ଡାକୁ ଓପାଡ଼ି ଫିଙ୍ଗି ଦେଇଥିଲେ।

ଏସମ୍ପର୍କରେ ଅନୁଷ୍ଠାନର ସମ୍ପାଦକ ଅନନ୍ତରାମ ନିଶ୍ଚିନ୍ତକୋଇଲି ଥାନାରେ ବିଜୟଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ନିଶ୍ଚିନ୍ତକୋଇଲି ଥାନାରେ ମାମଲା (ନଂ. ୧୭/୨୦୨୫)ରୁଜୁ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ଅନୁଷ୍ଠାନରେ ପ୍ରତିବର୍ଷ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ତେବେ କ୍ଷମତାକୁ ନେଇ ଏଠାରେ ଗୋଷ୍ଠୀ କନ୍ଦଳ ସୃଷ୍ଟି ହୋଇଛି। ସମାନ୍ତରାଳ ଭାବେ ୨ଟି ଗୋଷ୍ଠୀ ସୃଷ୍ଟି କରାଯାଇଛି। ଏନେଇ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଚଳିତ ବର୍ଷ ଏହି ଅଡୁଆ ପରିସ୍ଥିତିକୁ ନେଇ ଫୁଟବଲ ପ୍ରତିଯୋଗିତା ଆୟୋଜନ ନେଇ ଆଶଙ୍କା ପ୍ରକାଶ ପାଇଛି।

# ୧୫ ଦିନରେ ସବୁ ଜିଲାରେ ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର, ୨୭।୧(ସୁନିତ୍ ମିଶ୍ର)

## କଂଗ୍ରେସର ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର କାର୍ଯ୍ୟକାରିଣୀ ବୈଠକ

ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ରାଜ୍ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷଙ୍କୁ ଛାଡ଼ି ସବୁ ପଦପଦବୀକୁ ସର୍ବଭାରତୀୟ ଅଧ୍ୟକ୍ଷ ଉଚ୍ଛେଦ କରିଛନ୍ତି। ଆସନ୍ତା ସପ୍ତାହରେ ଏହାର ନୂତନ ରାଜ୍ୟ କାର୍ଯ୍ୟକାରିଣୀ ଗଠିତ ହେବ। ସେହିପରି ଆସନ୍ତା ୧୫ ଦିନ ଭିତରେ ସବୁ ଜିଲାର ଜିଲା ସଂଯୋଜକମାନେ ନିଯୁକ୍ତ ହେବେ। ସଙ୍ଗଠନ ବ୍ଲକ ଓ ପରେ ଜିଲା ପରିଷଦ ଜୋନ୍ ପର୍ଯ୍ୟନ୍ତ ପ୍ରସାରିତ ହେବ। ପଞ୍ଚାୟତ ନିର୍ବାଚନ ପାଇଁ ଖୁବ୍‌ଶୀଘ୍ର ରଣକୌଶଳ ନିର୍ଦ୍ଧାରିତ ହେବ। କାର୍ଯ୍ୟକାରିଣୀ ବୈଠକକୁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଉଦ୍‌ଘାଟନ କରିଛନ୍ତି।

## ଅନ୍ୟାନ୍ୟ ଖବର

# ପରେଡ୍‌ରେ ଅଭିବାଦନ ଗ୍ରହଣ କଲେ ରାଜ୍ୟପାଳ

## ୭୬ତମ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ

## ସମୃଦ୍ଧ ଓଡ଼ିଶାର ବାର୍ତ୍ତା ଦେଲା ପ୍ରଜ୍ଞାପନ ମେଢ଼

ଭୁବନେଶ୍ୱର,୨୭।୧(ସୁଚିସ୍ମିତା ସାହୁ)



ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ରବିବାର ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁ, ଆରକ୍ଷୀ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଉପମହାନିର୍ଦ୍ଦେଶକ କମୋଡର ମହେଶ ରାହାଙ୍ଗୁଲେ ପ୍ରମୁଖ ଉପସ୍ଥିତ ଥିଲେ। ପରେଡ କମାଣ୍ଡର ଶୁଭମ୍ ଭୋସ୍‌ଲେ ପରେଡ ପରିଚାଳନା କରିଥିବାବେଳେ ଡେପୁଟି କମାଣ୍ଡାଣ୍ଟ କୌଶିକ କୁମାର ନାୟକ ଏବଂ ସ୍ୱତନ୍ତ୍ର ଅଧିକାରୀ ଭବାନୀ ପ୍ରସାଦ ଜେନା ସହଯୋଗ କରିଥିଲେ। ରାଜ୍ୟ ପୋଲିସ ବ୍ୟାଣ୍ଡ୍ ଦ୍ୱାରା ଜାତୀୟ ସଙ୍ଗୀତ ବାଦନ ପରେ ୧୭ଟି ସାମରିକ ବାହିନୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ୨୬ଟି ବେସାମରିକ ଦଳ ପରେଡ଼ରେ ଅଂଶଗ୍ରହଣ କରିଥିଲେ। ସମ୍ମିଳିତ ପରେଡ଼ ପରେ ବିଭିନ୍ନ ସାଂସ୍କୃତିକ ଦଳ ପରିବେଷଣ କରିଥିଲେ। କଟକ ଚୌଦ୍ୱାର ସଙ୍ଗୀତ କଳା ସଂସଦ ପକ୍ଷରୁ ପାରମ୍ପରିକ ଘୋଡ଼ାନାଚ, ରାୟଗଡ଼ା ଜିଲା ମା' ସନ୍ତୋଷୀ କଳା ପ୍ରତିଷ୍ଠାନ ଦ୍ୱାରା ଜନଜାତିଙ୍କ ଢେମ୍‌ସା ନୃତ୍ୟ, କେନ୍ଦୁଝରର ଆଦିମ ସଂସ୍କୃତି ସଂଗଠନ ପକ୍ଷରୁ ହୋ-ମୁଣ୍ଡା ନୃତ୍ୟ ଓ ସମ୍ବଲପୁରର ରଙ୍ଗଫରୁଆ ସଂଗଠନର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ଡାପ ବଜନିଆଁ ନୃତ୍ୟ ଉତ୍ସବକୁ ମନୋମୁଗ୍ଧ କରିଥିଲା। ଏହା ପରେ 'ସମୃଦ୍ଧ ଓଡ଼ିଶା-ଐତିହ୍ୟ ଏବଂ ବିକାଶ'ର ବାର୍ତ୍ତାବହନ କରୁଥିବା ପ୍ରଜ୍ଞାପନ ମେଢ଼ଗୁଡ଼ିକ ଅଭିବାଦନ ମଞ୍ଚ ଅତିକ୍ରମ କରିଥିଲା। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରଜ୍ଞାପନ ମେଢ଼ର ଥିମ୍ 'ସୁଭଦ୍ରା' ଯୋଜନା ରହିଥିବାବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର', ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର 'ବିଦ୍ୟାବନ୍ତ ବିଦ୍ୟାର୍ଥୀ, ବିକଶିତ ଓଡ଼ିଶା', ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର 'ଭୌଗୋଳିକ ସୂଚକାଙ୍କ ମାନ୍ୟତାପ୍ରାପ୍ତ ଉତ୍ପାଦ', ମିଶନ ଶକ୍ତି ବିଭାଗ ପକ୍ଷରୁ 'ଉଦ୍ୟୋଗିତା ମାଧ୍ୟମରେ ମହିଳା ସଶକ୍ତୀକରଣ', କୃଷି ଓ କୃଷକ ସଶକ୍ତୀକରଣ ବିଭାଗ 'ସମୃଦ୍ଧ କୃଷକ ଯୋଜନା', ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ 'ଗ୍ରାମୀଣ ବିକାଶ କ୍ଷେତ୍ରରେ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ', ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ 'ଉନ୍ନତ ସହରାଞ୍ଚଳ ପରିବହନ ବ୍ୟବସ୍ଥା', ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ 'ଦକ୍ଷତା ବୃଦ୍ଧି କ୍ଷେତ୍ରରେ ପାରଦର୍ଶିତା', ପର୍ଯ୍ୟଟନ ବିଭାଗର 'ଐତିହ୍ୟ ଓ ପରିବେଶ ପର୍ଯ୍ୟଟନ', ବାଣିଜ୍ୟ ଓ ପରିବହନ ବିଭାଗର 'ମଲ୍ଟିମୋଡ଼ାଲ ସଂଯୋଗ-ପରିବର୍ତ୍ତନଶୀଳ ଯାତ୍ରା' ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ 'ମହାସାଗରରୁ ଟେବୁଲ ପର୍ଯ୍ୟନ୍ତ ଓଡ଼ିଶା ଚିଙ୍ଗୁଡ଼ିର ଯାତ୍ରା' ଶୀର୍ଷକ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା। ଏହି ସମାରୋହରେ ରାଜ୍ୟପାଳଙ୍କ ସହଧର୍ମିଣୀ ତଥା ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ଡା. ପ୍ରିୟଙ୍କା ମାର୍ଣ୍ଡି ଉପସ୍ଥିତ ଥିଲେ। ଅତିରିକ୍ତ ମୁଖ୍ୟଶାସନ ସଚିବ ହେମନ୍ତ କୁମାର ଶର୍ମା, ସୁରେନ୍ଦ୍ର କୁମାର, ନିକୁଞ୍ଜ ବିହାରୀ ଧଳ, ବିଭିନ୍ନ ବିଭାଗର ଶାସନ ସଚିବ, ବରିଷ୍ଠ ପୋଲିସ ଅଧିକାରୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଏବଂ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସୂଚନା ଅଧିକାରୀ ରୋଜାଲିନ ସାହୁ ଓ ବିନାୟକ ମିଶ୍ର ରାଜ୍ୟସ୍ତରୀୟ ପରେଡ଼ର ଧାରାବିବରଣୀ ପ୍ରଦାନ କରିଥିଲେ।

# ପରେଡ୍ ଦେଖିବାକୁ ଆସୁଥିବାବେଳେ ଓଲଟିଲା ଭ୍ୟାନ୍, ଜଣେ ଛାତ୍ର ମୃତ

## ସାଧାରଣତନ୍ତ୍ର ଦିବସରେ ଦୁର୍ଘଟଣା

- ଅବହେଳା ପାଇଁ ପ୍ରଧାନଶିକ୍ଷକଙ୍କ ସମେତ ୨ ନିଲମ୍ବିତ
- ୫ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ବାଙ୍କୀ,୨୭।୧(ଶୁଭେନ୍ଦୁ ମହାପାତ୍ର)



୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ଉତ୍ସବ ଦେଖିବା ପାଇଁ ଆସୁଥିବାବେଳେ ପିକ୍‌ଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଛାତ୍ରଙ୍କ ସମେତ ୨୨ଜଣ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ମୃତ ଛାତ୍ରଜଣକ ହେଲେ କଟକ ଜିଲା ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ମାଳବିହାରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ବେହେରା(୧୫)। ତାଙ୍କ ଘର ଢେଙ୍କାନାଳ ଜିଲା ଯୋରନ୍ଦା ଫାଣ୍ଡି ଅନ୍ତର୍ଗତ କରମୂଳ ଗ୍ରାମରେ ହୋଇଥିବାବେଳେ ସେ ପିଲାଦିନୁ ମାଳବିହାରପୁରସ୍ଥିତ ମାମୁଘରେ ରହି ପଢୁଥିଲେ। ଡ୍ରାଇଭରଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ପିଲାମାନଙ୍କୁ ବିପଦପୂର୍ଣ୍ଣଭାବେ ପିକ୍‌ଅପ୍ ଭ୍ୟାନ୍‌ରେ ନିଆଯାଇଥିବାରୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବିଦ୍ୟାଳୟର ପ୍ରଧାନଶିକ୍ଷକ କାହ୍ନୁଚରଣ ବେହେରାଙ୍କୁ ଜିଲା ଶିକ୍ଷାଧିକାରୀ ନିଲମ୍ବନ କରିଥିବାବେଳେ ଶିକ୍ଷକ ଶ୍ରୀନିବାସ ବେହେରାଙ୍କୁ ବ୍ଲକ ଶିକ୍ଷାଧିକାରୀ ସନ୍ତୋଷ ସେଠୀ ନିଲମ୍ବନ କରିଛନ୍ତି। ଏଥିସହ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ ଜାରି କରାଯାଇଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ମୃତ ଛାତ୍ରଙ୍କ ପରିବାରକୁ ୫ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ମୃତ ସୌମ୍ୟଙ୍କ ପରିବାର ପକ୍ଷରୁ ବାଙ୍କୀ ଥାନାରେ ଏକ ଲିଖିତ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା(ନଂ. ୨୯/୨୦୨୫) ରୁଜୁ କରିବା ସହ ଦୁର୍ଘଟଣା ଘଟାଇଥିବା ଫେରାର ଡ୍ରାଇଭର ବ୍ରହ୍ମାନନ୍ଦ ପୃଷ୍ଟିଙ୍କୁ ଭୁବନେଶ୍ୱରରୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର କହିଛନ୍ତି।

ପ୍ରକାଶ ଯେ, ଅଂଶୁପା ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ପକ୍ଷରୁ ସରଣ୍ଡାଗଡ଼ ଜୋନ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥାଏ। ଏହି ଉତ୍ସବକୁ ବାଙ୍କୀ ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ କଦଳିବାଡ଼ି ପଞ୍ଚାୟତ ଅଧୀନ ମାଳବିହାରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସପ୍ତମ, ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀର ୨୩ଜଣ ଛାତ୍ରୀଛାତ୍ରଙ୍କୁ ଏକ ମାଲ୍ ବୋଝେଇ ପିକ୍‌ଅପ୍ ଭ୍ୟାନରେ ଭର୍ତ୍ତି କରି ଶିକ୍ଷକମାନେ ପଠାଇଥିଲେ। ପିଲାଙ୍କୁ ପରେଡ୍ ଉତ୍ସବରେ ଯୋଗଦେବାପାଇଁ ପଠାଯାଉଥିବା ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସେଠୀଙ୍କ ନିକଟରେ କୌଣସି ସୂଚନା ନ ଥିଲା। ଏପରିକି ପିଲାମାନଙ୍କୁ ଏକ ମାଲ୍ ବୋଝେଇ ପିକ୍‌ଅପ୍ ଭ୍ୟାନରେ ଭର୍ତ୍ତି କରାଯାଇ ପରେଡସ୍ଥଳକୁ ପଠାଇଥିବାବେଳେ ଉକ୍ତ ଗାଡ଼ିରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆ ନ ଯାଇ ସାଙ୍ଗରେ କୌଣସି ଶିକ୍ଷୟିତ୍ରୀଶିକ୍ଷକ ମଧ ଯାଇ ନ ଥିଲେ। ଗାଡ଼ିଚାଳକ ଦ୍ରୁତ ଗତିରେ ଆସୁଥିବାରୁ ଗାଁମୁଣ୍ଡ ବୁଲାଣି ନିକଟରେ ଭାରସାମ୍ୟ ହରାଇ ମୁଖ୍ୟରାସ୍ତାରୁ ୫ଫୁଟ ତଳେ ଓଲଟି ପଡ଼ିଥିଲା। ଫଳରେ ଛାତ୍ରୀଛାତ୍ରମାନେ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ଖବର ପାଇ ଅଭିଭାବକ, ଗାଁ ଲୋକେ ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଘଟଣା ସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସକୁ ଖବର ଦେବାସହ ତୁରନ୍ତ ପିଲାମାନଙ୍କୁ ନିକଟସ୍ଥ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଗୁରୁତର ଅବସ୍ଥାରେ ଥିବା ୧୩ଜଣ ଛାତ୍ରୀଛାତ୍ରଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଦଶମ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ବାଙ୍କୀ ଉପଜିଲାପାଳ ଦେବୀ ପ୍ରାସାଦ ମହାନ୍ତି ବାଙ୍କୀ ଥାନା ଏସ୍‌ଡିପିଓ ଏବଂ ବାଙ୍କୀ ତହସିଲଦାରଙ୍କୁ ଘଟଣା ସ୍ଥଳକୁ ପଠାଇଥିଲେ। ଘଟଣା ସ୍ଥଳରେ ଏସଡିପିଓ ମହାପାତ୍ର, ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ତହସିଲଦାର ଅଶେଷ କୁମାର ନାୟକ ପହଞ୍ଚି ତଦନ୍ତ କରିଥିଲେ। ଖବରପାଇ କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ସୁବର୍ଣ୍ଣ ପୁର ମେଡିକାଲରେ ପହଞ୍ଚି ଆହତ ଛାତ୍ରୀଛାତ୍ରଙ୍କୁ ଭେଟିଥିବାବେଳେ ଆଠଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁ ଆଠଗଡ଼ ମେଡିକାଲରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ଭେଟିଥିଲେ। ପରେ ମୃତ୍ୟୁବରଣ କରିଥିବା ଛାତ୍ରଙ୍କ ପରିବାରକୁ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଅପରପକ୍ଷରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଛାତ୍ରୀଛାତ୍ରଙ୍କୁ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଏବଂ ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ପ୍ରସୂତିଙ୍କ ମୃତ୍ୟୁକୁ ନେଇ ନର୍ସିଂହୋମ୍‌ରେ ଭଙ୍ଗାରୁଜା

## ଚିକିତ୍ସାରେ ଅବହେଳା ଅଭିଯୋଗ

ଭଦ୍ରକ, ୨୭।୧(ସନାତନ ରାଉତ/ରବିନାରାୟଣ ଖିଲାର)


ନର୍ସିଂହୋମ୍ ସାମ୍ନାରେ ଅତିରିକ୍ତ ଏସ୍‌ପି ଓ ତହସିଲଦାର ଘଟଣା ବୁଝୁଛନ୍ତି।

ଭଦ୍ରକ ସହର ଗାନ୍ଧୀପଡ଼ିଆସ୍ଥିତ 'ପାଢ଼ୀ ହେଲ୍‌ଥ କେୟାର' ନାମକ ଏକ ନର୍ସିଂହୋମ୍‌ରେ ଜଣେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ସୋମବାର ଅପରାହ୍ନରେ ଉତ୍ତେଜନା ଦେଖାଦେଇଛି। ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ସମ୍ପର୍କୀୟମାନେ ନର୍ସିଂହୋମ୍‌ରେ ଭଙ୍ଗାରୁଜା କରିଛନ୍ତି। ପରେ ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଛି। ଏନେଇ ମୃତା ମହିଳାଙ୍କ ପରିବାର ପକ୍ଷରୁ ଭଦ୍ରକ ଟାଉନ ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଧାମନଗର ବ୍ଲକ ଅଧୀନ ଅସୁରାଳିର ସତ୍ୟରଞ୍ଜନ ଜେନାଙ୍କ ସ୍ତ୍ରୀ ଦେବସ୍ମିତା(୨୯) ଗର୍ଭଯନ୍ତ୍ରଣା ପାଇବାରୁ ପରିବାର ଲୋକେ ରବିବାର ରାତି ୧ଟା ବେଳେ ତାଙ୍କୁ ଏହି ନର୍ସିଂହୋମ୍‌ରେ ଭର୍ତ୍ତି କରିଥିଲେ। ରାତି ପ୍ରାୟ ୩ଟା ବେଳେ ତାଙ୍କର ଅପରେଶନ ପରେ ଏକ ଶିଶୁକନ୍ୟା ଜନ୍ମ ହୋଇଥିଲା। ସୋମବାର ସକାଳ ୮ଟାରେ ଦେବସ୍ମିତା ଛାତିରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିଥିଲେ। ସେହି ସମୟରେ ନର୍ସିଂହୋମ୍‌ରେ କୌଣସି ଡାକ୍ତର ନ ଥିବାବେଳେ ପରିବାର ଲୋକେ ନର୍ସଙ୍କୁ ଜଣାଇଥିଲେ। ଅଧଘଣ୍ଟା ପରେ ଜଣେ ନର୍ସ ଆସି ଦେଖିବା ପରେ ୮ଟି ଇଞ୍ଜେକ୍ସନ ଲେଖିଥିଲେ। ସମ୍ପର୍କୀୟମାନେ ଇଞ୍ଜେକ୍ସନ କିଣି ଆଣି ଦେବା ପରେ ଦେବସ୍ମିତାଙ୍କୁ ନର୍ସ ଜଣକ ଇଞ୍ଜେକ୍ସନ ଦେଇଥିଲେ। ଯନ୍ତ୍ରଣା ନ କମିବାରୁ କିଛି ସମୟ ପରେ ଆଉ ୪ଟି ଇଞ୍ଜେକ୍ସନ ଦେଇଥିଲେ। ପରେ ପୁଣି ୩ଟି ଇଞ୍ଜେକ୍ସନ ଦେଇଥିଲେ। ଏହାସତ୍ତ୍ୱେ ମଧ୍ୟାହ୍ନରେ ଦେବସ୍ମିତାଙ୍କ ମୃତ୍ୟୁ ଘଟିଥିଲା। ନର୍ସିଂହୋମ୍‌ରେ ଡାକ୍ତର ନ ରହିବାରୁ ଚିକିତ୍ସାରେ ଅବହେଳା ଏବଂ ଏପରି ଭୁଲ୍ ଇଞ୍ଜେକ୍ସନ ଯୋଗୁ ଦେବସ୍ମିତାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ଭାଇ ଦିଲୀପ କୁମାର ଜେନା ଟାଉନ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ. ୫୫/୨୫) ରୁଜୁ ହୋଇଛି। ଦେବସ୍ମିତାଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ ଅପରାହ୍ନ ପ୍ରାୟ ୧ଟା ବେଳେ ତାଙ୍କର ବହୁ ସମ୍ପର୍କୀୟ ପହଞ୍ଚି ନର୍ସିଂହୋମ୍‌ରେ ହୋହଲ୍ଲା କରିବା ସହ ସେଠାରେ ଥିବା ଗାଡ଼ି କାଚ ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ସେତେବେଳକୁ ପୋଲିସ ପହଞ୍ଚିଥିଲେ ମଧ ସ୍ଥିତି ନିୟନ୍ତ୍ରଣ ହୋଇପାରି ନ ଥିଲା। ସ୍ଥାନୀୟ ଲୋକେ ମୃତାଙ୍କ ସମ୍ପର୍କୀୟଙ୍କୁ ମାଡ଼ ମାରିଥିବା ମଧ ସେମାନେ ଅଭିଯୋଗ କରିଛନ୍ତି। ଖବର ପାଇ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଗୋଇନ୍ଦା ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏକ ଡାକ୍ତରୀ ଟିମ୍ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଅପରପକ୍ଷେ ହୃଦ୍‌ଘାତରେ ଦେବସ୍ମିତାଙ୍କ ମୃତ୍ୟୁ ଘଟିଥିବା ନର୍ସିଂହୋମ୍‌ର ଡା. ଅନିତା ଦାଶ କହିଛନ୍ତି। ପ୍ରକାଶଥାଉ କି, କିଛିଦିନ ତଳେ ମଧ ଏହି ନର୍ସିଂହୋମ୍‌ରେ ଜଣେ ପ୍ରସୂତିଙ୍କ ମୃତ୍ୟୁକୁ ନେଇ ହୋହଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା।

# ଭୀମକୁଣ୍ଡରେ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

ଠାକୁରମୁଣ୍ଡା,୨୭।୧ (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ନିକଟସ୍ଥ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡକୁ ବଣଭୋଜି ପାଇଁ ଆସି ପାଣିରେ ଭାସି ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ସୋମବାର ପୂର୍ବାହ୍ନ ୧୦ଟାରେ ମିଳିଛି। ମୃତକ ହେଲେ ଜଗତସିଂହପୁର ଜିଲା ବାଲିକୁଦା ଅଞ୍ଚଳର ନିତ୍ୟାନନ୍ଦ ଦାସଙ୍କ ପୁଅ ବିଶ୍ୱଜିତ(୧୮)। ନିଖୋଜର ଦିନକ ପରେ ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମୃତଦେହ ଉଦ୍ଧାର କରିଛନ୍ତି।

ସୂଚନା ଅନୁଯାୟୀ, ବାଲିକୁଦା ଜ୍ୟୋତି ମୋଟର୍ସର ୧୭ ଜଣ କର୍ମଚାରୀ ରବିବାର ଭୀମକୁଣ୍ଡକୁ ବଣଭୋଜି କରିବାକୁ ଆସିଥିଲେ। ଅପରାହ୍ନ ୧ଟା ସମୟରେ ବୈତରଣୀ ନଦୀର ଭୀମକୁଣ୍ଡର ଉପରମୁଣ୍ଡରେ ସେମାନଙ୍କ ମଧ୍ୟରୁ କେତେଜଣ ନଦୀରେ ଗାଧୋଉଥିଲେ। ତେବେ ଅସାବଧାନତା ଯୋଗୁ ବିଶ୍ୱଜିତ ପାଣିରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ଅନ୍ୟ କର୍ମଚାରୀମାନେ ଠାକୁରମୁଣ୍ଡା ଥାନାକୁ ସୂଚନା ଦେବା ପରେ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଖୋଜାଖୋଜି କରି ବିଫଳ ହୋଇଥିଲେ। ସୋମବାର ବାରିପଦାରୁ ଓଡ୍ରାଫ ଟିମ୍ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ଘଟଣାସ୍ଥଳରେ ଠାକୁରମୁଣ୍ଡା ବିଡିଓ, ତହସିଲଦାର ଉପସ୍ଥିତ ଥିଲେ। ଠାକୁରମୁଣ୍ଡା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ୨ କୋଟି ଟଙ୍କା ପାଇଁ ୪ ଜଣଙ୍କୁ ମୁଣ୍ଡ ଜାମିନ

■ ୪ ଦିନ ପରେ ଅପହୃତଙ୍କୁ ଉଦ୍ଧାର କଲା ପୋଲିସ, ଜଣେ ଗିରଫ

■ ନାଗସାପ ଦେଖାଇ ଭୟଭୀତ କରୁଥିଲେ ଅଭିଯୁକ୍ତ

ବ୍ରହ୍ମପୁର/ଦିଗପହଣ୍ଡି/ଟିକିଟି, ୨୭।୧ (ସୁବାସ ଚନ୍ଦ୍ର ପାଢ଼ୀ/ ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ)

ଦୁଇ କୋଟି ଟଙ୍କା ପାଇଁ ଗତ ୪ ଦିନ ହେଲା ଗଞ୍ଜାମ ଜିଲାରେ ଅପହରଣକାରୀଙ୍କ କବଳରେ ଥିବା ଏକ ଫାଇନାନ୍ସ ସଂସ୍ଥାର ୪ କର୍ମଚାରୀ ସୋମବାର ଉଦ୍ଧାର ହୋଇଛନ୍ତି। ଅପହରଣକାରୀଙ୍କ କବଳରୁ ଜଣେ ଖସିଆସି ପୋଲିସର ଦ୍ୱାରସ୍ଥ ହେବା ପରେ ସମସ୍ତଙ୍କୁ ଉଦ୍ଧାର କରାଯାଇଛି। ସେମାନେ ହେଲେ ଘରୋଇ ଫାଇନାନ୍ସ ସଂସ୍ଥାର ଏଜେଣ୍ଟ ବିହାରର ରବୀନ୍ଦ୍ର କୁମାର, କଟକ ଜିଲା ଗୋବିନ୍ଦପୁର ଗ୍ରାମର ବ୍ରହ୍ମାନନ୍ଦ ପାତ୍ର, କଟକ ତୁଳସୀପୁର ମଠସାହିର ଅହମ୍ମଦ ଖାନ୍, ଭୁବନେଶ୍ୱର ପାହାଳ ଥାନା ଅନ୍ତର୍ଗତ ଗଡ଼ ନହରକଣ୍ଟା ଗ୍ରାମର ଅମରଜିତ୍ ସାମନ୍ତସିଂହାର। ଅପହରଣକାରୀମାନେ ଏମାନଙ୍କୁ କେ.ନୂଆଗାଁ ଥାନା ଅନ୍ତର୍ଗତ ଟିକିଟିଗଡ଼ ତହସିଲ କାର୍ଯ୍ୟାଳୟ ପଛପଟେ ଥିବା ଏକ ଅବ୍ୟବହୃତ


ଅପହରଣକାରୀଙ୍କ କବଳରୁ ଉଦ୍ଧାର ହୋଇଥିବା ଫାଇନାନ୍ସ ସଂସ୍ଥାର ୪ କର୍ମଚାରୀ।

କୁଡିଆରେ ହାତଗୋଡ଼ ବାନ୍ଧି ନିସ୍ଠୁକ ମାଡ଼ ମାରିବା ସହ ନାଗସାପ ଆଣି ଦଂଶନ ଭୟ ଦେଖାଉଥିଲେ। ପୋଲିସ ଉକ୍ତ କୁଡିଆକୁ ସିଲ୍ କରିବା ସହ ୩ଟି ସାପ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ କେ.ନୂଆଗାଁ ଥାନା ଭୋଲାସିଙ୍ଗି ଗ୍ରାମର ପୃଥ୍ୱୀରାଜ ସାହୁଙ୍କୁ ଗିରଫ କରାଯାଇଛି। ମାଷ୍ଟରମାଇଣ୍ଡ ବ୍ରହ୍ମପୁରର ହୋଇଥିବା ବେଳେ ଏଥିରେ ଜିଲାର ୧୦ଜଣିଆ ଗ୍ୟାଙ୍ଗ ସାମିଲ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ବ୍ରହ୍ମପୁର ଏସ୍‌ପି ଡ.ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଅଭିଯୁକ୍ତ ପୃଥ୍ୱୀରାଜ ଏବଂ ତାଙ୍କ ସହଯୋଗୀମାନେ ଫାଇନାନ୍ସ ସଂସ୍ଥାର କର୍ମଚାରୀ ରବୀନ୍ଦ୍ରଙ୍କୁ ଏକ ପ୍ରୋଜେକ୍ଟ ପାଇଁ ଟଙ୍କା ଆବଶ୍ୟକ ଥିବା ବାହାନାରେ ଡକାଇଥିଲେ। ତେଣୁ ଗତ ଗୁରୁବାର ରବୀନ୍ଦ୍ରଙ୍କ ସମେତ ସଂସ୍ଥାର ଅନ୍ୟ ୩ କର୍ମଚାରୀ ଭୁବନେଶ୍ୱରରୁ ବ୍ରହ୍ମପୁର ଆସିଥିଲେ। ଅଭିଯୁକ୍ତମାନେ ସେମାନଙ୍କୁ ୨ଟି କାରରେ ନେଇ ନିସ୍ଠୁକ ମାଡ଼ ମାରି ୨ କୋଟି ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରେ ଟିକିଟି ନିକଟ କେରାଣ୍ଡିମାଳ ଜଙ୍ଗଲକୁ ନେଇ ମାଡ଼ ମାରିଥିଲେ। ସେଠାରୁ ଟିକିଟିଗଡ ଗ୍ରାମସ୍ଥିତ ଏକ ପରିତ୍ୟକ୍ତ କୁଡିଆରେ ହାତଗୋଡ ବାନ୍ଧି ପକାଇ ରଖିବା ସହ ସାପ ଆଣି ଦଂଶନ ଭୟ ଦେଖାଇଥିଲେ। ଅପହୃତ ରବୀନ୍ଦ୍ର କୌଶଳକ୍ରମେ ସୋମବାର ଭୋର୍‌ରେ ଅପହରଣକାରୀଙ୍କ କବଳରୁ ଖସିଆସି ନିକଟରେ ଥିବା ଟିକିଟି ତହସିଲଦାରଙ୍କ କ୍ୱାର୍ଟର୍ସ ଭିତରେ ପଶିଯାଇ ଆମକୁ ରକ୍ଷା କର ବୋଲି ଚିତ୍କାର କରିଥିଲେ। ତହସିଲଦାର ବିଶ୍ୱରଞ୍ଜନ କଅଁର ଘଟଣା ସମ୍ପର୍କରେ ଜାଣିବା ପରେ କେ.ନୂଆଗାଁ ଥାନା ଆଇଆଇସି କିଶୋର କୁମାର ସାମଲ ଏବଂ ଟିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲଙ୍କୁ ଫୋନ ଯୋଗେ ଜଣାଇଥିଲେ। ପୋଲିସ ଟିମ୍ ସେଠାରେ ପହଞ୍ଚି ରବୀନ୍ଦ୍ରଙ୍କ ସୂଚନାକ୍ରମେ ଉକ୍ତ ପରିତ୍ୟକ୍ତ କୁଡିଆରୁ ଅନ୍ୟ ୩ ଜଣଙ୍କୁ ଉଦ୍ଧାର କରିଥିଲା। ସେଠାରେ ଗଞ୍ଜେଇ ଗଛସବୁ କଟାଯାଇ ଗଦା ହୋଇଥିବା ମଧ୍ୟ ଦେଖାଯାଇଥିଲା। ଖବରପାଇ ଅବକାରୀ ଟିମ୍ ପହଞ୍ଚି ସେଗୁଡ଼ିକୁ ନଷ୍ଟ କରିଛି। ରବୀନ୍ଦ୍ରଙ୍କ ଏତଲା ପ୍ରକାରେ କେ.ନୂଆଗାଁ ଥାନାରେ ଏକ ମାମଲା (ନଂ.୪୧/୨୫) ରୁଜୁ କରାଯାଇଛି। ପୋଲିସ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର ଫେରାର ଥିବା ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

# ଛାତ୍ରୀ ଆତ୍ମହତ୍ୟା ମାମଲାରେ ଶିକ୍ଷକଙ୍କୁ ୮ ବର୍ଷ ଜେଲ୍

ବ୍ରହ୍ମପୁର, ୨୭।୧ (ସୁବାସ ଚନ୍ଦ୍ର ପାଢ଼ୀ)

ଯୌନ ଶୋଷଣ ସହି ନ ପାରି ଜଣେ ଛାତ୍ରୀଙ୍କ ଆତ୍ମହତ୍ୟା ମାମଲାର ବିଚାର ହୋଇଛି। ସୋମବାର ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ମାମଲାର ବିଚାର କରି ଟିଉଶନ ଶିକ୍ଷକ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ନିରଞ୍ଜନ ବେହେରା ଓରଫ କାଳିଆ(୩୫)ଙ୍କୁ ୮ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୭ମାସ ସଶ୍ରମ ଜେଲ ଦଣ୍ଡ ନିର୍ଦ୍ଦେଶ ରହିଛି। ସେହିପରି ମୃତ ଛାତ୍ରୀଙ୍କ ମା'ଙ୍କୁ ୨ ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କାଳିଆ ଜଣେ ଟିଉଶନ ଶିକ୍ଷକ ଥିଲେ। ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ତାଙ୍କ ନିକଟରେ ପାଠ ପଢୁଥିଲେ। କାଳିଆ ନିଜ ଟିଉଶନ ଘରେ ତାଙ୍କୁ ଏକାଧିକ ଥର ଯୌନଶୋଷଣ କରିଥିଲେ। ତାଙ୍କୁ ବିବାହ ପାଇଁ କହିଥିଲେ। ଶେଷରେ ଛାତ୍ରୀଙ୍କୁ ସେ ବିବାହ କରିବାକୁ ମନା କରିଦେଇଥିଲେ। ଫଳରେ ମାନସିକ ଚାପରେ ଥିବା ପୀଡ଼ିତା ୨୦୧୯ ଅକ୍ଟୋବର ୧୯ ତାରିଖରେ କୀଟନାଶକ ପିଇ ଆତ୍ମହତ୍ୟା କରିଥିଲେ। ପୋଲିସ ମୃତଦେହ ନିକଟରୁ ସୁଇସାଇଡ଼ ନୋଟ ଜବତ କରିଥିଲା। ଝିଅ ଆତ୍ମହତ୍ୟା ନେଇ ବାପା ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା (ନଂ.୨୬୪/୧୯) ରୁଜୁ କରି ଅଭିଯୁକ୍ତ କାଳିଆଙ୍କୁ ଗିରଫ ପରେ ୨୦୧୯ ଡିସେମ୍ବରରେ କୋର୍ଟ ଚାଲାଣ କରିଥିଲା। ତଦନ୍ତ ଅଧିକାରୀ ତତ୍କାଳୀନ ଏସଆଇ ରମେଶ ଚନ୍ଦ୍ର ପ୍ରଧାନ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ୨୦୨୧ ସେପ୍ଟେମ୍ବର ୨୦ ତାରିଖରେ କାଳିଆଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନା ସିଙ୍ଗାରି ମାମଲା ପରିଚାଳନା କରୁଥିଲେ।

# ବ୍ରହ୍ମପୁରରୁ ଅଭିଯୁକ୍ତଙ୍କୁ ଗିରଫ କଲା ପଶ୍ଚିମବଙ୍ଗ ପୋଲିସ

**ଆଇପିଏସ୍ କରାଇଦେବା ନାଁରେ ୪୬ ଲକ୍ଷ ଠକେଇ ମାମଲା**

ବ୍ରହ୍ମପୁର, ୨୭।୧ (ସୁବାସ ଚନ୍ଦ୍ର ପାଢ଼ୀ)

ନିଜକୁ ମଧ୍ୟପ୍ରଦେଶର କ୍ରାଇମବ୍ରାଞ୍ଚ ସିଆଇଡିର ଏଡିଜିପି ବୋଲି ପରିଚୟ ଦେଇ ଆଇପିଏସ୍ ଚାକିରି ଦେବା ନାଁରେ ପଶ୍ଚିମବଙ୍ଗ ଅଞ୍ଚଳର ଜଣେ ଯୁବକଙ୍କଠାରୁ ୪୬ ଲକ୍ଷ ଟଙ୍କା ଠକେଇ ହୋଇଥିଲା। ଏହି ଘଟଣାରେ ବ୍ରହ୍ମପୁରରୁ ଜଣେ ଗିରଫ ହୋଇଛନ୍ତି। ପଶ୍ଚିମବଙ୍ଗ ସୁରି ଥାନାର ତଦନ୍ତକାରୀ ଅଧିକାରୀ ଭାସ୍କର ରାୟଙ୍କ ନେତୃତ୍ୱରେ ୩ ଜଣିଆ ଟିମ ନିମଖଣ୍ଡି ପୋଲିସ ସହାୟତାରେ ଲୋଚାପଡ଼ା ଶ୍ରୀମା ନଗରରେ ରହୁଥିବା ଜଗଦଲପୁର ମୂଳ ନିବାସୀ ଜି. କାହ୍ନା ପାତ୍ର(୨୫)ଙ୍କୁ ଗିରଫ କରିଛି। ଟିମ ତାଙ୍କୁ


ଗିରଫ ଅଭିଯୁକ୍ତ।

ସ୍ଥାନୀୟ ଏସଡିଜେଏମ କୋର୍ଟରେ ହାଜର କରିବା ପରେ ୫ ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ନେଇଛି। ପୋଲିସ ଟିମ କାହ୍ନାଙ୍କୁ ସେଠାକାର ବୀରଭୂମି ସିଜେଏମ୍‌ଙ୍କ କୋର୍ଟରେ ହାଜର କରିବ ବୋଲି ଜଣାପଡିଛି।

ପଶ୍ଚିମବଙ୍ଗ ବୀରଭୂମି ଜିଲା ସୁରି ଥାନା ଅଞ୍ଚଳର ସାୟନ ଚକ୍ରବର୍ତ୍ତୀ ଓ ତାଙ୍କ ମା' ଦେଢ଼ ବର୍ଷ ତଳେ ଅଭିଯୁକ୍ତ କାହ୍ନାଙ୍କ ସହ ଫେସବୁକରେ ପରିଚିତ ହୋଇଥିଲେ। କାହ୍ନା ନିଜକୁ ମଧ୍ୟପ୍ରଦେଶ କ୍ରାଇମବ୍ରାଞ୍ଚର ଅତିରିକ୍ତ ପୋଲିସ ଡିଜି ବୋଲି କହିଥିଲେ। ଏପରିକି ସାୟନଙ୍କୁ ଆଇପିଏସ ଚାକିରି କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏଥିପାଇଁ ଲକ୍ଷାଧିକ ଟଙ୍କା ଲାଗିବ ବୋଲି ସେ କହିଥିଲେ। ସାୟନଙ୍କ ମା' ପୁଅକୁ ଆଇପିଏସ କରାଇବାକୁ ଯାହା ଟଙ୍କା ଦରକାର ଦେବେ ବୋଲି କହିଥିଲେ। କାହ୍ନା ୨୦୨୩ ଅଗଷ୍ଟ ୧୭ ତାରିଖରେ ସାୟନଙ୍କୁ ହାୱଡା ରେଳଷ୍ଟେଶନ ଏବଂ ପରେ କୋଲକତାର ଏକ ହୋଟେଲକୁ ଡାକି ତାଙ୍କଠାରୁ ଫିଟ୍‌ନେସ ସାର୍ଟିଫିକେଟ ଆଦି ନେଇଥିଲେ। ଏହି ଦେଢ ବର୍ଷ ଭିତରେ ସାୟନ ଓ ତାଙ୍କ ମା'ଙ୍କ ଠାରୁ ସେ ବିଭିନ୍ନ ପର୍ଯ୍ୟାୟରେ ୪୬ ଲକ୍ଷ ଟଙ୍କା ନେଇସାରିଥିଲେ। ହେଲେ ଆଇପିଏସ ଚାକିରି ନ ମିଳିବାରୁ ସାୟନ ଠକେଇର ଶିକାର ହୋଇଥିବା ଜାଣି ସୁରି ଥାନାରେ ୨୦୨୪ ଅକ୍ଟୋବର ୧୦ ତାରିଖରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ପ୍ରକାରେ ନଂ.୪୯୮/୨୪ରେ ଏକ ମାମଲା ରୁଜୁ ହୋଇଥିଲା।

# ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି

## ୫୦ ଲକ୍ଷ ଟଙ୍କାର ଅଳଙ୍କାର, ଅଢ଼େଇ ଲକ୍ଷ ଟଙ୍କା ଲୁଟ ଅଭିଯୋଗ

ଭୁବନେଶ୍ୱର, ୨୭।୧ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଦିନକୁ ଦିନ ଚୋରଙ୍କ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ପୂରା ସହର କମିଶନରେଟ୍ ପୋଲିସର ସୁରକ୍ଷା ବଳୟରେ ଥିବାବେଳେ ଦୁର୍ବୃତ୍ତମାନେ ଏହାକୁ ଭୟ କରୁନାହାନ୍ତି। କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଘରକୁ ମଧ୍ୟ ଚୋର ଛାଡ଼ିନାହାନ୍ତି। ନିରଞ୍ଜନଙ୍କ ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ଏନ୍ ୨/୨୯ ଘରୁ ଶନିବାର-ରବିବାର ବିଳମ୍ବିତ ରାତିରେ ଜଣେ ଚୋର କଳାକନା ବୁଲାଇଛନ୍ତି। ଘରର ଦ୍ୱିତୀୟ ମହଲାରେ ଥିବା ବଡ଼ପୁଅ ଦେବଜ୍ୟୋତିଙ୍କ ବେଡ୍‌ରୁମ୍‌ରୁ ପ୍ରାୟ ୫୦ ଲକ୍ଷ ଟଙ୍କାର ଅଳଙ୍କାର ଓ ନଗଦ ୨.୫ଲକ୍ଷ ନଗଦ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ରବିବାର ନୟାପଲ୍ଲୀ ଥାନାରେ ଦେବଜ୍ୟୋତିଙ୍କ ଏତଲାକ୍ରମେ ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୩୦୫ ଓ ୩୩୧(୪)ରେ ଏକ ମାମଲା (ନଂ.୨୬/୨୦୨୫) ରୁଜୁ କରି ତଦନ୍ତ କରିଛି। ଜଣେ ଚୋର ଏହି କାଣ୍ଡ ଘଟାଇଥିବାବେଳେ ଘରେ ଲାଗିଥିବା ସିସିଟିଭିରେ ଏହାର ଦୃଶ୍ୟ କଏଦ ହୋଇଛି। ଗ୍ଲୋବ୍‌ସ ଓ ମୁଖା ପିନ୍ଧି ଅଭିଯୁକ୍ତ ଜଣଙ୍କ ଚୋରି କରୁଥିବା ସିସିଟିଭି ଦୃଶ୍ୟରୁ ଦେଖିବାକୁ ମିଳିଛି। ତେବେ ଏହି ଘଟଣାକୁ ୩୯ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଥିବାବେଳେ ଏଯାଏ ଅଭିଯୁକ୍ତଙ୍କୁ ପୋଲିସ ଧରିପାରିନାହିଁ। ଦେବଜ୍ୟୋତି ଓ ତାଙ୍କ ସ୍ତ୍ରୀ ଘରେ ନ ଥିବାବେଳେ ଏହାର ସୁଯୋଗ ନେଇ ଚୋରି ହୋଇଛି। ରାତି ପ୍ରାୟ ୨ଟା ୩୦ରେ ଚୋର ଜଣଙ୍କ ଘରେ ପଶିଥିବା ଦେବଜ୍ୟୋତି ଏତଲାରେ ଉଲ୍ଲେଖ କରିଛନ୍ତି। ନିରଞ୍ଜନଙ୍କ ଘରେ ବନ୍ଧୁକଧାରୀ ସୁରକ୍ଷାକର୍ମୀ, ପିଏସ୍‌ଓ ଓ କୁକୁର ଥିବାବେଳେ ଜଣେ ଚୋର କିଭଳି ଏହି କାଣ୍ଡ ଘଟାଇଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏତଲା ଅନୁଯାୟୀ,



ସିସିଟିଭିରେ କଏଦ ଚୋରି ବେଳର ଦୃଶ୍ୟ।

ରାତି ପ୍ରାୟ ୩ଟା ୪୦ ବେଳେ ଦେବଜ୍ୟୋତିଙ୍କ ସାନପୁଅ ଆଲାର୍ମ ଶୁଣି ସୁରକ୍ଷାକର୍ମୀଙ୍କୁ ଜଣାଇଥିଲେ। ବେଡରୁମ୍‌ର ଭିତର ପଟୁ ଚୋର ଜଣଙ୍କ କବାଟ ଲକ୍ କରିଥିବା ଜଣାପଡ଼ିଥିଲା। ଏହାପରେ ମାଷ୍ଟର କି ଜରିଆରେ ସୁରକ୍ଷାକର୍ମୀ କବାଟ ଖୋଲିଥିଲେ। ତେବେ ବେଡ୍‌ରୁମର ଝରକା ଖୋଲାଥିବା ଦେଖିବାକୁ ପାଇଥିଲେ। ଏଥିସହ ୱାର୍ଡରୋବ୍ ଖୋଲାହୋଇଥିବା ବ୍ରିଫ୍‌କେସ୍‌କୁ ଭଙ୍ଗାଯାଇ ଖୋଲାଯାଇଥିଲା। ଏହି ଘଟଣା ସମ୍ପର୍କରେ ସୋମବାର ଡିସିପି ପିନାକ ମିଶ୍ର କହିଛନ୍ତି, ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଟିମ୍ ଚେଷ୍ଟା କରୁଛନ୍ତି। କିଛି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ମିଳିଛି। ବିଭିନ୍ନ ଦିଗରୁ ତଦନ୍ତ କରାଯାଉଛି। ଏହି ମାମଲାରେ ଖୁବ୍‌ଶୀଘ୍ର ସଫଳତା ମିଳିବ ବୋଲି ଡିସିପି ମିଶ୍ର କହିଛନ୍ତି।

ତେବେ ଅନ୍ୟପକ୍ଷରେ ଗତ ଡିସେମ୍ବର ୨୦ରେ ନିରଞ୍ଜନଙ୍କ ୫ଟି ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନେ ଚଢ଼ାଉ କରିଥିଲେ। ସେହି ସମୟରେ ଇଡି ପକ୍ଷରୁ କ'ଣ ସବୁ ଜବତ ହୋଇଥିଲା ସେନେଇ କିଛି ସୂଚନା ଦିଆଯାଇ ନ ଥିଲା। ଏବେ ନିରଞ୍ଜନଙ୍କ ଘରୁ ୫୦ଲକ୍ଷ ଟଙ୍କାର ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ କରାଯିବା ପରେ ଏହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ତେବେ ଇଡିର ଚଢ଼ାଉ ଦିଗକୁ ନେଇ ତଦନ୍ତ ହେଉଛି କି ନାହିଁ ଡିସିପି ମିଶ୍ରଙ୍କୁ ପଚାରିବାରୁ ସେ ଏନେଇ କିଛି ଜାଣି ନ ଥିବା କହିଛନ୍ତି।

ଅପରପକ୍ଷରେ ନିରଞ୍ଜନ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଏହି ଘଟଣା କେବଳ ମୋର ପରିବାର ପାଇଁ ନୁହେଁ, ବରଂ ସମସ୍ତ ଭୁବନେଶ୍ୱରବାସୀଙ୍କ ସୁରକ୍ଷାକୁ ନେଇ ମୁଁ ଚିନ୍ତିତ। ସରକାରଙ୍କ ଅବହେଳା କାରଣରୁ ଆଜି ଆମ ଘର, ଆମ ସାହି ଏବଂ ଆମ ସମ୍ପଦ ବିପଦରେ ପଡ଼ିଛି। ଓଡିଶା ପୋଲିସ ଜନତାଙ୍କ ସୁରକ୍ଷାକୁ ନିଶ୍ଚିତ କରନ୍ତୁ ଏବଂ ଏହା ଭାଜପା ସରକାରଙ୍କ ସର୍ବପ୍ରଥମ ପ୍ରାଥମିକତା ହେବା ଉଚିତ। ଭୁବନେଶ୍ୱରକୁ ସୁରକ୍ଷିତ କରନ୍ତୁ ବୋଲି ନିରଞ୍ଜନ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

# ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

ସୁନ୍ଦରଗଡ଼, ୨୭।୧ (ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ଜିଲା ଦୌରା ଜଜ୍ ଶିଖାରାଣୀ ରଥ ସୋମବାର ଏକ ବଳାତ୍କାର ମାମଲାରେ ଅଭିଯୁକ୍ତ ଶୀରଧର ଡମ (୬୫)ଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୧୦ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ପାଇଁ ତାଙ୍କ ରାୟରେ ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁସାରେ, ଗତ ୧୩।୦୩.୨୦୨୨ ଅପରାହ୍ନ ପ୍ରାୟ ୩ଟାରେ ତଳସରା ଥାନା ଅନ୍ତର୍ଗତ ବନଡେଗା(ସର୍ଜଘାଂ)ଠାରେ ଜଣେ ଯୁବତୀଙ୍କୁ ଏକୁଟିଆ ପାଇ ଶୀରଧର ତାଙ୍କୁ ନିକଟସ୍ଥ ଖାଲୁଆ ଜାଗାକୁ ନେଇ ବଳାତ୍କାର କରିଥିଲେ। ଯୁବତୀ ଜଣକ ମାନସିକ ବିକୃତ ବୋଲି ଜଣାପଡିଛି। ଏନେଇ ତଳସରା ଥାନାରେ ପୀଡିତାଙ୍କ ଭାଉଜ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ତଦନ୍ତକାରୀ ଅଫିସର ତଳସରା ଥାନାରେ ୫୨/୨୦୨୨ରେ ମାମଲା ରୁଜୁ କରିଥିଲେ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଥାକୁଲାଟାକୁ ଥାକୁଲିଟାଏ**
**ବିହି ଖଞ୍ଜିଛି ଏକାଠାଏଁ।**

ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ବେଳେ ସ୍ଥୂଳକାୟ ଦମ୍ପତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଥିଲେ ଚିରାକନା ଯାଉ ମାଠ**
**ଏଥିପାଇଁ କିଆଁ କାଠ କାଠ?**

ମଣିଷର ଆଭିଜାତ୍ୟ ଟିକିଏ ବଞ୍ଚିରହିଲେ ସିଏ ସେଇ ଅନୁଭବରେ ହିଁ ଆନନ୍ଦ ପାଇଥାଏ। ଚଳନ୍ତି ବହୁ ମୂଲ୍ୟର ସାମଗ୍ରୀ ସେଇ ସେତକ ଆନନ୍ଦ ତୁଳନାରେ କିଛି ନୁହେଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମାନସିକ ଅନଗ୍ରସର ଥଇଥାନ କେନ୍ଦ୍ର ଅନ୍ତେବାସୀଙ୍କୁ ନିର୍ଯାତନା

**ଭିଡିଓ ଭାଇରାଲ ପରେ ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ**

ସମ୍ବଲପୁର, ୨୭।୧ (ପ୍ରମୋଦ ବହିଦାର)

ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ନେତାଜୀ କଲୋନୀରେ ଥିବା ସମର୍ଥ ମାନସିକ ଅନଗ୍ରସର ଥାଇଥାନ କେନ୍ଦ୍ର ଅନ୍ତେବାସୀଙ୍କୁ ମାତ୍ରାଧିକ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ନିର୍ଯାତନାର ଭିଡିଓ ଭାଇରାଲ ହେବା ପରେ ସହରରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଗଭୀର ଉଦ୍‌ବେଗ ପ୍ରକାଶ କରି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଭିଯୋଗର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପରେ ସମର୍ଥ ସଂସ୍ଥାରେ ଏସ୍‌ଡିପିଓ ତୋଫାନ ବଗଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଚଢ଼ାଉକୁ ନେଇ ଏସ୍‌ଡିପିଓ ବାଗ କହିଛନ୍ତି, ଘଟଣାର ଅନୁସନ୍ଧାନ ପାଇଁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର ମହାନନ୍ଦଙ୍କୁ ଖବର ଦିଆଯାଇଥିଲା। ସାମାଜିକ ସୁରକ୍ଷା ଅଧିକାରୀଙ୍କ ରିପୋର୍ଟ ମିଳିଲା ପରେ ସଂସ୍ଥାର ମାଲିକ, ସମ୍ପାଦକ ତଥା ଘଟଣାରେ ସମ୍ପୃକ୍ତ ସହାୟିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଅପରପକ୍ଷରେ ଭାଇରାଲ ହୋଇଥିବା ଭିଡିଓରେ ଜଣେ ମହିଳା ଅନ୍ତେବାସୀଙ୍କୁ ତଳେ



ନେତାଜୀ ନଗରସ୍ଥିତ ସମର୍ଥ ମାନସିକ ଅନଗ୍ରସର ଥଇଥାନ କେନ୍ଦ୍ର।

ପକାଇ ସଂସ୍ଥାର ଜଣେ ପୁରୁଷ ଓ ଜଣେ ମହିଳା ମୁଥ, ଗୋଇଠା ମାରିବା ଏବଂ ବାଡ଼ି, ବେତରେ ପିଟୁଛନ୍ତି। ମାଡ଼ ଖାଉଥିବା ମହିଳା ଜଣକ ବେହୋସ ହୋଇଯାଉଥିବା ଦେଖିବାକୁ ମିଳିଛି। ମାଡ଼ ମାରୁଥିବା ବ୍ୟକ୍ତି ସଂସ୍ଥାର ସମ୍ପାଦକ ହରିଶ ଚନ୍ଦ୍ର ଦାଶ ଓ ଅନ୍ୟ ଜଣେ ସହାୟିକା ମହିଳା ବୋଲି ଭିଡିଓରେ ଜଣାପଡୁଛି। ଏପରିକି ସେମାନେ ମହିଳା ଓ ପୁରୁଷ ଅନ୍ତେବାସୀଙ୍କୁ ଗୋଟିଏ ସ୍ଥାନରେ ଏକାଠି ଗାଧୋଇ ଦେବାର ଭିଜୁଆଲ ମଧ୍ୟ ଭାଇରାଲ ହୋଇଛି। ପ୍ରତିଦିନ କେତେକ ଅନ୍ତେବାସୀଙ୍କୁ ମାତ୍ରାଧିକ ଡୋଜ ନିଶା ଔଷଧ ଦିଆଯାଉଥିବାରୁ ସେମାନେ ଦୁଇଦିନ ପର୍ଯ୍ୟନ୍ତ ଅଚେତ ହୋଇ ଶୋଇ ରହିଥାନ୍ତି। ସମୟ ସମୟରେ ଏଥିପାଇଁ କେତେକ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଛି ବୋଲି ଏଠାରେ ପୂର୍ବରୁ କାର୍ଯ୍ୟ କରୁଥିବା କେତେଜଣ ମହିଳା କର୍ମଚାରୀ ଓ ଅନ୍ତେବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହାକୁ ନେଇ ସଂସ୍ଥାର ମହିଳା ସହାୟିକା କହିଛନ୍ତି, ମହିଳା ମାନସିକ ରୋଗୀ ଜଣକ ତାଙ୍କୁ ବାଡେଇବାରୁ ସେ ତାଙ୍କୁ ମାଡ଼ ମାରିଥିଲେ। ଅପରପକ୍ଷରେ ଏଠାରେ ମାନସିକ ଅନଗ୍ରସର ରୋଗୀଙ୍କୁ ମାଡ଼ ମାରିବା ବା କୌଣସି ପ୍ରକାର ଶାରୀରିକ ନିର୍ଯାତନା ଦିଆଯାଏ ନାହିଁ ବୋଲି ସେ କହିଛନ୍ତି। ମହିଳା ଅନ୍ତେବାସୀଙ୍କୁ ସମ୍ପାଦକ ଦାସ ମାଡ଼ ମାରୁଥିବା ଭିଡିଓରେ ସ୍ପଷ୍ଟ ଜଣା ପଡୁଥିଲେ ସୁଦ୍ଧା ସେ କାହାକୁ ମାଡ଼ ମାରି ନ ଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ଏହି କେନ୍ଦ୍ରରେ ଉଭୟ ମହିଳା ଓ ପୁରୁଷ ମାନସିକ ଅନଗ୍ରସରଙ୍କୁ ରଖାଯାଇଥାଏ।

**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ
୧୮/୧, ଅଇଁଠାପାଲି ରୋଡ୍, ସମ୍ବଲପୁର, ଫୋନ୍: ୦୬୬୩-୨୫୪୦୬୪୦

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍ ୮(୧)]

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ, ଆଇନଗତ ଖର୍ଚ୍ଚ, ଆଇନଗତ ଦେୟ ଉତ୍ୟାଦି ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ୟୁକୋ ବ୍ୟାଙ୍କର ବ୍ରଜରାଜନଗର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ବ୍ରଜରାଜନଗର ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
| --- | --- | --- | --- |
| **ଋଣଗ୍ରହୀତା: ମେସର୍ସ ଉଷା ଇଞ୍ଜିନିୟରିଙ୍ଗ୍, ସ୍ୱତ୍ତ୍ୱାଧିକାରୀ: ସୁଶାନ୍ତ ବେନିଆ,** ସା: ସାନଯୋବ, ଲମଟିବାହାଲ, ପୋ: ବ୍ରଜରାଜନଗର, ଜିଲ୍ଲା: ଝାରସୁଗୁଡା, ପିନ୍-୭୬୮୨୧୬ | ୧) ଟ.୨,୨୯,୯୫୫.୬୮ ୨) ଟ.୧,୪୧,୬୩୬.୯୭ (୩୦.୦୩.୨୦୨୪ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | ୨୨.୦୫.୨୦୨୪ / ୨୨.୦୧.୨୦୨୫ | ମୂଲ୍ୟସୂଚୀ/ବିଲ୍ ଅନୁସାରେ କାଗଜ ପତ୍ରରେ ଦର୍ଶିତ ବନ୍ଧକପ୍ରାପ୍ତ ଚଳିତ ସମ୍ପତ୍ତି ସହିତ ଷ୍ଟକ୍, ବୁକ ଡେବଟ୍‌ସ, ପ୍ରାପ୍ୟ, ବ୍ୟବହୃତ ଷ୍ଟୋର୍ସ, ଯନ୍ତ୍ରାଂଶ, ଅସ୍ଥାବର ସମ୍ପତ୍ତି ଏବଂ କାରଖାନା ଏବଂ କଳକବ୍ଜା ସହିତ ସ୍ଥାବର ସମ୍ପତ୍ତି ଇତ୍ୟାଦି |
| **ଋଣଗ୍ରହୀତା: ମେସର୍ସ ଉତ୍କଳ ଫର୍ଣ୍ଣିଚର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମନୋଜ କୁମାର ଲାମ୍ବା (ଋଣଗ୍ରହୀତା),** ପିତା: ସୋହନ ଲାଲ ଲାମ୍ବା, ସା: ମେନ୍ ରୋଡ୍, ଜଗନ୍ନାଥ ମନ୍ଦିର ପଛପାର୍ଶ୍ୱ, ବ୍ରଜରାଜନଗର, ଜିଲ୍ଲା: ଝାରସୁଗୁଡା, ପିନ୍-୭୬୮୨୧୬ | ୧) ଗୃହ ଋଣ: ଟ.୧୦,୩୧,୬୫୪.୧୪ (୩୦.୦୮.୨୦୨୪ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ୨) ଗୃହ ଋଣ: ଟ.୫,୦୭,୦୧୧.୯୦ (୩୦.୦୭.୨୦୨୪ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ୩) ମେସର୍ସ ଉତ୍କଳ ଫର୍ଣ୍ଣିଚର:ଟ.୩,୪୪,୫୩୮.୪୬ (୩୦.୦୪.୨୦୨୧ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) + ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | ୩୦.୦୯.୨୦୨୪ / ୨୨.୦୧.୨୦୨୫ | **ଶ୍ରୀ ମନୋଜ କୁମାର ଲାମ୍ବା,** ପିତା: ସୋହନ ଲାଲ ଲାମ୍ବା, ମେନ୍ ରୋଡ୍, ବ୍ରଜରାଜନଗରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୭୪୭/୧୯୭୦, ପ୍ଲଟ୍ ନଂ.: ୮/୮୫୨୨, ମୌଜା: ଝାରସୁଗୁଡା ଟାଉନ୍ ୟୁନିଟ୍ ନଂ.: ୨, କ୍ଷେତ୍ର: ଏକର୦.୦୬୭ ଡିସିମିଲି |

ସ୍ଥାନ: ସମ୍ବଲପୁର, ତାରିଖ: ୨୭.୦୧.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ଭିତ୍ତିଭୂମି ପ୍ରଗତିରେ ବେଦାନ୍ତର ଉଲ୍ଲେଖନୀୟ ଯୋଗଦାନ

**ନୂଆଦିଲ୍ଲୀ,୨୭।୧**



ବେଦାନ୍ତ ଲିମିଟେଡ ଓଡ଼ିଶାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରି ରାଜ୍ୟର ଅସୀମ ସମ୍ଭାବନାକୁ ନିକଟରେ ଉନ୍ମୋଚିତ କରିଛି। ଏପରିକି ଓଡ଼ିଶାର ପରିବର୍ତ୍ତନ ଯାତ୍ରାରେ ବେଦାନ୍ତ ଯୋଗ ଦେଇଛି। ରାଜ୍ୟର ଅର୍ଥନୈତିକ ଓ ଭିତ୍ତିଭୂମି ପ୍ରଗତିରେ ବେଦାନ୍ତ ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଛି। ବିଶେଷକରି ଦକ୍ଷିଣ ପୂର୍ବ ଏସିଆ ପାଇଁ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ହୋଇଥିଲାବେଳେ ବିଶ୍ୱ ମୂଲ୍ୟ ଶୃଙ୍ଖଳାରେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦ୍ରୁତଗତିରେ ବିସ୍ତାର ହେବାକୁ ଯାଉଛି। ସେହିଭଳି ମେକ୍ ଇନ୍ ଓଡ଼ିଶା ଓ ଅନ୍ୟାନ୍ୟ ରଣନୈତିକ ପଦକ୍ଷେପ ପରି ରଣନୀତି ମାଧ୍ୟମରେ ସରକାର ରାଜ୍ୟରେ ବ୍ୟବସାୟ କରିବାର ସୁଗମତାକୁ ବୃଦ୍ଧି ଉପରେ ଧ୍ୟାନ ଦେଉଛନ୍ତି, ଯାହା ଫଳରେ ଏହାକୁ ନିବେଶକମାନଙ୍କ ଲାଗି ଏକ ଆକର୍ଷଣୀୟ ସୁଯୋଗ ସୃଷ୍ଟି କରିଛି। ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ପ୍ରଚୁର ପ୍ରାକୃତିକ ସମ୍ପଦ ସହ ରାଜ୍ୟ ଏକ ସନ୍ତୁଳିତ ଅଭିବୃଦ୍ଧି ମଡେଲରେ ବିକଶିତ ହେଉଛି, ଯାହା ଜନସାଧାରଣଙ୍କୁ ବିଶେଷ ଲାଭ ପ୍ରଦାନ କରୁଛି। ଶିକ୍ଷା, ଦକ୍ଷତା ବିକାଶ ଲାଗି ସୁଯୋଗ ବୃଦ୍ଧି ହୋଇଛି ଓ ଓଡ଼ିଶା ନିରନ୍ତର ଅଗ୍ରଗତି ପଥରେ ଆଗକୁ ବଢ଼ି ଚାଲିଛି। ସେହିପରି ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିରେ ଏକ ପ୍ରମୁଖ ବାହକ ହୋଇଛି। ଓଡିଶାର ଲାଞ୍ଜିଗଡ଼ଠାରେ କମ୍ପାନୀର ୩.୫ ଏମଟିପିଏ ଆଲୁମିନା ରିଫାଇନାରି ଓ ଝାରସୁଗୁଡ଼ାଠାରେ ବିଶ୍ୱର ବୃହତ ଆଲୁମିନିୟମ ସ୍ମେଲଟର ମଧ୍ୟରୁ ଗୋଟିଏ ପରିଚାଳିତ ହେଉଛି, ଯାହାର ବାର୍ଷିକ କ୍ଷମତା ୧.୮ ନିୟୁତ ଟନ୍ ରହିଛି। ଏହାକୁ କମ୍ପାନୀ ବିଶ୍ୱର ୧ ନିୟୁତ ଟନ୍ କ୍ଲବରେ ସାମିଲ କରାଇଛି। ଏହା ସହ ବେଦାନ୍ତ ଓଡ଼ିଶାର ୪ଟି କୋଇଲା ବ୍ଲକ ଓ ଗୋଟିଏ ବକ୍ସାଇଟ ବ୍ଲକ ସୁରକ୍ଷିତ ସହିତ ଫେରୋକ୍ରୋମ ତଥା ଲୁହାପଥର ଉତ୍ପାଦନରେ ଅଧିକ ନିବେଶ କରିଛି, ବିଭିନ୍ନ ଜିଲାରେ ଖଣି କାର୍ଯ୍ୟ ହେତୁ ବ୍ୟାପକ ନିଯୁକ୍ତି ସୃଷ୍ଟି ହୋଇଛି। ସ୍ଥାୟିତ୍ୱ କ୍ଷେତ୍ରରେ ନେତୃତ୍ୱ ନେଇ କମ୍ପାନୀ ପ୍ରଥମ ଭାରତୀୟ ଧାତୁ ଉତ୍ପାଦକ, ଯିଏ ରେଷ୍ଟୋରା ଉତ୍ପାଦନ କରେ, ନବୀକରଣୀୟ ଶକ୍ତିରୁ ନିର୍ମିତ କମ୍ କାର୍ବନଯୁକ୍ତ ଆଲୁମିନିୟମ ଉତ୍ପାଦର ଏକ ପରିସର, ଯାହା କମ୍ପାନୀ ଲାଗି ବର୍ଦ୍ଧିତ ଚାହିଦା ସୃଷ୍ଟି କରିଛି। ବେଦାନ୍ତ ଆଲୁମିନିୟମ ପ୍ରଭାବଶାଳୀ ପଦକ୍ଷେପ ଜରିଆରେ ସ୍ଥାୟିତ୍ୱ ପ୍ରତି ପ୍ରତିବଦ୍ଧ ରହିଛି। ପିଡବ୍ଲ୍ୟୁ ସହିତ ଭାଗୀଦାରି ହୋଇ କମ୍ପାନୀ ଏହାର କାର୍ଯ୍ୟ ଚାରିପାଖରେ ଇକୋ ସିଷ୍ଟମକୁ ସୁରକ୍ଷା ଲାଗି ଜୈବବିବିଧତା ସଂରକ୍ଷଣ ନୀତି ବିକଶିତ କରୁଛି। ପରିବେଶଗତ ଦୃଷ୍ଟି କୋଣରୁ ଝାରସୁଗୁଡ଼ାରେ ପାଉଁଶ ପୁନରୁଦ୍ଧାର ଅଞ୍ଚଳରେ ୧ ଲକ୍ଷ ବୃକ୍ଷ ରୋପଣ କରି କାର୍ବନ ନିର୍ଗମନକୁ କମ କରିବାକୁ ପ୍ରୟାସ କରୁଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରସାଦ ଜୁଏଲର୍ସର ନୂଆ ଶୋ'ରୁମ ଉଦ୍‌ଘାଟିତ



ସମ୍ବଲପୁର ବୁଢ଼ାରଜା ଏସ୍ଆଇଟି ଛକ ନିକଟରେ ବିଧାୟକ ଜୟନାରାୟଣ ମିଶ୍ର ପ୍ରସାଦ ଜ୍ୱେଲର୍ସର ନୂତନ ଶୋରୁମକୁ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ସମ୍ବଲପୁର,୨୭।୧(ବି.ଶଙ୍କର)**

ପ୍ରସାଦ ଜୁଏଲର୍ସର ନୂତନ ଶୋରୁମ ସମ୍ବଲପୁର ସହର ବୁଢ଼ାରଜା ଏସ୍ଆଇଟି କଲୋନି ସମ୍ମୁଖରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୋରୁମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଅନିଲ ପ୍ରସାଦଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସେହିଭଳି ଦୁଇ ମହଲା ବିଶିଷ୍ଟ ଏହି ଅତ୍ୟାଧୁନିକ ଶୋରୁମ ସୂକ୍ଷ୍ମ ଅଳଙ୍କାରଗୁଡ଼ିକର ଏକ ବିସ୍ତୃତ ସଂଗ୍ରହକୁ ପ୍ରଦର୍ଶିତ କରୁଛି। ରାଉରକେଲାଠାରେ ୨ହଜାର ବର୍ଗଫୁଟ ଅଚଳରେ ପରିବ୍ୟାପ୍ତ ଏକ ଷ୍ଟୋର ସହ ନିଜର ଯାତ୍ରା ଆରମ୍ଭ କରିଥିଲା । ଏହାପରେ ପ୍ରସାଦ ଜୁଏଲର୍ସର ସୁନ୍ଦରଗଡ, ଝାରସୁଗୁଡା ଓ ସମ୍ବଲପୁରଠାରେ ଶାଖା ସହ ନିଜର ଉପସ୍ଥିତି ବିସ୍ତାର କରିଛି । ଏଥିସହ ଗ୍ରାହକଙ୍କ ବିବିଧ ପସନ୍ଦକୁ ପୂରଣ କରିବା ପାଇଁ ଏହି ଷ୍ଟୋରରେ ଆର୍ଟିଫିସିଆଲ ଜୁଏଲାରୀଗୁଡିକର ଏକ ସେକ୍ସନ ରହିଛି ବୋଲି କାର୍ଯ୍ୟକାରୀ ନିର୍ଦ୍ଦେଶକ ସୌରଭ ପ୍ରସାଦ ସୂଚିତ କରିଛନ୍ତି । ସେ କହିଥିଲେ, ଉଦ୍‌ଘାଟନୀ ଉତ୍ସବ ସକାଶେ ସ୍ୱତନ୍ତ୍ର ଅଫର ରହିଛି। ସେହିପରି ଆର୍ଟିଫିସିଆଲ ଜୁଏଲାରୀ ଉପରେ ଫ୍ଲାଟ ୨୦ ପ୍ରତିଶତ ରିହାତି ଉପଲବ୍ଧ ରହିଛି । ଏହି ଅଫରଗୁଡିକରେ କୌଣସି ସର୍ତ୍ତାବଳୀ ଲାଗୁ ନାହିଁ। ଏହା ଆସନ୍ତା ଫେବୃଆରୀ ୨ ପର୍ଯ୍ୟନ୍ତ ସମସ୍ତ କ୍ରୟ ଉପରେ ବୈଧ ରହିବ ।




୭୬ତମ ଗଣତନ୍ତ୍ର ଦିବସ ନାଲ୍‌କୋ ମୁଖ୍ୟାଳୟ (କର୍ପୋରେଟ କାର୍ଯ୍ୟାଳୟ) ଭୁବନେଶ୍ୱରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ନାଲ୍‌କୋ ସିଏମ୍‌ଡିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଡିସିର ମେଗା ସଚେତନତା ଅଭିଯାନ

**ନୂଆଦିଲ୍ଲୀ,୨୭।୧**

ଭବିଷ୍ୟତ ପିଢିର ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଡାବର ଚ୍ୟବନପ୍ରାଶ (ଡିସି) ପ୍ରତିବଦ୍ଧତାର ଅଂଶ ଭାବେ ଏକ ମେଗା ସଚେତନତା ଅଭିଯାନର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ ଆରମ୍ଭ ହୋଇଯାଇଛି। ଯାହା ଦେଶବ୍ୟାପୀ ଅଣସଂରକ୍ଷିତ ଓ ଅବହେଳିତ ଶିଶୁମାନଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ପାଇଁ ଲକ୍ଷ୍ୟ ରଖିଛି। ଏହି ଅଭିଯାନ ଅଧିନରେ ଡିସି ଜଣେ ପ୍ରତିଷ୍ଠିତ ଡାକ୍ତରଙ୍କ ସହ ରୋଗ ପ୍ରତିରୋଧକ ଶକ୍ତି ସଚେତନତା ଅଧିବେଶର ପରିଚାଳନା କରିବ। ଏହା ସାଧାରଣ ବ୍ୟାକ୍ଟେରିଆ ଓ ଭାଇରସ ଏବଂ ପରିବର୍ତ୍ତିତ ଋତୁ କାରଣରୁ ହେଉଥିବା ଅସୁସ୍ଥତା ବିରୋଧରେ ଲଢିବା ପାଇଁ ଏକ ମଜବୁତ ରୋଗ ପ୍ରତିରୋଧକ ଶକ୍ତି ଗଠନ କରିବାର ଆବଶ୍ୟକତା ସମ୍ପର୍କରେ ପିଲାମାନଙ୍କୁ ସଚେତନ କରିବ। ଏ ସମ୍ପର୍କରେ ଡାବର ଇଣ୍ଡିଆ ଲିମିଟେଡର ହେଲ୍‌ଥ ସପ୍ଲିମେଣ୍ଟସ ବିଭାଗର ମାର୍କେଟିଂ ମୁଖ୍ୟ ଅମିତ ଗର୍ଗ କହିଛନ୍ତି, ଡାବର ଚ୍ୟବନପ୍ରାଶ ୧୦୦ବର୍ଷରୁ ଅଧିକ ସମୟ ହେବ ମଜବୁତ ରୋଗ ପ୍ରତିରୋଧକ ଶକ୍ତି ହାସଲ କରିବା ପାଇଁ ପ୍ରତ୍ୟେକ ଭାରତୀୟଙ୍କୁ ସହଯୋଗ କରିବା ଲାଗି ପ୍ରତିବଦ୍ଧ ରହିଛି।

# ମହାକୁମ୍ଭରେ ନୁଭୋକୋ ସାରଥୀ

**ନୂଆଦିଲ୍ଲୀ,୨୭।୧**

ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ୍‌ର ନୂତନ ଅଭିଯାନ 'ନୁଭୋକୋ ସାରଥୀ' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ମହାକୁମ୍ଭ ୨୦୨୫ରେ ନୁଭୋକର ଅଂଶଗ୍ରହଣ ସହିତ ରଣନୈତିକ ଯୋଗଦାନ ଓ ବ୍ୟକ୍ତିଗତ ସେବା ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ଭକ୍ତ ଏବଂ ଡିଲର, ସବ୍-ଡିଲର ଓ ଇନ୍‌ଫ୍ଲୁଏନ୍ସରଙ୍କ ସମେତ ମୂଲ୍ୟବାନ ଚ୍ୟାନେଲ ପାର୍ଟନରଙ୍କୁ ଏକ ଉନ୍ନତ ଅନୁଭୂତି ଦେବା ପାଇଁ କମ୍ପାନୀର ଏହି ଅଭିଯାନକୁ ପ୍ରସ୍ତୁତ କରାଯାଇଛି। ମହାକୁମ୍ଭ ମେଳା ଅଭିଯାନର ଅଂଶ ଭାବେ ନୁଭୋକୋ ସାରଥୀ ଏକ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଥିବା ପ୍ରୋଗ୍ରାମ ହୋଇଥିଲାବେଳେ ୧୦,୦୦୦ ଏକରରେ ପରିବ୍ୟାପ୍ତ କାର୍ଯ୍ୟକ୍ରମ ପରିସରରେ ପରିଦର୍ଶନ ପାଇଁ ଏକତ୍ରିତ ହୋଇଥିବା ନୁଭୋକୋର ଚ୍ୟାନେଲ ପାର୍ଟନର ଓ ଇନ୍‌ଫ୍ଲୁଏନ୍ସରଙ୍କୁ ସହଯୋଗ କରିବା ପାଇଁ ଡେଡିକେଟେଡ ସପୋର୍ଟ ଷ୍ଟାଫ୍ ସମେତ ଏକ୍ସକ୍ଲୁସିଭ ଲାଉ, ବ୍ରାଣ୍ଡେଡ ଇ-ରିକ୍ସା ଆଦି ସାମିଲ ରହିଛି। ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡର ମାର୍କେଟିଂ, ଇନୋଭେଶନ ଆଣ୍ଡ ସେଲ୍‌ସ ଏକ୍ସିଲେନ୍ସ ବିଭାଗର ମୁଖ୍ୟ ଚିରାଗ ଶାହ କହିଛନ୍ତି, ମହାକୁମ୍ଭ ମେଳା ନୁଭୋକୋ ପାଇଁ ନିଜର ପାର୍ଟନର ଓ ବିସ୍ତୃତ ସମୁଦାୟ ସହ ନିୟୋଜିତ ହେବା ପାଇଁ ଏକ ପ୍ରଥମ ଧରଣର ସୁଯୋଗ ପ୍ରଦାନ କରିଛି। ଭାରତ ସହ ଗଭୀର ଭାବେ ଜଡିତ ଏକ କମ୍ପାନୀ ଭାବେ ଆମେ ଏହି ଐତିହାସିକ ସମାବେଶର ଭାବନା ଓ ସାଂସ୍କୃତିକ ମହତ୍ତ୍ୱକୁ ଭଲ ଭାବେ ବୁଝିଛୁ। ଆମେ ଭକ୍ତମାନଙ୍କ ପାଇଁ ବ୍ୟାପକ ସହଯୋଗଗୁଡିକୁ ଅନ୍ତର୍ଭୁକ୍ତ କରିବୁ। ଯେଉଁଥିରେ ଅନ୍-ସାଇଟ ୱେଲ୍‌ନେସ୍ ସର୍ଭିସ୍, ନୁଭୋକୋ କ୍ୟାପ୍ଟେନଙ୍କ ଦ୍ୱାରା ମାର୍ଗଦର୍ଶିତ ସହାୟତା, ସମାବେଶ ସମୟରେ ଏକ ବାଧାହୀନ ଓ ସୁରକ୍ଷିତ ପରିବେଶ ପ୍ରଦାନ କରିବା ପାଇଁ ବୟସ୍କ ଓ ପିଲାମାନଙ୍କ ପାଇଁ ଆଇଡେଂଟିଫିକେଶନ ବ୍ୟାଣ୍ଡ ଭଳି ସୁରକ୍ଷା ପଦକ୍ଷେପଗୁଡିକ ସାମିଲ ରହିଛି।

# ରୟାଲ ଏନଫିଲ୍ଡ ହଣ୍ଟର ୩୫୦ରେ ବିକ୍ରି ମାଇଲଖୁଣ୍ଟ

**ନୂଆଦିଲ୍ଲୀ,୨୭।୧ (ଅଭୟ ଦାଶ)**



ରୟାଲ ଏନଫିଲ୍ଡର କମ୍ପାକ୍ଟ ଏବଂ ଷ୍ଟାଇଲିସ୍ ରୋଡଷ୍ଟର ହଣ୍ଟର ୩୫୦କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଏହି ମଡେଲ ୫,୦୦,୦୦୦ ବିକ୍ରି ପଞ୍ଜିକରଣର ଏକ ନୂଆ ମାଇଲଖୁଣ୍ଟ ଅତିକ୍ରମ କରିଛି। ୨୦୨୨ ଅଗଷ୍ଟରେ ଏହି ମଡେଲର ଶୁଭାରମ୍ଭ ହୋଇଥିବାବେଳେ ଦ୍ରୁତ ଗତିରେ ଏହାର ବ୍ରିକି ବୃଦ୍ଧି ପାଉଛି। ବ୍ରାଣ୍ଡର ମୋଟରସାଇକେଲ ମଡେଲଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ ହୋଇଥିଲାବେଳେ ସାରା ବିଶ୍ୱରେ ଏହାର ୫୦ ଲକ୍ଷ ସନ୍ତୁଷ୍ଟ ମାଲିକ/ଗ୍ରାହକ ରହିଛନ୍ତି। ସହରାଞ୍ଚଳ ଭ୍ରମଣକାରୀ ଏବଂ ନୂତନ ଯୁଗର ରାଇଡର୍ସଙ୍କ ପାଇଁ ପ୍ରସ୍ତୁତ ଏହି ମଡେଲ ହଣ୍ଟର ୩୫୦ ରୟାଲ ଏନଫିଲ୍ଡର ଡିଏନଏ ସହିତ ଫୂର୍ତ୍ତି, ଷ୍ଟାଇଲ ଏବଂ ଆନନ୍ଦକୁ ଏକତ୍ର କରିଛି। ସେହିଭଳି ଏହାର କୁଲ ଷ୍ଟାଇଲିଂ, ଗତିଶୀଳ ପ୍ରଦର୍ଶନ ଏବଂ ଆଧୁନିକ-ରେଟ୍ରୋ ଆକର୍ଷଣ ସହିତ ହଣ୍ଟର ୩୫୦ ଯୁବ ରାଇଡର୍ସଙ୍କର ପସନ୍ଦ ପାଲଟିଛି। ହଣ୍ଟର ୩୫୦ର ବ୍ୟାପକ ଲୋକପ୍ରିୟତା ଉଭୟ ଭାରତ ଏବଂ ବିଶ୍ୱର ବିଭିନ୍ନ ବଜାରରେ ଏହାର ବିସ୍ତୃତ ଆକର୍ଷଣର ଏକ ପ୍ରମାଣ। ଏକ କମ୍ପାକ୍ଟ, ଚମତ୍କାର ଏବଂ ସୁବିଧା ଯୁକ୍ତ ମୋଟରସାଇକେଲ ଚାହୁଁଥିବା ଚାଳକଙ୍କ ପାଇଁ ଏହା ଏକ ପସନ୍ଦ ଭାବେ ଉଭା ହୋଇଛି, ଯାହା ଦୈନନ୍ଦିନ ବ୍ୟବହାରିକତାକୁ ଶୁଦ୍ଧ ମୋଟର ସାଇକେଲ ଚାଳନାର ରୋମାଞ୍ଚ ସହିତ ସହଜରେ ଯୋଡିଥାଏ।

ଏ ସମ୍ପର୍କରେ ରୟାଲ ଏନଫିଲ୍ଡର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ହଣ୍ଟର ୩୫୦ ପ୍ରକୃତରେ ସହରାଞ୍ଚଳ ଏବଂ ଗତିଶୀଳ ପରିବେଶରେ ଯାତ୍ରା କରିବାର ଅର୍ଥକୁ ପୁନଃନିର୍ଦ୍ଧାରଣ କରିଛି। ଅଳ୍ପ ସମୟ ମଧ୍ୟରେ ୫,୦୦,୦୦୦ ବିକ୍ରି ମାଇଲଖୁଣ୍ଟରେ ପହଞ୍ଚିବା ହଣ୍ଟର ୩୫୦ ପ୍ରତି ଆମ ଗ୍ରାହକଙ୍କ ସୀମାହୀନ ଭଲପାଇବା ଏବଂ ବିଶ୍ୱାସର ପ୍ରତିଫଳନ ପାଲଟିଛି।

# ଦେଶର ଭବିଷ୍ୟତ ନାରୀ ସଶକ୍ତୀକରଣ ଉପରେ ନିର୍ଭର

**ନୂଆଦିଲ୍ଲୀ,୨୭।୧**

ବାଲ ରକ୍ଷା ଭାରତ (ବିଆରବି) ପକ୍ଷରୁ ଜାତୀୟ ବାଳିକା ଦିବସ ନିକଟରେ ପାଳିତ ହୋଇଯାଇଛି। ଏପରିକି ବିଭିନ୍ନ ରାଜ୍ୟ ସରକାର, ସିଏସ୍ଓ ଓ ବାଳିକାମାନଙ୍କ ସହ ଜାତୀୟ ବାଳିକା ଦିବସ ପାଳନ କରାଯାଇଥିଲା। ବିଶେଷ କରି ଏହା ଝିଅମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଓ ସମାନ ସୁଯୋଗର ପ୍ରମୁଖ ସ୍ତମ୍ଭଗୁଡିକ ଉପରେ ଗୁରୁତ୍ୱ ଦେବା ପାଇଁ ବିଭିନ୍ନ ସ୍ଥାନରୁ ଝିଅମାନଙ୍କ ସ୍ୱରକୁ ଉପସ୍ଥାପନା କରିଥିଲା। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ, ବାଲ ରକ୍ଷା ଭାରତର ପ୍ରୋଗ୍ରାମ ଇମ୍ପ୍ଲିମେଂଟେଶନ ହେଡ ପ୍ରଦୀପ କୁମାର ମିଶ୍ର, ପ୍ରଫେସର ଲକ୍ଷ୍ମୀଧର ବେହେରାଙ୍କ ଭଳି ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଜାତୀୟ ବାଳିକା ଦିବସ ୨୦୨୫ ଲିଙ୍ଗଗତ ସମାନତା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରିଛି। ଏହି ଅବସରରେ ଦେଶବ୍ୟାପୀ ବିଭିନ୍ନ ସଂଗଠନ, ନୀତି ନିର୍ମାତା ଓ ସମୁଦାୟଗୁଡିକ ଝିଅମାନଙ୍କ ଅଧିକାର ସପକ୍ଷରେ ସ୍ୱର ଉଠାଇବା ପାଇଁ ଏକତ୍ରିତ ହୋଇଥିଲେ। ଚଳିତ ବର୍ଷ ଜାତୀୟ ବାଳିକା ଦିବସର ବିଷୟବସ୍ତୁ 'ବାଳିକାମାନଙ୍କୁ ସଶକ୍ତ କରିବା: ଏକ ଉତମ ଭବିଷ୍ୟତ ପାଇଁ ସମାନ ସୁଯୋଗ ସୃଷ୍ଟି କରିବା' ରହିଛି। ସେହିଭଳି ବିଆର୍‌ବି ଏହି ଦିବସକୁ ବିହାର,ଆସାମ, ରାଜସ୍ଥାନ, ଜମ୍ମୁକଶ୍ମୀର, କର୍ଣ୍ଣାଟକ, ଉତର ପ୍ରଦେଶ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ ଓଡିଶାରେ ପାଳନ କରିଛି। ଏହି ଅବସରରେ ବିଆର୍‌ବିର ପ୍ରୋଗ୍ରାମ ଇମ୍ପ୍ଲିମେଂଟେଶନ ହେଡ ପ୍ରଦୀପ କୁମାର ମିଶ୍ର କହିଥିଲେ, ଆମ ଦେଶର ଭବିଷ୍ୟତ ଆମ ଝିଅମାନଙ୍କର ସଶକ୍ତିକରଣ ଉପରେ ନିର୍ଭର କରୁଛି। ସେମାଙ୍କର ସୁରକ୍ଷା, ଶିକ୍ଷା ଓ ସୁଯୋଗଗୁଡିକୁ ନିଶ୍ଚିତ କରି ଆମେ ଏକ ମଜବୁତ ଓ ଅଧିକ ସମାନ ସମାଜ ପାଇଁ ମାର୍ଗ ପ୍ରସ୍ତୁତ କରିଛୁ। ଚଳିତ ବର୍ଷର ଜାତୀୟ ବାଳିକା ଦିବସ ପାଳନ ଦେଶରେ ବାଲ୍ୟ ବିବାହ, କିଶୋରୀ ଗର୍ଭଧାରଣ, ଲିଙ୍ଗ-ଭିତିକ ହିଂସା ଭଳି ଜଟିଳ ସମସ୍ୟାଗୁଡିକର ସମାଧାନ ଦିଗରେ ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା ପ୍ରୟାସଗୁଡିକୁ ହାଇଲାଇଟ କରିଛି।

# ଶେୟାର ବଜାର କାରବାରରେ ହ୍ରାସ



**ମୁମ୍ବାଇ,୨୭।୧**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନସେକ୍ସ ୮୨୪ (୮୨୪.୨୯) ପଏଣ୍ଟ କମି ୭୫,୩୬୬ (୭୫,୩୬୬.୧୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୨୬୩ (୨୬୩.୦୫) ପଏଣ୍ଟ ହ୍ରାସ ଘଟି ୨୨,୮୨୯ (୨୨,୮୨୯.୧୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।


# Classified Everyday
0674-2580101, 9692975378


REAL ESTATE

**SALE**

**4BHK Luxurious flat for sale at Unit-3, Kharavelanagar, back side of Ram Mandir, Handover within 2 months. Please contact- 9438362399.**
D-2670

Wallpaper clearance sale upto 50% off starting from Rs.200, At- Vintage Interior Lewis road, Bhubaneswar near Shree Hospital. Ph.- 7008283108, 8249871505 D-2717




Newly open health benefits SPA special Offer @ 799 Bapujinagar. 8018429809. D-76189

Positively Health benefited spa by expert female therapist, Nayapalli. 7846814019
D-76190

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LOST

ମୁଁ ଶ୍ରୀ ଶିଶୁ ସିନ୍ଧୁର, ପି. ନିରଞ୍ଜନ ସିନ୍ଧୁର, ସ୍ଥା- କ୍ୱାର୍ଟର ନଂ. A-204, ବ୍ଲକ୍-୨୩, ଭରତପୁର ବଡ଼ଯୋରଡ଼ା, ଥା- ବିକ୍ରମପୁର, ଜି.- ଅନୁଗୁଳ ମୁଁ ୧୬।୦୧।୨୦୨୫ ରିଖରେ ଘୋଷଣା କରୁଅଛି ଯେ, ରେଜିଷ୍ଟ୍ରର, ଝାରସୁଗୁଡ଼ାଙ୍କ ପାଖରେ ରେଜିଷ୍ଟ୍ରେସନ୍ ହୋଇଥିବା ମୋର ଓରିଜିନାଲ୍ ବିକ୍ରି ଦଲିଲ୍ ନଂ.- ୧୦୮୦୧୪୦୦୧୮୭/ ୨୦୧୪ ହଜିଯାଇଛି । ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ୍‌ଟିକୁ ପାଇଛନ୍ତି ତେବେ ଉପରୋକ୍ତ ଠିକଣାରେ ଜଣାଇବାକୁ ଅନୁରୋଧ । ଧ-୭୭୧୮

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## AFFIDAVIT

By virtue of an affidavit C.F. No.186, dt.24.01.2025 sworn before the Executive Magistrate, Sambalpur, I, Padmalochan Naik, R/o- At- Khajuriapada, PO-Budharaja, P.S. Ainthapali, Dist.- Sambalpur, Odisha declare that I have changed my daughter's name from Kumari Manisha Naik to Manisha Naik. Henceforth, she shall be known as Manisha Naik for all future purposes. D-2720

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ



**୰ଅବଧୂତ ରାଉତ**
ଆବିର୍ଭାବ: ତା୦୪।୦୧।୧୯୪୦
ତିରୋଧାନ: ତା୦୮।୦୨।୨୦୨୪

**୰ଶାନ୍ତିଲତା ରାଉତ**
ଆବିର୍ଭାବ: ତା୧୧।୦୪।୧୯୫୦
ତିରୋଧାନ: ତା୧୮।୧୦।୨୦୨୪

ଠିକଣା: ଭାଲୁଖାଇ, ଧର୍ମଶାଳା, ଯାଜପୁର

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା, ଗୋଟିଏ ବର୍ଷରେ ଡକାଡ଼କି ହୋଇ ଚାଲିଗଲେ ଆମ୍ଭ ବାପା, ମାଆ । ଆପଣଙ୍କ ବର୍ତ୍ତମାନ ଆମ୍ଭମାନଙ୍କ ଜୀବନରେ ସର୍ବଦା ଅପୂରଣୀୟ। ଆପଣଙ୍କ ନିତୀ, ଆଦର୍ଶ ଆମ୍ଭମାନଙ୍କ ପାଇଁ ଚିର ପାଥେୟ ହେଉ । ତୁମ ଅମର ଆତ୍ମାର ସଦ୍‌ଗତି ଲଭୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ: ପୁତ୍ର-ଅକ୍ଷୟ କୁମାର ରାଉତ, ଅଭୟ କୁମାର, ପୁତ୍ରବଧୂ- ରେଣୁବାଳା, କିରଣବାଳା, ନାତି- ଅମର, ଅସିତ, ଅମିତ, ଝିଅ, ଜ୍ୱାଇଁ, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ । ଧ-୭୭୨୧

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଗଉରୀ ସ୍ୱାଇଁ**

ଧନିତ୍ରୀ, ବୋବୁଆ, କୋଣାର୍କ
ଆବିର୍ଭାବ: ତା୧୨।୦୫।୧୯୪୦
ତିରୋଧାନ: ତା୧୮।୦୧।୨୦୨୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା, ଆଶୀର୍ବାଦ ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ । ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ: ପୁତ୍ର- ତୋଫାନ, ତ୍ରିଲୋଚନ, ବିପିନ, ତପନ, ନିରଞ୍ଜନ, ଦୁର୍ଯ୍ୟୋଧନ, ବନ୍ଧୁ ଓ ପରିବାରବର୍ଗ । ଧ-୭୭୧୦

# ଫଟୋରେ ଲାଗିବେ ସ୍ଲିମ୍

ଆଜିକାଲି ମହିଳାମାନଙ୍କଠାରେ ଫଟୋ ଉଠାଇବାକୁ ନେଇ କେତେ କ୍ରେଜ୍ ରହିଛି ତାହା କିଏ ବା ନ ଜାଣେ। ହେଲେ ସେଲ୍ଫିରେ ସ୍ଲିମ୍ ଏବଂ ଆଇକ୍ୟାଚି ଲୁକ୍ ପାଇବାର ଟ୍ରିକ୍ ମାତ୍ର କେତେଜଣଙ୍କୁ ହିଁ ଜଣାଥାଏ। ଯଦି ଆପଣ ବି ନିଜ ସେଲ୍ଫିକୁ ଆଟ୍ରାକ୍ଟିଭ୍ କରିବାକୁ ଚାହାନ୍ତି ତେବେ ଜାଣିରଖନ୍ତୁ କେତୋଟି ଟ୍ରିକ୍ସ...

⏭।ଯଦି ଆପଣଙ୍କ ଫିଗର ମୋଟା ଅବା ଫଟୋରେ ଆପଣ ଆବଶ୍ୟକରୁ ଅଧିକ ମୋଟା ଲାଗୁଥାନ୍ତି ତେବେ କ୍ୟାମେରା ଆଗରେ ନିଜ ଶରୀରକୁ ୪୫ଡିଗ୍ରୀ ବୁଲାଇ ଠିଆହୁଅନ୍ତୁ । କାରଣ ଏହି ଆଙ୍ଗେଲ୍‌ରେ କ୍ୟାମେରାରେ ସବୁଠୁ ସ୍ଲିମ୍ ଫଟୋ ସୁଟ୍ ହୋଇଥାଏ।

⏭।କ୍ୟାମେରା ଆଡ଼କୁ ଥିବା ଗୋଡ଼ର ଆଣ୍ଠୁକୁ ସାମାନ୍ୟ ମୋଡ଼ି ରଖନ୍ତୁ । ଏହାଦ୍ୱାରା ଅଣ୍ଟା ପାଖ ମୋଟା ଦେଖାଯାଇ ନ ଥାଏ।

⏭।କାନ୍ଧକୁ ଉଠାଇବା ଭଳି ନ ରଖି ସାମାନ୍ୟ ତଳକୁ କରି ରଖିଲେ ଫଟୋରେ



ବେକ ଏବଂ ମୁହଁ ଲମ୍ବା ଓ ପତଳା ଦେଖାଯାଇଥାଏ। ଫଳରେ ଶରୀର ମଧ୍ୟ ଅପେକ୍ଷାକୃତ ସ୍ଲିମ୍ ଲାଗିବ।

⏭।ଯଦି ସେଲ୍ଫି ନେଉଛନ୍ତି ତେବେ କ୍ୟାମେରାକୁ ନିଜ ମୁଣ୍ଡରୁ ଟିକେ ଉପରକୁ ରଖି ଠିକ୍ ଆଙ୍ଗେଲ୍‌ରେ ଫଟୋ କ୍ଲିକ୍ କଲେ ସୁନ୍ଦର ଓ ପତଳା ଲାଗିବେ।

⏭।ଯଦି ଆପଣଙ୍କ ହାତ ବା ବାହୁ ମୋଟା ତେବେ ବାହୁକୁ ଶରୀରରେ ଲଗାଇ ବା ସାବ୍‌ଧାନ ପୋଜ୍‌ରେ ନ ରଖି ଟିକେ ଛାଡ଼ି ରଖନ୍ତୁ। ଏଥିପାଇଁ ଅଣ୍ଟାରେ ହାତ ରଖି, ଗଛର ପତ୍ର କିମ୍ବା ଫୁଲ ତୋଳିବା, ପ୍ରଜାପତି ଧରିବା କିମ୍ବା କୌଣସି ଜିନିଷ ଧରିବା ଭଳି ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇଲେ ତାହା ମୋଟା ଲାଗି ନ ଥାଏ।

⏭।ଫଟୋରେ ପତଳା ଦେଖାଯିବା ଲାଗି ଅଳ୍ପ ମୋଡ଼ିହୋଇ ଠିଆହେବା ସହ ଗୋଟିଏ ଗୋଡ଼ ଆଗକୁ ରଖନ୍ତୁ। ଏହାଦ୍ୱାରା ହାଇଟ୍ ଅଧିକ ଲାଗିବ ଏବଂ ଶରୀର ମଧ୍ୟ ସ୍ଲିମ୍ ଲାଗିବ।

⏭।ଫଟୋରେ ଯଦି ଆପଣଙ୍କ ମୁହଁରେ ଆତ୍ମବିଶ୍ୱାସ ଏବଂ ହସ ରହିବ ତେବେ ଫଟୋରେ କେବଳ ସମସ୍ତଙ୍କ ଫୋକସ୍ ସେହି ଆଡ଼କୁ ହିଁ ଯିବ, ଫଳରେ ମୋଟାପଣ ଆଦୌ ଖରାପ ଲାଗିବ ନାହିଁ।

# କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିଲେ

ଶପିଂଠାରୁ ଆରମ୍ଭକରି ଅନ୍‌ଲାଇନ ବିଲ୍ ପେମେଣ୍ଟ ପର୍ଯ୍ୟନ୍ତ ବର୍ତ୍ତମାନ ପ୍ରତ୍ୟେକ କାର୍ଯ୍ୟ କ୍ରେଡିଟ୍ କାର୍ଡ ଦ୍ୱାରା ସହଜରେ କରିହେଉଛି। ସେଥିପାଇଁ ଅଧିକାଂଶ ମହିଳା ପାଖରେ କ୍ୟାଶ୍ ନ ରଖି ଏହା ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି। ହେଲେ ବ୍ୟବହାର ସମୟରେ ସାମାନ୍ୟ ଅସତର୍କତା ବି ବେଳେବେଳେ ବଡ଼ ଅସୁବିଧାର କାରଣ ସାଜୁଛି। ତେଣୁ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିଲେ କେଉଁସବୁ ଦିଗ ପ୍ରତି ସଜାଗ ରହିବେ ଜାଣି ରଖନ୍ତୁ...

⏭।କେତେ ମୂଲ୍ୟ ପର୍ଯ୍ୟନ୍ତ କ୍ରେଡିଟ୍ କାର୍ଡ କରିବେ, କେଉଁ ବ୍ୟାଙ୍କ ବା ସଂସ୍ଥା ପକ୍ଷରୁ ଆଣିବେ, କେତେ ସୁଧ ଦେବାକୁ ପଡ଼ିବ, କାର୍ଡର ଅବଧି କେତେ ଇତ୍ୟାଦି ଭଳି ବିଭିନ୍ନ ତଥ୍ୟ କୌଣସି ଫାଇନାନ୍ସିଆଲ୍ ଏକ୍ସପର୍ଟଙ୍କଠାରୁ ପରାମର୍ଶ ନିଅନ୍ତୁ। ନଚେତ୍ ଠକାମିର ଶିକାର ହୋଇପାରନ୍ତି।

⏭।ସେହିପରି କ୍ରେଡିଟ୍ କାର୍ଡ ଆପ୍ଲାଏ କରିବା ସମୟରେ ମଧ୍ୟ ଫର୍ମକୁ ଭଲ ଭାବେ ପଢ଼ି ପୂରଣ କରନ୍ତୁ।

⏭।ମୋବାଇଲରେ ଆସୁଥିବା ମେସେଜ୍ କିମ୍ବା ଇ-ମେଲ୍‌ରେ କ୍ରେଡିଟ୍ କାର୍ଡର ଆକର୍ଷଣୀୟ ଅଫର ଦେଖି ତତ୍‌କ୍ଷଣାତ୍ ଏହାକୁ ନେବାର ନିଷ୍ପତ୍ତି ନ ନେଇ ପ୍ରଥମେ ବ୍ୟାଙ୍କ ପକ୍ଷରୁ ଭଲ ଭାବେ ଡାଟା ସଂଗ୍ରହ କରନ୍ତୁ। କାରଣ ଏଥିରେ ଅନେକ ନିୟମ ଏବଂ ସର୍ତ୍ତାବଳୀ ଲାଗୁଥାଏ, ଯାହାକି ପରବର୍ତ୍ତୀ ସମୟରେ ଆପଣଙ୍କୁ ଅସୁବିଧାରେ ପକାଇପାରେ।

⏭।ନିଜ ଆବଶ୍ୟକତା ଅନୁସାରେ କ୍ରେଡିଟ୍ କାର୍ଡ ନିଅନ୍ତୁ। ଅଧିକ ଅଫର କିମ୍ବା ରିୱାର୍ଡ ପଏଣ୍ଟ ଆଦିର ଲୋଭରେ ଅଧିକ ଟଙ୍କାର କାର୍ଡ କରନ୍ତୁ ନାହିଁ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ଆପଣଙ୍କ ଖର୍ଚ୍ଚ ବଢ଼ିପାରେ।

⏭।କ୍ରେଡିଟ୍ କାର୍ଡ ମିଳିବା ପରେ କାର୍ଡର ନମ୍ବର, ପିନ୍, ବୈଧତା, କାର୍ଡ କମ୍ପାନୀ ନମ୍ବର ଏବଂ ଏହା ସମ୍ବନ୍ଧିତ ସବୁ ଜରୁରୀ ତଥ୍ୟ ଯତ୍ନରେ ଲେଖି ରଖନ୍ତୁ ଏବଂ ଧ୍ୟାନଦିଅନ୍ତୁ ଏହା ଯେପରି ଅନ୍ୟମାନଙ୍କ ହାତରେ ନ ପଡ଼େ। ଏହାର ଫଟୋ କପି ରଖନ୍ତୁ।

⏭।କ୍ରେଡିଟ୍ କାର୍ଡରେ ନିଜେ ସାଇନ୍ କରନ୍ତୁ। ଏହାଦ୍ୱାରା ଅନ୍ୟ କେହି ଏହାର ନକଲ କରିପାରିବେ ନାହିଁ ବା ଅପବ୍ୟବହାର କରିପାରିବେ ନାହିଁ।

⏭।କ୍ରେଡିଟ୍ କାର୍ଡ ଟ୍ରାଞ୍ଜାକ୍‌ଶନ ଲାଗି ବ୍ୟବହାର କରୁଥିବା ପାସ୍‌ୱାର୍ଡକୁ ଏଭଳି କରନ୍ତୁ, ଯାହାକୁ ସହଜରେ ହ୍ୟାକ୍ କରିହେବ ନାହିଁ। ପାସ୍‌ୱାର୍ଡକୁ ଗୋପନ ରଖନ୍ତୁ। ଏହାକୁ ଏଣେତେଣେ ଲେଖିବାର ଭୁଲ୍ ଆଦୌ କରନ୍ତୁ ନାହିଁ। କ୍ରେଡିଟ୍ କାର୍ଡର ନିର୍ଦ୍ଧାରିତ ସମୟ ମଧ୍ୟରେ ଏହାକୁ ବ୍ୟବହାର କରନ୍ତୁ। ସେହିପରି ସମୟ ମଧ୍ୟରେ ଟଙ୍କା ଶୁଝିଦେବାକୁ ଚେଷ୍ଟାକରନ୍ତୁ। ନଚେତ୍ ଆପଣଙ୍କୁ ଅଧିକ ସୁଧ ସହ ଜରିମାନା ବାବଦକୁ ମଧ୍ୟ ମୂଲ୍ୟ ଦେବାକୁ ପଡ଼ିପାରେ।

# ମହିଳାଙ୍କ ଆଣ୍ଠୁଗଣ୍ଠି ବ୍ୟଥା



ଏକ ନିର୍ଦ୍ଦିଷ୍ଟ ବୟସ ପରେ ଅନେକ ମହିଳାଙ୍କଠାରେ ଗଣ୍ଠି ଯନ୍ତ୍ରଣା ଦେଖିବାକୁ ମିଳିଥାଏ। କ୍ୟାଲ୍‌ସିୟମର ଅଭାବ ହେଉ କିମ୍ବା ଠିକ୍ ସମୟରେ ଖାଇବାରେ ଅବହେଳା ଅବା ଅଧିକ ଶାରୀରିକ ପରିଶ୍ରମ କାରଣରୁ ଏଭଳି ସମସ୍ୟା ଉପୁଜିଥାଏ। ଏହାକୁ କମ୍ କରିବା ଲାଗି ଅନେକେ ପେନ୍‌କିଲର ଖାଇଥାନ୍ତି, ଯାହାକି ଅଧିକ ଖାଇଲେ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ତେଣୁ ଗଣ୍ଠିଯନ୍ତ୍ରଣା ହେଉଥିଲେ କେତେକ ଘରୋଇ ଏବଂ ଆୟୁର୍ବେଦିକ ଉପଚାର ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଇପାରିବ...



ଆଣ୍ଠୁଗଣ୍ଠି ବାତ ଏକ ଶୀତଦିନିଆ ସାଧାରଣ ସମସ୍ୟା। ତେବେ ଏହା ଲିଙ୍ଗ, ଋତୁ, ବୟସ ତଥା ଜୀବନଶୈଳୀ ଅନୁଯାୟୀ କମ୍ ବେଶି ହୋଇଥାଏ। ସାଧାରଣତଃ ଯେଉଁମାନଙ୍କର ବୟସ ବେଶି, ମୋଟା ଓ ଜୀବନଶୈଳୀରେ ଆଳସ୍ୟତା ଥିଲେ ଏବଂ ବିଶେଷକରି ଶୀତଋତୁରେ ଏହାର ଅଧିକ ପ୍ରଭାବ ପରିଲକ୍ଷିତ ହୁଏ। ଏହି ସମସ୍ୟା ସ୍ତ୍ରୀମାନଙ୍କଠାରେ ପୁରୁଷଙ୍କ ତୁଳନାରେ ବେଶି ଦେଖାଦିଏ। ବୟସ ଅନୁସାରେ ଏହି ରୋଗ ୫୦ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କଠାରେ ଅଧିକ ଦେଖାଦିଏ। କାରଣ ବୟସ ବୃଦ୍ଧି ହେବା ଦ୍ୱାରା ଶରୀରରେ ନାଡ଼ି ଓ ମାଂସପେଶୀ ଭିତରେ ଥିବା ବନ୍ଧନ ଶକ୍ତି କମିଯାଏ। ଆୟୁର୍ବେଦ ଦୃଷ୍ଟିରୁ ଏଥିପାଇଁ ବାତ ଦୋଷ ବୃଦ୍ଧି ହୋଇଥାଏ ଏବଂ ସନ୍ଧି ବା ଗଣ୍ଠି ପୀଡ଼ା, ଫୁଲିବା ସହ ଚାଲିବାରେ କଷ୍ଟ ଅନୁଭବ ହୋଇଥାଏ। ଏହା ମଧ୍ୟ ବେଳେ ବେଳେ ଅଧିକ ବଢ଼ି ସନ୍ଧିବାତ ବା ଆର୍ଥ୍ରାଇଟିସ୍ ରୋଗର ଆଶଙ୍କା ବଢ଼ାଇଥାଏ। ମେଦଯୁକ୍ତ ବା ମୋଟା ମହିଳାଙ୍କ ଗଣ୍ଠି ସନ୍ଧିଗୁଡ଼ିକରେ ମେଦଧାତୁ ଭରି ରହିବା ହେତୁ ଗଣ୍ଠିର ଘୂର୍ଣ୍ଣନ ଶକ୍ତି କମିଯାଏ। ତା'ଛଡ଼ା ଦୈନନ୍ଦିନ ବ୍ୟାୟାମ, ଚାଲିବା ଆଦି ଅଭ୍ୟାସ ନ ରହିଲେ ଆଣ୍ଠୁ ଗଣ୍ଠି ଯନ୍ତ୍ରଣା ସମସ୍ୟା ବେଶି ବଢ଼ିଥାଏ। ଶୀତଦିନେ ବ୍ୟାୟାମ କମିଗଲେ ଏବଂ ଖାଦ୍ୟରେ ଅଧିକ ବିରି, ଲୁଣ, ତେଲଘିଅ ଅଧିକ ଖାଇଲେ ଶରୀରରେ ଅଧିକ ମେଦ ସଞ୍ଚୟ ହୋଇ ନାଡ଼ିଗୁଡ଼ିକର କାର୍ଯ୍ୟକ୍ଷମତା ବ୍ୟାହତ ହୋଇଥାଏ ଏବଂ ଆଣ୍ଠୁଗଣ୍ଠି ସମସ୍ୟା ବଢ଼ିଯାଏ।



ଏସବୁଠାରୁ ଦୂରେଇରହିବା ଲାଗି ପ୍ରତିଦିନ ଯୋଗ, ବ୍ୟାୟାମ କରିବା ସହ କିଛି ସମୟ ଚାଲିବା ଦରକାର ଏବଂ ଖାଦ୍ୟପେୟରେ ସନ୍ତୁଳନ ରକ୍ଷା କରିବା ନିହାତି ଦରକାର। ଆଣ୍ଠୁଗଣ୍ଠି ଯନ୍ତ୍ରଣା ହେବା ମାତ୍ରେ ତେଲ କିମ୍ବା ଜେଲ୍ ମାଲିସ କରି ଉଷୁମ ସେକ ଦେଲେ କିଛି ମାତ୍ରାରେ ଉପଶମ ପାଇପାରିବେ।

ଆୟୁର୍ବେଦ ବା ଦେଶୀ ଚିକିତ୍ସା ପଦ୍ଧତିରେ ଏହିସବୁ ଗଣ୍ଠି ଯନ୍ତ୍ରଣାର ଭଲ ଚିକିତ୍ସା ରହିଛି। ହେଲେ ସେଗୁଡ଼ିକୁ ଆପଣେଇବା ପୂର୍ବରୁ ବୈଦ୍ୟ ବା ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ନେବା ଜରୁରୀ। ସାଧାରଣତଃ ଗଣ୍ଠି ବା ସନ୍ଧି ରୋଗ ବାତରୋଗରେ ଗଣାଯାଉଥିବାରୁ ବାତ ନାଶକ ଚିକିତ୍ସା ହିସାବରେ ବାସି ଏବଂ ଥଣ୍ଡା ପରିବର୍ତ୍ତେ ଉଷୁମ ଏବଂ ତଟକା ଖାଦ୍ୟ ଖାଇବା ଆବଶ୍ୟକ। ଏଥିରେ ଉଷୁନା ଭାତ, ମୁଗଡାଲି, ମସୁରଡାଲି, ମାଛ, ଚୂନା ମାଛ, ସଜନାଛୁଇଁ ଆଦି ସୁଷମ, କ୍ୟାଲ୍‌ସିୟମ, ଭିଟାମିନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଏହା ବ୍ୟତୀତ ଶୀତଦିନେ ନଖ ଉଷୁମ ପାଣି ପିଇବା, ଉଷୁମ ପାଣିରେ ଗାଧୋଇବା ସହି ଶରୀରକୁ ଉଷୁମ ବସ୍ତ୍ରରେ ଢାଙ୍କି ରଖିବା ଆବଶ୍ୟକ। ଔଷଧ ଭାବେ ଶୁଣ୍ଠି, ଗୁଗୁଲୁ, ହଳଦୀ, ଜିରା, ଜୁଆଣି ଆଦି ଖାଇଲେ ଭଲ। ପ୍ରତିଦିନ ସୋରିଷ ତେଲରେ ଦେହ ମାଲିସ କରିବା ସହ ସେଥିରେ ଅଳ୍ପ ଜଡା ତେଲ ମିଶାଇ ଗରମ କରି ଆଣ୍ଠୁ ଗଣ୍ଠିରେ ମାଲିସ କଲେ ଯନ୍ତ୍ରଣା କମିଥାଏ। ଅଧିକ କଷ୍ଟ ଅନୁଭବ ହେଉଥିଲେ ଏହି ତେଲ ମସାଜ କରିବା ପରେ ଲୁଣ ଭାଜି ଏକ କପଡାରେ ପୁରାଇ ଆଣ୍ଠୁରେ ସେକ ଦେଲେ ଉପଷମ ମିଳିଥାଏ।





**– ଡା. ଗୋପାଳ ଚନ୍ଦ୍ର ନନ୍ଦ,**
କନ୍‌ସଲ୍‌ଟାଣ୍ଟ, ଡାଇବେଟିସ୍ ଆଣ୍ଡ ଲାଇଫ୍‌ଷ୍ଟାଇଲ୍ ଡିଜିଜ୍, ଡିଏନ୍‌ଏ କ୍ଲିନିକ୍, ଭୁବନେଶ୍ୱର

## ସୌନ୍ଦର୍ଯ୍ୟ

# ଆଖି ତଳେ ରହିବନି କଳାଦାଗ

ଆଖି ତଳ କଳା ପଡ଼ିଗଲେ ମଣିଷର ସୁନ୍ଦରତା କମିଯାଏ। ବର୍ତ୍ତମାନ ଅଧିକ ସମୟ କମ୍ପ୍ୟୁଟରରେ କାମ କରିବା, ଚଷମା ପିନ୍ଧିବା କିମ୍ବା ଅନ୍ୟ କାରଣ ଯୋଗୁ ଆଖିତଳ କଳା ପଡ଼ିବାକୁ ନେଇ ଅନେକେ ଚିନ୍ତିତ। ଏହାକୁ ଦୂରକରିବା ପାଇଁ ସେମାନେ ବିଭିନ୍ନ କ୍ରିମ୍, ମେଡିସିନ ଆଦି ମଧ୍ୟ ବ୍ୟବହାର କରୁଛନ୍ତି। ହେଲେ ବିଭିନ୍ନ ଘରୋଇ ଉପଚାର ଦ୍ୱାରା ବି ଆଖି ତଳ କଳାଦାଗ ଦୂରକରିପାରିବେ...



⏭।ଆଖି ତଳ କଳା ନ ପଡ଼ିବା ପାଇଁ ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ। ଆଖିକୁ ବିଶ୍ରାମ ଦେବା ଲାଗି ଆବଶ୍ୟକ ନ ଥିବା ସମୟରେ ମୋବାଇଲ, କମ୍ପ୍ୟୁଟର ଦେଖିବାଠୁ ଦୂରେଇ ରହନ୍ତୁ। ପର୍ଯ୍ୟାପ୍ତ ପାଣି ପିଅନ୍ତୁ ଏବଂ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ସବୁଠୁ ବଡ଼ କଥା ହେଲା ନିଶା ସେବନଠୁ ଦୂରେଇ ରୁହନ୍ତୁ।

⏭।ଅଧାଚାମଚ ବାଦାମତେଲ ସହ ୨ ବୁନ୍ଦା ମହୁ ମିଶାନ୍ତୁ। ରାତିରେ ଶୋଇବା ପୂର୍ବରୁ ଏହି ମିଶ୍ରଣକୁ ଆଙ୍ଗୁଳି ଦ୍ୱାରା ଆଖିର ଚାରିପାଖେ ମାଲିସ କରନ୍ତୁ। ୧୦-୧୫ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ପ୍ରତିଦିନ ଏପରି କଲେ ଆଖିତଳେ କଳାଦାଗ ଆଦୌ ରହିବ ନାହିଁ।

⏭।କକୁମ୍ବର ଥେରାପି ଆଖି ତଳ କଳାଦାଗ ଦୂରକରିବା ପାଇଁ ବେଶ୍ ଉପଯୋଗୀ। ଏଥିପାଇଁ କାକୁଡ଼ିକୁ ଗୋଲ ଗୋଲ କରି କାଟି ଆଖି ଉପରେ ରଖନ୍ତୁ। କାକୁଡ଼ି ଆଖିକୁ ଥଣ୍ଡା ରଖିବା ସହ କଳାଦାଗ ମଧ୍ୟ ଦୂରକରିବ।

⏭।ବ୍ୟବହାର କରିସାରିଥିବା ଟି ବ୍ୟାଗ୍‌କୁ ଆଖି ତଳେ ରଖନ୍ତୁ। ଏଥିରେ ଥିବା ତତ୍ତ୍ୱ ଟ୍ୟାନିଂ, ଆଖି ଫୁଲିବା ଏବଂ ଆଖି ତଳର କଳାଦାଗ ଦୂରକରିବାରେ ସାହାଯ୍ୟ କରିଥାଏ।

⏭।୫୦ ଗ୍ରାମ୍ ତୁଳସୀପତ୍ର, ନିମ୍ବପତ୍ର ଏବଂ ପୋଦିନାପତ୍ରରେ ସାମାନ୍ୟ ଗୋଲାପଜଳ ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରନ୍ତୁ। ଏହି ମିଶ୍ରଣରେ ସାମାନ୍ୟ ହଳଦୀଗୁଣ୍ଡ ମିଶାଇ ପେଷ୍ଟ ପ୍ରସ୍ତୁତକରି ଆଖି ତଳେ ଲଗାନ୍ତୁ। କିଛି ସମୟ ପରେ ଧୋଇଦିଅନ୍ତୁ। କିଛିଦିନ ଏପରି କଲେ ଦେଖିବେ କଳାଦାଗ ଦୂରହୋଇଯାଉଛି।

## ଖାଦ୍ୟରୁଚି // ଖଟା ବରକୋଳି ଆଚାର

**ଆବଶ୍ୟକ ସାମଗ୍ରୀ:**
ବରକୋଳି ୧କି.ଗ୍ରା., ସୋରିଷ ତେଲ ୧କପ୍, ହେଙ୍ଗୁ ଅଳ୍ପ, ଲାଲ ଲଙ୍କାଗୁଣ୍ଡ ୪ ଛୋଟ ଚାମଚ, ହଳଦୀଗୁଣ୍ଡ ୨ ଚାମଚ, ହଳଦିଆ ସୋରିଷ ୫ ଚାମଚ, ପାନମଧୁରୀ ୫ ଚାମଚ, ମେଥି ୫ ଚାମଚ, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:**
ଏକ କାଚ ଡବାରେ ବରକୋଳି ରଖି ଲୁଣ ମିଶାଇ ଦିଅନ୍ତୁ। ଡବା ବନ୍ଦକରି ଖରାରେ ଗୋଟେ ଦିନ ରଖି ଦିଅନ୍ତୁ । ପରେ ଏକ ଛଣା ସାହାଯ୍ୟରେ ଏଥିରୁ ବାହାରିଥିବା ପାଣିକୁ ଅଲଗା କରିଦିଅନ୍ତୁ। ଗ୍ୟାସ୍ ଚୁଲାରେ ଏକ ପ୍ୟାନ୍ ବସାଇ ଗରମ କରନ୍ତୁ। ଅଳ୍ପ ଆଞ୍ଚରେ ମେଥି, ପାନମଧୁରୀ ଏବଂ ସୋରିଷକୁ ୧ରୁ୨ ମିନିଟ୍ ପର୍ଯ୍ୟନ୍ତ ଭାଜି ଦିଅନ୍ତୁ। ଏହାକୁ ଥଣ୍ଡାକରି ଗୁଣ୍ଡ କରିନିଅନ୍ତୁ। ବର୍ତ୍ତମାନ ଚୁଲାରେ ପ୍ୟାନ୍ ଗରମକରି ତେଲ ପକାନ୍ତୁ। ତେଲ ଗରମ ହେବା ପରେ ଚୁଲା ବନ୍ଦକରି ବରକୋଳିକୁ ପକାଇ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ସେଥିରେ ମସଲା ଗୁଣ୍ଡ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ହେଙ୍ଗୁ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଚୁଲା ବନ୍ଦକରି କିଛି ସମୟ ଛାଡ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ବରକୋଳି ଆଚାର।






# ଓଡ଼ିଶା ୱାରିୟର୍ସ ଚାମ୍ପିୟନ

## ମହିଳା ହକି ଇଣ୍ଡିଆ ଲିଗ୍

ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)

ସର୍ବପ୍ରଥମ ମହିଳା ହକି ଇଣ୍ଡିଆ ଲିଗ୍ ରାଞ୍ଚିର ମାରଙ୍ଗ ଗୋମକା ଜୟପାଲ ସିଂ ମୁଣ୍ଡା ଆଷ୍ଟ୍ରୋ ଟର୍ଫ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ଜେଏସ୍‌ଡବ୍ଲ୍ୟୁ ସୁର୍‌ମା ହକି କ୍ଲବକୁ ୨-୧ ଗୋଲରେ ହରାଇ ଓଡ଼ିଶା ୱାରିୟର୍ସ ଚାମ୍ପିୟନ ହୋଇଛି। ପ୍ରଥମ କ୍ୱାର୍ଟରର ୭ମ ମିନିଟରେ ବିପଜ୍ଜନକ ପ୍ରଦର୍ଶନ ପାଇଁ ସୁରମା କ୍ଲବର ଚାର୍ଲୋଟ ଇଙ୍ଗଲବର୍ଟ ୟେଲୋ କାର୍ଡ ପାଇଥିଲେ। ତେବେ ଏହି କ୍ୱାର୍ଟରରେ ଗୋଲ ହୋଇପାରି ନ ଥିଲା। ୨୦ତମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ପିସାଲ ରିତୁଜା ଦାଦାସୋ ଓଡ଼ିଶା ୱାରିୟର୍ସଙ୍କୁ ଅଗ୍ରଣୀ କରିଥିଲେ। ମାତ୍ର ଏହାର ୮ ମିନିଟ ପରେ ସୁର୍‌ମା ହକି କ୍ଲବକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ସ୍ୱିବ୍ ପେନି ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ତୃତୀୟ କ୍ୱାର୍ଟରେ ଗୋଲଶୂନ୍ୟ ରହିବାରୁ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ କଡ଼ା ଟକ୍କର ହୋଇଥିଲା। ମାତ୍ର ଖେଳର ଅନ୍ତିମ ପର୍ଯ୍ୟାୟରେ ୫୬ତମ ମିନିଟରେ ରିତୁଜା ଦାଦାସୋ ବ୍ୟକ୍ତିଗତ ଦ୍ୱିତୀୟ ଫିଲ୍ଡଗୋଲ କରି ଓଡ଼ିଶା ଦଳକୁ ବିଜୟ ମୁକୁଟ ପିନ୍ଧାଇଥିଲେ। ଅବଶିଷ୍ଟ ୪ ମିନିଟ ଏବଂ ଇଞ୍ଜୁରି ଟାଇମ୍‌ରେ ଗୋଲ ପରିଶୋଧ ପାଇଁ ସୁରମା ଦଳ ଜୋରଦାର ଉଦ୍ୟମ କରିଥିଲେ ହେଁ ୱାରିୟର୍ସର ଦୃଢ଼ ରକ୍ଷଣଭାଗ ତାହା ହେବାକୁ ଦେଇ ନ ଥିଲେ। ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ ହେଁ ପୂରା ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ସୁର୍‌ମା ହକି କ୍ଲବର ଖେଳାଳିମାନେ ଅଧିକାଂଶ ପୁରସ୍କାର ହାତେଇ ନେଇଥିଲେ। ଏହି ଦଳର ସବିତା ପୁନିଆ ଶ୍ରେଷ୍ଠ ଗୋଲକିପର, ସୋନମ ଶ୍ରେଷ୍ଠ ଉଦୀୟମାନ ଖେଳାଳି, ଜ୍ୟୋତି ରୁମାୱତ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ହୋଇଥିବାବେଳେ ଚାର୍ଲୋଟ ଇଙ୍ଗଲବର୍ଟ ଓଡ଼ିଶା ୱାରିୟର୍ସର ୟିବି ଜାନସେନଙ୍କ ସହ ଯୁଗ୍ମଭାବେ ଟପ୍ ସ୍କୋରର ହୋଇଥିଲେ। ଓଡ଼ିଶା ୱାରିୟର୍ସର ଡବଲ ଗୋଲ ସ୍କୋରର ପିସାଲ ରିତୁଜା ଦାଦାସୋ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିବାବେଳେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ବିବେଚିତ ହୋଇଥିଲା। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଗୋଲ ଦେବାପରେ ସାଥି ଖେଳାଳିଙ୍କ ଉପରକୁ ଡେଇଁ ପଡ଼ିଛନ୍ତି ରିତୁଜା ଦାଦାସୋ।

### ପୁରସ୍କାର

- ✻ ପ୍ଲେୟର ଅଫ୍ ଦି ମ୍ୟାଚ: ପିସାଲ ରିତୁଜା ଦାଦାସୋ (ଓଡ଼ିଶା ୱାରିୟର୍ସ)
- ✻ ଶ୍ରେଷ୍ଠ ଗୋଲକିପର: ସବିତା ପୁନିଆ (ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ)
- ✻ ଶ୍ରେଷ୍ଠ ଉଦୀୟମାନ ଖେଳାଳି: ସୋନମ (ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ)
- ✻ ଟପ୍ ସ୍କୋରର: ୟିବି ଜାନସେନ (ଓଡ଼ିଶା ୱାରିୟର୍ସ-୫) ଓ ଚାର୍ଲୋଟ ଇଙ୍ଗଲବର୍ଟ (ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ-୫)
- ✻ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ: ଜ୍ୟୋତି ରୁମାୱତ (ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ)
- ✻ ଫେୟାର ପ୍ଲେ: ଦିଲ୍ଲୀ ଏସ୍‌ଜି ପାଇପର୍ସ


### ୱାରିୟର୍ସରେ ଥିଲେ ୫ ଓଡ଼ିଆ

ମହିଳା ହକି ଇଣ୍ଡିଆ ଲିଗ୍ ଚାମ୍ପିୟନ ଓଡ଼ିଶା ୱାରିୟର୍ସ ଦଳରେ ସର୍ବାଧିକ ୫ ଜଣ ଓଡ଼ିଆ ଖେଳାଳି ସାମିଲ ଥିଲେ। ସେମାନେ ହେଲେ ଦୀପ୍‌ଗ୍ରେସ ଏକ୍କା, ଜ୍ୟୋତି ଛତ୍ରୀ, ମାଧୁରି କିଣ୍ଡୋ, ଅଞ୍ଜଳି ବାରୱା ଓ ଇଙ୍ଗିଲ ହର୍ଷ ରାଣୀ ମିଞ୍ଜ। ଫଳରେ ଏହି ଖେଳାଳିମାନେ ଦଳର ସ୍ୱର୍ଣ୍ଣିମ ସଫଳତାରେ ସାମିଲ ହୋଇ ନିଜ କ୍ୟାରିୟରକୁ ସ୍ମରଣୀୟ କରିଛନ୍ତି। ରନରଅପ୍ ସୁର୍‌ମା ହକି କ୍ଲବ ଦଳରେ ସାମିଲ ହୋଇଥିଲେ ଓଡ଼ିଶାର ଆଜମିନା କୁଜୁର।

# ସିନରଙ୍କୁ ଅଷ୍ଟ୍ରେଲିଆନ ଓପନ ଟାଇଟଲ

ମେଲବୋର୍ନ, ୨୭।୧ (ଏପି)

ଇଟାଲୀର ଜାନିକ ସିନର ଏଥର ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ଆଲେକ୍‌ଜାଣ୍ଡର ଜେଭେରେଭଙ୍କୁ ୬-୩, ୭-୬ (୪), ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଏଥିସହିତ ୨୩ ବର୍ଷୀୟ ଏହି ଟେନିସ ଖେଳାଳି ଏଠାରେ କ୍ରମାଗତ ଦ୍ୱିତୀୟ ଥର ଟାଇଟଲ ବିଜୟୀ ହୋଇ ପାରିଛନ୍ତି। ୨୦୧୯ ପରେ ପ୍ରଥମ ଥର ନମ୍ବର ୧ ଓ ନମ୍ବର୨ ର୍‍ୟାଙ୍କିଙ୍ଗ ଖେଳାଳିଙ୍କ ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ସେତେବେଳେ ଟାଇଟଲ ମୁକାବିଲା ତତ୍କାଳୀନ ନମ୍ବର-୧ ନୋଭାକ୍ ଜୋକୋଭିଚ୍ ଓ ନମ୍ବର ୨ ରାଫାଲ ନାଡାଲଙ୍କ ମଧ୍ୟରେ ହୋଇଥିଲା। ୧୯୯୨-୯୩ରେ ଜିମ୍ କୋରିଅରଙ୍କ ପରେ ମେଲବୋର୍ନ ପାର୍କରେ ସର୍ବକନିଷ୍ଠ ଖେଳାଳି ହିସାବରେ କ୍ରମାଗତ ଦୁଇଥର ଟାଇଟଲ ଜିତିବାରେ ସିନର ପ୍ରଥମ ଖେଳାଳି। ଅନ୍ୟପକ୍ଷରେ ୨୦୦୫ ଓ ୨୦୦୬ରେ ନାଡାଲ ଫ୍ରେଞ୍ଚ ଓପନରେ ପ୍ରଥମ ବ୍ୟକ୍ତିଭାବେ କ୍ରମାଗତ ଟାଇଟଲ ବିଜୟୀ ହେବାର ଗୌରବ ଅର୍ଜନ କରିଛନ୍ତି। ସମାନ ଟୁର୍ନାମେଣ୍ଟରେ ଏହାର ପରବର୍ଷ ଅର୍ଥାତ ୨୦୦୭ରେ ମଧ୍ୟ ସେ ଚାମ୍ପିୟନ ହୋଇ ପାରିଥିଲେ। ୨୦୨୪ ଆରମ୍ଭରୁ ଯଦି ହିସାବକୁ ନିଆଯାଏ ତେବେ ସିନର ସେପ୍ଟେମ୍ବରରୁ ଏପର୍ଯ୍ୟନ୍ତ ୟୁଏସ୍ ଓପନ ସମେତ ୫ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ମଧ୍ୟରୁ ସେ କ୍ରମାଗତ ୩ଟି ହାର୍ଡକୋର୍ଟ ସ୍ଲାମ ଜିତିପାରିଛନ୍ତି। ୯ଟି ଟାଇଟଲ ସହ ତାଙ୍କ ରେକର୍ଡ ୮୦-୬ ରହିଛି।


ଟ୍ରଫି ସହ ଜାନିକ ସିନର।

# ବୁମ୍‌ରା ଟେଷ୍ଟ, ମନ୍ଧାନା ଦିନିକିଆରେ ଶ୍ରେଷ୍ଠ

ଦୁବାଇ, ୨୭।୧ (ପି.ଟି.)

ଭାରତର ପ୍ରମୁଖ ପେସ୍ ବୋଲର ଯଶ୍‌ପ୍ରୀତ ବୁମ୍‌ରା ସୋମବାର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଦ୍ୱାରା ପୁରୁଷ ଟେଷ୍ଟ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଥିବା ବେଳେ ମହିଳା ବିଭାଗରେ ବିସ୍ଫୋରକ ବ୍ୟାଟର ସ୍ମୃତି ମନ୍ଧାନା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ବୁମ୍‌ରା ଏହା ପୂର୍ବରୁ ଟେଷ୍ଟ ଟିମ୍ ଅଫ୍ ଦି ଇୟରରେ ସ୍ଥାନ ପାଇ ସାରିଛନ୍ତି। ଗତ ୧୨ ମାସରେ ବୁମ୍‌ରାଙ୍କ ପ୍ରଦର୍ଶନ ଜବରଦସ୍ତ ରହିଛି। ଏହି ସମୟ ମଧ୍ୟରେ ଭାରତ ଖେଳିଥିବା ସମସ୍ତ ଦଳ ବିପକ୍ଷରେ ସେ ପ୍ରଭାବୀ ବୋଲିଂ କରିପାରିଛନ୍ତି। ସେ ୧୩ଟି ମ୍ୟାଚ ଖେଳି ୧୪. ୯୨ ଆଭରେଜରେ ୭୧ଉଇକେଟ ଅକ୍ତିଆର କରିଛନ୍ତି। ବୁମ୍‌ରା ଟେଷ୍ଟ କ୍ରିକେଟ ସମୟଚକ୍ରରେ ୩୫୭ ଓଭର ବୋଲିଂ କରିଛନ୍ତି। ତାଙ୍କ ଷ୍ଟ୍ରାଇକ୍‌ରେଟ ମାତ୍ର ୩୦.୧ ରହିଥିଲା। ବୁମ୍‌ରା ଭାରତର ଇଂଲଣ୍ଡ ଓ ବାଂଲାଦେଶ ବିପକ୍ଷ ଘରୋଇ ସିରିଜରେ ପ୍ରମୁଖ ବୋଲର ରହିଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୭୦ କିମ୍ବା ତା'ଠାରୁ ଅଧିକ ଉଇକେଟ ଅକ୍ତିଆର କରିବାରେ ସେ କପିଳ ଦେବ, ଅନିଲ କୁମ୍ବଲେ ଓ ଆର. ଅଶ୍ୱିନଙ୍କ ପରେ ୪ର୍ଥ ବୋଲର ହେବାର ଗୌରବ ଅର୍ଜନ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ବର୍ଷର ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟର ଅଫ୍ ଦି ଇୟର ବିବେଚିତ ଦକ୍ଷ ମହିଳା ଓପନର ସ୍ମୃତି ମନ୍ଧାନା ମହିଳା ଦିନିକିଆ କ୍ରିକେଟର ଅଫ୍ ଦି ଇୟର ବିବେଚିତ ହେବା ଭାରତୀୟ ଖେଳପ୍ରେମୀଙ୍କ ପାଇଁ ଆଉ ଏକ ଖୁସିର ଖବର। ଭାରତୀୟ ଉପଅଧିନାୟିକା ଅତୀତରେ ୨୦୧୮ ଓ ୨୦୨୨ରେ ଆଇସିସି ମହିଳା କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପାଇଛନ୍ତି। ୨୦୨୪ରେ ସେ ୧୩ଟି ଇନିଂସରେ ୭୪୭ ରନ ସଂଗ୍ରହ କରି ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି। ମନ୍ଧାନା ପୁରସ୍କାର ଦୌଡ଼ରେ ଥିବା ୨୦୨୪ର ଅନ୍ୟ ଟପ୍ ସ୍କୋରର ଲାଉରା ଓ୍ୱାରଡଟ୍ (୬୯୭), ଟାମି ବିମଣ୍ଟ (୫୫୪) ଓ ହେଲି ମାଥ୍ୟୁସ (୪୬୯)ଙ୍କୁ ପଛରେ ପକାଇ ଦେଇଛନ୍ତି।


ବିଜୟରେ ଉଲ୍ଲସିତ ବେଙ୍ଗଲ ଟାଇଗର୍ସ ଖେଳାଳି।

# ଦିଲ୍ଲୀକୁ ହରାଇ ଶୀର୍ଷରେ ବେଙ୍ଗଲ

ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)

**ହକି ଇଣ୍ଡିଆ ଲିଗ୍**

**■ କଳିଙ୍ଗ ଲାନ୍ସର୍ସ ଏଲିମିନେଟ୍**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ର ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ ୨-୧ ଗୋଲରେ ଦିଲ୍ଲୀ ଏସ୍‌ଜି ପାଇପର୍ସକୁ ହରାଇ ଦେଇଛି। ଦିଲ୍ଲୀ ପକ୍ଷରୁ ଟୋମାସ ଡୋମେନେ ୨୭ତମ ମିନିଟରେ ଗୋଲ ଦେଇ ମ୍ୟାଚର ଶେଷଭାଗ ପର୍ଯ୍ୟନ୍ତ ଦଳକୁ ଅଗ୍ରଣୀ କରିଥିଲେ ହେଁ ଖେଳାଳିମାନେ ଏହାର ଫାଇଦା ଉଠାଇପାରି ନ ଥିଲେ। ବେଙ୍ଗଲ ଟାଇଗର୍ସର ରୂପିନ୍ଦର ପାଲ୍ ସିଂ ୫୫ତମ ମିନିଟରେ ଗୋଲ ପରିଶୋଧ କରିଥିବାବେଳେ ୫୯ତମ ମିନିଟରେ ସେବାଷ୍ଟିଆନ ଡୋକେରଙ୍କ ଗୋଲ ନିର୍ଣ୍ଣାୟକ ହୋଇଥିଲା। ୯ ମ୍ୟାଚରୁ ୬ଷ୍ଠ ବିଜୟ ସହ ବେଙ୍ଗଲ ଟାଇଗର୍ସ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ୧୮ ପଏଣ୍ଟରେ ପହଞ୍ଚିବା ଦ୍ୱାରା ଏହି ଦଳ ନକ୍‌ଆଉଟ ଖେଳିବା ନିଶ୍ଚିତ କରିଛି। ଅନ୍ୟପକ୍ଷରେ ଓଡ଼ିଶା ଭିତ୍ତିକ ଦଳ କଳିଙ୍ଗ ଲାନ୍ସର୍ସ ସହ ଟିମ୍ ଗୋନାସିକା ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ଏଲିମିନେଟ ହୋଇଛି। ଦିଲ୍ଲୀ ଦଳ ୧୦ଟି ଯାକ ମ୍ୟାଚ ଖେଳି ସାରିଥିବାବେଳେ ମାତ୍ର ୫ ପଏଣ୍ଟ ପାଇ ଟେବୁଲର ନିମ୍ନରେ ରହିଛି। ଗୋନାସିକା ୯ ମ୍ୟାଚରୁ ୧୦ ଓ ଲାନ୍ସର୍ସ ୯ ମ୍ୟାଚରୁ ୧୨ ପଏଣ୍ଟ ପାଇଛି।

# ରଣ୍‌ଜୀ ଟ୍ରଫି: ଓଡ଼ିଶାର ଇନିଂସ ବିଜୟ

ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)

ଶିଲଂର ଏମ୍‌ସିଏ ଗ୍ରାଉଣ୍ଡରେ ଅନୁଷ୍ଠିତ ମେଘାଳୟ ବିପକ୍ଷ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ଇନିଂସ ବିଜୟ ହାସଲ କରିଛି। ପ୍ରଥମ ଇନିଂସରେ ମେଘାଳୟ ୧୯୮ ରନରେ ସୀମିତ ରହିଥିବାବେଳେ ଓଡ଼ିଶା ୫୪୮/୭ରେ ଇନିଂସ ଘୋଷଣା କରିଥିଲା। ଦ୍ୱିତୀୟ ଇନିଂସରେ ମେଘାଳୟ ୨୯୪ ରନରେ ଅଲ୍‌ଆଉଟ ହେବାରୁ ଓଡ଼ିଶା ଏକ ଇନିଂସ ୫୬ ରନରେ ବିଜୟ ହାସଲ କରିଥିଲା। ଦ୍ୱିତୀୟ ଇନିଂସରେ ମେଘାଳୟ ପକ୍ଷରୁ ଯଶକିରଟ ସିଂ ସଚଦେବା ସର୍ବାଧିକ ୮୨ ଓ ସୁମିତ କୁମାର ୫୧ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୁନୀଲ ରାଉଳ ୪ଟି, ରାଜେଶ ମହାନ୍ତି ୩ଟି, ଗୋବିନ୍ଦ ପୋଦ୍ଦାର ୨ଟି ଓ ତାପସ ଦାସ ଗୋଟିଏ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ୬ ଉଇକେଟ ନେଇଥିବା ଓଡ଼ିଶାର ତାପସ ଦାସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚଳିତ ସିଜନରେ ଓଡ଼ିଶାର ଏହା ଥିଲା କ୍ରମାଗତ ଦ୍ୱିତୀୟ ବିଜୟ। ପୂର୍ବ ମ୍ୟାଚରେ ମହାରାଷ୍ଟ୍ରକୁ ଓଡ଼ିଶା ଦଳ ୩ ଉଇକେଟରେ ପରାସ୍ତ କରିଥିଲା। ଓଡ଼ିଶା ଏପର୍ଯ୍ୟନ୍ତ ୬ ମ୍ୟାଚ ଖେଳି ସାରିଥିବାବେଳେ ୨ ବିଜୟ, ୨ ପରାଜୟ, ୧ଡ୍ର ଓ ଗୋଟିଏରୁ ଫଳାଫଳ ମିଳି ନ ଥିବାରୁ ୧୬ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ସମାନ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଥିବା ସର୍ଭିସେସ ଦଳକୁ ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ଭେଟିବ। ଓଡ଼ିଶା ଓ ସର୍ଭିସେସ ମଧ୍ୟରେ ଚଳିତ ସିଜନର ଶେଷ ଲିଗ୍ ମ୍ୟାଚ ଚଳିତ ମାସ ୩୦ରୁ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ।


ତାପସ ଦାସ

**ସଂକ୍ଷିପ୍ତ ସ୍କୋର**

ମେଘାଳୟ ପ୍ରଥମ ଇନିଂସ: ୧୯୮। ଓଡ଼ିଶା ପ୍ରଥମ ଇନିଂସ: ୫୪୮/୭ ଘୋଷଣା। ମେଘାଳୟ ଦ୍ୱିତୀୟ ଇନିଂସ: ୨୯୪/ଅଲ୍‌ଆଉଟ (ଯଶକିରଟ ସିଂ ସଚଦେବା-୮୨, ସୁମିତ କୁମାର-୫୧, ସୁନୀଲ ରାଉଳ-୪/୬୧, ରାଜେଶ ମହାନ୍ତି-୩/୪୯, ଗୋବିନ୍ଦ ପୋଦ୍ଦାର-୨/୫୪, ତାପସ ଦାସ-୧/୫୭)।

# ଜାତୀୟ କ୍ରୀଡ଼ାର ଉଦ୍‌ଘାଟନ ଆଜି

ଡେରାଡୁନ୍, ୨୭।୧ (ପି.ଟି.)

ଉତ୍ତରାଖଣ୍ଡ ରାଜ୍ୟ ଅନ୍ତର୍ଗତ ଡେରାଡୁନ୍‌ରେ ୩୮ତମ ଜାତୀୟ କ୍ରୀଡ଼ାର ବିଧିବଦ୍ଧ ଉଦ୍‌ଘାଟନୀ ଉତ୍ସବ ମଙ୍ଗଳବାର ହେବ। ଏଥିରେ ୭ଟି ଭେନ୍ୟୁରେ ୩୨ଟି ବିଭାଗର ପ୍ରତିଯୋଗିତା ହେବ। ସ୍ଥାନୀୟ ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ କ୍ରୀଡ଼ା ମହୋତ୍ସବର ଉଦ୍‌ଘାଟନ ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି। ଅଧିକାଂଶ ବଡ଼ ବଡ଼ ଷ୍ଟାର ଆଥ୍‌ଲେଟ୍ ଯଦିଓ ଉପଲବ୍ଧ ହେଉ ନାହାନ୍ତି ତେବେ ୧୮ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି କ୍ରୀଡ଼ା ମହୋତ୍ସବରେ ପ୍ରାୟ ୧୦,୦୦୦ ଆଥ୍‌ଲେଟ ଏବଂ ୩୮ଟି ଦଳର ଅଫିସିଆଲମାନେ ଅଂଶଗ୍ରହଣ କରିବେ। ସଂଖ୍ୟା ଦୃଷ୍ଟିରୁ କହିବାକୁ ଗଲେ ଏହା ବିଶ୍ୱର ସର୍ବବୃହତ୍ ଜାତୀୟ କ୍ରୀଡ଼ା। ଏଥର ଗେମ୍‌ଗୁଡ଼ିକ ଉତ୍ତରାଖଣ୍ଡର ୭ଟି ସହରରେ ହେବ। ତନ୍ମଧ୍ୟରେ ଡେରାଡୁନ୍ ହେଉଛି ମୁଖ୍ୟ ଭେନ୍ୟୁ। ଫେବୃଆରୀ ୧୪ ପର୍ଯ୍ୟନ୍ତ ହେବାକୁଥିବା ଏହି ଇଭେଣ୍ଟର ଅନ୍ୟ ଭେନ୍ୟୁଗୁଡ଼ିକ ହେଲା ହରିଦ୍ୱାରା, ନୈନିତାଲ, ହଲ୍‌ଦ୍ୱାନି, ରୁଦ୍ରପୁର, ଶିବପୁର ଓ ନ୍ୟୁ ତେହରି। ଜାତୀୟ କ୍ରୀଡ଼ାର ଗତ ସଂସ୍କରଣ ୨୦୨୩ରେ ଗୋଆର ୫ଟି ସହରରେ ଅନୁଷ୍ଠିତ ହୋଇଥିଲା। ଉତ୍ତରାଖଣ୍ଡ ରାଜ୍ୟ ସୃଷ୍ଟିର ୨୫ବର୍ଷ ପୂର୍ତ୍ତି ପାଳନ ଅବସରରେ ଜାତୀୟ କ୍ରୀଡ଼ା ଆୟୋଜନ ଏକ ବିଶେଷ ଗୁରୁତ୍ୱ ବହନ କରେ। ଉତ୍ତରାଖଣ୍ଡ ରାଜ୍ୟ ପକ୍ଷୀ 'ମୋନାଲ' ଦ୍ୱାରା ଅନୁପ୍ରାଣିତ 'ମାଉଳି' ହେଉଛି ଜାତୀୟ କ୍ରୀଡ଼ାର ମାସ୍କଟ, ଯାହାକି ଏହି ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ, ବିବିଧତା ଓ ସାଂସ୍କୃତିକ ଐତିହ୍ୟର ପ୍ରତୀକ। ଗେମ୍ସରେ ପ୍ରାୟ ସମସ୍ତ ଅଲିମ୍ପିକ କ୍ରୀଡ଼ାକୁ ସାମିଲ କରାଯାଇଛି। ସେଗୁଡ଼ିକ ମଧ୍ୟରେ ଆଥ୍‌ଲେଟିକ୍ସ, ସୁଇମିଂ, ଶୁଟିଂ, ରେସ୍‌ଲିଂ, ବ୍ୟାଡ୍‌ମିଣ୍ଟନ, ହକି, ବକ୍ସିଂ, ୱେଟ୍‌ଲିଫ୍ଟିଙ୍ଗ, ଫୁଟ୍‌ବଲ, ଟେନିସ୍ ଓ ଟେବୁଲ ଟେନିସ୍। ଏହାଛଡ଼ା ଏଥିରେ କିଛି ପାରମ୍ପରିକ କ୍ରୀଡ଼ା ଯଥା କବାଡ଼ି ଓ ଖୋ ଖୋକୁ ସ୍ଥାନ ଦିଆଯାଇଛି। କାଲାରିପାୟାଟ୍ଟୁ, ଯୋଗାସନ, ମାଲଖମ୍ଭ ଓ ରାଫ୍ଟିଙ୍ଗ ଆଦି ୪ଟିକୁ ପ୍ରଦର୍ଶନ କ୍ରୀଡ଼ା (ବିନା-ପଦକ) ଭାବେ ସାମିଲ କରାଯାଇଛି। ଶୁଟିଂକୁ ବାଦ୍ ଦେଲେ ଅନ୍ୟ ଖେଳଗୁଡ଼ିକର ଟପ୍ ଷ୍ଟାରମାନେ ଜାତୀୟ କ୍ରୀଡ଼ାରୁ ଓହରି ଯାଇଛନ୍ତି। ମନୁଭାକର ଓ ଇଶା ସିଂଙ୍କୁ ଛାଡ଼ିଦେଲେ ପ୍ୟାରିସ ଅଲିମ୍ପିକ୍ସରେ ଭାଗ ନେଇଥିବା ସମସ୍ତ ଶୁଟରଙ୍କ ଆକ୍ସନ ଦେଖିବାକୁ ମିଳିବ।



### କେଉଁ ଇଭେଣ୍ଟରେ ଓଡ଼ିଶାର କେତେ ଆଥ୍‌ଲେଟ

ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)

**ଅଶୋକ କୁମାର ସାହୁ ଚିଫ୍-ଡି ମିଶନ**

ଉତ୍ତରାଖଣ୍ଡର ବିଭିନ୍ନ ଭେନ୍ୟୁରେ ୩୮ତମ ଜାତୀୟ କ୍ରୀଡ଼ା ୨୦୨୪-୨୫ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଫେବୃଆରୀ ୧୪ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ୩୦୨ ଆଥଲେଟ୍ ୨୬ ବିଭାଗରେ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ୧୬୫ ମହିଳା ଓ ୧୩୭ ପୁରୁଷ ଆଥଲେଟ୍ ସାମିଲ। ଏହା ବ୍ୟତୀତ ୭୩ ସପୋର୍ଟ ଷ୍ଟାଫ୍ (କୋଚ୍, ଫିଜିଓ, ମ୍ୟାନେଜର) ମଧ୍ୟ ଏହି ମେଗା ଇଭେଣ୍ଟରେ ଭାଗନେବେ। ମିଳିଥିବା ସୂଚନା ଅନୁସାରେ ଓଡ଼ିଶାରୁ ଆକ୍ୱାଟିକ୍ସରେ ୨୫, ଆର୍ଚେରୀରେ ୬, ଆଥ୍‌ଲେଟିକ୍ସରେ ୨୪, ବ୍ୟାଡ୍‌ମିଣ୍ଟନରେ ୨, ବକ୍ସିଂରେ ୭, ସାଇକ୍ଲିଂରେ ୫, ଫୁଟବଲ (ମହିଳା)ରେ ୨୨, ଜିମ୍ନାଷ୍ଟିକ୍ସରେ ୧୨, ହକି (ମହିଳା ଓ ପୁରୁଷ)ରେ ୩୬, ଜୁଡୋରେ ୧, କାୟାକିଂ ଓ କାନୋଇଂରେ ୧୩ ଏବଂ ଖୋ ଖୋ (ମହିଳା ଓ ପୁରୁଷ)ରେ ୩୦ ଖେଳାଳି ଭାଗନେବେ। ସେହିପରି ଲନ୍ ବଲ୍‌ରେ ୧୪, ଟେନିସରେ ୧, ମଡର୍ନ ପେଣ୍ଟାଥଲନରେ ୮, ରୋଇଂରେ ୨୪, ରଗ୍‌ବୀ ସେଭେନ୍ସ (ମହିଳା ଓ ପୁରୁଷ)ରେ ୨୪, ଶୁଟିଂରେ ୯, ଟାଏକୋଣ୍ଡୋରେ ୬, ଟ୍ରାଇଥଲନରେ ୨, ବିଚ୍ ଭଲିବଲ୍‌ରେ ୪, ଭାରୋତ୍ତୋଳନରେ ୭, ରେସଲିଂରେ ୮, ଉଷୁରେ ୮ ଓ ଯୋଗାସନରେ ୪ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ ଚିଫ୍-ଡି ମିଶନ ଭାବେ ଓଡ଼ିଶା ଦଳର ନେତୃତ୍ୱ ନେବେ। ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ସଭାପତି ଜଗମୋହନ ପଟ୍ଟନାୟକ ଓ ଅନ୍ୟ ସଦସ୍ୟମାନେ ଅଶୋକ ସାହୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ